# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଫେବୃୟାରୀ ୧୦/୨୦୨୩ (୧୬ ପୃଷ୍ଠା) | Bhubaneswar, Friday, February 10/2023 | Page 16 | ₹ 7.00

୪୯ଶ ଭାଗ ୭୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 78 | ମୂଲ୍ୟ ₹୭/-




**ଜାଡେଜାଙ୍କୁ ୫ ଉଇକେଟ ସଫଳତା**

ନାଗପୁରଠାରେ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଭାରତ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ୫ ଉଇକେଟ ସଫଳତା ହାସଲ କରିଛନ୍ତି।

୧୬

୧୨

**ଗୁଜବକୁ ଖଣ୍ଡନ କଲେ କ୍ରିତି**

ଅଭିନେତା ପ୍ରଭାସଙ୍କ ସହ ନିଜର ନିର୍ବନ୍ଧ ଗୁଜବକୁ ଏକ ପୋଷ୍ଟ ଜରିଆରେ ଖଣ୍ଡନ କରିଛନ୍ତି ଅଭିନେତ୍ରୀ କ୍ରିତି ସାନନ୍।






# ଜିଦ୍‌ରେ ଆନ୍ଧ୍ର, ଅନାଇଛି ଓଡ଼ିଶା

- କୋଟିଆରେ ଆନ୍ଧ୍ରପ୍ରଦେଶ ଉପମୁଖ୍ୟମନ୍ତ୍ରୀ
- ନିଜ ରାଜ୍ୟର ଉନ୍ନୟନ କଥା ବଖାଣିଲେ
- ଜିଲା ପ୍ରଶାସନକୁ ଅବଗତ କରାଇବୁ: ବିଡିଓ

ପଟ୍ଟାଙ୍ଗି, ୯।୨(ଡି.ଏନ.ଏ.)



ଗୁରୁବାର ଧୂଳିପଦର ଗ୍ରାମରେ ଆନ୍ଧ୍ର ପକ୍ଷରୁ ଅନୁଷ୍ଠିତ ସଭାରେ ଉପ-ମୁଖ୍ୟମନ୍ତ୍ରୀ ପିଡିକା ରାଜାନ ଦୋରାଙ୍କ ସହ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

କୋଟିଆ ଲୋଭ ଛାଡ଼ିପାରୁନାହିଁ ଆନ୍ଧ୍ର। କଳ, ବଳ, କୌଶଳ ଖଟାଇ ସୀମାନ୍ତ ଓଡ଼ିଶାର ଏହି ଭୂଖଣ୍ଡକୁ କରାୟତ୍ତ କରିବା ଲାଗି ଜିଦ୍‌ରେ ଅଟଳ ରହିଛି ପଡ଼ୋଶୀ ରାଜ୍ୟ। ସେଠାକାର ପ୍ରଶାସନିକ ଅଧିକାରୀ ଏବଂ ରାଜନେତା ନିୟମିତ ବ୍ୟବଧାନରେ କୋଟିଆ ଗ୍ରାମପୁଞ୍ଜରେ ଅନୁପ୍ରବେଶ କରି ଆଦିବାସୀଙ୍କ ନିକଟତର ହେବାକୁ ଉଦ୍ୟମ କରୁଛନ୍ତି। ଓଡ଼ିଶା ସରକାର ଏହାକୁ ରୋକିବା ଲାଗି ସ୍ଥାୟୀ ପଦକ୍ଷେପ ନେବା ପରିବର୍ତ୍ତେ ଅନାଇ ରହିଥିବା ଚର୍ଚ୍ଚା ହେଉଥିବାବେଳେ ସ୍ଥାନୀୟ ପ୍ରଶାସନ ମଧ୍ୟ ଅନେକ ସମୟରେ ହାତ ଟେକିଦେଉଛି। ଗୁରୁବାର ଆନ୍ଧ୍ର ଉପମୁଖ୍ୟମନ୍ତ୍ରୀ ପିଡିକା ରାଜାନ ଦୋରା କୋଟିଆ ପଞ୍ଚାୟତର ଧୂଳିପଦର ଗ୍ରାମରେ ପହଞ୍ଚି ଆନ୍ଧ୍ର ସରକାର କାର୍ଯ୍ୟକାରୀ କରୁଥିବା ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ ଅବଗତ କରାଇଥିଲେ। ହେଲେ ବ୍ଲକ କିମ୍ବା ଜିଲା ପ୍ରଶାସନ ନିକଟରେ ଏହାର ସାମାନ୍ୟତମ ସୂଚନା ନ ଥିଲା। ଆନ୍ଧ୍ର ସରକାର ନିଜ ଏଜେଣ୍ଡାକୁ ନେଇ ଆଗକୁ ବଢୁଥିବାବେଳେ ଏହାକୁ ପ୍ରତିହତ କରିବା ପରିବର୍ତ୍ତେ ପ୍ରଶାସନିକ ଅଧିକାରୀମାନେ ନୀରବ ରହିବା ଆଲୋଚନାର ବିଷୟ ହୋଇଛି।

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକର ବିବାଦୀୟ କୋଟିଆ ଗ୍ରାମପୁଞ୍ଜ ମାମଲା ସୁପ୍ରିମ୍‌କୋର୍ଟରେ ବିଚାରାଧୀନ ଥିବାବେଳେ ଏହାକୁ ଅଣଦେଖା କରିଚାଲିଛି ଆନ୍ଧ୍ର। ବାରମ୍ବାର ଅନୁପ୍ରବେଶ କରି ସୀମାନ୍ତ ଅଞ୍ଚଳବାସୀଙ୍କ ମନରେ ଓଡ଼ିଶା ବିରୋଧରେ ବିଷମଞ୍ଜି ବୁଣୁଛି। ସେଠାରେ ପର୍ଯ୍ୟାପ୍ତ ଅର୍ଥ ବିନିଯୋଗ କରି ଆଦିବାସୀଙ୍କୁ ନିଜ ଆଡ଼କୁ ଟାଣିବାକୁ ସମସ୍ତ ପ୍ରୟାସ ଜାରି ରଖିଛି। ଗତ ଡିସେମ୍ବର ୨୫ରେ କୋଟିଆର ତାଡ଼ିବାଲାସା ଗ୍ରାମରେ ଉପମୁଖ୍ୟମନ୍ତ୍ରୀ ପିଡିକା ରାଜାନ ଦୋରା ସଭା କରିଥିଲେ। ଏହାକୁ ଦୁଇମାସ ନ ପୂରୁଣୁ ସେ ପୁନର୍ବାର ଧୂଳିପଦର ଗ୍ରାମ ଗସ୍ତ କରି କୋଟିଆକୁ ନେଇ ରହିଥିବା ନିଜ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି।

ଆନ୍ଧ୍ର ଉପମୁଖ୍ୟମନ୍ତ୍ରୀ ଧୂଳିପଦରରେ ପହଞ୍ଚିବା ପରେ ଗ୍ରାମବାସୀ ତାଙ୍କୁ ସ୍ୱାଗତ ଜଣାଇ ସଭାସ୍ଥଳକୁ ପାଛୋଟି ନେଇଥିଲେ। ଉପମୁଖ୍ୟମନ୍ତ୍ରୀ ଦୋରା ନିଜ ଉଦ୍‌ବୋଧନରେ କହିଲେ, ☞ପୃଷ୍ଠା-୪

# ଭୂକମ୍ପରେ ୬ ମିଟର ଘୁଞ୍ଚିଛି ତୁର୍କୀ

ନୂଆଦିଲ୍ଲୀ, ୯।୨

୭.୮ ତୀବ୍ରତାର ଭୂକମ୍ପ ଓ ପରେ ଅନେକ ଥର ପଶ୍ଚାତ୍ କମ୍ପନ ଲାଗି ରହିଥିବାରୁ ସିରିଆ ତୁଳନାରେ ତୁର୍କୀ ୫ରୁ ୬ ମିଟର ଘୁଞ୍ଚିଥାଇପାରେ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି। ତୁର୍କୀ ତଳେ ରହିଥିବା ଟେକ୍ଟୋନିକ୍ ପ୍ଲେଟ୍‌ରେ ଘର୍ଷଣ ଯୋଗୁ ଏହା ଘୁଞ୍ଚିଥିବା ଭୂକମ୍ପ ବିଜ୍ଞାନୀମାନେ ମତ ଦେଇଛନ୍ତି। ଇଟାଲୀର ସିସ୍ମୋଲୋଜିଷ୍ଟ ପ୍ରଫେସର କାର୍ଲୋ ଡୋଗଲିଓନିଙ୍କ କହିବା ଅନୁଯାୟୀ ଦୁଇ ପଡୋଶୀ ଦେଶ ତୁର୍କୀ ଓ ସିରିଆରେ ୭.୮ ତୀବ୍ରତାର ଭୂକମ୍ପ ଦୁଇଟି ପ୍ଲେଟ୍‌ର ଭୂସମାନ୍ତରାଳ ସ୍ଲାଇଡିଂ ଯୋଗୁ ହୋଇଛି। ତେଣୁ ସିରିଆ ତୁଳନାରେ ତୁର୍କୀ ୫ରୁ ୬ ମିଟର ଘୁଞ୍ଚିଛି। ଆରବିକା ପ୍ଲେଟ୍ ତୁଳନାରେ ଆନାଟୋଲିଆନ ପ୍ଲେଟ୍ ଦକ୍ଷିଣ-ପଶ୍ଚିମକୁ ଘୁଞ୍ଚିଯିବାରୁ ବଡ଼ ଧରଣର ଭୂକମ୍ପ ହେଲା ବୋଲି କାର୍ଲୋ କହିଛନ୍ତି। ଦକ୍ଷିଣ-ପୂର୍ବ ତୁର୍କୀର କାହରମାନମାରାସ ପ୍ରଦେଶରେ ଭୂକମ୍ପର କେନ୍ଦ୍ରସ୍ଥଳ ହୋଇଥିବାବେଳେ ଏହାର ଝଟକା ଡାମାସ୍କସ, ବିରୁଟ୍ ଏବଂ ସୁଦୂର କାଇରୋରେ ଅନୁଭୂତ ହୋଇଥିଲା। ଗୋଟିଏ ପ୍ଲେଟ୍ ପଶ୍ଚିମ ଆଡ଼କୁ ଓ ଅନ୍ୟଟି ପୂର୍ବ ଦିଗକୁ ଗତିଶୀଳ ହେବାରୁ ପରସ୍ପର କମ୍ପନ ସୃଷ୍ଟି ହୋଇ ତୁର୍କୀରେ ପ୍ରଳୟଙ୍କରୀ ଭୂକମ୍ପ ହେଲା ବୋଲି ଗବେଷକ ମତ ଦେଇଛନ୍ତି।

# ଆଜି ଆସୁଛନ୍ତି ରାଷ୍ଟ୍ରପତି

## ସୁରକ୍ଷା କଡ଼ାକଡ଼ି

- 'ବ୍ଲୁ ବୁକ୍' ନିୟମ ଅନୁଯାୟୀ ସୁରକ୍ଷା ବ୍ୟବସ୍ଥା
- ସରିଲା କାର୍‌କେଡ୍ ରିହର୍ସାଲ
- କାର୍ଯ୍ୟକ୍ରମଗୁଡ଼ିକର ସିଧା ପ୍ରସାରଣ ହେବ

**ଭୁବନେଶ୍ୱର, ୯।୨(ବ୍ୟୁରୋ):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ୨ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେ ପୂର୍ବାହ୍ନ ୧୧ଟା ୪୫ରେ ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

ଉତ୍କଳ ମଣ୍ଡପଠାରେ ଜ୍ଞାନପ୍ରଭା ମିଶନର ପ୍ରତିଷ୍ଠା ଦିବସରେ ଯୋଗଦେବେ। ଅପରାହ୍ନ ୩ଟା ୫୫ରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବରେ ସାମିଲ ହେବେ। ଏହି ଅବସରରେ ୨୨ ଜଣଙ୍କୁ ସ୍ୱର୍ଣ୍ଣପଦକ ଓ ୪ ଜଣଙ୍କୁ ଡିଲିଟ୍ ଉପାଧି ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଉଚ୍ଚଶିକ୍ଷା ସଚିବ ପ୍ରମୁଖ ଉପସ୍ଥିତ ରହିବେ। ପରେ ରାଜଭବନକୁ ଫେରି ରାତ୍ରିଯାପନ କରିବେ। ☞ପୃଷ୍ଠା-୪

# ଗୋପାଳଙ୍କୁ ଗୁଜରାଟ କାହିଁକି ନେଲେ

**ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ମାମଲା**

- ଗାନ୍ଧୀନଗରରେ ଗୋପାଳଙ୍କ ପଲିଗ୍ରାଫ ଟେଷ୍ଟ
- ଶୁକ୍ରବାର ହେବ ଅଭିଯୁକ୍ତଙ୍କ ନାର୍କୋ ଟେଷ୍ଟ

ଭୁବନେଶ୍ୱର(ବ୍ୟୁରୋ)/କଟକ ଅଫିସ, ୯।୨

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ବହିଷ୍କୃତ ଏଏସ୍‌ଆଇ ଗୋପାଳ କୃଷ୍ଣ ଦାସଙ୍କୁ କ୍ରାଇମ୍‌ବ୍ରାଞ୍ଚ ବୁଧବାରଠାରୁ ପୁଣି ୫ଦିନିଆ ରିମାଣ୍ଡରେ ଆଣିଛି। ତୃତୀୟ ପର୍ଯ୍ୟାୟ ରିମାଣ୍ଡରେ ଆଣିବା ପରେ ତାଙ୍କୁ ରାତିରେ ଗୁଜରାଟ ନିଆଯାଇଥିଲା। ଗୁରୁବାର ଗାନ୍ଧୀନଗରସ୍ଥିତ ଡାଇରେକ୍ଟୋରେଟ ଅଫ୍ ଫୋରେନ୍‌ସିକ ସାଇନ୍ସ ସର୍ଭିସେସ୍ ଲାବରେଟୋରିରେ ଗୋପାଳଙ୍କ ପ୍ରଥମ ପର୍ଯ୍ୟାୟ ପଲିଗ୍ରାଫ ଟେଷ୍ଟ କରାଯାଇଛି। ଶୁକ୍ରବାର ଅଭିଯୁକ୍ତଙ୍କ ନାର୍କୋ ଟେଷ୍ଟ କରାଯିବା ନିମନ୍ତେ ପ୍ରସ୍ତୁତି ଚାଲିଛି। ନାର୍କୋ ଟେଷ୍ଟ ପୂର୍ବରୁ ଗୋପାଳଙ୍କ ଏକାଧିକ ମେଡିକାଲ ଟେଷ୍ଟ କରାଯିବ। ତେବେ ଦିଲ୍ଲୀ ସମେତ ଦେଶର କେତେକ ରାଜ୍ୟରେ ନାର୍କୋ ଟେଷ୍ଟର ସୁବିଧା ଥିବାବେଳେ ନବ ଦାସଙ୍କ ହତ୍ୟାକାରୀ କୁହାଯାଉଥିବା ଗୋପାଳଙ୍କୁ ତରବରିଆ ଭାବେ ଗୁଜରାଟ ଗାନ୍ଧୀନଗର କାହିଁକି ନିଆଗଲା ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ପ୍ରକାଶ ଯେ, ନୂଆଦିଲ୍ଲୀର ସେଣ୍ଟ୍ରାଲ ଫୋରେନ୍‌ସିକ ସାଇନ୍ସ ଲାବରେଟୋରି ବିଶେଷଜ୍ଞଙ୍କ ଦ୍ୱାରା ଗତ ୬ତାରିଖରେ ଝାରସୁଗୁଡ଼ାଠାରେ ଅଭିଯୁକ୍ତ ଗୋପାଳଙ୍କ ଫୋରେନ୍‌ସିକ ସାଇକୋଲୋଜିକାଲ ଆସେସ୍‌ମେଣ୍ଟ ଓ ଲେୟାର୍ଡ ☞ପୃଷ୍ଠା-୪

# ବ୍ଲୁ ଟିକ୍ ପାଇଁ ମାସକୁ ୯୦୦ ଟଙ୍କା

**ନୂଆଦିଲ୍ଲୀ, ୯।୨:** ଅନ୍ତଃରାଷ୍ଟ୍ରୀୟ ମାଇକ୍ରୋବ୍ଲଗିଂ ସାଇଟ୍ ଟୁଇଟର ପକ୍ଷରୁ ଗୁରୁବାର ଭାରତରେ ତା'ର ସବ୍‌ସ୍କ୍ରିପ୍‌ସନ ପ୍ଲାନ୍ ଘୋଷଣା କରାଯାଇଛି। ଭାରତୀୟଙ୍କୁ ମାସିକ ୯୦୦ ଟଙ୍କା ଦେୟ ଦେବାକୁ ପଡ଼ିବ ବୋଲି ଜଣାପଡ଼ିଛି। ଟୁଇଟର ବ୍ଲୁ ସବ୍‌ସ୍କ୍ରିପ୍‌ସନ୍ ସକ୍ରିୟ ରଖିବାକୁ ଏବଂ ଅତିରିକ୍ତ ବୈଶିଷ୍ଟ୍ୟଗୁଡ଼ିକ

**ଆବେଦନର ୯୦ ଦିନ ପୂର୍ବରୁ ପ୍ଲାଟ୍‌ଫର୍ମରେ ରହିବାକୁ ପଡ଼ିବ**




ବ୍ୟବହାର କରିବାକୁ ୟୁଜରଙ୍କୁ ସୁଯୋଗ ମିଳିବ। ଆଣ୍ଡ୍ରଏଡ୍ ମୋବାଇଲ କିମ୍ବା ଆଇଫୋନ୍‌ରେ ତାହା ଉପଲବ୍ଧ ହେବ। ଭାରତରେ ବର୍ତ୍ତମାନ ଟୁଇଟର ବ୍ଲୁ'ର ନୂତନ ସଦସ୍ୟତା କେବଳ ୱେବ୍, ଆଇଓଏସ୍ କିମ୍ବା ଆଣ୍ଡ୍ରଏଡ୍‌ରେ ଉପଲବ୍ଧ ହେଉଛି। ଏହି ସୁବିଧା ଆମେରିକା, କାନାଡା, ଜାପାନ, ଇଣ୍ଡୋନେସିଆ, ନ୍ୟୁଜିଲାଣ୍ଡ, ବ୍ରାଜିଲ, ବ୍ରିଟେନ୍, ସାଉଦି ଆରବ, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ପର୍ତ୍ତୁଗାଲ, ସ୍ପେନ୍ ଏବଂ ଅଷ୍ଟ୍ରେଲିଆ ଭଳି ଦେଶରେ ମଧ୍ୟ ଉପଲବ୍ଧ। ଏହାର ୟୁଜରମାନେ ଉଚ୍ଚମାନର ଭିଡିଓ ପୋଷ୍ଟ ସହ କେତେକ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | ଇତିହାସର ବିକୃତୀକରଣ









# ଇଚିଙ୍ଗ୍ ପାଉଡର ପକାଇବାରୁ ମନ୍ତ୍ରୀ ହଟହଟା

ଅଶୋକନଗର, ୯।୨

**ଭିଡିଓ ଭାଇରାଲ୍**



ଭାରତୀୟ ଜନତା ପାର୍ଟିର ବିକାଶ ଯାତ୍ରାରେ ଯୋଗ ଦେବା ଅବସରରେ ମଧ୍ୟପ୍ରଦେଶ ଅଶୋକନଗର ଜିଲା ମୁଙ୍ଗୋଓଲି ବିଧାୟକ ତଥା ମନ୍ତ୍ରୀ ବ୍ରିଜେନ୍ଦ୍ର ସିଂ ଯାଦବଙ୍କୁ ହଟହଟା ହେବାକୁ ପଡ଼ିଛି। ମଙ୍ଗଳବାର ମନ୍ତ୍ରୀ ନିଜ ବିଧାନସଭା ନିର୍ବାଚନ ମଣ୍ଡଳୀ ମୁଙ୍ଗୋଓଲିର ଏକ ଗ୍ରାମରେ ବିକାଶ ଯାତ୍ରାର ଆୟୋଜନ କରିଥିଲେ। ମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇ କେତେଜଣ ବ୍ୟକ୍ତି ତାଙ୍କୁ ଫୁଲମାଳ ପିନ୍ଧାଇଥିଲେ। କିଛି ସମୟ ପରେ ହଠାତ୍ ବ୍ରିଜେନ୍ଦ୍ରଙ୍କ ଦେହ କୁଣ୍ଡାଇ ହେବା ଆରମ୍ଭ ହୋଇଥିଲା। ବିକାଶ ଯାତ୍ରା ସମୟରେ ମନ୍ତ୍ରୀ ନିଜ ସମର୍ଥକଙ୍କ ସହ ଚାଲିଯାଉଥିବା ବେଳେ ତାଙ୍କ ଦେହ ଅଧିକ କୁଣ୍ଡେଇ ହୋଇଥିଲା, ଯାହାପରେ ମନ୍ତ୍ରୀଙ୍କୁ ଯାତ୍ରାକୁ ଅଧାରେ ରଖି ଗାଧୋଇବାକୁ ପଡ଼ିଥିଲା। ତେବେ ଯାତ୍ରା ସମୟରେ ମନ୍ତ୍ରୀ ନିଜ ଶରୀରକୁ କୁଣ୍ଡାଉଥିବାର ଭିଡିଓ ଏବେ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବାରେ ଲାଗିଛି। ସ୍ଥାନୀୟ ଗଣମାଧ୍ୟମ ସୂଚନା ଅନୁସାରେ, ବିକାଶ ଯାତ୍ରାରେ ମନ୍ତ୍ରୀଙ୍କୁ ସ୍ୱାଗତ କରିବା ସମୟରେ କେତେଜଣ ଖଳ ପ୍ରକୃତିର ଲୋକ ମନ୍ତ୍ରୀଙ୍କ ଗଳାରେ ଫୁଲମାଳ ଦେବାବେଳେ ଇଚିଂ (କୁଣ୍ଡେଇ ହେବା) ପାଉଡର୍ ଢାଳି ଦେଇଥିଲେ। ଫଳରେ ମନ୍ତ୍ରୀଙ୍କୁ ହଟହଟା ହେବାକୁ ପଡ଼ିଥିବା କୁହାଯାଉଛି। ମୁଙ୍ଗାଓଲି ସହରର ଦେବର୍ଚି ଗ୍ରାମରେ ବିକାଶ ଯାତ୍ରାର ଆୟୋଜନ ସାଙ୍ଗକୁ ଏକାଧିକ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗ ଦେବା ଲାଗି ମନ୍ତ୍ରୀ ବ୍ରିଜେନ୍ଦ୍ର ସେଠାକୁ ଯାଇଥିଲେ।

# ସନ୍ତାନ ପ୍ରସବ କଲେ ଟ୍ରାନ୍ସ ମ୍ୟାନ୍

ଥିରୁଭାନନ୍ତପୁରମ୍, ୯।୨

କିଛିଦିନ ହେବ ସାରା ଦେଶରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ଟ୍ରାନ୍ସ ମ୍ୟାନ୍ ଜହାଦ ବୁଧବାର ସନ୍ତାନ ପ୍ରସବ କରିଛନ୍ତି। କେରଳର ଟ୍ରାନ୍ସଜେଣ୍ଡର କପୁଲ ଜିୟା ଓ ଜିହାଦ ବିଧିବଦ୍ଧ ଭାବେ ଅଭିଭାବକ ହୋଇଛନ୍ତି। କୋଝିକୋଡେ ହସ୍ପିଟାଲରେ ଜହାଦ ସନ୍ତାନ ଜନ୍ମ କରିଥିବା ତାଙ୍କ ସ୍ତ୍ରୀ ଜିୟା ଗଣମାଧ୍ୟମକୁ ଜଣାଇଛନ୍ତି। ପ୍ରସବ ପରେ ବାପା ଓ ପିଲା ଦୁହେଁ ସୁସ୍ଥ ଥିବାବେଳେ ଶିଶୁର ଓଜନ ୨.୯୨୦ କେଜି ରହିଛି। ସି' ସେକ୍ସନ୍ ଜରିଆରେ ଜହାଦ ସନ୍ତାନ ଜନ୍ମ କରିଛନ୍ତି। ତେବେ ନବଜାତକ ପୁଅ କି ଝିଅ ସେ ନେଇ କୌଣସି ସୂଚନା ଜିୟା ଦେଇନାହାନ୍ତି। କୋଝିକୋଡେ ହସ୍ପିଟାଲ ମୁଖ୍ୟ



ଡା. ସି. ଶ୍ରୀକୁମାର କହିଛନ୍ତି, ପ୍ରସବ ପରେ ବାପା ଜହାଦ ଓ ନବଜାତକଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ରହିଛି। ସି' ସେକ୍ସନ୍ ପାଇଁ ଜହାଦଙ୍କୁ କିଛିଦିନ ବିଶ୍ରାମ ନେବାର ଆବଶ୍ୟକତା ରହିଥିବାବେଳେ ଖୁବ୍ କମ୍ ଦିନରେ ସେମାନଙ୍କୁ ଡିସ୍‌ଚାର୍ଜ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଜିୟା ଏବଂ ଜହାଦ ସନ୍ତାନ ପ୍ରସବ କରିଥିବା ଭାରତର ପ୍ରଥମ ଟ୍ରାନ୍ସଜେଣ୍ଡର କପୁଲ ବୋଲି ବିଶ୍ୱାସ କରାଯାଉଛି। ଗତ ସପ୍ତାହରେ ଗର୍ଭଧାରଣ କଥାକୁ ଜିୟା ସୋସିଆଲ ମିଡିଆ ଜରିଆରେ ଜଣାଇଥିଲେ।

ଏଲ୍‌ଜିବିଟିକ୍ୟୁ କମ୍ୟୁନିଟି ପାଇଁ କାର୍ଯ୍ୟ କରୁଥିବା ଜହାଦ ଝିଅରୁ ପୁଅ ହୋଇଥିବାବେଳେ ଡ୍ୟାନ୍ସର ଜିୟା ପୁରୁଷରୁ ଝିଅ ହୋଇଛନ୍ତି। ପ୍ରଥମେ ଜିୟା ଓ ଜହାଦ ଦୁହେଁ ଭଲ ବନ୍ଧୁ ଥିଲେ। ପରସ୍ପର ପ୍ରେମରେ ପଡ଼ିବା ପରେ ଏକାଠି ରହିବାର ନିଷ୍ପତ୍ତି ନେଇଥିଲେ। ଜିୟା ସବୁବେଳେ ଜଣେ ମା' ହେବା ନେଇ ଯେଉଁ ସ୍ୱପ୍ନ ଦେଖୁଥିଲେ, ତାକୁ ଜହାଦ ପୂରଣ କରିଛନ୍ତି। ଅଭିଭାବକ ହେବା ଲାଗି ଦୁହିଁଙ୍କର ଆଗ୍ରହ ଥିବାବେଳେ ସେମାନେ ପ୍ରଥମେ ପୋଷ୍ୟ ସନ୍ତାନ ଗ୍ରହଣ ☞ପୃଷ୍ଠା-୪






**କେନ୍ଦ୍ରମନ୍ତ୍ରୀ ମୁରଲୀଧରନଙ୍କ ଘରକୁ ପଥରମାଡ଼**

କେରଳର ଥିରୁଭାନନ୍ତପୁରମରେ ଥିବା କେନ୍ଦ୍ରମନ୍ତ୍ରୀ ଭି. ମୁରଲୀଧରନଙ୍କ ଘରକୁ ବୁଧବାର କେତେଜଣ ଦୁର୍ବୃତ୍ତ ପଥରମାଡ଼ କରିଛନ୍ତି। ତେବେ ଢେଲାମାଡ଼ରେ ଘର ଝରକା କାଚ ଭାଙ୍ଗିଯାଇଛି। ଗୁରୁବାର ପୂର୍ବାହ୍ନ ୧୧ଟାବେଳେ ମୁରଲୀଧରନଙ୍କ ଅଫିସ କର୍ମଚାରୀ ଏହି ସୂଚନା ଦେବା ପରେ ମେଡିକାଲ ପୋଲିସ ସେଠାରେ ପହଞ୍ଚିଥିଲେ। ତେବେ ଘଟଣାସ୍ଥଳରୁ ରକ୍ତଦାଗ ଦେଖିବାକୁ ମିଳିଥିବାବେଳେ ଏ ନେଇ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

## ସଂକ୍ଷେପରେ

### ଦୁର୍ଘଟଣାରେ ୭ ସ୍କୁଲ ପିଲାଙ୍କ ମୃତ୍ୟୁ

**ବସ୍ତର,୯।୨:** ଛତିଶଗଡ଼ର ବସ୍ତର ଅଞ୍ଚଳରେ ଗୁରୁବାର ଏକ ଟ୍ରକ୍ ଅଟୋରିକ୍ସାକୁ ଧକ୍କା ଦେବାରୁ ୭ ଜଣ ସ୍କୁଲ୍ ପିଲାଙ୍କ ମୃତ୍ୟୁ ଘଟିଛି ଓ ଜଣେ ଗୁରୁତର ହୋଇଛନ୍ତି। ପିଲାମାନେ ଅଟୋରିକ୍ସାରେ ସ୍କୁଲ୍‌ରୁ ଘରକୁ ଫେରୁଥିବାବେଳେ ଟ୍ରକ୍ ଧକ୍କା ଦେଇଥିଲା। ପିଲାମାନଙ୍କ ବୟସ ୫ରୁ ୮ ବର୍ଷ ମଧ୍ୟରେ। ଗୁରୁତର ଆହତ ଶିଶୁକୁ କଙ୍କେର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅଟୋ ଡ୍ରାଇଭର ମଧ୍ୟ ଆହତ ହୋଇଛନ୍ତି। କୋରାର ନିକଟରେ ଦୁର୍ଘଟଣା ଘଟିଥିବାବେଳେ ଘଟଣାସ୍ଥଳକୁ ଉଚ୍ଚ ପୋଲିସ ଅଧିକାରୀମାନେ ଯାଇଛନ୍ତି। ଦୁର୍ଘଟଣା ପାଇଁ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ଦୁଃଖ ପ୍ରକାଶ କରିବା ସହ ଆହତଙ୍କ ଉପଯୁକ୍ତ ଚିକିତ୍ସା ଲାଗି ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

### ବିଲ୍ଡିଂ ନିଆଁ: ୫ ମୃତ

**ମସ୍କୋ,୯।୨:** ରୁଷିଆର ନୋଭୋସିବିର୍ସ୍କ ସହରର ଏକ ଆପାର୍ଟମେଣ୍ଟ ବିଲ୍ଡିଂରେ ନିଆଁ ଲାଗି ୫ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୨ ବର୍ଷର ଶିଶୁ ଥିବା ଆଞ୍ଚଳିକ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷେ ଆହତ ୯ ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଶୋଚନୀୟ ଥିବା ଆଞ୍ଚଳିକ ଗଭର୍ନର ଆଣ୍ଡ୍ରେ ଟ୍ରାଭନିକୋଭ କହିଛନ୍ତି। ବିଲ୍ଡିଂ ଗ୍ୟାସ୍ ସିଷ୍ଟମ ବିସ୍ଫୋରଣ ଫଳରେ ବିଲ୍ଡିଂରେ ଅଗ୍ନିକାଣ୍ଡ ହୋଇଥିବା ଜଣାପଡ଼ିଛି। ଦୁର୍ଘଟଣା ସମୟରେ ୨ ଶିଶୁଙ୍କ ସମେତ ୧୦ ଜଣ ବିଲ୍ଡିଂରେ ଥିବା କୁହାଯାଉଛି। ବିସ୍ଫୋରଣରେ ୫ ମହଲା ବିଶିଷ୍ଟ ବିଲ୍ଡିଂ ଭୁଶୁଡ଼ି ପଡ଼ିଥିବାବେଳେ ୩୦ ଆପାର୍ଟମେଣ୍ଟ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି।

### ଶିବୁ ସୋରେନ ହସ୍ପିଟାଲରେ

**ରାଞ୍ଚି,୯।୨:** ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍) ସୁପ୍ରିମୋ ଶିବୁ ସୋରେନ୍ ଗୁରୁବାର ଅପରାହ୍ନରେ



ରାଞ୍ଚିର ମେଦାନ୍ତା ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେ ଅଣନିଃଶ୍ୱାସୀ ଅନୁଭବ କରିବାରୁ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ୫ ଜଣିଆ ଡାକ୍ତରୀ ଟିମ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା ନିରୀକ୍ଷା କରିଛନ୍ତି। ତେବେ ତାଙ୍କୁ ଏପର୍ଯ୍ୟନ୍ତ ଆଡମିଶନ କରାଯାଇ ନ ଥିବା ମେଦାନ୍ତ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ କହିଛନ୍ତି। ୭୯ ବର୍ଷୀୟ ଜେଏମ୍ଏମ୍ ନେତା ୨୦୦୫ରୁ ୨୦୨୦ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଥିଲେ। ନିକଟରେ ସେ ତାଙ୍କ ପୁଅ ତଥା ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ସହ ଏକ ରାଲିରେ ଯୋଗଦେଇଥିଲେ।

### ଆସାମରେ ବାଲ୍ୟବିବାହ ବିରୋଧୀ ଅଭିଯାନ: ୩ ହଜାର ଗିରଫ

**ଦିଶପୁର, ୯।୨:** ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ଅଧ୍ୟକ୍ଷତାରେ ଆସାମରେ ଆରମ୍ଭ କରାଯାଇଥିବ ବାଲ୍ୟ ବିବାହ ବିରୋଧୀ ଅଭିଯାନରେ ଅଦ୍ୟାବଧି ୩ ହଜାରଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରୁ ୨,୬୬୬ ଜଣଙ୍କ ନାଁରେ ଅଭିଯୋଗ ରହିଥିବା ଜଣାପଡ଼ିଛି। ରାଜ୍ୟରେ ଥିବା ଷ୍ଟାଡିୟମ୍‌ରେ ଅସ୍ଥାୟୀ ଜେଲ ନିର୍ମାଣ କରାଯାଇଛି। ଗିରଫଙ୍କ ମଧ୍ୟରେ ୭୮ ମହିଳା ଅଛନ୍ତି। ରାଜ୍ୟରେ ବାଲ୍ୟ ବିବାହ ପ୍ରଥାକୁ ସମୂଳେ ଶେଷ କରାଯିବ ବୋଲି ଗୁରୁବାର ମୁଖ୍ୟମନ୍ତ୍ରୀ ବିଶ୍ୱ ଶର୍ମା ଟୁଇଟ୍ କରି କହିଛନ୍ତି।

### ପୁଟିନ୍‌ଙ୍କୁ ଭେଟିଲେ ଡୋଭାଲ





**ମସ୍କୋ,୯।୨:** ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ଅଜିତ ଡୋଭାଲ ଗୁରୁବାର ମସ୍କୋରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଦୁଇ ଦେଶ ମଧ୍ୟରେ ରଣନୀତିକ ସହଭାଗିତାର କାର୍ଯ୍ୟକାରିତା ଜାରି ରଖିବାକୁ ଉଭୟ ସହମତ ହୋଇଛନ୍ତି। ଆଲୋଚନାରେ ଦ୍ୱିପାକ୍ଷିକ ଏବଂ ଆଞ୍ଚଳିକ ପ୍ରସଙ୍ଗକୁ ପ୍ରାଧାନ୍ୟ ଦିଆଯାଇଥିଲା ବୋଲି ମସ୍କୋସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି। ଡୋଭାଲ ବୁଧବାରଠାରୁ ଦୁଇଦିନିଆ ରୁଷିଆ ଗସ୍ତରେ ଅଛନ୍ତି। ସେ ବୁଧବାର ଆଫଗାନିସ୍ତାନ ଉପରେ ସୁରକ୍ଷା ପରିଷଦ ସଚିବ/ଏନ୍ଏସ୍ଏମାନଙ୍କ ୫ମ ବୈଠକରେ ଯୋଗଦେଇଥିଲେ। ୩ ମାସ ପୂର୍ବରୁ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ରୁଷିଆ ଗସ୍ତରେ ଯାଇଥିଲେ।

# ଖାଦ୍ୟ ସଙ୍କଟରେ ଭୂକମ୍ପ ବିପନ୍ନ

## ମୃତ୍ୟୁସଂଖ୍ୟା ୧୯,୩୦୦ ଟପିଲା

**ଆଙ୍କାରା/ଡାମାସକସ୍,୯।୨**

ତୁର୍କୀ ଓ ସିରିଆରେ ପ୍ରଳୟଙ୍କରୀ ଭୂକମ୍ପଜନିତ ମୃତ୍ୟୁସଂଖ୍ୟା ଗୁରୁବାର ୧୯,୩୦୦ ଟପିଛି। ଭୂକମ୍ପକୁ ୪ ଦିନ ବିତିଥିଲେ ହେଁ ପ୍ରବଳ ଥଣ୍ଡା ଯୋଗୁ ହଜାର ହଜାର ବିଲ୍ଡିଂର ଭଗ୍ନାବଶେଷ ତଳୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଭଗ୍ନାବଶେଷ ତଳୁ ଜୀବନ ବଞ୍ଚାଇବା ପାଇଁ ୭୨ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ ବୋଲି ବିଶେଷଜ୍ଞମାନେ କହୁଥିବାବେଳେ ସେହି ସମୟ ଅତିକ୍ରାନ୍ତ ହୋଇଯାଇଛି। ଆନ୍ତାକ୍ୟା ସହରର ହସ୍ପିଟାଲ ପାର୍କିଂ ସ୍ଥାନରେ ମୃତଦେହ ରଖାଯାଇଥିବା ବ୍ୟାଗ୍‌ରୁ ଲୋକମାନେ ସେମାନଙ୍କ ନିଖୋଜ ସମ୍ପର୍କୀୟଙ୍କୁ ଖୋଜୁଥିବା ଦେଖାଯାଇଛି।

ଭୂକମ୍ପରେ ବାସହରା ଲୋକମାନେ ପ୍ରବଳ ଶୀତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ରହିବା ପାଇଁ ଆଶ୍ରୟସ୍ଥଳ ନ ଥିବାବେଳେ ଖାଦ୍ୟ ଓ ପାଣିର ଘୋର ଅଭାବ ଦେଖାଦେଇଛି। ଉଦ୍ଧାର କାର୍ଯ୍ୟରେ ୧,୧୩,୨୦୦ ରୁ ଅଧିକ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଭୂକମ୍ପ କ୍ଷତିଗ୍ରସ୍ତ ଅଞ୍ଚଳରୁ ଗୁରୁବାର ସୁଦ୍ଧା ୨୮,୦୪୪ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ବିଭିନ୍ନ ଦେଶରୁ ଉଦ୍ଧାରକାରୀ ଟିମ୍ ସମେତ କମ୍ବଳ, ତମ୍ବୁ, ଖାଦ୍ୟ ଆଦି ଅତ୍ୟାବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। ଉଦ୍ଧାର କାର୍ଯ୍ୟରେ ଏକ୍ସକାଭେଟର, ଟ୍ରାକ୍ଟର, ଡୋଜର ସମେତ ୫,୫୫୭ ଗାଡ଼ି ନିୟୋଜିତ ହୋଇଛି। ଭୂକମ୍ପରୁ ବର୍ତ୍ତିଯାଇଥିବା ହଜାର ହଜାର ଲୋକ ନାହିଁ ନ ଥିବା ଦୁର୍ଦ୍ଦିନର ସମ୍ମୁଖୀନ ହୋଇଛନ୍ତି। ଆନ୍ତାକ୍ୟା ସହରରେ ପିଲାମାନଙ୍କୁ କୋଟ୍ ଓ ଅନ୍ୟାନ୍ୟ ସାମଗ୍ରୀ ବାଣ୍ଟିବାକୁ ଆସିଥିବା ଟ୍ରକ୍ ଆଗରେ ବହୁସଂଖ୍ୟାରେ ଲୋକେ ଦୌଡ଼ୁଥିବା ଦେଖିବାକୁ ମିଳିଛି। ଘରଦ୍ୱାର ହରାଇ ଲୋକେ ତମ୍ବୁ ତଳେ ମୁଣ୍ଡ ଗୁଞ୍ଜିଥିବାବେଳେ କେତେକଙ୍କୁ ଷ୍ଟାଡିୟମ କିମ୍ବା ଅନ୍ୟାନ୍ୟ ଅସ୍ଥାୟୀ ଶିବିରରେ ରଖାଯାଇଛି। ଅନ୍ୟମାନେ ସୋମବାରଠାରୁ ଖୋଲା ଆକାଶ ତଳେ ରହିଛନ୍ତି। ସେଠାରେ ଅତ୍ୟଧିକ ଥଣ୍ଡା ପଡ଼ିଥିବାରୁ ଶୀତରୁ ରକ୍ଷା ପାଇବା ପାଇଁ ଲୋକେ ନିଆଁ ଜାଳୁଥିବା ଦେଖାଯାଇଛି।



ଶୀତରୁ ରକ୍ଷା ପାଇବା ପାଇଁ ଭୂକମ୍ପ ବିପନ୍ନମାନେ ନିଆଁ ପୋଉଛନ୍ତି।

## ୬ ବର୍ଷର ଝିଅକୁ ଉଦ୍ଧାରକଲା ଏନ୍‌ଡିଆର୍‌ଏଫ୍




**ନୂଆଦିଲ୍ଲୀ,୯।୨**

ତୁର୍କୀ ଭୂକମ୍ପ ବିଧ୍ୱସ୍ତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିବା ଭାରତର ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଟିମ୍ ଜଣେ ୬ ବର୍ଷର ବାଳିକାକୁ ଭଗ୍ନାବଶେଷ ତଳୁ ସୁରକ୍ଷିତ ଉଦ୍ଧାର କରିଛନ୍ତି। କମ୍ବଳରେ ଗୁଡ଼ାଯାଇଥିବା ଶିଶୁଟିକୁ ଏନ୍‌ଡିଆର୍‌ଏଫ୍ କର୍ମଚାରୀମାନେ ଷ୍ଟ୍ରେଚରରେ ନେଉଥିବା ଦେଖିବାକୁ ମିଳିଛି। ଗ୍ରାଉଣ୍ଡ ଜିରୋରେ ଭାରତର ଏନ୍‌ଡିଆର୍‌ଏଫ୍ ଯବାନମାନେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଗୁରୁବାର ଟିମ୍ ଇଣ୍ଡ-୧୧ ନାଜିଆଣ୍ଟେପ୍‌ର ନୁରଦାଗି ଅଞ୍ଚଳରୁ ୬ ବର୍ଷର ଝିଅକୁ ଉଦ୍ଧାର କରିଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମୁଖପାତ୍ର ଟୁଇଟ୍ କରିଛନ୍ତି।

## ଇଣ୍ଡୋନେସିଆରେ ଭୂକମ୍ପ: ୪ ମୃତ

**ଜାକର୍ତ୍ତା,୯।୨:** ଇଣ୍ଡୋନେସିଆର ପୂର୍ବ ଭାଗରେ ଅବସ୍ଥିତ ପପୁଆ ପ୍ରଦେଶରେ ଗୁରୁବାର ଭୂକମ୍ପ ଅନୁଭୂତ ହୋଇଛି। ଭୂକମ୍ପ ଯୋଗୁ ସମୁଦ୍ରରେ ଏକ ଭାସମାନ ରେଷ୍ଟୁରାଣ୍ଟ ଭୁଶୁଡ଼ି ପଡ଼ିବାରୁ ୪ ଜଣଙ୍କ ମୃତ୍ୟୁ ଘଟିଛି। ପପୁଆ ନିକଟବର୍ତ୍ତୀ ଜୟପୁରା ଆବାସିକ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି। ଅନେକ ଘର, ଏବଂ ହସ୍ପିଟାଲ କ୍ଷତିଗ୍ରସ୍ତ ହୋଇଛି। ଜୟପୁରା ସହରରେ ଥିବା ଏକ ହସ୍ପିଟାଲର ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଭୂକମ୍ପର ତୀବ୍ରତା ୫.୧ ଥିଲା ବୋଲି ଆମେରିକା ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ କୁହାଯାଇଛି। ଜାନୁୟାରୀ ୨ରୁ ଇତିମଧ୍ୟରେ ପପୁଆ ଓ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ୧,୦୭୯ ଥର ମୃଦୁ ଭୂକମ୍ପ ହେଲାଣି। ସେଥିରୁ ୧୩୨ଟି ଅଧିକ ତୀବ୍ରତାର ଅନୁଭୂତ ହୋଇଥିଲା।

## ତେଲ ଟ୍ୟାଙ୍କରରେ ଶ୍ୱାସରୁଦ୍ଧ ହୋଇ ୭ ମୃତ

**ବିଜୟୱାଡ଼ା,୯।୨**

ଆନ୍ଧ୍ରପ୍ରଦେଶ କାକିନାଡା ଜିଲାର ଏକ ତୈଳ ଭଣ୍ଡାର ଟ୍ୟାଙ୍କରରେ ପଶି କାମ କରୁଥିବା ୭ ଜଣ ଶ୍ରମିକ ଗୁରୁବାର ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଛନ୍ତି। ଜିଲାର ଜି. ରାଗମପେଟାରେ ଥିବା ଅମ୍ବାଟି ସବାନ୍ନା ତୈଳ କମ୍ପାନୀରେ ଏହି ଦୁର୍ଘଟଣା ଘଟିଛି। ଟ୍ୟାଙ୍କର ଭିତରକୁ ଜଣକ ପରେ ଜଣେ ଶ୍ରମିକ ପ୍ରବେଶ କରିବା ପରେ ସଂଜ୍ଞାହୀନ ହୋଇପଡ଼ିଥିଲେ। ସେମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ବାହାରକୁ ନ ଆସିବାରୁ ଅନ୍ୟମାନେ ଟ୍ୟାଙ୍କରକୁ କାଟି ଭିତରେ ୭ ଜଣଙ୍କ ମୃତ୍ୟୁ ହୋଇଥିବା ଦେଖିବାକୁ ପାଇଥିଲେ। ଉକ୍ତ ଟ୍ୟାଙ୍କରରେ ଅଶୋଧିତ ତୈଳ ଗଚ୍ଛିତ ରହୁଥିଲା ଓ ନିୟମିତ ବ୍ୟବଧାନରେ ଶ୍ରମିକମାନେ ଏହା ଭିତରେ ପଶି ସଫା କରୁଥିଲେ ବୋଲି ପୋଲିସ କହିଛି। ପେଦାପୁରମ୍ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଭାରତୀୟ ନାଗରିକତ୍ୱ ଛାଡ଼ିଛନ୍ତି ୧୬ ଲକ୍ଷରୁ ଊର୍ଦ୍ଧ୍ୱ

**ନୂଆଦିଲ୍ଲୀ, ୯।୨**

୨୦୧୧ ପରଠାରୁ ଦେଶରେ ମୋଟ ୧୬,୬୩,୪୪୦ ଜଣ ଭାରତୀୟ ନାଗରିକତ୍ୱ ତ୍ୟାଗ କରିଥିବା ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଗୁରୁବାର ରାଜ୍ୟ ସଭାରେ କହିଛନ୍ତି। ଗତବର୍ଷ ୨,୨୫,୬୨୦ ଜଣ ନାଗରିକତ୍ୱ ଛାଡ଼ିଛନ୍ତି। ୨୦୧୫ରେ ୧,୩୧,୪୮୯ ଜଣ ନାଗରିକତ୍ୱ ଛାଡ଼ିଥିବାବେଳେ ୨୦୧୬ରେ ୧,୪୧,୬୦୩ ଏବଂ ୨୦୧୭ରେ ୧,୩୩,୦୪୯ ଜଣ ନାଗରିକତ୍ୱ ଛାଡ଼ିଥିବା ଜୟଶଙ୍କର ସୂଚନା ଦେଇଛନ୍ତି। ରାଜ୍ୟ ସଭାରେ ଜୟଶଙ୍କର ଏକ ରିପୋର୍ଟ ଉପସ୍ଥାପନ କରିଛନ୍ତି, ଯେଉଁଥିରେ ଭାରତୀୟ ଗ୍ରହଣ କରିଥିବା ୧୩୫ ଦେଶର ନାଗରିକତ୍ୱର ନାମ ତାଲିକା ରହିଛି।

## ଆଜି ସୁପ୍ରିମକୋର୍ଟରେ ଶୁଣାଣି

### ଆଦାନୀ ଗ୍ରୁପ୍ ଉପରେ ହିଣ୍ଡେନ୍‌ବର୍ଗ ରିପୋର୍ଟର ତଦନ୍ତ ଦାବି

**ନୂଆଦିଲ୍ଲୀ,୯।୨(ଆଇଏଏନ୍ଏସ୍)**

ଆଦାନୀ ଗ୍ରୁପ୍‌ର ଜାଲିଆତି ସମ୍ପର୍କରେ ଆମେରିକାର ଶର୍ଟ ସେଲ୍ କମ୍ପାନୀ ହିଣ୍ଡେନବର୍ଗ ରିସର୍ଚ୍ଚର ରିପୋର୍ଟର ତଦନ୍ତ ଜଣେ ଅବସରପ୍ରାପ୍ତ ସୁପ୍ରିମକୋର୍ଟ ବିଚାରପତିଙ୍କ ତତ୍ତ୍ୱାବଧାନରେ ଏକ କମିଟି ଦ୍ୱାରା କରାଇବା ପାଇଁ ଦାଏର ପିଟିଶନ୍‌ର ଶୁଣାଣି ଶୁକ୍ରବାର ସର୍ବୋଚ୍ଚ ଅଦାଲତ କରିବେ। ହିଣ୍ଡେନବର୍ଗ ରିସର୍ଚ୍ଚ ଆଣିଥିବା ଅଭିଯୋଗକୁ ଆଦାନୀ ଗ୍ରୁପ୍ ଅଗ୍ରାହ୍ୟ କରିଆସିଛି। ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ପି.ଏସ୍. ନରସିଂହ ଏବଂ ଜେ.ବି. ପର୍ଦ୍ଦିୱାଲାଙ୍କ ଖଣ୍ଡପୀଠରେ ଜରୁରୀ ଶୁଣାଣି ପାଇଁ ଆଇନଜୀବୀ ବିଶାଳ ତିୱାରି ନିବେଦନ କରିଥିଲେ। ଏହି ପ୍ରସଙ୍ଗରେ ଅନ୍ୟ ଏକ ପିଟିଶନର ଶୁଣାଣି ୧୦ ତାରିଖରେ ହେବାକୁ ଥିବାରୁ ଏହାକୁ ମଧ୍ୟ ଏକସଙ୍ଗେ ଶୁଣାଣି କରିବାକୁ ତିୱାରି ଖଣ୍ଡପୀଠଙ୍କୁ କହିଥିଲେ। ଆଇନଜୀବୀ ଏମ.ଏଲ୍. ଶର୍ମା ଦାଏର କରିଥିବା ଜନସ୍ୱାର୍ଥ ମାମଲାରେ ହିଣ୍ଡେନବର୍ଗ ରିସର୍ଚ୍ଚର ମୁଖ୍ୟ ଆମେରିକାର ନାଟେ ଆଣ୍ଡରସନ୍ ଏବଂ ତାଙ୍କ ଭାରତୀୟ ସଂସ୍ଥା ଆପରାଧିକ ଷଡ଼ଯନ୍ତ୍ର କରି ଗତ ମାସ ୨୫ ତାରିଖ ପୂର୍ବରୁ ଓ ପରେ ଶହ ଶହ ବିଲିୟନ ଡଲାର ଶର୍ଟ ସେଲ୍ କରିଥିବା ଅଭିଯୋଗ ହୋଇଛି। ସେମାନେ ଆଦାନୀ ଗ୍ରୁପ୍ ବିରୋଧରେ ମନଗଢ଼ା ଖବର ପ୍ରକାଶ କରି ଶେୟାର ବଜାରରେ କ୍ରାସ୍ କରାଇ କମ୍ ଦରରେ ସେମାନଙ୍କ ଶର୍ଟ ସେଲ୍ ସ୍ଥିତି ବଢ଼ାଇଥିବା ପିଟିଶନରେ ଉଲ୍ଲେଖ କରାଯାଇଛି।

## କଲେଜିୟମ୍ ବ୍ୟବସ୍ଥା ପରିବର୍ତ୍ତନ ଆବଶ୍ୟକ ନାହିଁ: ଜଷ୍ଟିସ ଲଳିତ

**ଚେନ୍ନାଇ,୯।୨:** ବିଚାରପତି ଚୟନ ଲାଗି କଲେଜିୟମ ବ୍ୟବସ୍ଥାକୁ ନେଇ କେନ୍ଦ୍ର ସରକାର ଓ ନ୍ୟାୟପାଳିକା ମଧ୍ୟରେ ବିବାଦ ଦେଖାଦେଇଥିବାବେଳେ ଉକ୍ତ ବ୍ୟବସ୍ଥାରେ ପରିବର୍ତ୍ତନର ଆବଶ୍ୟକତା ଅନୁଭବ କରୁ ନ ଥିବା ଭାରତର ପୂର୍ବତନ ପ୍ରଧାନ ବିଚାରପତି (ସିଜେଆଇ) ୟୁ.ୟୁ. ଲଳିତ କହିଛନ୍ତି। ଗୁରୁବାର ଥିଙ୍କ୍‌ଏଡୁ କନ୍‌କ୍ଲେଭ୍ ୧୨ତମ ସଂସ୍କରଣର ଉଦ୍‌ଘାଟନୀ ଅଧିବେଶନରେ ଉଦ୍‌ବୋଧନ ଦେଇ ଜଷ୍ଟିସ ଲଳିତ କହିଛନ୍ତି, ଆଇନ ଅଧ୍ୟୟନ କେବଳ ବିଶ୍ୱବିଦ୍ୟାଳୟ ଓ କଲେଜରେ ସୀମିତ ରହିପାରିବ ନାହିଁ, ଏହା ସମସ୍ତଙ୍କ ପାଇଁ ମୁକ୍ତ ହେବା ସହ ସାମାଜିକ ଉପକରଣରେ ପରିଣତ ହେବା ଆବଶ୍ୟକ। ଇଣ୍ଟର୍ନଶିପ୍ ଉପରେ ଅଧିକ ଗୁରୁତ୍ୱ ଦେଇ ଜଷ୍ଟିସ ଲଳିତ କହିଥିଲେ, ଏହାଦ୍ୱାରା ଛାତ୍ରୀଛାତ୍ର ଗ୍ରାମାଞ୍ଚଳ ଲୋକଙ୍କ ସହ ଏକାଠି କାମ କରିବା ଏବଂ ସେମାନଙ୍କ ସହ କଥା ହେବା ଦ୍ୱାରା ସେମାନଙ୍କ ସମସ୍ୟା ଓ ଚ୍ୟାଲେଞ୍ଜ ସମ୍ପର୍କରେ ବୁଝି ପାରିବେ।

## ରୁମ୍‌ରୁ ଗର୍ଭ ପରୀକ୍ଷା କିଟ୍ ମିଳିବାରୁ ଝିଅକୁ ହତ୍ୟା

**କୌଶମ୍ବି, ୯।୨**

ଉତ୍ତର ପ୍ରଦେଶ କୌଶମ୍ବିର ଟେନଶାହ ଆଲାମବାଦ ଗ୍ରାମରେ ଝିଅକୁ ହତ୍ୟା ଅଭିଯୋଗରେ ଦମ୍ପତିଙ୍କୁ ସ୍ଥାନୀୟ ପୋଲିସ ଗିରଫ କରିଛି। ୨୧ ବର୍ଷୀୟା ଯୁବତୀଙ୍କ ରୁମ୍‌ରୁ ପ୍ରେଗ୍‌ନାନ୍ସି ଟେଷ୍ଟ୍ କିଟ୍ ମିଳିବା ପରେ ବାପା ନରେଶ ଓ ମା’ ଶୋଭା ଝିଅଙ୍କୁ ହତ୍ୟା କରିଥିଲେ। ଘଟଣାକୁ ବାଟବଣା କରିବା ପାଇଁ ଝିଅ ନିଖୋଜ ଥିବା ନେଇ ନରେଶ ଗତ ୩ରେ ଥାନାରେ ଅଭିଯୋଗ କରିଥିଲେ। କିଛିଦିନ ପରେ ଗାଁ ପାଖ କେନାଲରୁ ଯୁବତୀଙ୍କ ଗଳିତ ମୃତଦେହ ପୋଲିସକୁ ମିଳିଥିଲା। ଯାଞ୍ଚ ଚାଲିଥିବାବେଳେ ଘଟଣାରେ ନରେଶ ଓ ଶୋଭାଙ୍କ ସମ୍ପୃକ୍ତି ଜାଣିବାକୁ ପାଇ ପୋଲିସ ସେମାନଙ୍କୁ ଗିରଫ କରିଥିବା ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ବ୍ରିଜେଶ କୁମାର ଶ୍ରୀବାସ୍ତବ ସୂଚନା ଦେଇଛନ୍ତି। ହତ୍ୟା ପରେ ଯୁବତୀଙ୍କ ପରିଚୟ ଲୁଚାଇବାକୁ ଯାଇ ସେମାନେ ମୃତଦେହରେ ଏସିଡ୍ ଢାଳିଥିଲେ। ଏଥିରେ ନରେଶଙ୍କୁ ସହଯୋଗ କରିଥିବା ତାଙ୍କ ଦୁଇ ଭାଇ ଗୁଲାବ ଓ ରମେଶଙ୍କୁ ମଧ୍ୟ ପୋଲିସ ଗିରଫ କରିନେଇଛି। ଯୁବତୀ ଜଣଙ୍କ ଏକାଧିକ ପୁରୁଷଙ୍କ ସହ ସମ୍ପର୍କରେ ଥିବାବେଳେ ତାଙ୍କ ରୁମ୍‌ରୁ ଅନେକ ଗର୍ଭ ପରୀକ୍ଷା କିଟ୍ ମିଳିଥିଲା। ଏ ପ୍ରକାର ଆଚରଣ ଦେଖି ସେମାନେ ସେମାନେ ଝିଅକୁ ହତ୍ୟା କରିଥିବା ପୋଲିସ କହିଛି।

## ଅଧିକ ସୈନ୍ୟ ସହାୟତା ମାଗିଲେ ଜେଲେନ୍‌ସ୍କି

### ଇୟୁ ପାର୍ଲାମେଣ୍ଟରେ ଦେଲେ ଉଦ୍‌ବୋଧନ

**ବ୍ରସେଲ୍ସ, ୯।୨**

ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଗୁରୁବାର ୟୁରୋପୀୟ ପାର୍ଲାମେଣ୍ଟରେ ଉଦ୍‌ବୋଧନ ଦେଇ ରୁଷିଆର ମୁକାବିଲା ପାଇଁ ଅଧିକ ସୈନ୍ୟ ବଳ ଯୋଗାଇ ଦେବାଲାଗି ଅନୁରୋଧ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ୟୁକ୍ରେନ୍ ଏବଂ ୟୁରୋପୀୟ ସଂଘ ମିଳିତ ଭାବେ ରୁଷିଆ ବିରୋଧରେ ଲଢ଼େଇ ଜାରି ରଖିଛି। ପାର୍ଲାମେଣ୍ଟରେ ଜେଲେନ୍‌ସ୍କି ଉଦ୍‌ବୋଧନ ବେଳେ ସେଠାରେ ଉପସ୍ଥିତ ୟୁରୋପୀୟ ଆଇନପ୍ରଣେତାମାନେ ଷ୍ଟାଣ୍ଡିଂ ଓଭେଶନ୍ ଜଣାଇଥିଲେ। ଏହି ଅବସରରେ ଜେଲେନ୍‌ସ୍କି କହିଥିଲେ, ଆମେ ସମସ୍ତେ ଯେତେ ପର୍ଯ୍ୟନ୍ତ ଏକାଠି ଅଛେ ସେ ପର୍ଯ୍ୟନ୍ତ ୟୁରୋପ ରହିଥିବ। ୟୁରୋପୀୟ ଜୀବନ ଶୈଳୀର ଜନ୍ମ ଆମେ ସବୁବେଳେ ନେବୁ, ଯାହାକୁ ରୁଷିଆ ଧ୍ୱଂସ କରିବାକୁ ଚାହୁଁଛି। ୟୁକ୍ରେନ୍‌କୁ ଲଙ୍ଗ୍ ରେଞ୍ଜ ସିଷ୍ଟମ, ଫାଇଟର ଜେଟ୍ ଯୋଗାଇ ଦେବା ଲାଗି ୟୁରୋପୀୟ ପାର୍ଲାମେଣ୍ଟ ପ୍ରେସିଡେଣ୍ଟ ରୋବର୍ଟା ମେଟସୋଲା କହିଛନ୍ତି।




ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ୟୁରୋପୀୟ ପାର୍ଲାମେଣ୍ଟ ପ୍ରେସିଡେଣ୍ଟ ରୋବର୍ଟା ମେଟସୋଲାଙ୍କ ସହ କରମର୍ଦ୍ଦନ କରୁଛନ୍ତି।

## ‘ଇନ୍ଦିରା ୫୦ ଥର ଧାରା ୩୫୬ର ଦୁରୁପଯୋଗ କରିଥିଲେ’

### ରାଜ୍ୟ ସଭାରେ କଂଗ୍ରେସ ଉପରେ ବର୍ଷିଲେ ମୋଦି

**ନୂଆଦିଲ୍ଲୀ,୯।୨**

ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ସାମ୍ବିଧାନିକ ବ୍ୟବସ୍ଥାର ଉଲ୍ଲଂଘନ କରି ୫୦ ଥର ରାଜ୍ୟ ସରକାରଗୁଡ଼ିକୁ ଭାଙ୍ଗିଥିଲେ ବୋଲି ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟ ସଭାରେ କହିଛନ୍ତି। ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରରେ ରାଜ୍ୟଗୁଡ଼ିକ କ୍ରମାଗତ ଭାବେ ଅସୁବିଧାର ସମ୍ମୁଖୀନ ହୋଇଆସୁଛନ୍ତି ବୋଲି କଂଗ୍ରେସର ଅଭିଯୋଗ ପରେ ପ୍ରଧାନମନ୍ତ୍ରୀ ଉପରୋକ୍ତ ମତ ଦେଇଥିଲେ। କଂଗ୍ରେସ କେନ୍ଦ୍ରରେ କ୍ଷମତାରେ ଥିବାବେଳେ ରାଜ୍ୟ ଓ ଆଞ୍ଚଳିକ ଦଳଗୁଡ଼ିକର ଅଧିକାରକୁ ଛଡ଼ାଇ ନେଇଥିଲା ଏବଂ ଅନୁଚ୍ଛେଦ ୩୫୬ର ଦୁରୁପଯୋଗ କରି ୯୦ ଥର ରାଜ୍ୟ ସରକାର ଭାଙ୍ଗିଥିଲା। କେବଳ ଇନ୍ଦିରା ଗାନ୍ଧୀଙ୍କ ଶାସନରେ ୫୦ ଥର ରାଜ୍ୟ ସରଭାର ଭଙ୍ଗାଯାଇଥିଲା ବୋଲି ମୋଦି କହିଛନ୍ତି। ଏବେ ଯେଉଁମାନେ କଂଗ୍ରେସ ସହ ଏକାଠି ହୋଇଛନ୍ତି, ପୂର୍ବରୁ ସେମାନଙ୍କ ସରକାରକୁ କଂଗ୍ରେସ ଭାଙ୍ଗିଥିଲା। କେରଳରେ ବାମଦଳ ସରକାର, ଆନ୍ଧ୍ରପ୍ରଦେଶରେ ଏନ୍‌ଟି ରାମାରାଓ ସରକାର, ମହାରାଷ୍ଟ୍ରରେ ଶରଦ ପାୱାର ସରକାର ଏବଂ ତାମିଲନାଡୁରେ ଏମ୍.ଜି. ରାମଚନ୍ଦ୍ରନଙ୍କ



ସରକାରକୁ କଂଗ୍ରେସ ଭାଙ୍ଗିଥିଲା ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ଆଦାନୀ ଗ୍ରୁପ୍ ବିରୋଧରେ ଜେପିସି ତଦନ୍ତ ଦାବିରେ ବିରୋଧୀ ଦଳଗୁଡ଼ିକ କ୍ରମାଗତ ଭାବେ ଗୃହରେ ହଟ୍ଟଗୋଳ କରିଆସୁଥିବାବେଳେ ପ୍ରଧାନମନ୍ତ୍ରୀ କଂଗ୍ରେସ ଉପରେ ଜୋର୍‌ଦାର ଆକ୍ରମଣ କରିଛନ୍ତି। ବିକାଶ ନାମରେ ଟୋକନିଜମ୍ ପ୍ରଚଳନ କରି କଂଗ୍ରେସ ଭାରତର ପ୍ରଗତିକୁ ଧିମା କରିଦେଇଛି ଏବଂ ଦେଶର ୬ ଦଶନ୍ଧି ସମୟକୁ ବରବାଦ କରିଛି ବୋଲି ମୋଦି କହିଥିଲେ। ବୁଧବାର ମଧ୍ୟ ଲୋକ ସଭାରେ ମୋଦି କଂଗ୍ରେସ ଉପରେ ବର୍ଷିଥିଲେ। ଦଶ ବର୍ଷର ଉପା ଶାସନ ଦେଶ ପାଇଁ କ୍ଷତିର ଦଶନ୍ଧି ବୋଲି ସେ କହିଥିଲେ। ବିରୋଧୀମାନେ ମୋଦି-ଆଦାନୀ ଭାଇ ଭାଇ ସ୍ଲୋଗାନ ଦେଉଥିବାବେଳେ ପ୍ରଧାନମନ୍ତ୍ରୀ କହିଥିଲେ, ତୁମେ ଯେତେ କାଦୁଅ ଫିଙ୍ଗିବ, ସେତେ ବଡ଼ ପଦ୍ମ ଫୁଟିବ। ଗୃହରେ କେତେଜଣଙ୍କ ଭାଷା ଓ ବ୍ୟବହାର ଦେଶକୁ ଦୁଃଖିତ କରିଛି। ବିରୋଧୀମାନେ ଅର୍ଦ୍ଧସତ୍ୟ କହି ମିଛର ପ୍ରସାର କରାଉଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

## ଦାରିଦ୍ର୍ୟ, ବେରୋଜଗାରୀ ରୋକିବା ସୁଯୋଗ ହରାଇଛି ବଜେଟ: ବିରୋଧୀ

**ନୂଆଦିଲ୍ଲୀ,୯।୨(ପି.ଟି.)**

ଦେଶରୁ ଦାରିଦ୍ର୍ୟ ଓ ବେରୋଜଗାରୀ ହଟାଇବା ଦିଗରେ କେନ୍ଦ୍ର ବଜେଟ ସୁଯୋଗ ହରାଇଛି ବୋଲି ଗୁରୁବାର ବିରୋଧୀ ଅଭିଯୋଗ କରିଛନ୍ତି। ଲୋକ ସଭାରେ ବଜେଟ ଉପରେ ଆଲୋଚନା ବେଳେ ଏହା କୃଷକ, ଚାଷୀ ଏବଂ ଗ୍ରାମାଞ୍ଚଳ ବିରୋଧୀ ବୋଲି ତୃଣମୂଳ କଂଗ୍ରେସ ସଦସ୍ୟ ସୌଗତ ରାୟ କହିଥିଲେ। ଆମେରିକାର ଶର୍ଟ ସେଲର ହିଣ୍ଡେନବର୍ଗ ରିସର୍ଚ୍ଚ ରିପୋର୍ଟ ପରେ ଆଦାନୀ ଗ୍ରୁପ୍‌ର ଷ୍ଟକ୍ ମୂଲ୍ୟ ଯଥେଷ୍ଟ ହ୍ରାସ ପାଇଥିବାରୁ ନିବେଶକ କ୍ଷତିଗ୍ରସ୍ତ ହୋଇଛନ୍ତି। ଏହାର ତଦନ୍ତ ହେବା ଆବଶ୍ୟକ ବୋଲି ତୃଣମୂଳ ନେତା ଦାବି କରିଥିଲେ। ବିରୋଧୀ ଦଳ ନେତାମାନଙ୍କ ବିରୋଧରେ କେନ୍ଦ୍ର ସରକାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ଲଗାଉଛନ୍ତି, କିନ୍ତୁ ନିବେଶକଙ୍କ ହଜାର ହଜାର କୋଟି ଟଙ୍କା କ୍ଷତି ପାଇଁ ଦାୟୀ କର୍ପୋରେଟ୍ ଗ୍ରୁପ୍ ପାଖକୁ ଇଡି ଯାଉନାହିଁ ବୋଲି ସୌଗତ ଅଭିଯୋଗ କରିଥିଲେ। କେନ୍ଦ୍ର ବଜେଟ ଦାରିଦ୍ର୍ୟ ଓ ବେରୋଜଗାରୀ ହଟାଇବାରେ ବିଫଳ ହୋଇଥିବାବେଳେ ଦେଶକୁ ଏକ ନିଯୁକ୍ତିବିହୀନ ଭବିଷ୍ୟତ ଆଡ଼କୁ ନେଇଯାଉଛି ବୋଲି ତୃଣମୂଳ କଂଗ୍ରେସ ନେତା କହିଥିଲେ।

ବଜେଟ ଉପରେ ଆଲୋଚନା ଆରମ୍ଭ କରି ୱାଇଏସ୍ଆର୍‌ସିପି ସଦସ୍ୟ ମାର୍ଗାନି ଭରତରାମ କହିଥିଲେ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ରନ୍ଧନ ଗ୍ୟାସ ମୂଲ୍ୟ ବୃଦ୍ଧିକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି। ଜେଡିୟୁ ନେତା ମହାବଳୀ ସିଂ ବିହାର ପାଇଁ ସ୍ୱତନ୍ତ୍ର ପାହ୍ୟା ଦାବି କରିଥିଲେ।

# ଇସ୍ପାତ ଓ ଖଣି ବିଭାଗରେ ୬୫ ଅଫିସର ଯୋଗଦେଲେ

ଭୁବନେଶ୍ୱର,୯।୨(ବ୍ୟୁରୋ)

ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇ ଦେବାକୁ ରାଜ୍ୟ ସରକାର ୫-ଟି, ମୋ ସରକାର ଭଳି ଅଭିନବ କାର୍ଯ୍ୟକ୍ରମ କରିଛନ୍ତି। ଏସବୁ କେତେଦୂର ଆଶ୍ଚର୍ଯ୍ୟଚକିତ ଓ ଅଭିନବ କୌଶଳ ତାହା ବଡ଼ କଥା ନୁହେଁ। ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରିତା ହେଉଛି ଏହାର ସଫଳ ଉପଯୋଗ । ବିଚାରବନ୍ତ, ସାଧୁତା ଓ ନିଷ୍ଠାପର ଭାବେ ଲୋକମାନଙ୍କ ଉପକାର ପାଇଁ ନିଜକୁ ସମର୍ପିତ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଇସ୍ପାତ ଓ ଖଣି ବିଭାଗର ନବନିଯୁକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଇସ୍ପାତ ଓ ଖଣି ବିଭାଗରେ ୬୫ ଅଫିସରଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି । ଗୁରୁବାର ନବନିଯୁକ୍ତ ଅଧିକାରୀମାନଙ୍କର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଭର୍ଚୁଆଲରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଲୋକମାନଙ୍କ ମଙ୍ଗଳ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରତ୍ୟେକ ପଦକ୍ଷେପ ଉଦ୍ଦିଷ୍ଟ। ଖଣିଜ ପ୍ରଶାସନିକ ସେବା ଏବଂ ଭୂତତ୍ତ୍ୱ ସେବା ନିଜ ନିଜ କ୍ଷେତ୍ରରେ ସ୍ୱତନ୍ତ୍ର। ମୂଲ୍ୟବାନ ଖଣିଜ ସମ୍ପଦର ସଂରକ୍ଷଣ ଓ ପରିଚାଳନା କରିବା ଉଭୟର କାର୍ଯ୍ୟ। ଏଥିପାଇଁ ଉପଯୁକ୍ତ ଜ୍ଞାନ ଓ ଅତ୍ୟାଧୁନିକ ବୈଜ୍ଞାନିକ ଜ୍ଞାନକୌଶଳ ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟ ସରକାର ଖଣିଜ ପରିବହନ ପାଇଁ ଏକ ଉତ୍ତମ ତଦାରଖ ବ୍ୟବସ୍ଥା କରିଛନ୍ତି, ଯାହାକି ଦେଶରେ ଓଡ଼ିଶାକୁ ପ୍ରଶଂସା କରାଯାଉଛି। ଓଡ଼ିଶା ଖଣିଜ ନିୟମରେ ଏକ ନୂତନ ପରିବର୍ତ୍ତନ ଆଣିବାକୁ ବିଚାର କରୁଛି। ରାଜ୍ୟର ଖଣିଜ ସମ୍ପଦରୁ ଅଧିକ ରାଜସ୍ୱ ସଂଗ୍ରହ କରାଯାଉଛି, ଯାହାକି ଲୋକମାନଙ୍କ କଲ୍ୟାଣରେ ବିନିଯୋଗ ହେଉଛି। ଯୁବ ଓ ଦକ୍ଷ ଅଫିସରମାନଙ୍କ କଠିନ ପରିଶ୍ରମ ଯୋଗୁ ତାହା ସମ୍ଭବ ହୋଇପାରିବ। ଏହାର ଫାଇଦା ଜନସାଧାରଣଙ୍କ ନିକଟକୁ ଯିବ । ଆଜିର ଦିନ ଆପଣମାନଙ୍କ ଜୀବନରେ ଏକ ନୂଆ ଅଧ୍ୟାୟର ଶୁଭାରମ୍ଭ କରିବ ବୋଲି ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ଅଫିସରମାନଙ୍କୁ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କହିଛନ୍ତି, ରାଜ୍ୟର ବିକାଶରେ ଖଣିକ୍ଷେତ୍ର ସବୁଠାରୁ ଅଧିକ ରାଜସ୍ୱ ପ୍ରଦାନକରି ଆସୁଛି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ରାଜ୍ୟର ଖଣି କ୍ଷେତ୍ରକୁ ରୂପାନ୍ତରଣ କରିବାରେ ସହାୟକ ହୋଇଛି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି, ଖଣି ମେକ୍ଷତ୍ରର ଦ୍ରୁତ ଅଭିବୃଦ୍ଧିରେ ନବନିଯୁକ୍ତ ଅଧିକାରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ସଂଯୋଜନା କରିଥିବା ବେଳେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡି. କେ. ସିଂ ସ୍ୱାଗତ ଭାଷଣ ଦେଇଥିଲେ। ଖଣି ନିର୍ଦ୍ଦେଶକ ଧନ୍ୟବାଦ ଦେଇଥିଲେ।

**ସମର୍ପିତ ହୋଇ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ**

# ନିୟମାବଳୀ ଯଥାର୍ଥ ଦର୍ଶାଇଲେ ଓପିଏସ୍‌ସି

## ହାଇକୋର୍ଟରେ ଏଏସ୍‌ଓ ପରୀକ୍ଷା ମାମଲା

କଟକ ଅଫିସ,୯।୨

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ଅନୁଷ୍ଠିତ ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସ୍‌ଓ) ପରୀକ୍ଷାର ନିୟମାବଳୀକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଆଗତ ମାମଲାର ଶୁଣାଣି ଗୁରୁବାର ହୋଇଛି। ଓପିଏସ୍‌ପି ଓ ଆଡ଼ଭୋକେଟ ଜେନେରାଲ ଜବାବ ଦାଖଲ କରି ପରୀକ୍ଷା ନିମନ୍ତେ ଥିବା ନିୟମାବଳୀକୁ ଯଥାର୍ଥ ବୋଲି ଦର୍ଶାଇଛନ୍ତି। ବିଚାରପତି ଆଦିତ୍ୟ କୁମାର ମହାପାତ୍ରଙ୍କ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରିଥିଲେ। ଫେବୃୟାରୀ ୧୦ ଅର୍ଥାତ୍ ଶୁକ୍ରବାର ମାମଲାର ପରବର୍ତ୍ତୀ ଶୁଣାଣିବେଳେ ଆବେଦନକାରୀ ପ୍ରତିଜବାବ ଦାଖଲ କରିବେ ବୋଲି ଜଣାପଡିଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ମନୋଜ ମିଶ୍ର ମାମଲା ପରିଚାଳନା କରୁଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ଅଗଷ୍ଟ ୨୭ରେ ଏଏସ୍‌ଓ ପରୀକ୍ଷା ହୋଇଥିଲା। ୭୯୬ ପଦ ପାଇଁ ଦେଢ଼ ଲକ୍ଷ ଆଶାୟୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୧୦୪ ଜଣ କୃତକାର୍ଯ୍ୟ ହୋଇଥିଲେ। ଏଥିରେ ବ୍ୟାପକ ତ୍ରୁଟି ହୋଇଥିବା ଅଭିଯୋଗ କରି ଓପିଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଆଶାୟୀ ପରୀକ୍ଷାର୍ଥୀମାନେ ଧାରଣା ଦେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହାକୁ ନେଇ ନଭେମ୍ବର ୧୨ରେ ହାଇକୋର୍ଟରେ ଏକାଧିକ ମାମଲା ଦାଏର ହୋଇଥିଲା। ନଭେମ୍ବର ୧୪ରେ ମାମଲାର ଶୁଣାଣି ହୋଇ ହାଇକୋର୍ଟ ସମସ୍ତ ପରୀକ୍ଷାର୍ଥୀଙ୍କ ମାର୍କ ୨୦୧୬ ନୀତି ଆଧାରରେ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇ ମାମଲାର ଅନ୍ତ ଘଟାଇଥିଲେ। ପୁଣି ଗତ ନଭେମ୍ବର ୩୦ରେ ହାଇକୋର୍ଟରେ ଆଉ ଏକ ମାମଲା ରୁଜୁ ହୋଇଥିଲା। କେତେଜଣ ପରୀକ୍ଷାର୍ଥୀ ଏନେଇ ସାନି ଆବେଦନ କରି ଚୟନ ପ୍ରକ୍ରିୟାରେ ବିଷୟଭିତ୍ତିକ ସର୍ବନିମ୍ନ ମାର୍କ ବ୍ୟବସ୍ଥା ଉଚ୍ଛେଦ ଓ କେବଳ ମେରିଟ୍ ଲିଷ୍ଟ ପ୍ରକାଶ ପାଇଁ ଆବେଦନରେ ଦର୍ଶାଇଥିଲେ।

# ଦକ୍ଷ ନେତା ଥିଲେ ନବ ଦାସ



ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ୍।

- **ଶ୍ରଦ୍ଧାଞ୍ଜଳି ସଭାରେ ମତଦେଲେ ନେତୃବୃନ୍ଦ**
- **ଯୋଗଦେଲେ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ବିଧାୟକ**
- **ବାପାଙ୍କ ସ୍ୱପ୍ନ ପୂରଣ କରିବି: ଦୀପାଳି**

ବ୍ରଜରାଜନଗର,୯।୨(ଡି.ଏନ.ଏ.)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଜଣେ ଦକ୍ଷ ନେତା ଥିଲେ। କେବଳ ଝାରସୁଗୁଡ଼ା ନୁହେଁ, ପଶ୍ଚିମ ଓଡ଼ିଶା ତଥା ସମଗ୍ର ଓଡ଼ିଶାର ଉନ୍ନତି ପାଇଁ ସେ ଚିନ୍ତା କରୁଥିଲେ। କରୋନା ମହାମାରୀ ସମୟରେ ସ୍ୱାସ୍ଥ୍ୟମନ୍ତ୍ରୀ ହିସାବରେ ତାଙ୍କର ଭୂମିକା ସବୁଦିନେ ମନେରହିବ। ତାଙ୍କର ଏକ ବିରାଟ ସମ୍ଭାବନାମୟ ଭବିଷ୍ୟତ ଥିଲା। ଏପରି ସମୟରେ ତାଙ୍କ ଅକାଳ ବିୟୋଗ ସମସ୍ତଙ୍କୁ ମ୍ରିୟମାଣ କରିଛି। ଝାରସୁଗୁଡା ଜିଲା ସରବାହାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପଡିଆରେ ଗୁରୁବାର ଅନୁଷ୍ଠିତ ନବ ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା ବିଭିନ୍ନ ଦଳୀୟ ନେତୃବୃନ୍ଦ ଏହି ମତ ରଖିଛନ୍ତି। ଏହି ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ କୌଣସି ବକ୍ତବ୍ୟ ରଖି ନ ଥିଲେ ହେଁ ମଞ୍ଚରେ ଉପସ୍ଥିତ ଦିବଂଗତ ନେତା ଦାସଙ୍କ ସ୍ତ୍ରୀ, ଝିଅପୁଅ, ମା'ବାପାଙ୍କୁ ସାନ୍ତ୍ୱନା ଦେଇଥିଲେ।

ଦ୍ୱାଦଶାହ ପାଇଁ ସକାଳୁ ସରବାହାଲ ହାଇସ୍କୁଲ ପରିସର ଚଳଚଞ୍ଚଳ ହୋଇଉଠିଥିଲା। ଜିଲା ତଥା ଜିଲା ବାହାରୁ ବହୁ ସଂଖ୍ୟାରେ ଜନସାଧାରଣ ସମବେତ ହେବାରେ ଲାଗିଥିଲେ। ମଧ୍ୟାହ୍ନ ସାଢେ ୧୨ଟା ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହ ୫-ଟି ସଚିବ ଭି.କେ. ପାଣ୍ଡିଆନ, ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସଭାସ୍ଥଳରେ ପହଞ୍ଚିଥିଲେ। ନବ ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ତାଙ୍କ ପରିବାରବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇଥିଲେ। ନବଙ୍କ ଝିଅ ଦୀପାଳି ଦାସ, ପୁଅ ବିଶାଳ ଦାସ, ସ୍ତ୍ରୀ ମିନତୀ ଦାସଙ୍କୁ ଆଶୀର୍ବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶା ସହିତ ରାଜ୍ୟର ବହୁ ମନ୍ତ୍ରୀ, ସାଂସଦ ଓ ବିଧାୟକ ଯୋଗଦେଇ ନବ ଦାସଙ୍କ ସ୍ମୃତିଚାରଣ କରିବା ସହିତ ତାଙ୍କ କର୍ମମୟ ଜୀବନୀ ଉପରେ ଆଲୋକପାତ କରିଥିଲେ। ନବ ଦାସଙ୍କ ଝିଅ ଦୀପାଳି ଦାସ ଆଗାମୀ ଦିନରେ ବାପା ଯେଉଁ ବିଶାଳ ପରିବାର ଛାଡି ଦେଇଛନ୍ତି ତାଙ୍କ ସୁଖଦୁଃଖରେ ଛିଡା ହେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାସହ ଝାରସୁଗୁଡାର ବିକାଶ ପାଇଁ ବାପା ଯେଉଁ ସ୍ୱପ୍ନ ଦେଖିଥିଲେ ତାହାକୁ ସେ ପୂରଣ କରିବେ ବୋଲି କହିଥିଲେ। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କଲେଜ କ୍ୟାରିଅରରେ ଗଙ୍ଗାଧର ମେହେର କଲେଜରେ ନବଙ୍କ ସହିତ କାଟିଥିବା ମୁହୂର୍ତ୍ତ ଉପରେ ଆଲୋଚନା କରିଥିଲେ।

ସଭାରେ ଓଡ଼ିଶା ସରକାରଙ୍କ ମନ୍ତ୍ରିମଣ୍ଡଳର ମନ୍ତ୍ରୀମାନଙ୍କ ମଧ୍ୟରେ ମିଶନଶକ୍ତି ବିଭାଗ ମନ୍ତ୍ରୀ ଟୁକୁନି ସାହୁ, ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ, ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତ, ଶକ୍ତି ମନ୍ତ୍ରୀ ପ୍ରତାପ ଦେବ, ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶୋକ ପଣ୍ଡା, ଗ୍ରାମ୍ୟ ଉନ୍ନୟନ ଓ ଦକ୍ଷତାବିକାଶ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ରାଜସ୍ୱ ବିପର୍ଯ୍ୟୟ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ, ପୁଷ୍ପେନ୍ଦୁ ସିଂଦେଓ, ଦିବ୍ୟଶଙ୍କର ମିଶ୍ର, ପ୍ରତାପ ଜେନା, ସ୍ନେହାଙ୍ଗିନୀ ଛୁରିଆ, ସାରଦା ନାୟକ, ମଙ୍ଗଳା କିଷାନଙ୍କ ସମେତ ବହୁ ବିଧାୟକ ଯୋଗଦେଇଥିଲେ। କଟକ ମେୟର ସୁବାସ ସିଂହ ଓ ଜିଲା ପର୍ଯ୍ୟବେକ୍ଷକ ସାରଦା ନାୟକ ୫ଦିନ ଧରି ଝାରସୁଗୁଡାରେ ରହି ସମସ୍ତ କାର୍ଯ୍ୟର ତଦାରଖ କରୁଥିଲେ। ପ୍ରାୟ ୨୫ହଜାରରୁ ଊର୍ଦ୍ଧ୍ୱ ନବଙ୍କୁ ଭଲ ପାଉଥିବା ବ୍ୟକ୍ତି ତାଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସଭାସ୍ଥଳ ବାହାରେ ବାଲୁକାରେ ନବଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ପ୍ରତିମୂର୍ତ୍ତି ତିଆରି କରାଯାଇଥିଲା। ଏହି ଅବସରରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନକୁ ନେଇ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ପରିଶେଷରେ ବରିଷ୍ଠ ନେତା ସନ୍ଦୀପ ଅଗସ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ୬ କେଜି ସୁନା, ୪.୩୨ ଲକ୍ଷ ଟଙ୍କା ଜବତ



ଅଭିଯୁକ୍ତଙ୍କ ସମ୍ପର୍କରେ ଡିଆଇଜି ବ୍ରିଜେଶ ରାୟ,ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ସୂଚନା ଦେଉଛନ୍ତି।

## ମହାବିରୋଡ ଗ୍ରାମ୍ୟ ବ୍ୟାଙ୍କ ଡକାୟତି ମାମଲା

- **୩ ବଡ଼ଧରଣର ଲୁଟ୍ ମାମଲାରେ ୯ ଗିରଫ**

ଢେଙ୍କାନାଳ ଅଫିସ, ୯।୨

ମହାବିରୋଡ଼ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଡକାୟତି ଘଟଣାର ରହସ୍ୟ ଉନ୍ମୋଚନ କରିଛି ଢେଙ୍କାନାଳ ପୋଲିସ। ଉକ୍ତ ବ୍ୟାଙ୍କ ଲୁଟ୍ ସମେତ ଅନ୍ୟ ୨ ବଡ଼ଧରଣର ଡକାୟତି ମାମଲାରେ ୯ ଆନ୍ତଃରାଜ୍ୟ ପେସାଦାର ଅପରାଧୀ ବନ୍ଧା ହୋଇଛନ୍ତି। ସେମାନେ ହେଲେ ଅନୁଗୋଳ ଜିଲା ବିକ୍ରମପୁର ଥାନା ମୁଣ୍ଡାବଜାର ଅଞ୍ଚଳର ସଦ୍ଦାମ ଖାନ୍ ଓରଫ ବିଲୁ (୨୯), ବଅଁରପାଳ ଥାନା ଝଜିରବାହାଳ ଗ୍ରାମର ନୀଳାଦ୍ରି ପ୍ରଧାନ ଓରଫ ନୀଳ (୪୦), ଠାକୁରଗଡ ଥାନାର ଗୁଣ୍ଡୁରୀ ଗ୍ରାମର ରଣଜିତ ନାୟକ ଓରଫ କାଳିଆ (୨୫), ବଅଁରପାଳ ଥାନା ସୁକୁଆସାହି ଅଞ୍ଚଳର ଦୀନେଶ ନାୟକ ଓରଫ ଗୁଣ୍ଡୁ (୨୬), ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ବିଜତଲା ଗ୍ରାମର ରମି ଗୁଡୁ ଓରଫ୍ ମୁଣ୍ଡା (୨୭), ବଅଁରପାଳ ଥାନା କଲେଜସାହି ଅଞ୍ଚଳର ବଳଭଦ୍ର ନାୟକ ଓରଫ ବଳିଆ (୧୯), ବୃନ୍ଦାବନପୁର ଗ୍ରାମର ବସନ୍ତ ଭୋଇ (୩୮), ଝରଣା ଭୋଇ (୩୨) ଏବଂ ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ମଝିକା ଗ୍ରାମର ଜିତେନ୍ଦ୍ର ପ୍ରଧାନ ଓରଫ ଜିତୁ (୨୬)। ଅଭିଯୁକ୍ତ ରମି ଅନୁଗୋଳ ଜିଲା ବିକ୍ରମପୁର ଥାନା ମୁଣ୍ଡାବଜାର ବାରିପଦାସାହିରେ ରହି ଆପରାଧିକ କାର୍ଯ୍ୟରେ ଲିପ୍ତ ଥିଲେ। ସେମାନଙ୍କ ନିକଟରୁ ୬ କେଜି ୧୨୦ ଗ୍ରାମ ସୁନା, ୪ ଲକ୍ଷ ୩୨ ହଜାର ନଗଦ ଟଙ୍କା, ୪ଟି ବାଇକ, ବୋଲେରୋ, ୩ଟି ଦେଶୀ ପିସ୍ତଲ, ୬ଟି ସିଙ୍ଗିଲ ଜୀବନ୍ତ ଗୁଳି, ୭.୬୫ ଏମ୍‌ଏମ୍‌ର ୫ଟି ଜୀବନ୍ତ ଗୁଳି, ୩ଟି କଟୁରି, ଭୁଜାଲି, ୨ଟି ପହଞ୍ଚ ମେଶିନ ଏବଂ ୨୬ଟି ମୋବାଇଲ ଫୋନ ଜବତ କରାଯାଇଛି। ଜିଲା ପୋଲିସ କାର୍ଯ୍ୟାଳୟରେ ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସବିଶେଷ ସୂଚନା ଦେଇଛନ୍ତି ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ବ୍ରିଜେଶ ରାୟ।

ସୂଚନାଯୋଗ୍ୟ, ଗତ ଫେବୃୟାରୀ ୩ ତାରିଖରେ ଅପରାହ୍ନରେ ମହାବିରୋଡସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରୁ ଡକାୟତି ହୋଇଥିଲା। ଅଭିଯୁକ୍ତମାନେ ଫାଙ୍କା ଗୁଳି ଚଳାଇ କର୍ମଚାରୀଙ୍କୁ ଭୟଭୀତ କରାଇ ଗ୍ରାହକମାନେ ବନ୍ଧକ ରଖିଥିବା ପ୍ରାୟ ୯ କେଜି ସୁନାଗହଣା ଏବଂ ୬ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିଲେ। ଏ ସଂକ୍ରାନ୍ତରେ ନଂ. ୧୫/୨୩ରେ ମାମଲା ରୁଜୁ କରାଯାଇଥିଲା। ଏଥିପୂର୍ବରୁ ପରଜଙ୍ଗ ଥାନା ଅଞ୍ଚଳରେ ଗତ ଜାନୁୟାରୀ ୯ ରେ ଜଣେ ଗ୍ରୋସେରି ବ୍ୟବସାୟୀଙ୍କଠାରୁ ଲୁଟେରାମାନେ ୧୫ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଏ ସଂକ୍ରାନ୍ତରେ ନଂ. ୧୧/୨୩ରେ ଏକ ମାମଲା ରୁଜୁ ହୋଇଥିଲା। ଅନୁରୂପ ଭାବେ ୨୦୨୨ ଅକ୍ଟୋବର ୭ରେ ପରଜଙ୍ଗ ଥାନା ଅଞ୍ଚଳର ଅନ୍ୟଜଣେ ବ୍ୟବସାୟୀଙ୍କ ଘରୁ ବହୁ ଲକ୍ଷ ଟଙ୍କାର ସୁନାଗହଣା ଏବଂ ଟଙ୍କା ଲୁଟ୍ ହୋଇଥିଲା। ଏ ନେଇ ନଂ. ୪୪୯/୨୨ରେ ଏକ ମାମଲା ରୁଜୁ ହୋଇଥିଲା। ଖବରଦାତା ସମ୍ମିଳନୀରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଗତ ଜାନୁୟାରୀ ୯ରେ ମହାବିରୋଡ ଫାଣ୍ଡିକୁ ଥାନା ମାନ୍ୟତା ମିଳିଥିବାବେଳେ ସେହିଦିନ ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ଦାୟିତ୍ୱ ଗ୍ରହଣ କରିଥିଲେ। ଏହାପରେ ବ୍ୟବସାୟୀ ଏବଂ ବ୍ୟାଙ୍କ ଲୁଟ୍ ଘଟଣା ଘଟିଥିଲା। ତେଣୁ ଅଭିଯୁକ୍ତଙ୍କୁ ଧରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ପାଲଟିଥିଲା। ଏହି ଘଟଣାରେ ଅନ୍ୟ କେତେଜଣଙ୍କ ସମ୍ପୃକ୍ତି ଅଛି। ଲୁଟ୍ ହୋଇଥିବା ସମସ୍ତ ସୁନାଗହଣା ଉଦ୍ଧାର କରାଯାଇନାହିଁ। ଘଟଣାର ତଦନ୍ତ ଚାଲିଚି। ଅଧିକ ତନାଘନା ପାଇଁ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନିଆଯିବ। ପରବର୍ତ୍ତୀ ସମୟରେ ଏ ବିଷୟରେ ସମ୍ପୂର୍ଣ୍ଣ ସୂଚନା ଦିଆଯିବ ବୋଲି ଡିଆଇଜି କହିଛନ୍ତି।

### ୫୦ ପୋଲିସ ଅଧିକାରୀ, ୫ ଟିମ୍

ମହାବିରୋଡ ଗ୍ରାମ୍ୟ ବ୍ୟାଙ୍କ ଏବଂ ପରଜଙ୍ଗ ଥାନା ଅଞ୍ଚଳର ୨ ବ୍ୟବସାୟୀଙ୍କଠାରୁ ହୋଇଥିବା ବଡ଼ ଧରଣର ଡକାୟତି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ପାଲଟିଥିଲା। ସେମାନଙ୍କୁ ଧରିବା ଲାଗି ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାମାକ୍ଷାନଗର ଏସ୍‌ଡିପିଓ ରଞ୍ଜନ କୁମାର ଦେଙ୍କ ନେତୃତ୍ୱରେ ପରଜଙ୍ଗ, ମହାବିରୋଡ, ଭୁବନ, ତୁମୁସିଙ୍ଗା, କାମାକ୍ଷାନଗର, ମୋଟଙ୍ଗା, ସଦର, କଣ୍ଟାବଣିଆ, ଅନୁଗୋଳ ଜିଲାର ବିକ୍ରମପୁର, ବଅଁରପାଳ ଥାନାର ୫୦ ଜଣ ଅଧିକାରୀ ଦିନରାତି ଏକ୍ କରିଦେଇଥିଲେ। ପୋଲିସ ଅଧିକାରୀ ଏବଂ କର୍ମଚାରୀଙ୍କୁ ନେଇ ଗଠିତ ୫ଦଳ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଥିଲେ। ଅତିରିକ୍ତ ଏସ୍‌ପି ପୁରୁଷୋତ୍ତମ ସେଠୀ, ଭବାନୀ ଶଙ୍କର ଉଦ୍‌ଗାତା, ସଦର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ ଏଥିରେ ଆବଶ୍ୟକ ସହାୟତା କରିଥିଲେ।

### ସମୀକ୍ଷା କରାଯିବ ବ୍ୟାଙ୍କ ସୁରକ୍ଷା

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରୁ ଡକାୟତି ଘଟଣା ବଢ଼ିବାରେ ଲାଗିଛି। ଗ୍ରାମାଞ୍ଚଳର ଗରିବ ଲୋକେ ନିଜର କଷ୍ଟର୍ଜିତ ଟଙ୍କା ଏବଂ ଗହଣା ଏଠାରେ ବନ୍ଧକ ରଖୁଥିବାବେଳେ ଲୁଟେରାମାନେ ଏଭଳି ଅର୍ଥନୈତିକ ଅନୁଷ୍ଠାନଗୁଡ଼ିକୁ ଟାର୍ଗେଟ କରୁଛନ୍ତି। ଏ ସଂକ୍ରାନ୍ତରେ ଡିଆଇଜିଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଲେ, ବ୍ୟାଙ୍କ ଶାଖାରେ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ପୋଲିସ ପକ୍ଷରୁ ସମୀକ୍ଷା କରାଯିବ। ଏ ନେଇ ବିଭିନ୍ନ ବ୍ୟାଙ୍କ ଓ ବେସରକାରୀ ଅର୍ଥ ଲଗାଣକାରୀ ସଂସ୍ଥା କର୍ତ୍ତୃପକ୍ଷଙ୍କୁ ଡାକି ସୁରକ୍ଷା କଡ଼ାକଡ଼ି କରିବା ଲାଗି ସଚେତନ କରାଯିବ ବୋଲି ଡିଆଇଜି କହିଛନ୍ତି।

DSPL-442
15th kalinga herbal fair 2023
SMPB
STATE MEDICINAL PLANTS BOARD, ODISHA
(Forest, Environment & Climate Change Department, Govt. of Odisha)
Solicit your gracious presence
in the inauguration of
ପଞ୍ଚଦଶ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା ୨୦୨୩
15th STATE LEVEL KALINGA HERBAL FAIR, 2023
On 10th February, 2023 at 6.00 PM
By
Shri Debidutta Biswal, IFS
PCCF & HoFF, Odisha
In the August presence of
Shri Susanta Nanda, IFS
PCCF (Nodal)
&
Dr. Kunja Bihari Satapathy
Emeritus Professor, Centurion University, Bhubaneswar
VENUE
IDCO EXHIBITION GROUND
UNIT-III, BHUBANESWAR
Shri Sudeep Nayak, IFS
Chief Executive
(Herbal Fair will continue from 10th to 16th February, 2023, 10 AM to 9 PM)
OIPR-08117/13/0005/2223

NATIONAL HEALTH MISSION
ଜାତୀୟ କୃମି ନାଶକ ଦିବସ, ୧୦ ଫେବୃଆରୀ ୨୦୨୩
DSPL-443
କୃମି ସଂକ୍ରମିତ ହୋଇନଥିବା ପିଲାମାନେ ଅଧିକ ସ୍ୱାସ୍ଥ୍ୟବାନ୍ ହୁଅନ୍ତି ।
ଜାଣନ୍ତିକି, ପିଲାଙ୍କ ଦେହରେ କୃମି କେଉଁ ପ୍ରଭାବ ପକାଏ ?
• ପୁଷ୍ଟିହୀନତା ଓ ରକ୍ତହୀନତା ଯୋଗୁଁ ଦୁର୍ବଳ ଅନୁଭବ କରନ୍ତି ।
• ସେମାନଙ୍କର ମାନସିକ ଓ ଶାରୀରିକ ଅଭିବୃଦ୍ଧି ବାଧାପାଏ ।
କୃମି ନିୟନ୍ତ୍ରଣର ଉପାୟ ଅତି ସହଜ
ସମସ୍ତ ୧-୯ ବର୍ଷର ପିଲାମାନେ ବିଦ୍ୟାଳୟ ଏବଂ ଅଙ୍ଗନୱାଡ଼ି ମାଧ୍ୟମରେ କୃମି ନାଶକ ସିରପ୍ / ବଟିକା ଚୋବାଇ ଖାଆନ୍ତୁ । ଅଣ ପଞ୍ଜିକୃତ ଏବଂ ବିଦ୍ୟାଳୟ ଯାଉନଥିବା ପିଲାମାନେ ଅଙ୍ଗନୱାଡ଼ିରେ ଔଷଧ ଖାଇପାରିବେ ।
ଯେଉଁ ପିଲାମାନେ ଜାତୀୟ କୃମିନାଶକ ଦିବସରେ ଔଷଧ ଖାଇନଥିବେ ସେମାନଙ୍କୁ ୧୭ ଫେବୃଆରୀ ୨୦୨୩ ଦିନ ଔଷଧ ଦିଆଯିବ ।
OIPR-10003/13/0141/2223

ଆଜିର ମନ୍ତବ୍ୟ
"ଭାଜପାକୁ ଯେତେ କାଦୁଅ ଫିଙ୍ଗିବ,
ସେତେ ବଡ଼ ପଦ୍ମ ଫୁଟିବ।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅରଜେ ଜଣେ, ଖାଆନ୍ତି ପଣେ,**
**ତା' ଘରଟି ବୁଡ଼ଇ ଦିନେ ।**

ଆଜିର ମହଙ୍ଗା ଯୁଗରେ ଜଣଙ୍କ ଉପାର୍ଜନରେ ଘର ଚଳାଇବା ଯେ କେତେ କଷ୍ଟକର ତାହା କେବଳ ଅନୁଭବୀ ହିଁ ଜାଣିଥାଏ। ଏପରିସ୍ଥଳେ ବହୁ କୁଟୁମ୍ବୀ ଘରେ ଜଣକ ଉପାର୍ଜନରେ ଅନ୍ୟମାନେ ପୋଷିହେଲେ ସେ ଘରେ ଆର୍ଥିକ ସମସ୍ୟା ଲାଗି ରହିବା ସହ ଘରର ଉନ୍ନତି ହୋଇପାରି ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଅଲାଜୁକ ଘର ମଞ୍ଜାରି,**
**ପୋକ ଖାଇଗଲେ ଝିଞ୍ଚାରି ।**

ଯିଏ ଅଲାଜୁକ ତା'ର କୌଣସି ଲାଜ ସରମ ନ ଥାଏ। ପ୍ରତ୍ୟେକ କଥାକୁ ସେମାନେ ଫୁତ୍କାରରେ ଉଡ଼ାଇ ଦେଇଥାନ୍ତି। ଏପରିକି ଯିଏ ଯେତେ କହିଲେ ମଧ୍ୟ ତା'ର ପ୍ରଭାବ ତାଙ୍କ ଉପରେ ପଡ଼ିପାରି ନ ଥାଏ। ସମାଜରେ ଏହି ଧରଣର ବ୍ୟକ୍ତି ନିନ୍ଦା, ଅପବାଦ ପାଉଥିବା ଅର୍ଥରେ ଏଭଳି କଟୂକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## କାମୁଡ଼ିବା ପରେ ସାପକୁ ଧରି ମେଡିକାଲରେ ଯୁବକ

**କେନ୍ଦୁଝର,୯।୨(ସ୍ୱ.ପ୍ର.):** କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ରାଙ୍କି ଗ୍ରାମର ଜଣେ ଯୁବକଙ୍କୁ ନାଗସାପ କାମୁଡ଼ିବା ପରେ ସେ ସାପକୁ ଧରି ମେଡିକାଲରେ ପହଞ୍ଚିବା ଚର୍ଚ୍ଚାର ବିଷୟ ହୋଇଛି। ରାଙ୍କି ଗ୍ରାମର ଗୁରା ମୁଣ୍ଡା ଗୁରୁବାର ସନ୍ଧ୍ୟାରେ କୁକୁଡ଼ା ଘରକୁ ଯାଇଥିବା ବେଳେ ଏକ ନାଗସାପ ତାଙ୍କୁ କାମୁଡ଼ି ଦେଇଥିଲା। ଗ୍ରାମବାସୀଙ୍କ ସହାୟତାରେ ସେ ସାପଟିକୁ ଧରି ଏକ ଅଖାରେ ପୂରାଇ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ଆସିଥିଲେ। ଏହାକୁ ଦେଖି ମେଡିକାଲ ପରିସରରେ ଲୋକମାନେ ଭୟଭୀତ ହୋଇପଡ଼ିଥିଲେ। ସଦର ରେଞ୍ଜର କର୍ମଚାରୀ ପହଞ୍ଚି ସାପଟିକୁ ନେଇ ସିଦ୍ଧମଠ ଡିପିଏଫ୍ ଜଙ୍ଗଲରେ ଛାଡ଼ିଥିଲେ। ଚିକିତ୍ସା ପରେ ଗୁରାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ମେଡିକାଲ ସୂତ୍ରରୁ ଜଣାପଡ଼ିଛି।

ପ୍ରଥମ ପୃଷ୍ଠାରୁ...

## ଜିଦ୍‌ରେ ଆନ୍ଧ୍ର,...

କୋଟିଆ ପଞ୍ଚାୟତର ସୀମାନ୍ତ ଗ୍ରାମରେ ଯାହା ବି ଉନ୍ନତି ହୋଇପାରିଛି, ତାହା ଆନ୍ଧ୍ର ସରକାରଙ୍କ ଯୋଗୁ ସମ୍ଭବ ହୋଇପାରିଛି। ଏବେ ସରକାର ସୀମାନ୍ତବାସୀଙ୍କ ପାଇଁ ଘରେ ଘରେ ପହଞ୍ଚିବା (କାପୁଡୁ କାପୁଡୁ) ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନା ଆନୁକୂଲ୍ୟରେ କ'ଣ ସବୁ କାର୍ଯ୍ୟକ୍ରମ ରହିଛି ତାହାର ତାଲିକା ସେ ଗ୍ରାମବାସୀଙ୍କୁ ପଢ଼ି ଶୁଣାଇଥିଲେ। ଉପ ମୁଖ୍ୟମନ୍ତ୍ରୀଙ୍କ ସହ ପୋଲିସ ସିଆଇ ରୋହିନି ପାଥି, ସାଲୁର ବ୍ଲକ କର୍ମଚାରୀ ଏବଂ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଉପସ୍ଥିତ ଥିଲେ। ତେବେ ଏହି ସମୟରେ ପଟ୍ଟାଙ୍ଗି ବିଡିଓ ସୌମ୍ୟ ସାର୍ଥକ ମିଶ୍ରଙ୍କ ସମେତ ଅନ୍ୟ କର୍ମଚାରୀ କୋଟିଆ ପଞ୍ଚାୟତ କାର୍ଯ୍ୟାଳୟରେ ଉପସ୍ଥିତ ଥିଲେ ମଧ୍ୟ ଆନ୍ଧ୍ର ସରକାରଙ୍କ ଦ୍ୱିତୀୟ କ୍ଷମତାକେନ୍ଦ୍ର କୁହାଯାଉଥିବା ଉପମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ବିରୋଧ ନ କରିବା ଆଲୋଚନାର ବିଷୟ ହୋଇଛି। ଏଥିରୁ ଓଡ଼ିଶାର ସୀମାନ୍ତ ଗ୍ରାମଗୁଡ଼ିକ ପ୍ରତି ପ୍ରଶାସନ କେତେ ସଜାଗ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏ ସଂକ୍ରାନ୍ତରେ ବିଡିଓ ମିଶ୍ର କୁହନ୍ତି, ଘଟଣା ସମ୍ପର୍କରେ ସେ ସୂଚନା ପାଇଛନ୍ତି। ଜିଲା ପ୍ରଶାସନକୁ ଏ ବିଷୟରେ ଅବଗତ କରାଇବେ। ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ କୁହନ୍ତି, ରାଜ୍ୟ ସରକାର ଆନ୍ଧ୍ର ସୀମାନ୍ତବର୍ତ୍ତୀ ଗ୍ରାମଗୁଡ଼ିକ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ଉଚିତ। ଏଥିସହ ଅନୁପ୍ରବେଶ ରୋକିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ବ୍ଲକ କର୍ତ୍ତୃପକ୍ଷଙ୍କୁ ତାଗିଦ୍ କରିବା ଆବଶ୍ୟକ। ଏହାହେଲେ ଆନ୍ଧ୍ର ଅନୁପ୍ରବେଶକୁ ଅନେକାଂଶରେ ରୋକାଯାଇପାରିବ।

ସେହିପରି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି ଯେ, ଅନୁପ୍ରବେଶ ଉପରେ ରାଜ୍ୟ ସରକାର ଦୃଢ଼ ପଦକ୍ଷେପ ନେବା ଦରକାର। ସରକାର ଏହା କରୁ ନ ଥିବାରୁ ଅନ୍ୟ ରାଜ୍ୟର ନେତା, କର୍ମୀ ଓ ପ୍ରଶାସନର କର୍ମଚାରୀ ଆମ ରାଜ୍ୟରେ ଅନୁପ୍ରବେଶ କରୁଛନ୍ତି। ଏହାର ସ୍ଥାୟୀ ସମାଧାନ ଲାଗି ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ବସି ଆଲୋଚନା କରିବା ଦରକାର।

## ବ୍ଲୁ ଟିକ୍ ପାଇଁ...

ବିଶେଷ ସୁବିଧା ପାଇବେ। ଏହାର ସୁବିଧା ପାଇବାକୁ ଅତି କମ୍‌ରେ ୯୦ଦିନ ଉକ୍ତ ପ୍ଲାଟ୍‌ଫର୍ମରେ ରହିବାକୁ ପଡ଼ିବ। ବିଶେଷକରି ଥରେ ଜଣେ ୟୁଜର ଟୁଇଟର ବ୍ଲୁକୁ ସବ୍‌ସ୍କ୍ରାଇବ କଲେ ପରବର୍ତ୍ତୀ ସମୟରେ ପ୍ରୋଫାଇଲ୍ ଫଟୋ, ପ୍ରଦର୍ଶନ ନାମ କିମ୍ବା ଚାଳକ ନାମ ପରିବର୍ତ୍ତନ ହେଲେ ଖାତା ବୈଧ ନ ହେବା ପର୍ଯ୍ୟନ୍ତ ବ୍ଲୁ ଟିକ୍ ମାର୍କ ହରାଇବ ନାହିଁ। ଏହି ସମୀକ୍ଷା ଅବଧିରେ ଆଉ କୌଣସି ପରିବର୍ତ୍ତନ ଅନୁମତି ଦିଆଯିବ ନାହିଁ। ଏପରିକି ଏହାର ଉପଭୋକ୍ତାମାନଙ୍କୁ ଟୁଇଟର ବ୍ଲୁ ସବ୍‌ସ୍କ୍ରିପ୍‌ସନ୍ ବାତିଲ କରିବାକୁ ମଧ୍ୟ ଅନୁମତି ଦିଆଯିବ। ସୂଚନାଯୋଗ୍ୟ, ୨୦୨୨ ଡିସେମ୍ବରରେ ଟୁଇଟର ଏହାର ବ୍ଲୁ ଟିକ୍ ସବ୍‌ସ୍କ୍ରିପ୍‌ସନ୍ ମଡେଲ ଲଞ୍ଚ କରିଥିଲା। ଆଣ୍ଡ୍ରଏଡ୍ ବ୍ୟବହାରକାରୀଙ୍କ ପାଇଁ ମାସିକ ୮ ଡଲାର ଏବଂ ଆଇଫୋନ୍ ବ୍ୟବହାରକାରୀଙ୍କ ପାଇଁ ମାସିକ ୧୧ଡଲାର ରଖାଯାଇଥିଲା। ପରବର୍ତ୍ତୀ ସମୟରେ ୟୁଜରମାନେ ଅସନ୍ତୋଷ ପ୍ରକାଶ କରିଥିଲେ।

## ଆଜି ଆସୁଛନ୍ତି...

୧୧ ତାରିଖ ସକାଳ ୯ଟା ୫ରେ ସେ ଲିଙ୍ଗରାଜ ମହାପ୍ରଭୁଙ୍କ ଦର୍ଶନ ସାରି ପୂର୍ବାହ୍ନରେ କଟକ ବିଦ୍ୟାଧରପୁରସ୍ଥିତ ଭାରତୀୟ କୃଷି ଗବେଷଣା ପରିଷଦ ଅଧୀନ କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନରେ ଆୟୋଜିତ ୨ୟ ଜାତୀୟ ଧାନ କଂଗ୍ରେସର ସମ୍ମିଳନୀକୁ ଉଦ୍‌ଘାଟନ କରିବେ। ଏହାପରେ ରାଷ୍ଟ୍ରପତି ଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି 'ବ୍ଲୁ ବୁକ୍' ନିୟମ ଅନୁଯାୟୀ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ମଧ୍ୟାହ୍ନରେ କମିଶନରେଟ ପୋଲିସ ପକ୍ଷରୁ କାର୍‌କେଡ ରିହର୍ସାଲ କରାଯାଇଥିଲା। କାର୍‌କେଡ ପ୍ରଥମେ ଭୁବନେଶ୍ୱର ବିମାନ ବନ୍ଦରରୁ ବାହାରି ଉତ୍କଳ ମଣ୍ଡପ ଯାଇଥିଲା। ପରେ ସେଠାରୁ ରମାଦେବୀ ବିଶ୍ୱବିଦ୍ୟାଳୟ ଏବଂ ପରେ ଲିଙ୍ଗରାଜ ମନ୍ଦିର ଯାଇ ରାଜଭବନ ଫେରିଥିଲା। କାର୍‌କେଡ୍‌ରେ ୩୦ କାର୍ ରହିବାକୁ ଥିବାବେଳେ ଦାୟିତ୍ୱରେ ଜଣେ ଏସ୍‌ପି ର୍‍ୟାଙ୍କ୍‌ର ଅଧିକାରୀ ରହିବେ। ତେବେ ବିମାନ ବନ୍ଦରରୁ ଆରମ୍ଭ କରି ରାଜଭବନ ଏବଂ ରାଷ୍ଟ୍ରପତି ଯୋଗ ଦେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମସ୍ଥଳୀ ପର୍ଯ୍ୟନ୍ତ ରାସ୍ତାରେ ଟ୍ରାଫିକ ଓ ସୁରକ୍ଷା ବ୍ୟବସ୍ଥା ପାଇଁ ମୋଟ ୪୦ ପ୍ଲାଟୁନ ପୋଲିସ ଦାୟିତ୍ୱରେ ରହିବେ। ୧୪ ଏଡିସିପି ର୍‍ୟାଙ୍କ୍ ଅଫିସର, ୩୫ ଏସିପି ର୍‍ୟାଙ୍କ୍ ଅଫିସର, ୪୭ ଇନ୍‌ସପେକ୍ଟର, ୧୮୮ ସବ୍‌ଇନ୍‌ସପେକ୍ଟର ଓ ୫୦ ହୋମ୍‌ଗାର୍ଡ ନିୟୋଜିତ ହେବେ। ତେବେ ରାଷ୍ଟ୍ରପତି ପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ ବେଳେ ଲିଙ୍ଗରାଜ ମନ୍ଦିରରେ ଅଧଘଣ୍ଟା ପାଇଁ ସାଧାରଣ ଦର୍ଶନ ବନ୍ଦ ରହିବ। ଏଥିସହ ରାଜଭବନରେ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା କରାଯିବା ସହ ରେଳ ଷ୍ଟେଶନ, ବସ୍‌ଷ୍ଟାଣ୍ଡ, ହୋଟେଲ ଆଦିକୁ ହାଇ ଆଲର୍ଟରେ ରଖାଯାଇଛି। ଅନ୍ୟପକ୍ଷରେ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ରିଜର୍ଭ ପୋଲିସ ଗ୍ରାଉଣ୍ଡ୍‌ରେ ବୈଠକ କରି ସୁରକ୍ଷାରେ ନିୟୋଜିତ ହେବାକୁ ଥିବା ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ସହ ଆଲୋଚନା କରି ସୁରକ୍ଷା ବ୍ୟବସ୍ଥାର ଚୂଡ଼ାନ୍ତ ପ୍ରସ୍ତୁତି ସାରିଛନ୍ତି।

ସେପଟେ ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ବିସ୍ତୃତ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ରାଷ୍ଟ୍ରପତି ଯୋଗଦେବାକୁ ଥିବା ଉତ୍କଳମଣ୍ଡପ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଏବଂ ଧାନ ଗବେଷଣା କେନ୍ଦ୍ରଠାରେ ଆୟୋଜିତ କାର୍ଯ୍ୟକ୍ରମଗୁଡ଼ିକର ସିଧା ପ୍ରସାରଣ ନିମନ୍ତେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ବିଭିନ୍ନ ଗଣମାଧ୍ୟମକୁ କମନ ଫିଡ୍ ବ୍ୟବସ୍ଥା କରାଯାଇଛି। ରାଷ୍ଟ୍ରପତିଙ୍କ ଲିଙ୍ଗରାଜ ମନ୍ଦିର ଦର୍ଶନର ଫଟୋ ଓ ଭିଡିଓ କଭରେଜ ସମେତ ଅନ୍ୟ କାର୍ଯ୍ୟକ୍ରମଗୁଡ଼ିକର ଫଟୋ ଓ ଭିଡିଓ ଉତ୍ତୋଳନର ବ୍ୟବସ୍ଥା ମଧ୍ୟ କରାଯାଇଛି।

## ୧୦ ରାଜନୈତିକ ଦଳର ଗଣଧାରଣା
# ଧାନ କିଣାବିକାରେ ଦୁର୍ନୀତି ଅଭିଯୋଗ



ଧାନ କିଣାବିକାରେ ଦୁର୍ନୀତି ପ୍ରତିବାଦରେ ୧୦ ବିରୋଧୀ ରାଜନୈତିକ ଦଳ ମିଶି ଗଠିତ ଓଡ଼ିଶା ବଞ୍ଚାଅ ଅଭିଯାନ ପକ୍ଷରୁ ଲୋୟର ପିଏମ୍‌ଜିରେ ରାଜ୍ୟସ୍ତରୀୟ ଗଣଧାରଣା।

**ଭୁବନେଶ୍ୱର, ୯।୨(ବ୍ୟୁରୋ)**

ଚଳିତବର୍ଷ ଚାଷୀ ଉତ୍ପାଦିତ ଧାନ ବିକ୍ରି କରିବାରେ ଘୋର କ୍ଷତି ଓ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିଣା ସମୟରେ କଟ୍‌ନୀ ଛଟ୍‌ନୀ ଦ୍ୱାରା ଶୋଷଣ କରାଯାଉଛି। ସରକାର ଭାଗଚାଷୀଙ୍କୁ ଚାଷୀର ମାନ୍ୟତା ଦେଇ ସରକାରୀ କ୍ରୟ କେନ୍ଦ୍ରରେ ଧାନ ବିକ୍ରି କରିବାର ଅଧିକାର ଦେଉନାହାନ୍ତି। ଚାଷୀଙ୍କୁ ମିଳିବାକୁ ଥିବା ଅନ୍ୟାନ୍ୟ ସୁବିଧା ମଧ୍ୟ ସେମାନଙ୍କୁ ଦିଆଯାଉ ନାହିଁ। ଧାନ କିଣାବିକାରେ ପ୍ରବଳ ଦୁର୍ନୀତି ହେଉଛି। ଚାଷୀଙ୍କୁ ବିକ୍ରି ଦେୟ ପ୍ରଦାନରେ ବିଳମ୍ବ ହେଉଥିବାରୁ ଏହାର ପ୍ରତିବାଦରେ ୧୦ ବିରୋଧୀ ରାଜନୈତିକ ଦଳକୁ ନେଇ ଗଠିତ ଓଡିଶା ବଞ୍ଚାଅ ଅଭିଯାନ ପକ୍ଷରୁ ଲୋୟର ପିଏମ୍‌ଜିରେ ରାଜ୍ୟସ୍ତରୀୟ ଗଣଧାରଣା ଦିଆଯାଇଥିଲା। ଏଥିରେ ସମତାକ୍ରାନ୍ତି ଦଳ, ସିପିଆଇ(ଏମ୍), ସିପିଆଇ, ସିପିଆଇ(ଏମ୍‌ଏଲ) ଲିବରେଶନ, ସମାଜବାଦୀ ପାର୍ଟି, ଆର୍‌ଜେଡି, ଜେଡିୟୁ, ଆର୍‌ପିଆଇ ଆଦି ୧୦ ରାଜନୈତିକ ଦଳ ଏଥିରେ ସାମିଲ ହୋଇଥିଲେ। ସରକାର କଟନୀ ଛଟନୀ ବନ୍ଦ କରିବା ସହ ଚାଷୀଙ୍କଠାରୁ ଧାନ କିଣି ସେମାନଙ୍କ ଦେୟ ତୁରନ୍ତ ପ୍ରଦାନ କରନ୍ତୁ ବୋଲି ବାମପନ୍ଥୀ ଦଳର ନେତାମାନେ ସମ୍ମିଳିତ ସ୍ୱର ଉଠାଇଛନ୍ତି। ଧାନ କୁଇଣ୍ଟାଲ ପ୍ରତି ୨୯୫୦ ଟଙ୍କା ହେବା ଦରକାର ବୋଲି ବିଧାନସଭାରେ ରାଜ୍ୟ ସରକାର ଏକ ସର୍ବଦଳୀୟ ସଂକଳ୍ପ ପାରିତ କରିଥିଲେ। ହେଲେ ଏହାକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ସରକାର ଚୁପ୍ ରହିଛନ୍ତି। ଅନ୍ୟ କେତେକ ରାଜ୍ୟ କେନ୍ଦ୍ର ସରକାର ଧାର୍ଯ୍ୟ କରିଥିବା ଧାନର ଦର ଉପରେ ବୋନସ୍ ଦେଉଥିଲେ ସୁଦ୍ଧା ଓଡ଼ିଶା ତାହା କରୁନାହିଁ। ପ୍ରତ୍ୟେକ ବର୍ଷ ଧାନ କିଣା ଏବଂ ବିକ୍ରିରେ ୩ ହଜାର କୋଟି ଟଙ୍କାର ଦୁର୍ନୀତି ହେଉଥିବା ବାମପନ୍ଥୀ ଦଳଗୁଡିକ ଅଭିଯୋଗ କରିଛନ୍ତି। କେନ୍ଦ୍ର ସରକାର ସରକାରୀ ବ୍ୟବସ୍ଥାକୁ ଉଚ୍ଛେଦ କରି କର୍ପୋରେଟଙ୍କ ହାତରେ ଧାନ କ୍ରୟ ବ୍ୟବସ୍ଥା ଟେକି ଦେବାକୁ ପ୍ରବଳ ଆଗ୍ରହ ଦେଖାଇ ଆସୁଛନ୍ତି। ଏହାଦ୍ୱାରା ଖୁଚୁରା ବଜାରରେ ଚାଉଳ ଦର କମ୍ପାନୀମାନେ ସ୍ଥିର କରିବେ। ଚାଷୀମାନେ ଆହୁରି କମ୍ ଦରରେ ଧାନ ବିକିବାକୁ ବାଧ୍ୟ ହୋଇଯିବେ। ୨୦୨୩–୨୪ ଆର୍ଥିକ ବର୍ଷ ଲାଗି କେନ୍ଦ୍ର ସରକାର ଆଣିଥିବା ବଜେଟରେ ଖାଦ୍ୟ ନିରାପତ୍ତା ବାବଦକୁ ୯୦ ହଜାର କୋଟି ଟଙ୍କା, ସାର ସବ୍‌ସିଡି ବାବଦକୁ ୫୦ ହଜାର କୋଟି ଟଙ୍କା ହ୍ରାସ କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ କିଷାନ ଫଣ୍ଡ ୬୮ ହଜାର କୋଟି ଟଙ୍କାକୁ କମାଇ ୬୦ ହଜାର କୋଟି କରିବା ଯୋଗୁ ଏଥିରୁ ଅନେକ ଚାଷୀ ବଞ୍ଚିତ ହେବାର ଆଶଙ୍କା ରହିଛି ବୋଲି ନେତାମାନେ ମତବ୍ୟକ୍ତ କରିଛନ୍ତି।

# ହାଇଡ୍ରୋ ପାୱାର ପ୍ରୋଜେକ୍ଟକୁ ଗ୍ରାମବାସୀଙ୍କ କଡ଼ା ବିରୋଧ

- ୭ଖଣ୍ଡ ଗ୍ରାମର ଲୋକେ ଏକାଠି ହୋଇଥିଲେ
- ବିଡିଓ କୋଟିଆରେ ଥାଇ ଘଟଣାସ୍ଥଳକୁ ଆସିଲେନି
- ଗ୍ରାମସଭା କି ପଲ୍ଲିସଭା କିଛି ହୋଇନି: ସରପଞ୍ଚ

**ପଟ୍ଟାଙ୍ଗି,୯।୨(ଡି.ଏନ.ଏ.)**



କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ କୋଟିଆ ପଞ୍ଚାୟତକୁ ନେଇ ଉଭୟ ଆନ୍ଧ୍ର ଓ ଓଡ଼ିଶା ମଧ୍ୟରେ ଦୀର୍ଘ ବର୍ଷ ଧରି ବିବାଦ ଲାଗିରହିଥିବା ବେଳେ ଏବେ ହାଇଡ୍ରୋ ପାୱାର ପ୍ରୋଜେକ୍ଟ ପାଇଁ ଅନ୍ୟ ଏକ ବିବାଦ ମୁଣ୍ଡ ଟେକିଛି। ଏହି ପ୍ରୋଜେକ୍ଟକୁ ପଞ୍ଚାୟତର ତଳ ଗଞ୍ଜେଇପଦର ଗ୍ରାମବାସୀ କଡା ବିରୋଧ କରିଛନ୍ତି। ୭ଖଣ୍ଡ ଗ୍ରାମର ଗ୍ରାମବାସୀ ଏବେ ଏକାଠି ମେଳି କରି କାର୍ଯ୍ୟକୁ ବିରୋଧ କରିଛନ୍ତି। ଗ୍ରାମର ଯୁବତୀଯୁବକଙ୍କଠାରୁ ଆରମ୍ଭ କରି ବୃଦ୍ଧାବୃଦ୍ଧଙ୍କ ପର୍ଯ୍ୟନ୍ତ ସମସ୍ତେ ହାତରେ ମାରଣାସ୍ତ୍ର ଧରି ବିରୋଧ କରିଥିବା ଦେଖିବାକୁ ମିଳିଛି।

ଖବରରୁ ଜଣାପଡିଛି, ହାଇଡ୍ରୋପାୱାର ପ୍ରୋଜେକ୍ଟ ପାଇଁ ଗତ ରବିବାର ତାମିଲନାଡୁରୁ ୬ ଜଣ ବ୍ୟକ୍ତି ମାଟିଖୋଳା ଯନ୍ତ୍ରପାତି ଧରି ଏକ ଟ୍ରକ ଯୋଗେ ଆସି ତଳଗଞ୍ଜେଇପଦର ଗ୍ରାମରେ ପହଞ୍ଚିଥିଲେ। ଟେଣ୍ଟ ପକାଇ ରହିଥିଲେ। ଗୁରୁବାର ପାହାଡ଼ ତଳେ ଥିବା ଜାଗାଗୁଡିକରେ ପହଞ୍ଚି ସେମାନେ ଯନ୍ତ୍ରପାତି ଦ୍ୱାରା ମାଟି ଖୋଳିବା ଆରମ୍ଭ କରିଥିଲେ। ସେହି ସମୟରେ ଗ୍ରାମବାସୀ ପହଞ୍ଚି ସେମାନଙ୍କୁ ବିରୋଧ କରି କୁଆଡେ ଆସିଛ ଏବଂ ତୁମମାନଙ୍କୁ କିଏ ପଠେଇଛି ବୋଲି ପଚାରିଥିଲେ। ତୁମକୁ ଆନ୍ଧ୍ର ସରକାର ନା ଓଡ଼ିଶା ସରକାର ପଠାଇଛନ୍ତି ବୋଲି ପ୍ରଶ୍ନ କରିଥିଲେ। ମାତ୍ର ସେମାନେ କିଛି ନ କହି କାମ ବନ୍ଦ କରିଦେଇଥିଲେ। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଏହି ପ୍ରୋଜେକ୍ଟ ହେଲେ ଆମର ୭ ଖଣ୍ଡ ଗ୍ରାମ ଜଳମଗ୍ନ ହେବ। ଆମ ଜଙ୍ଗଲ ଜମି ନଷ୍ଟ ହେବ। ତେଣୁ ଆମେ ଏହି ପ୍ରୋଜେକ୍ଟ କୌଣସି ପ୍ରକାରେ କରିବାକୁ ଦେବୁନାହିଁ। ଏହି ପ୍ରକଳ୍ପ ହେବା ଦ୍ୱାରା ଆମର ଲାଭ କ'ଣ ହେବ ଓ କ୍ଷତି କ'ଣ ହେବ ସେନେଇ ଜିଲା ପ୍ରଶାସନ ଅଧିକାରୀ ହୁଅନ୍ତୁ କିମ୍ବା ବ୍ଲକ ପ୍ରଶାସନିକ ଅଧିକାରୀ ଆମ ସହ ଆଲୋଚନା କରନ୍ତୁ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଏନେଇ କୋଟିଆ ସରପଞ୍ଚ ଲିଉ ଗେମେଲଙ୍କୁ ପଚାରିବାରୁ ସେ କହିଲେ, ମୁଁ ଏନେଇ କିଛି ଜାଣିନାହିଁ। ଏ ସମ୍ପର୍କରେ କୌଣସି ପଲ୍ଲିସଭା କି ଗ୍ରାମସଭା ହୋଇନାହିଁ। ଅନ୍ୟପକ୍ଷରେ ବିଡିଓ ସୌମ୍ୟସାର୍ଥକ ମିଶ୍ର କୋଟିଆରେ ଉପସ୍ଥିତ ଥିଲେ ମଧ୍ୟ ଘଟଣା ସ୍ଥଳକୁ ଯାଇ ନ ଥିଲେ। ଫଳରେ ଏନେଇ ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ୨୦୨୧ ଡିସେମ୍ବର ୨୮ରେ ଏକ ଟିମ୍ ଆସି ହାଇଡ୍ରୋ ପାୱାର ପ୍ରୋଜେକ୍ଟ ପାଇଁ ଜାଗା ଚିହ୍ନଟ କରୁଥିବା ବେଳେ ଓଡ଼ିଶାର କିଛି ଅଧିକାରୀଙ୍କ ସହିତ ସେମାନଙ୍କର ଯୁକ୍ତିତର୍କ ହୋଇଥିଲା। ଅଧିକାରୀମାନେ ବିରୋଧ କରିବାରୁ ସେମାନେ ଫେରି ଯାଇଥିଲେ।

## ସ୍ତ୍ରୀଙ୍କ ମୃତଦେହ କାନ୍ଧରେ ବୋହିବା ଘଟଣା
# ସମୁଲୁଙ୍କୁ ୧୦ ହଜାର ଟଙ୍କା ସହାୟତା ଦେଲା ପ୍ରଶାସନ

**ପଟ୍ଟାଙ୍ଗି,୯।୨(ଡି.ଏନ.ଏ.)**


ତହସିଲ କର୍ମଚାରୀ ସମୁଲୁଙ୍କୁ ଆର୍ଥିକ ସହାୟତା ଦେଉଛନ୍ତି।

ପଡୋଶୀ ଆନ୍ଧ୍ରକୁ ଯାଇ ଶ୍ରମିକ ଭାବେ ଖଟି ରୋଜଗାର କରି ଟଙ୍କା ଆଣି ଚାଷ କରିବି ବୋଲି ଯେଉଁ ସ୍ୱପ୍ନ ଦେଖିଥିଲି ତାହା ମୋର ଅଧୁରା ରହିଗଲା। ସ୍ତ୍ରୀଙ୍କ ମୃତଦେହ କାନ୍ଧରେ ବୋହି ଆଣିବାକୁ ପଡିଲା ବୋଲି ଦୁଃଖର ସହ କହିଛନ୍ତି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅମ୍ବାବାଲି ନିକଟସ୍ଥ ସୋରଡା ଗ୍ରାମର ଏଡେ ସମୁଲୁ। ଆନ୍ଧ୍ରର ଏକ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କ ସ୍ତ୍ରୀ ଏଡେ ଗୁରୁଙ୍କ ମୃତ୍ୟୁ ହୋଇଥିଲା। ଅର୍ଥାଭାବରୁ ଆମ୍ବୁଲାନ୍ସ କରି ନ ପାରି ସେ ସ୍ତ୍ରୀଙ୍କ ମୃତଦେହ କାନ୍ଧରେ ଧରି ଚାଲିଚାଲି ଗ୍ରାମ ଅଭିମୁଖେ ଆସୁଥିଲେ। ବିଜୟନଗର ପାଖାପାଖି ପହଞ୍ଚିଥିବା ବେଳେ ତାଙ୍କୁ ଦେଖି ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ପୋଲିସକୁ ଖବର ଦେଇଥିଲେ। ପୋଲିସ ତତ୍‌କ୍ଷଣାତ୍ ସେଠାରେ ପହଞ୍ଚି ମୃତଦେହ ବୋହି ନେଉଥିବା ସମୁଲୁଙ୍କୁ ପଚରାଉଚରା କରିଥିଲା। ସେ ସବୁ କଥା କହିବା ପରେ ବିଜୟନଗର ଗ୍ରାମାଞ୍ଚଳ ପୋଲିସ ଏସ୍‌ଆଇ କିରଣ କୁମାର ସହଯୋଗର ହାତ ବଢାଇ ତାଙ୍କ ପାଇଁ ଏକ ଆମ୍ବୁଲାନ୍ସ ବ୍ୟବସ୍ଥା କରି ମୃତଦେହ ତାଙ୍କ ସୋରଡା ଗ୍ରାମକୁ ପଠାଇଥିଲେ। ଏହି ଖବର ପ୍ରକାଶ ପାଇବା ପରେ ସ୍ଥାନୀୟ ତହସିଲ ପକ୍ଷରୁ ବିଭାଗୀୟ ମୁଖ୍ୟ ବିଳାସ ଭତ୍ରା ଏବଂ ରାଜସ୍ୱ ସୁପ୍ରଭାଇଜର ଗୋଲକ ପରିଡ଼ା ସମୁଲୁଙ୍କ ନିକଟରେ ପହଞ୍ଚି ତାଙ୍କୁ ରେଡକ୍ରସରୁ ୧୦ହଜାର ଟଙ୍କା ଆର୍ଥିକ ସହାୟତା ଦେଇଛନ୍ତି। ପେଟୁରୁ ରାଜସ୍ୱ ନିରୀକ୍ଷକ ଉଦୟନାଥ ତନ୍ତି ମଧ୍ୟ ସୋରଡା ଗ୍ରାମରେ ପହଞ୍ଚି ତଦନ୍ତ କରି ରିପୋର୍ଟ ଦେଇଛନ୍ତି।

## ସନ୍ତାନ ପ୍ରସବ...

ପାଇଁ ଯୋଜନା କରିଥିଲେ। କିନ୍ତୁ ଏନେଇ କରାଯାଉଥିବା ଆଇନଗତ ପ୍ରକ୍ରିୟା ସେମାନଙ୍କୁ ହତାଶ କରିଦେଇଥିଲା। ପରେ ସେମାନେ ପିଲା ଜନ୍ମ କରିବା ଲାଗି ଡାକ୍ତରଙ୍କ ପାଖକୁ ଯାଇଥିଲେ। ଜହାଦ ଜନ୍ମରୁ ଜଣେ ମହିଳା ହୋଇଥିରୁ ଲିଙ୍ଗ ପରିବର୍ତ୍ତନ ପରେ ତାଙ୍କ ଦେହରେ ଗର୍ଭାଶୟ ଥିବା ହେତୁ ସେ ଗର୍ଭଧାରଣ ପାଇଁ ସକ୍ଷମ ବୋଲି ଡାକ୍ତର କହିଥିଲେ। ଏ ନେଇ ଜହାଦଙ୍କଠାରେ ବହୁ ହର୍‌ମୋନାଲ ଟ୍ରିଟ୍‌ମେଣ୍ଟ କରିବାକୁ ପଡ଼ିଥିଲା। ଅନ୍ୟପକ୍ଷେ ଲିଙ୍ଗ ପରିବର୍ତ୍ତନ ପାଇଁ ଜହାଦଙ୍କ ସ୍ତନ ଶରୀରରୁ କାଢ଼ିଦିଆଯାଇଥିବା କାରଣରୁ ନବଜାତକକୁ ମିଲ୍କ ବ୍ୟାଙ୍କର କ୍ଷୀର ଦିଆଯିବ। ତେବେ ପ୍ରସବର ୬ ମାସ ପରେ ଜହାଦଙ୍କ ଲିଙ୍ଗ ପରିବର୍ତ୍ତନର ବାକି ଥିବା ପ୍ରକ୍ରିୟା ପୁଣିଥରେ ଆରମ୍ଭ କରିବେ।

## ଗୋପାଳଙ୍କୁ ଗୁଜରାଟ...

ଭଏସ୍ ଆନାଲିସିସ୍(ଏଲ୍‌ଭିଏ) ଟେଷ୍ଟ ସମ୍ପନ୍ନ ହୋଇଥିଲା। ଏପରି କି ମାନସିକ ରୋଗ ବିଶେଷଜ୍ଞଙ୍କ ଏକ ସ୍ୱତନ୍ତ୍ର ଟିମ୍ ଦ୍ୱାରା ଝାରସୁଗୁଡ଼ାଠାରେ ଗୋପାଳଙ୍କ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ଯାଞ୍ଚ କରାଯାଇଛି, ଯାହାର ରିପୋର୍ଟକୁ ଏବେ ଅପେକ୍ଷା କରାଯାଇଛି। ଗତ ୭ ତାରିଖରେ ଗାନ୍ଧୀନଗରରୁ ଆସିଥିବା ଫୋରେନ୍‌ସିକ ବିଶେଷଜ୍ଞ ଓ କ୍ରାଇମ୍‌ବ୍ରାଞ୍ଚ ମିଳିତ ଭାବେ କ୍ରାଇମ ସିନ୍ ରିକ୍ରିଏଶନ କରିଥିଲେ। ତଦନ୍ତ ସମୟରେ ହତ୍ୟାକାଣ୍ଡ କାରଣ ସମ୍ପର୍କିତ ସୁରାକକୁ ମଧ୍ୟ ତର୍ଜମା କରାଯାଇଛି। ଏହି ମାମଲାର ତଦନ୍ତକାରୀ ଅଧିକାରୀ ଡିଏସ୍‌ପି ରମେଶ ଚନ୍ଦ୍ର ଦୋରାଙ୍କ ନେତୃତ୍ୱରେ କ୍ରାଇମ୍‌ବ୍ରାଞ୍ଚର ଏକ ୮ ଜଣିଆ ଟିମ୍ ଗାନ୍ଧୀନଗରରେ କ୍ୟାମ୍ପ ପକାଇଥିବା ଜଣାଯାଇଛି। ଡିଏସ୍‌ପି ଦୋରାଙ୍କ ନେତୃତ୍ୱରେ ସେଠାରେ ତଦନ୍ତ କାର୍ଯ୍ୟ ଚାଲିଥିବା ବେଳେ କ୍ରାଇମବ୍ରାଞ୍ଚର ଏଡିଜି ଅରୁଣ ବୋଥ୍ରା ମଧ୍ୟ ଉପସ୍ଥିତ ରହି ସମ୍ପୂର୍ଣ୍ଣ ତଦନ୍ତ ପ୍ରକ୍ରିୟାର ତଦାରଖ କରୁଛନ୍ତି।

## ସିବିଆଇ ତଦନ୍ତ ଆବେଦନ ଖାରଜ କଲେ ହାଇକୋର୍ଟ

**କଟକ ଅଫିସ,୯।୨:** ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ ଗୁଳିକରି ହତ୍ୟା କରାଯିବା ଘଟଣାର ସିବିଆଇ ତଦନ୍ତ କରାଯିବାକୁ ନିର୍ଦ୍ଦେଶ ଦେବା ପାଇଁ ହାଇକୋର୍ଟରେ ଆଗତ ଆବେଦନ ଗୁରୁବାର ଖାରଜ ହୋଇଛି। ମାମଲାର ଏବେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଚାଲିଥିବାବେଳେ ତଦନ୍ତ ପ୍ରକ୍ରିୟାକୁ ଜଣେ ପୂର୍ବତନ ବିଚାରପତି ତଦାରଖ କରୁଛନ୍ତି। ତେଣୁ ଏଭଳିସ୍ଥିତିରେ ସିବିଆଇ ତଦନ୍ତର କୌଣସି ଆବଶ୍ୟକ ନାହିଁ ବୋଲି ମୁଖ୍ୟ ବିଚାରପତି ଏସ୍.ମୁରଲୀଧର ଏବଂ ବିଚାରପତି ଏମ୍‌ଏସ୍ ରମଣଙ୍କୁ ନେଇ ଗଠିତ ପୀଠ କହିବା ସହ ଆବେଦନକୁ ଖାରଜ କରିଛନ୍ତି।

ସୂଚନାଯୋଗ୍ୟ ଯେ, ମନ୍ତ୍ରୀ ନବ ଦାସଙ୍କୁ ହତ୍ୟା ଘଟଣାର ନିରପେକ୍ଷ ତଦନ୍ତ ପାଇଁ ସିବିଆଇ ତଦନ୍ତ ଦାବି କରି ଭାରତୀୟ ବିକାଶ ପରିଷଦ ପକ୍ଷରୁ ଗତ ୬ ତାରିଖରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଓଡ଼ିଶା ପୋଲିସରେ କାର୍ଯ୍ୟରତ ଜଣେ ଏଏସ୍‌ଆଇ ମନ୍ତ୍ରୀଙ୍କୁ ଗୁଳି କରି ହତ୍ୟା କରିଥିବାରୁ ସେହି ପୋଲିସ ବିଭାଗ ଅଧୀନରେ ଥିବା କ୍ରାଇମବ୍ରାଞ୍ଚ ଉପରେ ଭରସା ନାହିଁ ବୋଲି ଦର୍ଶାଇ ଭାରତୀୟ ବିକାଶ ପରିଷଦ ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ଓ ଜଗତସିଂହପୁର ଜିଲା ସଭାପତି ସୁବ୍ରତ ଦାଶ ମାମଲା ଦାଏର କରିଥିଲେ। ଏହି ମାମଲାରେ କେନ୍ଦ୍ର ସରକାରଙ୍କ ସମେତ ରାଜ୍ୟ ମୁଖ୍ୟଶାସନ ସଚିବ, ଗୃହସଚିବ, ପୋଲିସ ମହାନିର୍ଦ୍ଦେଶକ ଓ କ୍ରାଇମ୍‌ବ୍ରାଞ୍ଚକୁ ପକ୍ଷଭୁକ୍ତ କରାଯାଇଥିଲା। ଆଇନଜୀବୀ ଗୋପାଳ ପ୍ରସାଦ ଜେନା ମାମଲା ପରିଚାଳନା କରୁଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** – ଆଜି ରହିଯାଇଥିବା କାମକୁ ଶେଷ କରିବା ସକାଶେ ଚିନ୍ତା କରିପାରନ୍ତି। କ୍ରୀଡ଼ା, ସଙ୍ଗୀତ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ବାଧକାଧିପତି ଶନିଙ୍କ କୁପ୍ରଭାବରୁ ଧନହାନି, ଜମିଜମା କଳହ ଓ ସ୍ୱାସ୍ଥ୍ୟହାନିର ଆଶଙ୍କା ରହିଛି। କୌଣସି ଗୁରୁତ୍ୱପୂର୍ଣ୍ଣ ଘଟଣାକୁ ନେଇ ପଡ଼ୋଶୀଙ୍କ ସହ ବିଭିନ୍ନ ଆଲୋଚନାରେ ସମୟ କଟାଇବେ।

**ବୃଷ** – ପରିବାରର ବିଭିନ୍ନ ପ୍ରକାର ବ୍ୟୟ ବରାଦର ଭରଣା କରିବା ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ବନ୍ଧୁଙ୍କଠାରୁ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ଅର୍ଥ ପ୍ରାପ୍ତିର ପ୍ରତିଶ୍ରୁତି ଶୁଣି ଖୁସି ହେବେ। ପ୍ରଶାସନିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ। ବିଭିନ୍ନ ପ୍ରକାର ବିତର୍କଜନିତ ଗଠନମୂଳକ କାର୍ଯ୍ୟ ଗତି ମନ୍ଥର ହେବ।

**ମିଥୁନ** – ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ହେତୁ ବ୍ୟସ୍ତ ହେବେ। କର୍ମାରମ୍ଭରେ ଉତ୍ସାହିତ ହେବେ ଓ ସଫଳତା ହାସଲ କରିବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ବ୍ୟବସାୟୀମାନେ କୌଶଳରେ କାର୍ଯ୍ୟ ହାସଲ କରିବେ। ମହିଳାମାନେ ତରବରିଆ ଭାବେ କୌଣସି କାମ କରନ୍ତୁ ନାହିଁ।

**କର୍କଟ** – କର୍ମକ୍ଷେତ୍ରରେ ଅସ୍ଥିରତା ଲାଗିରହିବା କାରଣରୁ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ଆନୁଷ୍ଠାନିକ କର୍ମରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବା ହେତୁ ସାମୟିକ ବ୍ୟସ୍ତ ରହିପାରନ୍ତି। ପାରିବାରିକ ସମସ୍ୟାକୁ ସମାଧାନ କରିବା ସକାଶେ ଚେଷ୍ଟିତ ହେବେ।

**ସିଂହ** – ପରିସ୍ଥିତିବଶତଃ ନିକଟ ସମ୍ପର୍କୀୟଙ୍କ ସକାଶେ ବ୍ୟୟ କରିବାକୁ ବାଧ୍ୟ ହେବେ। ବକେୟା ଅର୍ଥ ଆଦାୟ କରିବାରେ ବିଭିନ୍ନ ପ୍ରକାର କୌଶଳ ଅବଲମ୍ବନ କରିବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତବିବ୍ରତ ହୋଇପାରନ୍ତି। ଅଫିସରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ।

**କନ୍ୟା** – ନୂତନ କର୍ମାରମ୍ଭ କ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ପରୋକ୍ଷ ଶତ୍ରୁତା ହେତୁ କର୍ମକ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ଆଗାମୀ ମାଙ୍ଗଳିକ କାମ ସକାଶେ ଗୃହ ସଜ୍ଜାରେ ମନୋନିବେଶ କରିପାରନ୍ତି। ଅଫିସ କାମରେ ଯେସାକୁ ତେସା ନୀତିରେ କାମ କରି ସମାଲୋଚିତ ହେବାକୁ ପଡିବ।

**ତୁଳା** – ପାରିବାରିକ ଜୀବନରେ କେତେକ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ। ବନ୍ଧୁମାନଙ୍କ ସହଯୋଗ ହେତୁ ବ୍ୟବସାୟରେ ଅଭୂତପୂର୍ବ ସଫଳତା ହାସଲ କରିବେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହିବା ଭଲ ହେବ। ବିବାଦୀୟ ଘଟଣାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ।

**ବିଛା** – ପରିବାରରେ ଅନାବଶ୍ୟକ ଅତ୍ୟଧିକ ଖର୍ଚ୍ଚ ହେତୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଶିଳ୍ପ, ବାଣିଜ୍ୟ, ପରିବହନ ତଥା ପ୍ରଶାସନିକ ସ୍ତରରେ ବ୍ୟସ୍ତତା ଦୂର ହୋଇଯିବ। ଭଲ ସମ୍ପର୍କ ନ ଥିବା ନିଜର ପାଖ ଲୋକମାନେ ଅପପ୍ରଚାର କରିପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା ତଥା କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** – ପାରିବାରିକ ବିବାଦ କ୍ଷେତ୍ରରେ ଠିକ୍ ନିଷ୍ପତ୍ତି ନେବାରେ ସମସ୍ୟା ଦେଖାଦେଇ ପାରେ। ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଭୁଲ୍ ଧାରଣା ପୋଷଣ କରି ଶତ୍ରୁତା କରିବ। ବ୍ୟବସାୟ ଓ ପରିବହନରେ ଉନ୍ନତି ଘଟିବ କିନ୍ତୁ ବିଭିନ୍ନ ସମସ୍ୟା ମଧ୍ୟରେ ଚଳିବାକୁ ପଡିପାରେ। ଛୋଟକଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ସୃଷ୍ଟି କରିପାରନ୍ତି।

**ମକର** – ଦୀର୍ଘଦିନରୁ ଆରମ୍ଭ କରିଥିବା ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଅନ୍ୟମାନଙ୍କ କଥା ରକ୍ଷା କରିବାକୁ ଯାଇ ବନ୍ଧୁଦ୍ୱାରକୁ ଯିବାକୁ ପଡିପାରେ। ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ।

**କୁମ୍ଭ** – ହସଖୁସିରେ ଦିନଟି ଅତିବାହିତ ହେବ ଏବଂ ବନ୍ଧୁଗହଣରେ ଦର୍ଶନୀୟସ୍ଥାନ ଭ୍ରମଣ କରିପାରନ୍ତି। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହୋଇପାରେ। ବୈବାହିକ କର୍ମ ସକାଶେ ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ହେବେ। ନୂତନ ଯାନବାହନ କିମ୍ବା ଗୃହୋପକରଣ କିଣିବାକୁ ମନ ବଳାଇ ପାରନ୍ତି।

**ମୀନ** – ଅନ୍ୟମାନଙ୍କୁ ଆପଣାର କରିବା ସକାଶେ କଥନଶୈଳୀକୁ ପରିବର୍ତ୍ତନ କରିପାରନ୍ତି। କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସଫଳତା ଅର୍ଜନ କରିବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ।

ଆଜି ଫାଲଗୁନ କୃଷ୍ଣ ୫ମୀ ଶୁକ୍ରବାର, ଫେବୃୟାରୀ ୧୦ ତାରିଖ, ରାଶିନକ୍ଷତ୍ର–ହସ୍ତା/କନ୍ୟା, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ବ୍ରତୋପନୟନ, ବିଦ୍ୟାରମ୍ଭ, ଗୃହାରମ୍ଭ ଓ ଗୃହପ୍ରବେଶ ପାଇଁ ଶୁଭଦିନ। ସକାଳ ଘ.୦୬।୨୨ମି. ଗତେ ଘ.୦୭।୦୭ମି. ମଧ୍ୟେ, ଘ.୦୭।୫୨ମି. ଗତେ ଘ.୦୯।୧୧ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୩୬ମି. ଗତେ ଘ.୧୨।୧୨ମି.ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୦ ଫେବୃୟାରୀ, ୨୦୨୩



## ବିବାହ କଲେ ସ୍ମୃତି ଇରାନୀଙ୍କ ଝିଅ

ଜୟପୁର, ୯।୨: କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କ ଝିଅ ଶାନେଲେ ଗୁରୁବାର ଅର୍ଜୁନ ଭାଲ୍ଲାଙ୍କୁ ବିବାହ କରିଛନ୍ତି। ରାଜସ୍ଥାନର ନାଗପୁର ଜିଲାରେ ଥିବା ପଞ୍ଚଦଶ ଶତାବ୍ଦୀର ଖିମସାର କିଲାରେ ଏହି ବାହାଘର ସମାରୋହ ଅନୁଷ୍ଠିତ ହୋଇଥିଲା। ପରିବାର ଲୋକଙ୍କ ସମେତ ମୋଟ ୫୦ ଜଣ ଲୋକ ଏହି ବିବାହ ଉତ୍ସବରେ ଯୋଗ ଦେଇଥିଲେ। ଶାନେଲେଙ୍କ ହଳଦୀ ଏବଂ ମେହେନ୍ଦୀ ସେରେମନି ବୁଧବାର ଆୟୋଜିତ ହୋଇଥିଲା।

## ସଂକ୍ଷେପରେ

### ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀ ମାନବ ଅଧିକାର କମିଶନ ଅଧ୍ୟକ୍ଷ

ଭୁବନେଶ୍ୱର,୯।୨(ବ୍ୟୁରୋ): ରାଜ୍ୟ ସରକାର ଗୁରୁବାର ଓଡ଼ିଶା ମାନବାଧିକାର କମିଶନର ନୂଆ ଅଧ୍ୟକ୍ଷ ଓ ସଦସ୍ୟ ନିଯୁକ୍ତି ଦେଇଛନ୍ତି। ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀଙ୍କୁ ଓଡିଶା ରାଜ୍ୟ ମାନବାଧିକାର କମିଶନ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଅସୀମ ଅମିତାଭ ଦାସଙ୍କୁ ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ୨୦୨୨ ଜାନୁୟାରୀରୁ ମାନବାଧିକାର କମିଶନ ଅଧ୍ୟକ୍ଷ ପଦବୀ ଖାଲି ପଡିଥିଲା। କମିଶନରେ ପୂର୍ବରୁ ସଦସ୍ୟ ଜଷ୍ଟିସ ରଘୁବୀର ଦାସ କାର୍ଯ୍ୟରତ ଅଛନ୍ତି।

### ସୁଶାନ୍ତ ମହାନ୍ତି ରାଜ୍ୟ ସୂଚନା କମିଶନର

ଭୁବନେଶ୍ୱର,୯।୨(ବ୍ୟୁରୋ): ବରିଷ୍ଠ ସାମ୍ବାଦିକ ସୁଶାନ୍ତ କୁମାର ମହାନ୍ତି ରାଜ୍ୟ ସୂଚନା କମିଶନର ଭାବେ ନିଯୁକ୍ତି ପାଇଛନ୍ତି। ଏ ନେଇ ଗୁରୁବାର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୨୦୨୨ ଅଗଷ୍ଟରେ ସେ ଏକ ଦୈନିକ ଖବରକାଗଜର କାର୍ଯ୍ୟନିର୍ବାହୀ ସମ୍ପାଦକ ପଦରୁ ଅବସର ନେଇଥିଲେ। ଏହି ପଦବୀରେ ଯୋଗଦେବା ଦିନଠୁ ତାଙ୍କର କାର୍ଯ୍ୟକାଳ ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା କମିଟିର ସୁପାରିସ ଆଧାରରେ ମହାନ୍ତିଙ୍କୁ ଏହି ନୂଆ ନିଯୁକ୍ତି ମିଳିଛି। ଉଲ୍ଲେଖଯୋଗ୍ୟ, ୨୦୨୦ ମାର୍ଚ୍ଚ ୧୮ରେ ୩ଟି ସୂଚନା କମିଶନର ପଦବୀ ନିମନ୍ତେ ରାଜ୍ୟ ସରକାର ବିଜ୍ଞାପନ ଦେଇଥିଲେ।

### ବ୍ଲେଡ୍‌ରେ ଦୁଇ ଛାତ୍ରଙ୍କୁ କାଟିଲେ, ସେଲ୍‌ଫି ନେଲେ

#### ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଯୁବକଙ୍କ ଉନ୍ମତ୍ତକାଣ୍ଡ

**ବଲାଙ୍ଗୀର ଅଫିସ, ୯।୨:** ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଦୁଇ ଛାତ୍ରଙ୍କୁ ଜଣେ ପୁରାତନ ଛାତ୍ର ବ୍ଲେଡ୍‌ରେ କାଟିବା ପରେ ସେଲ୍‌ଫି ନେଇଛନ୍ତି। ଗୁରୁବାର ସନ୍ଧ୍ୟାରେ ସିମ୍ରନ୍ ନାମକ ଜଣେ ପୂର୍ବତନ ଛାତ୍ର ହଷ୍ଟେଲରେ ରହୁଥିବା ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ର ଋତୁରାଜ ସିଂ ଓ ଅମିତ ମେହେରଙ୍କୁ ବ୍ଲେଡ୍‌ରେ ଆକ୍ରମଣ କରିଥିଲେ। ଆକ୍ରମଣ କରିବା ପରେ ସିମ୍ରନ୍ ମୋବାଇଲରେ ସେଲ୍‌ଫି ନେଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଆହତ ଛାତ୍ର ଦ୍ୱୟଙ୍କୁ ଭୀମ ଭୋଇ ମେଡିକାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏ ସମ୍ପର୍କରେ ପୋଲିସ ଖବର ପାଇବା ପରେ ଆକ୍ରମଣକାରୀ ସିମ୍ରନ୍‌ଙ୍କୁ ଅଟକ ରଖିଛି। ସଦର ଏସ୍‌ଡିପିଓ ତୋଫାନ ବାଗଙ୍କୁ ପଚାରିବାରୁ ସିମ୍ରନ୍‌ଙ୍କୁ ପୋଲିସ ଅଟକ ରଖି ଘଟଣା ସମ୍ପର୍କରେ ତଦନ୍ତ କରାଯାଉଛି ବୋଲି କହିଛନ୍ତି। ଏହି ଘଟଣା ପରେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଥିବା ହଷ୍ଟେଲ ଛାତ୍ରୀଛାତ୍ରମାନେ ଭୟଭୀତ ହୋଇପଡିଥିବା ଜଣାପଡ଼ିଛି।

### ବସ୍ ଧକ୍କାରେ ୩ ବାଇକ ଆରୋହୀ ମୃତ

- ମୃତକଙ୍କ ମଧ୍ୟରେ ସ୍ତ୍ରୀ, ସ୍ୱାମୀ ଓ ଝିଅ
- ବିବାହ ଉତ୍ସବରେ ଯୋଗଦେବାକୁ ଯାଉଥିଲେ

**ଦେଓଗାଁ, ୯।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ଥାନା ୨୬ନଂ ଜାତୀୟ ରାଜପଥର ସିନଖମନ ନିକଟ ରାଣୀବନ୍ଧ ପାଖରେ ଗୁରୁବାର ଏକ ସଡକ ଦୁର୍ଘଟଣାରେ ଯାଇଛି ୩ଜଣଙ୍କ ଜୀବନ। ମୃତକମାନେ ହେଲେ ମୁରିବାହାଲ ବ୍ଲକ ଟୁପାଉଡାର ପଞ୍ଚାୟତ ଅନ୍ତର୍ଗତ ବଡଉଡାର ଗାଁର ସରୋଜ ପଶାୟତ, ତାଙ୍କ ସ୍ତ୍ରୀ କରିସ୍ମା ପଶାୟତ ଓ ୬ବର୍ଷର ଝିଅ ରୁନିଆ। ଦେଢବର୍ଷର ପୁଅ ରିଆଙ୍କ ଗୁରୁତର ଅବସ୍ଥାରେ ବୁର୍ଲାରେ ଚିକିତ୍ସିତ ହେଉଛନ୍ତି। ଅପରାହ୍ନରେ ଗ୍ରାମରୁ ସରୋଜ ଏକ ବାଇକରେ ସ୍ତ୍ରୀ କରିସ୍ମା ଓ ୨କୁନି ପିଲାଙ୍କୁ ନେଇ ବଲାଙ୍ଗୀର ନିକଟ ଖୁଜେନପାଲିକୁ ଏକ ବିବାହ ଉତ୍ସବରେ ଯୋଗଦେବାକୁ ଯାଉଥିଲେ। ଅପରାହ୍ନରେ ରାଣୀବନ୍ଧ ପାଖରେ ସାମ୍ନାପଟୁ ଏକ ବସ୍ ସେମାନଙ୍କୁ ଧକ୍କା ଦେଇଥିଲା। ଏଥିରେ ଚାରିଜଣ ଯାକ ଗାଡିରୁ ଛିଟିକି ପଡିଥିଲେ। ବାଇକଟି ଚୂରମାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ଆହତମାନଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପଠାଇଥିଲେ। ସେଠାରେ ଡାକ୍ତର ସରୋଜଙ୍କୁ ମୃତ ଘୋଷଣା କରିଥିଲେ। ଆହତମାନଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ସେଠାରେ କରିସ୍ମା ଓ ଝିଅଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏବେ କୁନି ପୁଅଟି ଡାକ୍ତରଖାନାରେ ଜୀବନମରଣ ସହ ସଂଘର୍ଷ କରୁଛି।

# ଓଡ଼ିଶା ପାଇଁ ସ୍ୱତନ୍ତ୍ର ପାହ୍ୟା ଦାବି କଲା ବିଜେଡି

ନୂଆଦିଲ୍ଲୀ,୯।୨

ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଓଡ଼ିଶାକୁ ସ୍ୱତନ୍ତ ଫୋକସ ପାହ୍ୟା ପ୍ରଦାନ ଲାଗି ବିଜେଡି ଗୁରୁବାର କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛି। ଲୋକ ସଭାରେ କେନ୍ଦ୍ର ବଜେଟ ଉପରେ ଆଲୋଚନା ବେଳେ ବରିଷ୍ଠ ବିଜେଡି ସଦସ୍ୟ ଭର୍ତ୍ତୃହରି ମହତାବ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପରେ ଅନ୍ୟୁନ ୩ ବର୍ଷ ପାଇଁ ରାଜ୍ୟକୁ ସ୍ୱତନ୍ତ୍ର ଫୋକସ୍ ମାନ୍ୟତା ପ୍ରଦାନ ଲାଗି କେନ୍ଦ୍ରକୁ ଅନୁରୋଧ କରିଥିଲେ। ଏହି ସମୟ ମଧ୍ୟରେ କେନ୍ଦ୍ର ରାଜ୍ୟ ଅନୁଦାନ ଅନୁପାତ ୯୦:୧୦ ହେବା ଆବଶ୍ୟକ, ଅର୍ଥାତ୍ କୌଣସି ଯୋଜନା ଲାଗି କେନ୍ଦ୍ର ସରକାର ୯୦ ପ୍ରତିଶତ ଅନୁଦାନ ଦେଲେ ରାଜ୍ୟ ଭାଗ ୧୦ ପ୍ରତିଶତ ରଖିବାକୁ ଭର୍ତ୍ତୃହରି କହିଥିଲେ। ଏଥିପାଇଁ ରାଜ୍ୟ ସରକାର ପୂର୍ବରୁ ନୀତି ଆୟୋଗ ବୈଠକରେ ଏବଂ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ପିଏମ୍ କିଷାନ ଯୋଜନା ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏରେ ବ୍ୟୟବରାଦ ହ୍ରାସ ପାଇଥିବା କଥା ମଧ୍ୟ କଟକ ଏମ୍‌ପି ଉଠାଇଥିଲେ। ସେ



ଭର୍ତ୍ତୃହରି ମହତାବ

କହିଥିଲେ, ପୂର୍ବବର୍ଷ ତୁଳନାରେ ଏଥର ପିଏମ୍ କିଷାନ ଯୋଜନାରେ ୧୩.୩୩ ପ୍ରତିଶତ କମ୍ ବ୍ୟୟବରାଦ କରାଯାଇଛି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନରୁ ଜନସଂଖ୍ୟାର ୪୦ ପ୍ରତିଶତରୁ ଅଧିକ ବାଦ୍ ପଡ଼ିଛନ୍ତି। ଅନେକ ଗାଁ ଓ ବସ୍ତିର ଉପେକ୍ଷିତ ଜାତି ଓ ସମ୍ପ୍ରଦାୟ ରାଶନ କାର୍ଡରୁ ବଞ୍ଚିତ। ରାଜ୍ୟ କାର୍ଡ ଦିଆଯାଇ ଏହି ଯୋଜନାରେ ଅଧିକ ଲୋକଙ୍କୁ ସାମିଲ କରାଯାଇଥିବା ଭର୍ତ୍ତୃହରି କହିଥିଲେ। ଓଡ଼ିଶା ସରକାର ଚାଷୀଙ୍କଠାରୁ ଧାନ ଓ ଉଷୁନା ଚାଉଳ କିଣୁଥିବାବେଳେ ଭାରତୀୟ ଖାଦ୍ୟ ନିଗମ ଓଡ଼ିଶାରୁ ଏହା କିଣୁ ନାହିଁ। ଓଡ଼ିଶା ପ୍ରତି କେନ୍ଦ୍ରର ବୈମାତୃକ ମନୋଭାବର କାରଣ କ'ଣ ବୋଲି ଭର୍ତ୍ତୃହରି ପ୍ରଶ୍ନ କରିଥିଲେ। କେନ୍ଦ୍ରାପଡ଼ା ଷ୍ଟେଶନକୁ ପାସେଞ୍ଜର ଟ୍ରେନ୍ ଚଳାଚଳ ପାଇଁ ସେ ରେଳ ମନ୍ତ୍ରଣାଳୟ ନିକଟରେ ଦାବି କରିଥିଲେ।

## ଗ୍ରାମାଞ୍ଚଳରେ ଟେଲି ସାନ୍ଦ୍ରତା ବୃଦ୍ଧି ପାଇଁ ବିଜେଡି ଏମ୍‌ପିଙ୍କ ଦାବି

ନୂଆଦିଲ୍ଲୀ,୯।୨

ଓଡ଼ିଶାର ଗ୍ରାମାଞ୍ଚଳରେ ଟେଲି ସାନ୍ଦ୍ରତା ଏବଂ ଇଣ୍ଟରନେଟ୍ ସଂଯୋଗ ବଢ଼ାଇବା ଦିଗରେ ପଦକ୍ଷେପ ନେବାକୁ ବିଜେଡି ଏମ୍‌ପି ଅମର ପଟ୍ଟନାୟକ ଗୁରୁବାର କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ରାଜ୍ୟ ସଭାରେ ଶୂନ୍ୟକାଳ ଆଲୋଚନାରେ ଭାଗନେଇ ବିଜେଡି ସଦସ୍ୟ କହିଥିଲେ, ଗ୍ରାମାଞ୍ଚଳରେ ଟେଲି ସାନ୍ଦ୍ରତା ମାତ୍ର ୬୨.୭୩ ପ୍ରତିଶତ ଏବଂ ଇଣ୍ଟରନେଟ ସାନ୍ଦ୍ରତା ୩୪.୫ ପ୍ରତିଶତ ରହିଛି। ତେଣୁ ଦେଶରେ ଡିଜିଟାଲ ବିପ୍ଳବର ସୁବିଧା ଗ୍ରାମାଞ୍ଚଳ ଜନସାଧାରଣ ପାଇପାରୁ ନାହାନ୍ତି। କେବିକେ ଅଞ୍ଚଳର ୧୦ ହଜାରରୁ ଊର୍ଦ୍ଧ୍ୱ ଗ୍ରାମରେ ଇଣ୍ଟରନେଟ ସଂଯୋଗ ନ ଥିବାବେଳେ ୬ ହଜାରରୁ ଅଧିକ ଗ୍ରାମକୁ ମୋବାଇଲ ସଂଯୋଗ ନାହିଁ। ଏହିସବୁ ଅଞ୍ଚଳରେ ମୋବାଇଲ ସଂଯୋଗ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ସିଗ୍‌ନାଲ ପାଇବା ପାଇଁ ଲୋକଙ୍କୁ ଗଛରେ ଚଢ଼ିବାକୁ ପଡୁଛି। ମାଓବାଦୀ ଅଞ୍ଚଳ ଏବଂ ଆକାଂକ୍ଷୀ ଜିଲାଗୁଡ଼ିକରେ ମୋବାଇଲ ଟାୱାର ସ୍ଥାପନ ପ୍ରସ୍ତାବ ଥିଲେ ମଧ୍ୟ ତାହା କେବେ ସମ୍ପୂର୍ଣ୍ଣ ହେବ ସମୟ ଧାର୍ଯ୍ୟ ହୋଇନାହିଁ। ଭାରତ ନେଟ୍ ଫେଜ୍-୨ ବ୍ୟବହାର ବଢ଼ାଇବା ପାଇଁ ଓଡ଼ିଶା ସରକାର ଏହି ପ୍ରୋଜେକ୍ଟରେ ୩୨୭ କୋଟି ଟଙ୍କା ସ୍ୱତନ୍ତ୍ର ସହାୟତା ମାଗିଥିଲେ ମଧ୍ୟ କେନ୍ଦ୍ର ସରକାର ଏପର୍ଯ୍ୟନ୍ତ ଦେଇ ନ ଥିବା ଅମର କହିଛନ୍ତି।



ଚିଲିର ନାସିମିଏଣ୍ଟୋ ଜଙ୍ଗଲରେ ଲାଗିଥିବା ନିଆଁ। ଗତ ୫ ଦିନ ମଧ୍ୟରେ ଏଥିରେ ୨୫ ଜଣଙ୍କ ପ୍ରାଣହାନି ଘଟିଲାଣି।

# ହାଇକୋର୍ଟରେ ଚାର୍ଜସିଟ୍ ଦାଖଲ

କଟକ ଅଫିସ,୯।୨

**ଅର୍ଚ୍ଚନା ନାଗ ଜାମିନ ଆବେଦନ ମାମଲା**

**ମାର୍ଚ୍ଚ ୧୪ରେ ପରବର୍ତ୍ତୀ ଶୁଣାଣି**

ବହୁ ଚର୍ଚ୍ଚିତ ବ୍ଲାକ୍‌ମେଲର ଅର୍ଚ୍ଚନା ନାଗ ଜାମିନ ଆବେଦନ ମାମଲାର ଶୁଣାଣି ଗୁରୁବାର ହାଇକୋର୍ଟରେ ହୋଇଛି। ଆବେଦନକାରୀଙ୍କ ବିରୋଧରେ ଚାର୍ଜସିଟ ଦାଖଲ ହୋଇଥିବା ଶୁଣାଣିବେଳେ ସ୍ପଷ୍ଟ ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ତଦନ୍ତର ସାନି ସ୍ଥିତି ଅବଗତ କରାଯାଇଛି। ଚାର୍ଜସିଟ୍‌ରେ ଉଲ୍ଲେଖ ଥିବା ନଥିପତ୍ରର କପି ଆବେଦନକାରୀ ଏ ପର୍ଯ୍ୟନ୍ତ ପାଇ ପାରିନାହାନ୍ତି। ଜଷ୍ଟିସ ଭି. ନରସିଂହଙ୍କ ଖଣ୍ଡପୀଠ ଅର୍ଚ୍ଚନାଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି କରିଥିଲେ। ଆସନ୍ତା ମାର୍ଚ୍ଚ ୧୪ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନାଯୋଗ୍ୟ, ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ କୁମାର ପରିଜାଙ୍କ ଏତଲା ଆଧାରରେ ନୟାପଲ୍ଲୀ ଥାନାରେ ରୁଜୁ ମାମଲାରେ ଜାମିନ ପାଇଁ ଅର୍ଚ୍ଚନା ଗତ ଜାନୁୟାରୀ ୨ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଜାନୁୟାରୀ ୬ରେ ମାମଲାର ଶୁଣାଣି କରି କେସ୍ ଡାଏରି ଦାଖଲ ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପୂର୍ବରୁ ଭୁବେନେଶ୍ୱର



ଅର୍ଚ୍ଚନା ନାଗ

ଅତିରିକ୍ତ ଜିଲା ଓ ଦୌରାଜଜଙ୍କ ଅଦାଲତରେ ଜାମିନ ଖାରଜ ହେବା ପରେ ଅର୍ଚ୍ଚନା ହାଇକୋର୍ଟରେ ଜାମିନ ଆବେଦନ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜଜୀବୀ ବିଶ୍ୱଚନ୍ଦନ ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

# ଜିଲା ଶିଶୁ ସୁରକ୍ଷା ଅଧିକାରୀ ବହିଷ୍କୃତ

ବାଲେଶ୍ୱର ଅଫିସ, ୯।୨

**ବାଲାଶ୍ରମରେ ଆର୍ଥିକ ଅନିୟମିତତା**

ବାଲେଶ୍ୱର ସହର ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ନିକଟସ୍ଥ ଉତ୍କଳ ବାଲାଶ୍ରମରେ ଆର୍ଥିକ ଅନିୟମିତତା ଅଭିଯୋଗରେ ଦାୟିତ୍ୱରେ ଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ) ଯୁବକ ମାଝିଙ୍କୁ ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଚାକିରିରୁ ବହିଷ୍କୃତ କରିଛନ୍ତି। ଏହି ନିର୍ଦ୍ଦେଶ ପାଇବା ପରେ ଜିଲାପାଳଙ୍କ ଅଫିସ୍‌ରୁ ଇମେଲ୍ ଯୋଗେ ଡିସିପିଓ ମାଝିଙ୍କୁ ହସ୍ତାନ୍ତର କରାଯାଇଥିବା ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ସୂଚନା ଦେଇଛନ୍ତି।

ଉତ୍କଳ ବାଲାଶ୍ରମରେ ବ୍ୟାପକ ହେରଫେର ଓ ଆର୍ଥିକ ଅନିୟମିତତା ବାବଦରେ ଆଇନଜୀବୀ ପ୍ରଶାନ୍ତ କୁମାର ପ୍ରଧାନଙ୍କ ଅଭିଯୋଗକ୍ରମେ ତଦନ୍ତ ପରେ ଦାୟିତ୍ୱରେ ଥିବା ଡିସିପିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ ହୋଇଥିଲା। ଡିସିପିଓ ମାଝି ବାଲାଶ୍ରମର ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ଥିବା ସମୟରେ ଟେଣ୍ଡରଠାରୁ ଅଧିକ ମୂଲ୍ୟରେ ସାମଗ୍ରୀ ଯୋଗାଣ ବାବଦ ବିଲ୍ ପୈଠ ହେବା, ୨୦୧୭ରୁ ୨୦୨୦-୨୧ ଆର୍ଥିକ ବର୍ଷ ମଧ୍ୟରେ ଉତ୍କଳ ବାଲାଶ୍ରମକୁ ଯୋଗାଉଥିବା ଖାଦ୍ୟ ସାମଗ୍ରୀ ଓ ଅନ୍ୟାନ୍ୟ କିଛି ଦ୍ରବ୍ୟ ବାବଦ ବିଲ୍‌ରେ ବ୍ୟାପକ ଅନିୟମିତତା, ୨୦୨୦ରେ ବାଲାଶ୍ରମ ଆକାଉଣ୍ଟରୁ ୮୬ହଜାର ଟଙ୍କା



ଡିସିପିଓ ଯୁବକ ମାଝି

ଅନ୍ୟଜଣଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର ହେବା ଏବଂ ଟେଣ୍ଡରଠାରୁ ଅଧିକ ମୂଲ୍ୟରେ ରିଫାଇନ ତେଲ କ୍ରୟ, ବେଡ଼ସିଟ୍, ତକିଆ ଖୋଳ, କମ୍ବଳ ଟେଣ୍ଡରଠାରୁ ଅଧିକ ମୂଲ୍ୟରେ କ୍ରୟ ଆଦିର ଅଭିଯୋଗ ହୋଇଥିଲା। ଏହି ଅଭିଯୋଗର ତଦନ୍ତ ଅତିରିକ୍ତ ଜିଲାପାଳ କରିବା ପରେ କିଛି ଅନିୟମିତତା ହୋଇଥିବା ପ୍ରମାଣ ମିଳିଥିଲା। ଜିଲାପାଳଙ୍କୁ ଅବଗତ ପରେ ରିପୋର୍ଟ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ କଲ୍ୟାଣ ବିଭାଗକୁ ପଠାଯାଇଥିଲା। ଉକ୍ତ ରିପୋର୍ଟ ଅନୁଯାୟୀ ବିଭାଗୀୟ ଅତିରିକ୍ତ ସଚିବ ମାଝିଙ୍କୁ ଚାକିରିରୁ ବହିଷ୍କୃତ କରିଛନ୍ତି।

# ବ୍ୟବସାୟୀଙ୍କଠାରୁ ୧୮ ଲକ୍ଷ ଜବତ

## ଗଞ୍ଜେଇ ଚାଲାଣ ନେଇ ଜାତୀୟ ରାଜପଥରେ ଚଢ଼ାଉ

ବ୍ରହ୍ମପୁର ଅଫିସ,୯।୨

**ପୂର୍ବରୁ ୧.୨୧ କୋଟି ଟଙ୍କା, ୨୩ ସୁନା ବିସ୍କୁଟ ଜବତ ହୋଇଥିଲା**

ଗଞ୍ଜେଇ ଚୋରା ଚାଲାଣର ହବ୍ ପାଲଟିଛି ବ୍ରହ୍ମପୁର। ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ଗଞ୍ଜେଇ ମାଫିଆଙ୍କୁ ଧରିବା ପାଇଁ ବ୍ରହ୍ମପୁର ସହରର ବିଭିନ୍ନ ସ୍ଥାନରେ ପ୍ରତିଦିନ ବ୍ଲକିଂ ଓ ଚେକିଂ ଜାରି ରହିଛି। ଗୁରୁବାର ବ୍ରହ୍ମପୁରରୁ ଜଣେ ଯୁବକ ବସ୍‌ରେ ଗଞ୍ଜେଇ ଚାଲାଣ କରୁଥିବା ଅବକାରୀ ଗୋଇନ୍ଦା ବିଭାଗ ଖବର ପାଇଥିଲା। ଅପରାହ୍ନ ପ୍ରାୟ ୩ଟାରେ ଦକ୍ଷିଣାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତଙ୍କ ନେତୃତ୍ୱରେ ଏକ ଟିମ୍ ଜାତୀୟ ରାଜପଥ-୧୬ ଲାଞ୍ଜିପାଲି ବାଇପାସ୍ ନିକଟରେ ଚେକିଂ କରି ବ୍ରହ୍ମପୁରରୁ କଟକ ଅଭିମୁଖେ ଯାଉଥିବା ଏକ ସରକାରୀ ଯାତ୍ରୀବାହୀ ବସ୍‌ରେ ଚଢ଼ାଉ କରିଥିଲା। ସେଥିରେ ଯାତ୍ରା କରୁଥିବା ଜଣେ ଯୁବକଙ୍କ ବ୍ୟାଗ ଯାଞ୍ଚ କରାଯାଇଥିଲା। ହେଲେ ଅବକାରୀ ଟିମ୍‌କୁ ଉକ୍ତ ବ୍ୟାଗରୁ ଗଞ୍ଜେଇ ମିଳିବା ପରିବର୍ତ୍ତେ ୩ଟି ପ୍ୟାକେଟରେ ଥିବା ୧୮ ଲକ୍ଷ ଟଙ୍କା ଜବତ କରିଥିଲା। ଯୁବକ ଜଣଙ୍କ ଯାଜପୁର ଜିଲା ଗୋବିନ୍ଦପୁର ଗ୍ରାମର ସଞ୍ଜୟ ସାହୁ ଓରଫ ବାବୁଲି ବୋଲି ଜଣାପଡିଛି। ସେ ବ୍ରହ୍ମପୁରରେ ଚିନାବାଦାମ



ଜବତ ଟଙ୍କା ସହ ଯାତ୍ରୀ

ବିକ୍ରି କରି ଟଙ୍କା ଧରି ଯାଜପୁର ଫେରୁଥିଲେ ବୋଲି ଅବକାରୀ ଟିମ୍‌ଙ୍କୁ ଜଣାଇଛନ୍ତି। ଅନ୍ୟପଟେ ଅବକାରୀ ବିଭାଗ ଉକ୍ତ ଯୁବକ ଓ ଟଙ୍କା ଆୟକର ବିଭାଗକୁ ହସ୍ତାନ୍ତର କରିବ ବୋଲି ଡେପୁଟି କମିଶନର ଉମ୍ବରୁଧର ଖଣ୍ଡା ସୂଚନା ଦେଇଛନ୍ତି।

ପ୍ରକାଶ ଯେ, କିଛିମାସ ପୂର୍ବେ ଅବକାରୀ ଧରପଗଡ଼ ବେଳେ ଜାତୀୟ ରାଜପଥ ଲାଞ୍ଜିପାଲି ବାଇପାସ୍ ଦେଇ ଯାଉଥିବା ଏକ ସରକାରୀ ବସ୍‌ରୁ ଜଣେ ଯାତ୍ରୀଙ୍କଠାରୁ ୧କୋଟି ୨୧ଲକ୍ଷ ୯୭ ହଜାର ୫୦୦ଟଙ୍କା ଜବତ କରାଯାଇଥିଲା। ଅବକାରୀ ପୋଲିସ କାବୁ କରିଥିବା ବ୍ୟକ୍ତି ଜଣଙ୍କ ମହାରାଷ୍ଟ୍ର ସାଙ୍ଗାଲିର ବ୍ୟବସାୟୀ ଦଶରଥ ସାହୁକାର ବୋଲି କହିଥିଲା। ତାଙ୍କୁ ଜେରା ବେଳେ ସେ ମହାରାଷ୍ଟ୍ରରୁ ସୁନା ଆଣି ଜିଏସ୍‌ଟି ଫାଙ୍କି ବ୍ରହ୍ମପୁରରେ ଚୋରା କାରବାର କରୁଥିବା ଜଣାପଡିଥିଲା। ସୁନା କାରବାର କରି ବ୍ୟବସାୟୀ ଜଣଙ୍କ ଏହି ଟଙ୍କା ପାଇଥିବା ଅବକାରୀ ପୋଲିସ ଜାଣିବାକୁ ପାଇଥିଲା। ପରେ ଉକ୍ତ ଟଙ୍କା ସହ ବ୍ୟବସାୟୀଙ୍କୁ ଅବକାରୀ ପୋଲିସ ବୈଦ୍ୟନାଥପୁର ଥାନାକୁ ହସ୍ତାନ୍ତର କରିଥିଲା। ପୋଲିସ ତାଙ୍କୁ ଅଧିକ ଜେରା କରିବା ପରେ ବ୍ରହ୍ମପୁରର ଆନନ୍ଦ ଜୁଏଲେରି ନାମକ ଜଣେ ସୁନା ବ୍ୟବସାୟୀଙ୍କ ନିକଟରୁ ୨୩ଟି ସୁନା ବିସ୍କୁଟ ମଧ୍ୟ ଜବତ କରିଥିଲା।

# ଜିଗୋଲୋ ପେସା ପାଇଁ ୪ ହଜାର ଯୁବକ ଠକେଇର ଶିକାର

ଜୟପୁର, ୯।୨

**୨ ଗିରଫ**

**୨୦୧୭ରୁ ଏହି ଠକେଇ ଆରମ୍ଭ କରିଥିଲେ**

ଜିଗୋଲ ପେସା ଦେବା ନାଁରେ ଲୋକଙ୍କୁ ଠକୁଥିବା ୨ ଯୁବକଙ୍କୁ ବୁଧବାର ପୋଲିସ ଗିରଫ କରିଛି। ଅନ୍‌ଲାଇନ୍ ଜରିଆରେ ପାଖାପାଖି ୪ ହଜାରରୁ ଊର୍ଦ୍ଧ୍ୱ ଯୁବକ ଠକାମିର ଶିକାର ହୋଇଥିବା ପୋଲିସ କହିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ କୁଲଦୀପ ସିଂ ଚରଣ (୨୯) ଏବଂ ଶ୍ୟାମ ଲାଲ ଯୋଗୀ (୩୩)। ସେମାନଙ୍କ ଘର ରାଜସ୍ଥାନର ଜୟପୁରରେ। ଯୋଗୀ ନିଜକୁ ମହିଳା ଏନ୍‌ଆର୍‌ଆଇର ପରିଚୟ ଦେଇ ମହିଳାଙ୍କ ସ୍ୱରରେ ଯୁବକଙ୍କ ସହ କଥା ହୋଇ ତାଙ୍କୁ ଭ୍ରମିତ କରୁଥିଲେ। ସର୍ଭିସ୍ ବାବଦକୁ ଯୁବକଙ୍କଠାରୁ ସେମାନେ ଅଗ୍ରିମ ଟଙ୍କା ଲାଗି ଦାବି କରୁଥିଲେ। ଦୁଇ ଅଭିଯୁକ୍ତ ଅନ୍‌ଲାଇନ୍ ଜରିଆରେ ୨୦୧୭ରୁ ଏହି ଠକେଇ ଆରମ୍ଭ କରିଛନ୍ତି। ଯୋଗୀ ଏକ ହୋଟେଲରେ ରିସେପ୍ସନିଷ୍ଟ ଭାବେ କାର୍ଯ୍ୟ କରୁଥିବାବେଳେ ହିନ୍ଦୀ ଓ ଇଂରାଜୀ ଭାଷା ସେ ଖୁବ୍ ଭଲ ଭାବେ କହିପାରୁଥିଲେ। ଅନ୍‌ଲାଇନ୍‌ରେ ପ୍ଲେବୟ, ଏସ୍କର୍ଟ, ଜିଗୋଲୋ ଏବଂ ଡେଟିଂ ସର୍ଭିସେସ୍‌ରେ ଦୁହେଁ ଗତ ୪ ବର୍ଷ ଧରି କାମ କରିଆସୁଛନ୍ତି। ସେମାନଙ୍କଠାରୁ ୧୨ରୁ ଅଧିକ ବ୍ୟାଙ୍କ ଆକାଉଣ୍ଟ ସାଙ୍ଗକୁ ୪ଟି ମୋବାଇଲ ଫୋନ୍, ଲାପ୍‌ଟପ୍, ଡେସ୍କଟପ୍ ଏବଂ ହାର୍ଡ ଡିସ୍କ ପୋଲିସ ଜବତ କରିଛି।



ଯେ ସେହି ସତ୍ୟ ଶିବ ସୁନ୍ଦର ଭଗବାନଙ୍କୁ କୁତ୍ସିତ ଓ ସୟତାନ ଭିତରେ ବି ଦେଖିପାରେ ଏବଂ ସେମାନଙ୍କ ପ୍ରତି ପ୍ରେମାନୁଭୂତିରେ ସେମାନଙ୍କୁ କୁତ୍ସିତତା ଓ ସୟତାନୀ କବଳରୁ ମୁକ୍ତ କରିବାକୁ ସଂକଳ୍ପ କରେ- ତେବେ ତାକୁଇ ଆମେ ଯଥାର୍ଥ ସୁଗୁଣବନ୍ତ ଓ ନୀତିବାନ ବ୍ୟକ୍ତି ବୋଲି କହିବା। – ଶ୍ରୀଅରବିନ୍ଦ

# ଇତିହାସର ବିକୃତୀକରଣ



ଇଆନ ବୁରୁମା

ନିକଟରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଭୋଲ୍‌ଗୋଗ୍ରାଡ (ପୂର୍ବନାମ ଷ୍ଟାଲିନ୍‌ଗ୍ରାଡ)ରେ ଭାଷଣ ଦେବା ଅବସରରେ ରୁଷିଆର ୟୁକ୍ରେନ୍ ଆକ୍ରମଣର ଯୁକ୍ତିଯୁକ୍ତତା ଦର୍ଶାଇବାକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ଭୟାବହତାକୁ ଉଜ୍ଜୀବିତ କରିଛନ୍ତି। ପାଶ୍ଚାତ୍ୟର ସମ୍ମିଳିତ କ୍ରୋଧକୁ ଆମକୁ ବାରମ୍ବାର ପ୍ରତିହତ କରିବାକୁ ପଡ଼ିବ ବୋଲି ସିଧାସଳଖ କହିଥିଲେ ମଧ୍ୟ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସୋଭିଏଟ୍ ସଂଘର ମେଣ୍ଟ ଥିବା ଇଂଲଣ୍ଡ ଓ ଆମେରିକାର ନାଁ ସେ ଧରି ନ ଥିଲେ। ସେ ମଧ୍ୟ କହିଥିଲେ ଯେ, ଜର୍ମାନୀ ଟ୍ୟାଙ୍କ୍ ଏବେ ରୁଷିଆ ପ୍ରତି ବିପଦ ଓ ନାଜିବାଦ ବିଚାରଧାର ବିରୋଧରେ ଯାଇ ତାହା ନିଜକୁ ରକ୍ଷା କରିବାକୁ ବାଧ୍ୟ ହୋଇଛି। ଅବଶ୍ୟ ପୁଟିନ୍‌ଙ୍କ ଭାଷଣ ହେଉଛି ଇତିହାସର ଏକ ଦୁର୍ଭାବନାପୂର୍ଣ୍ଣ ବିକୃତୀକରଣ। ଭୟଙ୍କର ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଯେଉଁ ସ୍ଥାନରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ସୋଭିଏଟ ଏବଂ ଜର୍ମାନୀ ସୈନ୍ୟଙ୍କ ମୃତ୍ୟୁ ଘଟିଥିଲା ସେଠାରେ ଏଭଳି କହିବା ନିନ୍ଦନୀୟ। ରୁଷିଆ ନିଜକୁ ରକ୍ଷା କରୁନାହିଁ, ବରଂ ଏହା ଏକ ସାର୍ବଭୌମ ରାଷ୍ଟ୍ର ୟୁକ୍ରେନ୍‌କୁ ଆକ୍ରମଣ କରିଛି। ୟୁକ୍ରେନ୍‌ର ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଜଣେ ଇହୁଦୀ ଯିଏ କି ତାଙ୍କ ସମ୍ପର୍କୀୟଙ୍କୁ ହୋଲୋକାଉଷ୍ଟ (ଦ୍ୱିତୀୟ ବିଶ୍ୱଯୁଦ୍ଧରେ ୟୁରୋପୀୟ ଇହୁଦୀଙ୍କ ଗଣହତ୍ୟା ବା ଇହୁଦୀ ନରସଂହାର)ରେ ହରାଇଛନ୍ତି। କିନ୍ତୁ ଏବେ ନାଜି ବିଚାରଧାରା ଜେଲେନ୍‌ସ୍କି ଏବଂ ତାଙ୍କ ସାଥୀ ୟୁକ୍ରେନୀୟମାନଙ୍କୁ ରୁଷିଆ ଆକ୍ରମଣ ବିରୋଧରେ ଲଢ଼େଇ କରି ସେମାନଙ୍କ ଦେଶ ରକ୍ଷା କରିବା ଲାଗି ପ୍ରେରିତ କରିଛି; ଯାହା ପୁଟିନ୍‌ଙ୍କ ଭାଷାରେ ନିରର୍ଥକ ବା ହାସ୍ୟାସ୍ପଦ।

ରୁଷିଆ ପ୍ରତି ଜର୍ମାନୀ ଟ୍ୟାଙ୍କ ବିପଦ କୁହାଯାଉଥିବାବେଳେ ୟୁକ୍ରେନକୁ ୧୪ଟି ଲିଓପାର୍ଡ-୨ ଟ୍ୟାଙ୍କ୍ ପଠାଇବାକୁ ରାଜି ହେବାର ବହୁ ପୂର୍ବରୁ ଜର୍ମାନୀ ଚାନ୍‌ସେଲର ଓଲାଫ ସ୍କୋଲ୍ଜ୍ କାହିଁକି ନିଷ୍ପତ୍ତି ନେବାକୁ ଦ୍ୱନ୍ଦ୍ୱରେ ରହିଥିଲେ। କାରଣ ସେ ଜର୍ମାନୀକୁ ଏକ ସାମରିକ ନେତୃତ୍ୱ ଭାବେ ଦେଖିବାକୁ ଚାହୁଁ ନ ଥିଲେ। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ୟୁକ୍ରେନ୍‌କୁ ଏମ୍୧ ଆବ୍ରାମ୍ସ ଟ୍ୟାଙ୍କ ଯୋଗାଇଦେବାକୁ ରାଜି ହେବା ପରେ ପୂର୍ବରୁ ଟ୍ୟାଙ୍କ ଦେବାକୁ ମନା କରୁଥିବା ସ୍କୋଲ୍ଜ୍ ଶେଷରେ ତାହା ଦେଲେ। ବହୁ ସମୟରେ ପୁଟିନ୍‌ଙ୍କ ଭଳି ଜର୍ମାନୀ ନେତାମାନେ ଦ୍ୱିତୀୟ ବିଶ୍ୱଯୁଦ୍ଧ କଥା ବହୁବାର ଉଠାନ୍ତି। କିନ୍ତୁ ସେମାନେ ସେହି ଯୁଦ୍ଧରୁ ଯେଉଁ ନିଷ୍କର୍ଷ ବାହାର କରିଛନ୍ତି ତାହା ପୁଟିନ୍‌ଙ୍କ ଅହଂକାରୀ ତଥା ଆକ୍ରମଣାତ୍ମକ ସାମରିକବାଦର ସମ୍ପୂର୍ଣ୍ଣ ବିପରୀତ। ଭୋଲଗୋଗ୍ରାଡରେ ପୁଟିନ ଭାଷଣ ଦେବାର ଗୋଟିଏ ସପ୍ତାହ ପୂର୍ବରୁ ଜର୍ମାନୀ ପାର୍ଲାମେଣ୍ଟ ହୋଲୋକାଉଷ୍ଟ ସ୍ମରଣବାର୍ଷିକୀ ପାଳନ କରିଥିଲା। ଲକ୍ଷାଧିକ ଇହୁଦୀଙ୍କୁ ହତ୍ୟା କରିବାରେ ଜର୍ମାନୀର ଐତିହାସିକ ଉତ୍ତରଦାୟିତ୍ୱକୁ ଗୁରୁତ୍ୱ ଦେବା ଲାଗି ସ୍କୋଲ୍ଜ୍ ଏହା କରିଥିଲେ। ଏହାକୁ ସ୍ୱୀକାର କରି ସେ କହିଥିଲେ ଯେ, ଏଭଳି ଏକ ଅପରାଧ ଆଉ କେବେ ଯେଭଳି ପୁନାରାବୃତ୍ତି ନ ହେବ ତାହା ନିଶ୍ଚିତ କରିବା ଜରୁରୀ।

ୟୁକ୍ରେନ୍‌କୁ ସହଯୋଗ କରିବାରେ ପ୍ରମୁଖ ଭୂମିକା ନେବା ଲାଗି ସ୍କୋଲ୍ଜଙ୍କ ଅନିଚ୍ଛାକୁ କେତେଜଣ ପର୍ଯ୍ୟବେକ୍ଷକ ସମାଲୋଚନା କରିଛନ୍ତି। ସେମାନେ ଯୁକ୍ତି ବାଢ଼ିଛନ୍ତି ଯେ, ସେ ଇତିହାସରୁ ଭୁଲ୍ ଶିକ୍ଷା ପାଇଛନ୍ତି। ସାମରିକ ଆକ୍ରମଣ ପ୍ରତି ତାଙ୍କ ବିମୁଖତା ଯୁଦ୍ଧ ପରବର୍ତ୍ତୀ ଶାନ୍ତିବାଦକୁ ପ୍ରକାଶ କରିଛି; ଯେଉଁଥିରେ ତାଙ୍କ ପିଢ଼ିର ଜର୍ମାନୀ ନେତାମାନେ ଗଢ଼ି ହୋଇଛନ୍ତି। ସେହିଭଳି ରୁଷିଆର ଗ୍ୟାସ୍ ଉପରେ ନିର୍ଭର କରିବା ପାଇଁ ଜର୍ମାନୀ ଅନେକ ଦଶନ୍ଧି ପୂର୍ବରୁ ନିଷ୍ପତ୍ତି ନେଇଛି। ବାଣିଜ୍ୟ ଓ ପାରସ୍ପରିକ ନିର୍ଭରଶୀଳତା ବଜାୟ ରଖିବା ପ୍ରୟାସକୁ ଯୁଦ୍ଧ ବିରୋଧୀ ଭାବେ ବିଚାର କରାଯାଇପାରେ। କିନ୍ତୁ ରୁଷିଆ ୟୁକ୍ରେନ୍ ଆକ୍ରମଣ କରିଥିବାରୁ ଜର୍ମାନୀ ତାହାର ମେଣ୍ଟଗୁଡ଼ିକର ବାଧ୍ୟବାଧକତାରେ ଏହାର ଶାନ୍ତିବାଦୀ ବୈଦେଶିକ ନୀତି ଉପରେ ପୁନର୍ବିଚାର କରିଛି ଓ ୟୁକ୍ରେନ୍‌କୁ ରକ୍ଷା କରିବା ଲାଗି ସାହାଯ୍ୟ କରିଛି।

ବହୁ ସମୟରେ ଅତୀତର ଭ୍ରମାତ୍ମକ ସ୍ମୃତିରୁ ହିଂସା ଜନ୍ମ ନେଇଥାଏ। ଏ ଦୃଷ୍ଟିରୁ ଇହୁଦୀ ନରସଂହାର ଅଲଗା ନୁହେଁ। ଉଦାହରଣ ସ୍ୱରୂପ, ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କ ନେତୃତ୍ୱରେ ଦକ୍ଷିଣପନ୍ଥୀ ରାଜନେତାମାନେ ଲଗାତର ଇହୁଦୀ ନରସଂହାରର ବାସ୍ତବ ଭୟାବହତାକୁ ଉଠାଉଛନ୍ତି। ତେବେ ପ୍ରଶ୍ନ ଉଠୁଛି, ଇହୁଦୀ ନରସଂହାରର ସ୍ମୃତି ଏବଂ ଅନ୍ୟ ଐତିହାସିକ ଆଘାତଦାୟକ ଘଟଣାଗୁଡ଼ିକୁ ରାଜନେତାମାନେ ନିଜର ସୁବିଧା ଲାଗି କୌଶଳରେ ଏବଂ ଭୁଲ୍ ବାଟରେ ଉପଯୋଗ କରୁଛନ୍ତି କି। ସେଗୁଡ଼ିକର ବାସ୍ତବ ଗୁରୁତ୍ୱ ଏବଂ ଅର୍ଥକୁ ସବୁବେଳେ ତୁଳନାତ୍ମକ ଭାବେ ଖରାପ ଭାବନାରେ ଦେଖାଯାଉଛି କି? ଯେଉଁମାନେ ଅତୀତକୁ ମନେପକାଇ ପାରନ୍ତି ନାହିଁ, ସେମାନେ ଏହାକୁ ପୁନରାବୃତ୍ତି କରିବା ଦୋଷାବହ; ସ୍ପାନିଶ-ଆମେରିକୀୟ ଦାର୍ଶନିକ



ଜର୍ଜ ସାଣ୍ଟାୟାନାଙ୍କ ଏହି ପ୍ରସିଦ୍ଧ ଉକ୍ତି କ'ଣ ସତ ଥିଲା କି? ଉତ୍ତର ହଁ କିମ୍ବା ନା ହୋଇପାରେ, କିନ୍ତୁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସ୍ଥାନରେ ଘଟିଥିବା ଐତିହାସିକ ଘଟଣାଗୁଡ଼ିକୁ ଦେଖିଲେ ସେଥିରୁ ଉପାଦେୟ ତଥା ପ୍ରଗତିଶୀଳ ଭାବନାର ଶିକ୍ଷା ମିଳିପାରିବ। ଯଦି ସେଗୁଡ଼ିକ ଉଚିତ ଶିକ୍ଷା ପ୍ରଗତିଶୀଳ ଭାବନା ନିହିତ ନ ଥାଏ, ତେବେ ସେଗୁଡ଼ିକ ଆମକୁ ଏକ ଭୁଲ୍ ସିଦ୍ଧାନ୍ତ ଆଡ଼କୁ ବାଟ କଢ଼ାଇ ନେବ।

ବିଭିନ୍ନ କ୍ଷେତ୍ରରେ ଇହୁଦୀ ନରସଂହାରକୁ ବର୍ଣ୍ଣନା କରିବାର ବିକୃତ ମାନସିକତାର ଦୃଷ୍ଟାନ୍ତ ରହିଛି। ଆମେରିକାର ପୂର୍ବତନ କଂଗ୍ରେସ ସଦସ୍ୟା ମିଚେଲ ବ୍ୟାକମାନ୍ ବି ଟିକସ ବୃଦ୍ଧିକୁ ଇହୁଦୀ ନରସଂହାର ସହ ତୁଳନା କରୁଛନ୍ତି। ଏବକାର ରିପବ୍ଲିକାନ ପ୍ରତିନିଧି ମାଜୋରି ଟେଲର ଗ୍ରୀନି କି କୋଭିଡ୍-୧୯ ସାର୍ବଜନୀନ ସ୍ୱାସ୍ଥ୍ୟ ପଦକ୍ଷେପଗୁଡ଼ିକୁ ନାଜିଙ୍କ ଇହୁଦୀ ଗଣହତ୍ୟା ସହ ତୁଳନା କରୁଛନ୍ତି। ଦ୍ୱେଷ ଓ ଦୋଷଦର୍ଶିତାକୁ ନେଇ ଏଭଳି ରକ୍ଷାତ୍ମକ ଦୃଷ୍ଟିକୋଣ ଗ୍ରହଣ କରାଯାଉଛି ଓ ଏଥିରୁ ବୁଝାପଡ଼େ ଯେ ଏ ବିଷୟରେ ସେମାନେ କିଛି ଜାଣିନାହାନ୍ତି। ଅନ୍ତର୍ଜାତୀୟ ଅସ୍ୱିଜ କମିଟି ନିକଟରେ ଇହୁଦୀ ନରସଂହାରରୁ ବର୍ତ୍ତିଯାଇ ୟୁକ୍ରେନ୍‌ରେ ରହୁଥିବା ସେହି ଲୋକଙ୍କ ନିର୍ଯାତନାକୁ ନାଜିଙ୍କ ହାତରେ ସେତେବେଳେ ସହିଥିବା ନିର୍ଯାତନା ସହ ତୁଳନା କରିଛନ୍ତି। କିନ୍ତୁ ରୁଷିଆ ଏବେ ସ୍ପଷ୍ଟତଃ ୟୁକ୍ରେନ୍‌ରେ ପୁଟିନ୍‌ଙ୍କ ନିର୍ଯାତନା ଏବଂ ଇହୁଦୀ ନରସଂହାର ଘଟଣାର ସମାନ୍ତରାଳ ତୁଳନା ଉଭୟର ଗମ୍ଭୀରତା ହ୍ରାସ କରୁଛି। ପ୍ରକୃତରେ ପୁଟିନ୍ ବହୁତ ଖରାପ, ତାଙ୍କୁ ହିଟଲରଙ୍କ ସହ ତୁଳନା କରିବାର କୌଣସି ପ୍ରୟୋଜନ ନାହିଁ।

ଦୁଇଟି ଭିନ୍ନ ଐତିହାସିକ ଘଟଣାକୁ ସମାନ ବୋଲି ଦର୍ଶାଇବା ବଦଳରେ ଇତିହାସରୁ ବହୁତ କିଛି ଶିଖିବାର ଅଛି। ଇତିହାସକୁ ଅନୁଧ୍ୟାନ କରିବାକୁ ହେଲେ ପ୍ରଥମେ ଆମେ କିଏ, କାହିଁକି ନିର୍ଦ୍ଦିଷ୍ଟ ଘଟଣା ଘଟିଲା ଏବଂ କିଭଳି କେଉଁ ବାଟରେ ସେଗୁଡ଼ିକୁ ଏବେସୁଦ୍ଧା ଆମକୁ ପ୍ରଭାବିତ କରୁଛି, ତାହା ବୁଝିବାକୁ ହେବ। କିନ୍ତୁ ସମାନ ବାଟରେ ସେହି ଘଟଣାଗୁଡ଼ିକର ଯେଭଳି ପୁନରାବୃତ୍ତି ନ ହୁଏ ସେଥିପ୍ରତି ସତର୍କ ହେବା ଉଚିତ। ସମକାଳୀନ ନୀତିଗୁଡ଼ିକର ଅତୀତ ସହ କ'ଣ ସମ୍ପର୍କ ରହିଛି ତାହା ବିଚାର ନ କରି ଇହୁଦୀ ନରସଂହାର ଉତ୍ତରଦାୟିତ୍ୱକୁ ସ୍ୱୀକାର କରି ବର୍ତ୍ତମାନ ୟୁକ୍ରେନ୍‌କୁ ଟ୍ୟାଙ୍କ ପଠାଇବାର କୌଣସି କାରଣ ନାହିଁ। ସେହିଭଳି ପ୍ରାୟ ଏକ ଶତାବ୍ଦୀ ପୂର୍ବେ ନାଜି ଜର୍ମାନୀ ହାତରେ ସେଭିଏଟ ସଂଘର ଲୋକେ ଭୋଗିଥିବା ଭୟଙ୍କର ନିର୍ଯାତନାକୁ ଏବକାର ରୁଷିଆ ଚଳାଇଥିବା ଆକ୍ରମଣ ସହ ସମାନ ବୋଲି ଦର୍ଶାଯାଇ ପାରିବ ନାହିଁ। ବ୍ରିଟିଶ ଔପନ୍ୟାସିକ ଏଲ୍.ପି. ହାର୍ଟଲେ ଲେଖିଥିଲେ, ଅତୀତ ହେଉଛି ଏକ ବିଦେଶ, ଯେଉଁଠି ସେମାନେ ବିଷୟଗୁଡ଼ିକୁ ଭିନ୍ନ ଭାବେ କରିଥାନ୍ତି। ଏହାର ମାନେ ନୁହେଁ ଯେ, ଆମେ ଏବେ ସବୁ ବିଷୟକୁ ଭିନ୍ନ ଭାବେ କରିବା ଅନିବାର୍ଯ୍ୟ। ତାଙ୍କ ଲେଖାକୁ ବୁଝିବାକୁ ହେଲେ ଆମକୁ ଜର୍ଜ ସାଣ୍ଟାୟାନାଙ୍କ ଉପଦେଶକୁ ଅନୁସରଣ କରିବାକୁ ହେବ ଏବଂ ଇତିହାସକୁ ସତର୍କତାର ସହ ପଢ଼ି ଅନୁଧ୍ୟାନ କରିବାକୁ ପଡ଼ିବ।

ପ୍ରତିଷ୍ଠିତ ଲେଖକ, ଦି ଚର୍ଚ୍ଚିଲ କମ୍ପ୍ଲେକ୍ସ

## ଅସଙ୍ଗଠିତ ଶ୍ରମିକଙ୍କ ଦୁଃଖ



ଯୁଧିଷ୍ଠିର ମହାରଣା

ଅସଙ୍ଗଠିତ ଶ୍ରମଜୀବୀ ସଙ୍ଗଠିତ ହୋଇ ନ ଥିବାରୁ ସେମାନଙ୍କ ଦୈନନ୍ଦିନ ସମସ୍ୟା ସମାଧାନ କରିବା ଦିଗରେ କୌଣସି ସଙ୍ଗଠିତ ଉଦ୍ୟମ ହୁଏନାହିଁ। ଇଟା, ପଥର, ଗୃହନିର୍ମାଣ, କାଠକାମ, ସାଧାରଣ କାମର ମହତ୍ତ୍ୱ ସରକାର ବା ବେସରକାରୀ ସଂସ୍ଥା ଠିକ୍ ଭାବେ ବୁଝି ନ ଥିବାରୁ ସେମାନଙ୍କ ଭାଗ୍ୟ ସୂତାଖିଅରେ ଝୁଲୁଛି। ଧାନ ଅମଳ ଶେଷ ହେଲେ ଗାଁରେ ବାସ କରୁଥିବା କୃଷକ ଶ୍ରମିକମାନଙ୍କ ମଧ୍ୟରୁ ଅନେକେ ଦାଦନ ଖଟିବା ପାଇଁ ପଡ଼ୋଶୀ ରାଜ୍ୟକୁ ଯାଆନ୍ତି। ଏମାନଙ୍କ ସଂଖ୍ୟା ଲକ୍ଷାଧିକ। ଏମାନଙ୍କର କୌଣସି ସଙ୍ଗଠନ ନାହିଁ। ରାଜନୈତିକ ଦଳଗୁଡ଼ିକ ସଭା ଶୋଭାଯାତ୍ରା କରିବା ଦିନ ଏମାନଙ୍କୁ କିଛି ଅର୍ଥ ଦେଇ କାମ କରାନ୍ତି ଶୋଭାଯାତ୍ରାରେ ଯିବା ପାଇଁ ଓ ପିଏମ୍‌ଜି ଛକରେ ଇନ୍‌କିଲାବ ଜିନ୍ଦାବାଦ୍ କରିବା ଲାଗି। ଓଡ଼ିଶାର ସବୁଆଡ଼େ ଏହି ଚିତ୍ର ଦେଖିବାକୁ ମିଳେ, ତେବେ ସବୁଠାରୁ ବଡ଼ ଗହଳି ଭୁବନେଶ୍ୱରରେ ଦେଖାଯାଏ। ଷ୍ଟେସନ ସ୍କୋୟାର, ରାଜମହଲ ଛକ, କଳ୍ପନା ଛକ, ରାମମନ୍ଦିର ଓ ରସୁଲଗଡ଼ ଛକରେ ପ୍ରତିଦିନ ସକାଳେ ଏମାନେ ଅପେକ୍ଷା କରନ୍ତି କାଳେ ସାମୟିକ ନିଯୁକ୍ତି ଦେବା ପାଇଁ ଲୋକ ଖୋଜୁଥିବା କାହା ସହିତ ଦେଖା ହୋଇଯିବ ଓ କାମ ମିଳିଯିବ ଏଇ ଆଶାରେ। ଘର ନିର୍ମାଣ, ରାସ୍ତା ନିର୍ମାଣ, ଇଟା ତିଆରି କରିବା ଓ ବୋଝ ବୋହିବା କାମ ପାଇଁ ଏମାନଙ୍କୁ ଖୋଜାଯାଏ। ସାମୟିକ ନିଯୁକ୍ତି ମଧ୍ୟ ମିଳିଯାଏ। କିନ୍ତୁ ସମସ୍ତଙ୍କୁ ନିଯୁକ୍ତି ମିଳେ ନାହିଁ। ସେମାନେ ନିରାଶ ହୋଇ ଘରକୁ ଫେରନ୍ତି ଖାଲି ହାତରେ। ଏମାନଙ୍କୁ କେବଳ ଅଧାପେଟରେ ଶୋଇବାକୁ ପଡ଼େନାହିଁ, ପୁଅ ଝିଅ, ସ୍ତ୍ରୀ ସମସ୍ତଙ୍କୁ ଭୋକ ଉପାସରେ ଶଢ଼ିବାକୁ ହୁଏ। ଦେଶର ଶ୍ରମଜୀବୀମାନଙ୍କ ମଧ୍ୟରୁ ୮୦ ପ୍ରତିଶତ ଅସଙ୍ଗଠିତ ଶ୍ରମିକ। ଏମାନେ ଦିନମଜୁରିଆ ହୋଇଥିବାରୁ ମାଲିକ ସହିତ ଦରଦାମ୍ ନ କରି ପାଚେରିକୁ ଲାଗି ଅସ୍ଥାୟୀ କୁଡ଼ିଆରେ ବାସ କରନ୍ତି। ଏମାନଙ୍କର ଜାଗା ଜମି ନାହିଁ, ରାଶନକାର୍ଡ, ଗରିବଭତ୍ତା, ବାର୍ଦ୍ଧକ୍ୟଭତ୍ତା, କାମ କଲାବେଳେ ଆହତ ହେଲେ ଏମାନଙ୍କୁ କିଛି ମିଳେ ନାହିଁ। ଏପରିକି ନିର୍ମାଣ ସ୍ଥଳରେ ପିଇବା ପାଣି ଓ ପ୍ରାଥମିକ ଚିକିତ୍ସାର ସୁବିଧା ନାହିଁ। ନିର୍ବାଚନ ସମୟରେ ଏମାନଙ୍କୁ ରାଜନୈତିକ ଦଳଗୁଡ଼ିକ ଅନେକ ପ୍ରକାର ପ୍ରଲୋଭନ ଓ ପ୍ରତିଶ୍ରୁତି ଦିଅନ୍ତି। ନିର୍ବାଚନ ଶେଷ ହେଲେ ଏମାନେ ଅଦରକାରୀ ହୋଇଯାଆନ୍ତି। ସ୍ୱାଧୀନ ଭାରତରେ ଏପରି ଶ୍ରମଜୀବୀଙ୍କ ସଂଖ୍ୟା ପଚିଶ କୋଟିରୁ କମ୍ ହେବନାହିଁ। ଦେଶ କାମ, ସଚିବାଳୟ, ହୋଟେଲ, ମୋଟରଗାଡ଼ିର ଅର୍ଥ ଏମାନେ ବୁଝନ୍ତି ନାହିଁ। ସକାଳୁ ସନ୍ଧ୍ୟା ଏମାନେ ଖଟନ୍ତି। ଏମାନଙ୍କ ପାଇଁ ବୀମା କରିବା ସକାଶେ ସରକାର ବ୍ୟବସ୍ଥା କରୁଥିବା ଶୁଣି ସେମାନେ ଆଶ୍ୱସ୍ତ ହୋଇଛନ୍ତି। କିନ୍ତୁ ଏହା ଅପେକ୍ଷା ସେମାନଙ୍କୁ ଯଦି ଉଚିତ ମଜୁରିରେ କିଛି କାମ ଦିଆଯାଆନ୍ତା ତେବେ ଏମାନେ କୃତକୃତ୍ୟ ହୁଅନ୍ତେ। ଭାରତ ସରକାର ଜନଧନ ଯୋଜନାରେ ଏମାନେ ବ୍ୟାଙ୍କରେ କିଛି ଅର୍ଥ ଜମା କଲେ ଅଧିକ ସୁବିଧା ମିଳିବ ବୋଲି ଯୋଜନା କରିଛନ୍ତି। ବ୍ୟାଙ୍କରେ ସାମାନ୍ୟ ଅର୍ଥ ଜମା କଲେ ଏମାନଙ୍କ ନିରାପତ୍ତା ପାଇଁ ମଧ୍ୟ କିଛି ଅର୍ଥ ମିଳେ। ସେମାନେ ମହାତ୍ମା ଗାନ୍ଧୀ ଗ୍ରାମାଞ୍ଚଳ ବିକାଶ ଯୋଜନାରେ କାମ ପାଇଲେ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ସରକାରଙ୍କଠାରୁ ପ୍ରାପ୍ୟ ଅର୍ଥ ଶ୍ରମିକମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ସିଧା ପଠାଇ ଦେବାର ବ୍ୟବସ୍ଥା ହୋଇଛି। ସମସ୍ତଙ୍କୁ ରାଶନ କାର୍ଡ ଦେବା ପାଇଁ ସେମାନଙ୍କୁ ତାଲିକାଭୁକ୍ତ କରାଯାଇଛି। କିନ୍ତୁ ଭୁବନେଶ୍ୱରରେ ଝୁମ୍ପୁଡ଼ିଗୁଡ଼ିକରେ ବାସ କରୁଥିବା ହଜାର ହଜାର ଲୋକଙ୍କ ଠିକଣା ନାହିଁ, ତେଣୁ ଏମାନଙ୍କୁ ରାଶନ କାର୍ଡ, ବ୍ୟାଙ୍କ ସୁବିଧା ଓ ଅନ୍ୟାନ୍ୟ ଆର୍ଥିକ ସୁବିଧା ଦେବା ପାଇଁ କିଛି ସୁଯୋଗ ନାହିଁ। ଜନଧନ ଯୋଜନାଭୁକ୍ତ ହେଲେ ଏମାନଙ୍କୁ କିଛି ସୁବିଧା ମିଳିବ। କିନ୍ତୁ ନିଯୁକ୍ତି ତ ସବୁଦିନ ମିଳିବ ନାହିଁ। ସୁତରାଂ ନିଯୁକ୍ତି ଦେବାରେ ଯଦି ସରକାର କିଛି ପଦକ୍ଷେପ ନିଅନ୍ତେ ତେବେ ଏମାନେ ଅନିଶ୍ଚିତ ଅବସ୍ଥାରେ ନ ରହି ଜନସାଧାରଣଙ୍କ ସହିତ ସାମିଲ ହୁଅନ୍ତେ।

ଗ୍ରାମାଞ୍ଚଳରେ ମୋଟରଗାଡ଼ି, ଦୁଇଚକିଆ ଓ ଚାରିଚକିଆ ଯାନ, ବିଦ୍ୟୁତ୍ ଉପଲବ୍ଧ ହେବା ପରେ ଶଗଡ଼, ସବାରି ପ୍ରଭୃତି ଅଚଳ ହୋଇଯାଇଛି। ଯେଉଁମାନେ କାମ କରି ପେଟ ପୋଷୁଥିଲେ ସେମାନଙ୍କ ସାହାଭରସା ତୁଟିଗଲା। ସରକାର ଯଦି ଗରିବମାନଙ୍କ ଜିଇବା ପାଇଁ ଯୋଜନା ମାଧ୍ୟମରେ ସେମାନଙ୍କୁ ନିଯୁକ୍ତି ଦିଅନ୍ତେ ତେବେ ସ୍ୱାଭିମାନ ସୃଷ୍ଟି ହୁଅନ୍ତା ସେମାନଙ୍କ ମନରେ। କାମ କରିବାର ମର୍ଯ୍ୟାଦା ଅନୁଭବ କରନ୍ତେ ସେମାନେ। ପ୍ରଧାନମନ୍ତ୍ରୀ ଦୁଇ ଟ୍ରିଲିୟନ୍ ଡଲାର ଅର୍ଥନୀତିକୁ କୋଡିଏ ହଜାର ଟ୍ରିଲିୟନ କରିବା ପାଇଁ ସ୍ୱପ୍ନ ଦେଖୁଛନ୍ତି। ଏହା ଶୁଣି ଭରସା ଆସୁଛି ମନରେ ଦିନେନା ଦିନେ ଦୁଃଖ ଯିବ ବୋଲି। ମେକ୍ ଇନ୍ ଇଣ୍ଡିଆ ନୀତି କାର୍ଯ୍ୟକାରୀ ହେଲେ ନିଯୁକ୍ତିର ବାଟ ଫିଟିଯିବ। ସେତେବେଳକୁ ଏହି ବଳକା ଶ୍ରମଜୀବୀମାନଙ୍କୁ ଯଦି କୁଶଳୀ ହେବା ପାଇଁ ପ୍ରଶିକ୍ଷଣ ଦେବା ବ୍ୟବସ୍ଥା ହୁଅନ୍ତା ତେବେ ରାଜ୍ୟ ବାହାରକୁ ଗଲେ ମଧ୍ୟ ସେମାନଙ୍କ ରୋଜଗାର ବଢ଼ନ୍ତା।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
ମୋ: ୯୪୩୭୧୬୩୫୨୮

## ଏଇ ଭାରତରେ

ଭାରତରେ ବାଲ୍ୟବିବାହ ଓ ଭ୍ରୂଣହତ୍ୟାରେ ଆଗୁଆ ରାଜ୍ୟ ରାଜସ୍ଥାନରେ ଗୋଟିଏ ପରିବାରର ୫ ଭଉଣୀ ରାଜସ୍ଥାନ ପ୍ରଶାସନିକ ସେବା(ଆର୍‌ଏଏସ୍)ପରୀକ୍ଷାରେ ସଫଳ ହେବା ନଶ୍ଚିତ ଭାବେ ପ୍ରେରଣାଦାୟକ। ଅଭାବୀ ପରିବାରରେ କନ୍ୟାମାନେ ଶିକ୍ଷା ଦ୍ୱାରା ସଶକ୍ତ ହୋଇପାରନ୍ତି, ଏହା ପ୍ରମାଣସିଦ୍ଧ କରିଥିବା ୫ ଭଉଣୀ ହେଲେ ମଞ୍ଜୁ, ରୋମା, ଅଂଶୁ, ରିତୁ ଓ ସୁମନ। ଏମାନେ ରାଜସ୍ଥାନ ହନୁମାନଗଡ଼ ଜିଲା ଭେରୁଶାରି ଗାଁର ନିବାସୀ ସହଦେବ ଶହରାଣଙ୍କ କନ୍ୟା। ସହଦେବ ବୃତ୍ତିରେ ଜଣେ କୃଷକ। ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ନିରକ୍ଷର ହେଲେ ବି ତାଙ୍କ ଯତ୍ନ ଓ ସହଦେବଙ୍କ ପ୍ରଚେଷ୍ଟା ସବୁ କନ୍ୟାଙ୍କୁ ଆର୍‌ଏଏସ୍‌ରେ ସଫଳ କରାଇଛି। ଚାଷର ସ୍ୱଳ୍ପ ଆୟରେ ସବୁ ଝିଅଙ୍କୁ ପଢ଼ାଇବା କଷ୍ଟକର ହୋଇଥିଲେ ମଧ୍ୟ ସହଦେବ ପଛକୁ ହଟି ନ ଥିଲେ। ନିଜେ ସେମାନଙ୍କୁ ପିଲାଦିନେ ପଢ଼ାଇ ଥିଲେ। ପରେ ସେମାନେ ଉଚ୍ଚଶିକ୍ଷା ଲାଭ କରିଥିଲେ। ପ୍ରଥମେ ୨୦୧୦ରେ ରୋମା ଆର୍‌ଏଏସ୍‌ରେ ସଫଳ ହେବା ପରେ ୨୦୧୭ରେ ମଞ୍ଜୁ କୃତକାର୍ଯ୍ୟ ହୋଇଥିଲେ। ପରେ ଅଂଶୁ, ରିତୁ ଓ ସୁମନ ୨୦୧୭ରେ ଆର୍‌ଏଏସ୍ ପାଇଥିଲେ। ଅନ୍ୟ ପିଲାମାନେ କିଭଳି ସିଭିଲ୍ ସର୍ଭିସରେ କୃତକାର୍ଯ୍ୟ ହୋଇପାରିବେ ସେଥିପାଇଁ ସେମାନେ ପହଲ ଏକାଡେମୀ ନାମକ ଏକ ଅନ୍‌ଲାଇନ ପ୍ଲାଟ୍‌ଫର୍ମ ମାଧ୍ୟମରେ କୋଚିଂ ଦେବାର ବ୍ୟବସ୍ଥା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ଫେବୃୟାରୀ ୧୯୯୮

- ରୁଷିଆର ମହିଳା ଆଥଲେଟିକ୍ ଓଲଗା ଦାନିଲୋଭା ଶୀତକାଳୀନ ଅଲିମ୍ପିକ୍ସରେ ଚମତ୍କାର କ୍ରୀଡ଼ାକୌଶଳ ପ୍ରଦର୍ଶନ କରି ପ୍ରଥମ ସ୍ୱର୍ଣ୍ଣପଦକ ହାସଲ କରିବାର ଗୌରବ ହାସଲ କରିଛନ୍ତି।
- ଓଡ଼ିଶାର ବିଶିଷ୍ଟ କ୍ରୀଡ଼ାବିତ୍ ତଥା ସୁନ୍ଦରଗଡ଼ କଲେଜର ପୂର୍ବତନ କ୍ରୀଡ଼ାଶିକ୍ଷକ ଦୀନମଣି ପଟେଲଙ୍କ ପରଲୋକ।
- ଜମ୍ମୁ-କଶ୍ମୀରରେ ଭୋଟ୍‌ଗଣତି ତାରିଖ ପରିବର୍ତ୍ତନ ନେଇ ନିର୍ବାଚନ କମିଶନଙ୍କୁ ସୁପ୍ରିମ କୋର୍ଟଙ୍କ ନୋଟିସ।

## su|do|ku

Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 4 | | | 3 | 1 | | | |
| | | | 6 | | | 7 | | |
| | | | | | 9 | 5 | | 6 |
| | 6 | 3 | | | 8 | | | |
| | | 1 | | | | | 5 | |
| 2 | 7 | | | | | 9 | | |
| | | | | | | 6 | | |
| | | | 1 | 6 | | | 4 | |
| | | 7 | 9 | | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 4 | 8 | 7 | 1 | 2 | 6 | 5 |
| 1 | 2 | 6 | 4 | 5 | 9 | 8 | 3 | 7 |
| 5 | 8 | 7 | 2 | 6 | 3 | 9 | 1 | 4 |
| 6 | 4 | 1 | 3 | 9 | 7 | 5 | 2 | 8 |
| 3 | 5 | 2 | 6 | 4 | 8 | 7 | 9 | 1 |
| 7 | 9 | 8 | 1 | 2 | 5 | 6 | 4 | 3 |
| 8 | 6 | 9 | 5 | 1 | 4 | 3 | 7 | 2 |
| 2 | 1 | 3 | 7 | 8 | 6 | 4 | 5 | 9 |
| 4 | 7 | 5 | 9 | 3 | 2 | 1 | 8 | 6 |

ଗତକାଲିର ଉତ୍ତର

# ବିଦେଶୀ ବିଶ୍ୱବିଦ୍ୟାଳୟ ପ୍ରବେଶର ଏପାଖ ସେପାଖ



ଡ. ପ୍ରମୋଦ କୁମାର ପଣ୍ଡା

ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗ ଆମ ଦେଶରେ ବିଦେଶୀ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ସବୁଜ ସଙ୍କେତ ଦେଇଛି। ତଦନୁସାରେ ବିଦେଶରେ ଥିବା ନାମୀଦାମୀ ବିଶ୍ୱବିଦ୍ୟାଳୟ ତାଙ୍କର କ୍ୟାମ୍ପସ୍ ଭାରତରେ ସ୍ଥାପନ କରିବେ। ପ୍ରଥମ ପର୍ଯ୍ୟାୟରେ ୧୦ ବର୍ଷ ପାଇଁ ସେମାନଙ୍କୁ ଅନୁମତି ମିଳିବ ଓ ତା'ପରେ ତା'ର ନବୀକରଣ କରାଯିବ। ବିଦେଶୀ ବିଶ୍ୱବିଦ୍ୟାଳୟ ଭାରତରେ କ୍ୟାମ୍ପସ୍ ସ୍ଥାପନ କଲେ ଭାରତୀୟମାନେ ନିଜ ଦେଶରେ ଗୁଣବତ୍ତା ଶିକ୍ଷା ଲାଭ କରିପାରିବେ ଓ ଆମେ ବିଶ୍ୱସ୍ତରୀୟ ଗବେଷଣା ଏବଂ ମାନବ ସମ୍ବଳ ସୃଷ୍ଟି କରିବାରେ ସକ୍ଷମ ହେବା ବୋଲି ଅନେକଙ୍କର ମତ। ଆଉ କିଛି ବିଶେଷଜ୍ଞଙ୍କ ମତ ହେଲା ଯେଉଁ ଭାରତୀୟମାନେ ଆର୍ଥିକ କାରଣରୁ ବିଦେଶରେ ଶିକ୍ଷା ଲାଭ କରିପାରୁନାହାନ୍ତି, ସେମାନେ ଭାରତରେ ବିଶ୍ୱସ୍ତରୀୟ ଶିକ୍ଷାଲାଭର ସୁଯୋଗ ପାଇବେ। ଆମ ସରକାର ଓ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ଏହିସବୁ ନାମୀଦାମୀ ବିଶ୍ୱବିଦ୍ୟାଳୟ ସହିତ ପ୍ରତିଯୋଗିତା କରିବେ ଶିକ୍ଷାଦାନ, ଶୈକ୍ଷିକ ବାତାବରଣ ସୃଷ୍ଟି ଓ ଗବେଷଣା ପାଇଁ। ବିଦେଶୀ ବିଶ୍ୱବିଦ୍ୟାଳୟଗୁଡ଼ିକ ଯେପରି ସୁରୁଖୁରୁରେ ଏଠାରେ ଉଚ୍ଚ ମାନର ଶିକ୍ଷା ଦାନ କରନ୍ତି, ସେଥିପାଇଁ ଉଭୟ ସ୍ୱାୟତ୍ତତା ଓ ଫିସ ନିର୍ଦ୍ଧାରଣ କ୍ଷମତା ସଂପୂର୍ଣ୍ଣ ରୂପେ ତାଙ୍କ ଉପରେ ନ୍ୟସ୍ତ କରାଯିବ।

ବିଦେଶୀ ବିଶ୍ୱବିଦ୍ୟାଳୟ ଭାରତରେ ଶାଖା ଖୋଲିଲେ କ'ଣ ଅସୁବିଧା ହୋଇପାରେ ସେ ବିଷୟରେ ଆଲୋକପାତ କରିବା। ସେହି ଅସୁବିଧା ଦୂର କରିବା ପାଇଁ ସରକାରଙ୍କୁ କେଉଁ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ, ତା' ଉପରେ ଆଲୋଚନା କରିବା। ପ୍ରଥମେ ବୁଝିବାକୁ ପଡ଼ିବ, ଭାରତ ପୃଥିବୀର ସବୁଠୁ ବଡ଼ ଶିକ୍ଷା ବଜାର। ଏଠାରେ ଉଚ୍ଚ ଶିକ୍ଷା ପାଇଁ ପର୍ଯ୍ୟାପ୍ତ ସୁବିଧା ନ ଥିବାରୁ ପ୍ରତିବର୍ଷ ୪ ଲକ୍ଷ ପିଲା ବିଦେଶକୁ ପାଠ ପଢ଼ିବା ପାଇଁ ଯାଆନ୍ତି। ଆମ ଦେଶରେ ୨ ପ୍ରକାର ଛାତ୍ର ଥାଆନ୍ତି। କିଛି ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଛାତ୍ର। ସେମାନେ ସରକାରୀ ଶିକ୍ଷାନୁଷ୍ଠାନରେ ପଢ଼ନ୍ତି ଓ ଯେଉଁମାନେ ଆର୍ଥିକ ସ୍ୱଚ୍ଛଳ, ସେମାନଙ୍କ ପିଲା ଘରୋଇ ଶିକ୍ଷାନୁଷ୍ଠାନରେ ପଢ଼ନ୍ତି। ଯେହେତୁ ବିଦେଶୀ ବିଶ୍ୱବିଦ୍ୟାଳୟ ନାମର ଚାହିଦା ଭାରତରେ ଅଧିକ, ସେଥିପାଇଁ ଆର୍ଥିକ ସ୍ୱଚ୍ଛଳ ବର୍ଗ ବିଦେଶୀ ବିଦ୍ୟାଳୟରେ ପଢ଼ିବାକୁ ପସନ୍ଦ କରିପାରନ୍ତି ଏବଂ ଘରୋଇ ଶିକ୍ଷାନୁଷ୍ଠାନରେ ଛାତ୍ର ସଂଖ୍ୟା କମିଯାଇପାରେ। ତେଣୁ ଛାତ୍ରୀଛାତ୍ର ପାଇବା ପାଇଁ ବିଦେଶୀ ବିଶ୍ୱବିଦ୍ୟାଳୟ ଘରୋଇ ଶିକ୍ଷାନୁଷ୍ଠାନ ସହିତ ଅଧିକ ପ୍ରତିଯୋଗିତା କରିବ ଓ ଘରୋଇ ବିଶ୍ୱବିଦ୍ୟାଳୟର ଆର୍ଥିକ କ୍ଷତିସାଧନ କରିପାରେ ମଧ୍ୟ। ଆମ ଦେଶର ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକ ନିଜ ଦେଶର ଯୁବତୀ ଯୁବକଙ୍କୁ ନିଯୁକ୍ତି ଦିଅନ୍ତି, ବିଦେଶୀ ବିଶ୍ୱବିଦ୍ୟାଳୟଗୁଡ଼ିକ ବିଦେଶୀଙ୍କୁ ନିଯୁକ୍ତି ଦେବାର ସମ୍ଭାବନା ରହିଛି, ତେଣୁ ନିଯୁକ୍ତି ସୁଯୋଗ ହ୍ରାସ ହେବା ସମ୍ଭାବନା। ଫିସ୍ ନିର୍ଦ୍ଧାରଣ ସ୍ୱାୟତ୍ତତା ଥିବାରୁ ଭାରତୀୟ ଛାତ୍ର ଶୋଷିତ ହେବାର ଆଶଙ୍କା ଅଛି।



କୌଣସି ଦେଶରେ ଶିକ୍ଷାଦାନ କେବଳ ଚାକିରି ସର୍ବସ୍ୱ କିମ୍ବା ଦକ୍ଷତା ନିର୍ମାଣ ପାଇଁ ଉଦ୍ଦିଷ୍ଟ ହୋଇ ନ ଥାଏ ବରଂ ଶିକ୍ଷାଦାନ ଦ୍ୱାରା ରୋଜଗାର ସହିତ ଦେଶର ସଂସ୍କୃତି, ଇତିହାସ, ଭୂଗୋଳ, ସାହିତ୍ୟ, ଦର୍ଶନ, ସାମାଜିକ ବ୍ୟବସ୍ଥା, ଧର୍ମବିଶ୍ୱାସ, ପୋଷାକପତ୍ର, ଖାଦ୍ୟପେୟ ଇତ୍ୟାଦି ଉପରେ ନୂତନ ପିଢ଼ି ଜ୍ଞାନ ଅର୍ଜନ କରି ନିଜକୁ ଗର୍ବିତ ମନେକରିବା ସହିତ ପର ପିଢ଼ିକୁ ଶିକ୍ଷା ଦେବାରେ ସହାୟକ ହୋଇଥାଏ। ଆମ ଦେଶର ସରକାରୀ କିମ୍ବା ଘରୋଇ ବିଶ୍ୱବିଦ୍ୟାଳୟ ନିଶ୍ଚିତ ରୂପେ ସରକାରୀ କାର୍ଯ୍ୟକ୍ରମ ଯଥା ସାଧୀନତା ଦିବସ, ଗଣତନ୍ତ୍ର ଦିବସ, ଗାନ୍ଧୀ ଜୟନ୍ତୀ, ବିଭିନ୍ନ ପର୍ବପର୍ବାଣିକୁ ପ୍ରାଧାନ୍ୟ ଦେଇଥା'ନ୍ତି, ମାତ୍ର ବିଦେଶୀ ବିଶ୍ୱବିଦ୍ୟାଳୟ ଆମର ରାଷ୍ଟ୍ରୀୟ ପର୍ବ, ଅନ୍ୟାନ୍ୟ ପର୍ବପର୍ବାଣି, ପୋଷାକ ପରିଚ୍ଛଦ, ଖାଦ୍ୟପେୟକୁ ପ୍ରାଧାନ୍ୟ ଦେବେ ତ? ବିଦେଶୀ ବିଶ୍ୱବିଦ୍ୟାଳୟଗୁଡ଼ିକ ଆମ ଇତିହାସ, ଐତିହ୍ୟ ଆଦିକୁ ସଠିକ ଢଙ୍ଗରେ ଛାତ୍ରୀଛାତ୍ରଙ୍କୁ ପଢ଼ାଇବେ ତ। ବିଦେଶୀ ବିଶ୍ୱବିଦ୍ୟାଳୟ ଆମ ଭାରତୀୟ ସଂସ୍କୃତି ସଭ୍ୟତାର ବିଲୋପ ସାଧନ ଦିଗରେ କାର୍ଯ୍ୟ କରିବ ନାହିଁ ତ? ତାଙ୍କର ସିଲାବସ୍ କିଏ ନିର୍ଦ୍ଧାରଣ କରିବ?

ଆମ ଦେଶ ପାଇଁ ଉଚ୍ଚ ଶିକ୍ଷାରେ ଘରୋଇକରଣ କିଛି ନୂଆ କଥା ନୁହେଁ। ଯଦିଓ ବର୍ତ୍ତମାନ ଭାରତରେ ଘରୋଇ କ୍ଷେତ୍ରରେ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ କାର୍ଯ୍ୟ କରୁଛି, ମାତ୍ର ଉଚ୍ଚକୋଟୀର ଗବେଷଣା ଓ ମାନବ ସମ୍ବଳ ବିକାଶ କେବଳ ଆଇଆଇଟି, ଆଇଆଇଏମ୍, ଏମ୍ସ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ଜେଏନ୍‌ୟୁ, ବିଏଚ୍‌ୟୁ ଭଳି ସରକାରୀ ଶିକ୍ଷାନୁଷ୍ଠାନରେ ସମ୍ଭବ ହେଉଛି। ଦେଶରେ ଉଚ୍ଚ ଶିକ୍ଷାର ଘରୋଇକରଣ ବୃଦ୍ଧି ହେଲେ ଯେ ଶିକ୍ଷାଦାନର ମୂଲ୍ୟ ଶସ୍ତା ହେବ, ସେ କଥା କହିବା ବି ଠିକ୍ ହେବ ନାହିଁ। କାରଣ ବିଶ୍ୱର ଅନେକ ଦେଶରେ ଡାକ୍ତରୀ ଶିକ୍ଷା ଆମ ଦେଶରେ ଉପଲବ୍ଧ ଘରୋଇ ଡାକ୍ତରୀ ଶିକ୍ଷାଠୁ ଶସ୍ତା। ଯଦି ବିଦେଶୀ ବିଶ୍ୱବିଦ୍ୟାଳୟ ବ୍ୟବସାୟ ମନୋବୃତ୍ତି ରଖି ତାଙ୍କର ଶିକ୍ଷାଦାନ କରନ୍ତି, ତା'ହେଲେ ତାଙ୍କର ଆର୍ଥିକ ପ୍ରଗତି ଆମ ଦେଶର ଘରୋଇ ଶିକ୍ଷାନୁଷ୍ଠାନର ଆର୍ଥିକ ଅବନତିର କାରଣ ହୋଇପାରେ। କାରଣ ଗ୍ରୋସେରି ଶପିଂ ମଲ୍‌ର ଆର୍ଥିକ ଉନ୍ନତି ଛୋଟ ତେଜରାତି ଦୋକାନର ଆର୍ଥିକ ଅବନତିର କାରଣ ବୋଲି ପ୍ରମାଣିତ ହୋଇଛି। ଅବଶ୍ୟ ପ୍ରତିଯୋଗିତାରେ ନିଶ୍ଚିତ ରୂପେ ଛାତ୍ରୀଛାତ୍ର ଆହୁରି ଭଲ ଶିକ୍ଷା ସୁବିଧା ସୁଯୋଗ ପାଇବେ ବୋଲି ଆଶା। ତେବେ ଅତ୍ୟଧିକ ଖର୍ଚ୍ଚରୁ କିମ୍ବା ଶୋଷଣରୁ କିପରି ଛାତ୍ରୀଛାତ୍ରଙ୍କୁ ରକ୍ଷା କରାଯାଇପାରିବ, ସେ ଦିଗରେ ସରକାର ପଦକ୍ଷେପ ନେବା ଆବଶ୍ୟକ। ଶିକ୍ଷାଦାନ ଆମର ସଭ୍ୟତା ସଂସ୍କୃତିକୁ ଭବିଷ୍ୟତରେ ଯେପରି ଗୌଣ କରି ଠିଆ ନ କରେ, ସେଥିପାଇଁ ପଦକ୍ଷେପ ନେବାକୁ ପଡ଼ିବ। ବିଶ୍ୱର ବିଭିନ୍ନ ଦେଶରୁ ଦକ୍ଷ ଶିକ୍ଷକ ନେଇ ଆମ ବିଶ୍ୱବିଦ୍ୟାଳୟରେ ନିଯୁକ୍ତି ଦେଲେ ବି ଶିକ୍ଷା ଗୁଣବତ୍ତା ବଢ଼ିପାରିବ। କାରଣ ବିଶ୍ୱର ନାମୀଦାମୀ ବିଶ୍ୱବିଦ୍ୟାଳୟ ବିଭିନ୍ନ ଦେଶରୁ ବଛା ବଛା ପ୍ରଫେସର ନେଇ ଅଧିକ ଦରମାରେ ଶିକ୍ଷାର ମାନ ବୃଦ୍ଧି ପାଇଁ ନିଯୁକ୍ତି ଦେଇଥାନ୍ତି ତାଙ୍କ ଶିକ୍ଷାନୁଷ୍ଠାନରେ। ତେଣୁ ତରବରିଆ ଭାବରେ ନିଷ୍ପତ୍ତି ନ ନେଇ ବିଦେଶୀ ବିଶ୍ୱବିଦ୍ୟାଳୟ ସ୍ଥାପନ ଦ୍ୱାରା କିପରି ଆମର ଛାତ୍ରୀଛାତ୍ର, ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟ ଲାଭବାନ୍ ହେବେ ସେ ବିଷୟରେ ଖସଡ଼ା ପ୍ରସ୍ତୁତ କରିବା ଉଚିତ।

ପ୍ରଧାନ ବୈଜ୍ଞାନିକ
ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ
(ଭାରତ ସରକାର), ଭୁବନେଶ୍ୱର
ମୋ: ୮୯୧୭୪୨୬୪୦

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ମାର୍ଟସିଟିକୁ ପ୍ରଦୂଷଣମୁକ୍ତ ରଖାଯାଉ

ମହାଶୟ,

ଭୁବନେଶ୍ୱରକୁ ସ୍ମାର୍ଟସିଟି ଭାବେ ଘୋଷଣା କରାଯାଇ ଏହାର ସୌନ୍ଦର୍ଯ୍ୟକରଣ ପାଇଁ ପଦକ୍ଷେପ ନିଆଯାଉଛି। ଏହାକୁ ପ୍ରଦୂଷଣ ଓ ରୋଗ ଜୀବାଣୁ ମୁକ୍ତ କରିବା ସକାଶେ ବିଭିନ୍ନ ମାର୍ଗଦର୍ଶିକା ଜାରି କରାଯାଇଛି। ହେଲେ ଏହାର ପରିପାଳନ ପାଇଁ ପଦକ୍ଷେପ ନିଆଯାଉ ନାହିଁ। ଯେମିତିକି ରାସ୍ତାକଡ଼ରେ ମଣିଷ, ଜୀବଜନ୍ତୁ ମଳ ମୂତ୍ର ତ୍ୟାଗ କରିବା, ଅଳିଆ ଆବର୍ଜନା ଫିଙ୍ଗିବା, ପରିତ୍ୟକ୍ତ ପ୍ରଦୂଷିତ ଜଳ ରାସ୍ତା ଉପରକୁ ନିଷ୍କାସିତ କରିବା, ସର୍ବସାଧାରଣ ସ୍ଥାନରେ ଛେପ ଖଙ୍କାର ପକାଇବା ଉପରେ କିଛି ବି କଟକଣା ନାହିଁ କହିଲେ ଚଳେ। କରୋନା ମହାମାରୀ କାଳରେ କିଛିଟା ଜରୁରିକାଳୀନ କଟକଣା ଥିଲା, କିନ୍ତୁ ଏବେ କେହି ଏ ସମ୍ପର୍କରେ ସଚେତନ ଥିବା ଜଣାପଡୁନାହିଁ। କଟକଣା ଉଠିଯିବା ପରେ ଏଠାକାର ଅଧିକାଂଶ ଜନସାଧାରଣ ବେପରୁଆ ଢଙ୍ଗରେ ଜୀବନ ଜିଉଥିବାବେଳେ, ସରକାର କିମ୍ବା ମହାନଗର ନିଗମ କଡ଼ା କଟକଣାଜନିତ ସତର୍କତା ଅବଲମ୍ବନ ପାଇଁ ଆଉ ଗୁରୁତ୍ୱ ନ ଦେବା ଦୁର୍ଭାଗ୍ୟଜନକ। ସ୍ମାର୍ଟ ସିଟିର ସର୍ବସାଧାରଣଙ୍କ ସ୍ୱାସ୍ଥ୍ୟ ସେବା ସହିତ ପରିଷ୍କାର ପରିଚ୍ଛନ୍ନତା ତଥା ପରିମଳ ବ୍ୟବସ୍ଥା ପ୍ରତି ଦୃଷ୍ଟି ଦେଇ ଅନୁପାଳନୀୟ ନିୟମ ପ୍ରଣୟନ ହେବା ଜରୁରୀ। ବିଶେଷତଃ ସ୍ମାର୍ଟ ସିଟିର ରାସ୍ତାଘାଟ, ସର୍ବସାଧାରଣ ସ୍ଥାନ ସବୁ ଆବର୍ଜନା ମୁକ୍ତ ରଖାଯାଉ।

-ଅବନୀ ଚନ୍ଦ୍ର ଦାସ, ସାଇ ସଦନ, ପ୍ରଶାନ୍ତି ବିହାର, ଭୁବନେଶ୍ୱର

### ଚିରନ୍ତନୀ

ଆସ ମୋର ଦିବସ କ୍ରୀଡ଼ା
ଆମ ଗୋ ମୋର ସାନ୍ଧ୍ୟ ବ୍ରୀଡ଼ା
ଶ୍ରାବଣ ଘନ ନିଶୀଥ ପୀଡ଼ା-ବ୍ୟଞ୍ଜନା
ଆସ ଗୋ ଉଷା-ପ୍ରତୀଚୀ-ଭାଲ-ରଞ୍ଜନା।
(ବର୍ଷା ନାୟିକା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପ୍ରମିଳା ବିଶୋଇଙ୍କୁ ଭାରତ ଅସ୍ମିତା ଜାତୀୟ ପୁରସ୍କାର



ଭୁବନେଶ୍ୱର, ୯।୨(ବ୍ୟୁରୋ)

ଆସିକା ଏମ୍ପି ପ୍ରମିଳା ବିଶୋୟୀଙ୍କୁ ୧୯ତମ ଭାରତ ଅସ୍ମିତା ଜାତୀୟ ପୁରସ୍କାର-୨୦୨୩ରେ ସମ୍ମାନିତ କରାଯାଇଛି। ଭାରତର ଅସ୍ମିତା ଶ୍ରେଷ୍ଠ ଜନପ୍ରତିନିଧି ଭାବେ ତାଙ୍କୁ ଏହି ଜାତୀୟ ପୁରସ୍କାର ମିଳିଛି। ଏମ୍ଆଇଟି ସ୍କୁଲ ସହଯୋଗରେ ମହାରାଷ୍ଟ୍ର ପୁଣେଠାରେ ୟୁନେସ୍କୋ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରମିଳାଙ୍କୁ ସମ୍ମାନିତ କରାଯାଇଛି। ପୁରସ୍କାର ଗ୍ରହଣ ପରେ ସେ ଦିଲ୍ଲୀରୁ ଫେରି ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି । ସେ ଏହି ପୁରସ୍କାର ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବା ସହିତ ପୁରସ୍କାର ବାବଦକୁ ପାଇଥିବା ୨୫ ହଜାର ଟଙ୍କାକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପ୍ରଦାନ କରିଛନ୍ତି । ସାକ୍ଷାତ ବେଳେ ମୁଖ୍ୟମନ୍ତ୍ରୀ ପ୍ରମିଳାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଏହା ଏକ ବଡ଼ ସଫଳତା ବୋଲି କହିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପୁରସ୍କାର ରାଶି ୨୫ ହଜାର ଦେଲେ

# ଶିମିଳିପାଳରେ ପୁଣି ହାତୀ ଶିକାର

ବାରିପଦା ଅଫିସ,୯।୨

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ପୁଣି ଏକ ଦନ୍ତା ହାତୀ ଶିକାର ହୋଇଛି। ଶିକାରୀମାନେ ମୃତ ହାତୀର ଶୁଣ୍ଢ ସହ ଦୁଇଟି ଦାନ୍ତକୁ କାଟି ନେଇଛନ୍ତି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ପିଠାବଟା ରେଞ୍ଜ ବାଲିଖାଲ ସେକ୍ସନ ଗୋପୀନାଥପୁର ବିଟ୍ ଅଞ୍ଚଳରେ ଗୁରୁବାର ଏହି ଦନ୍ତାହାତୀର ଗଳିତ ମୃତଦେହ ଠାବ ହୋଇଛି। ବନ ବିଭାଗର ଦୁଇ ଅଧିକାରୀଙ୍କ ସହ ମିଳିତ ଟାସ୍କ ଫୋର୍ସ, ୩ ପ୍ରାଣୀ ବିଶେଷଜ୍ଞ ଡାକ୍ତର ଓ ଜଣେ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇଛନ୍ତି। ରକ୍ତ ନମୁନା ପରୀକ୍ଷା ନିରୀକ୍ଷା ନିମନ୍ତେ ଓୟୁଏଟିକୁ ପଠାଯାଇଛି। ମୃତ ହାତୀର ବୟସ ୭ରୁ ୮ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଥିବା ବେଳେ ଏହାକୁ ୩/୪ଦିନ ପୂର୍ବେ ଶିକାର କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେବେ ପାରିପାର୍ଶ୍ୱିକ ସ୍ଥିତିରୁ ଏହି ଶିକାରରେ ଅରୁଣାଚଳ ପ୍ରଦେଶର ଶିକାରୀମାନେ ଜଡ଼ିତ ଥିବା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା କହିଛନ୍ତି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ହାତୀ ମୃତ୍ୟୁ ଥମିବାର ନାଁ ଧରୁନାହିଁ। ଶିକାରୀମାନେ ନିର୍ଭୟରେ ଅଭୟାରଣ୍ୟ ମଧ୍ୟରେ ପଶି ବନ୍ୟପ୍ରାଣୀ ଶିକାର କରିବାରେ ସଫଳ ହେଉଛନ୍ତି। ମହାବଳ, କଲରାପତରିଆ ବାଘ ଓ ଦନ୍ତାହାତୀ ଶିକାର କରି ଖସି ପଳାଇବାରେ ସକ୍ଷମ ହେଉଛନ୍ତି। ଗତ ୨ମାସ ମଧ୍ୟରେ ୪ଟି ହାତୀଙ୍କ ମୃତ୍ୟୁ ଘଟଣା ବନ୍ୟପ୍ରାଣୀପ୍ରେମୀଙ୍କୁ ବ୍ୟଥିତ କରିଛି। ବନ ବିଭାଗର କାର୍ଯ୍ୟକଳାପକୁ ନେଇ ସନ୍ଦେହ ଉପୁଜିଛି। ଶିକାରୀମାନେ ବନ କର୍ମଚାରୀ କିମ୍ବା ଅଧିକାରୀଙ୍କ ହାତରେ ଧରାପଡୁ ନ ଥିବା ଜିଲାବାସୀଙ୍କୁ ଚକିତ କରିଛି। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉତ୍ତର ଓ ଦକ୍ଷିଣ ଡିଭିଜନର କୋର୍ ଅଞ୍ଚଳରେ ଶିକାରୀମାନେ ସକ୍ରିୟ ହୋଇଛନ୍ତି। ଏହି ଦୁଇ ଡିଭିଜନ ଅଧୀନରେ ଥିବା ୧୬ଟି ରେଞ୍ଜରେ ଦୁଇ ମାସ ମଧ୍ୟରେ ହାତୀ ମୃତ୍ୟୁ ବଢ଼ିଚାଲିଛି। କିଛିଦିନ ତଳେ ଦକ୍ଷିଣ ଡିଭିଜନର ଜେନାବିଲ ରେଞ୍ଜ ଅଞ୍ଚଳରେ ଏକ ଦନ୍ତାହାତୀ ଶିକାର କରାଯାଇଥିଲା। ଉତ୍ତର ଡିଭିଜନ ତାଳବନ୍ଧ ରେଞ୍ଜ ବାଙ୍କଡିହୀ ଅଞ୍ଚଳରେ ଶିକାରୀମାନେ ଏକ ହାତୀ ଶିକାର କରିଥିଲେ। ଅନ୍ୟ ଏକ ରୋଗାକ୍ରାନ୍ତ କୁମକୀ (ପୋଷା)ହାତୀ ଶୋଭା ଚିକିତ୍ସା ଅଭାବରୁ ମୃତ୍ୟୁମୁଖରେ ପଡ଼ିଥିଲା। ତାଳବନ୍ଧ ରେଞ୍ଜ ଅଞ୍ଚଳରେ ବନବିଭାଗ ଓ ପୋଲିସ ଚଢ଼ାଉକରି ଦୁଇ ହାତୀଦାନ୍ତ ଜବତ କରିଥିଲେ। ଜେନାବିଲ ରେଞ୍ଜ ଦାୟିତ୍ୱରେ ଥିବା ଫରେଷ୍ଟର ଶିବ ଶଙ୍କର ସାମଲ, ଫରେଷ୍ଟ ଗାର୍ଡ ଚନ୍ଦ୍ରଭାନୁ ବେହେରା ଓ ବିନୋଦ କୁମାର ଦାସ ହାତୀ ମୃତଦେହ ପୋଡ଼ିଦେଇ ପ୍ରମାଣ ନଷ୍ଟ ପାଇଁ ଉଦ୍ୟମ କରିଥିବା ଅଭିଯୋଗରେ ଗିରଫ ହୋଇଥିଲେ। ଅଦ୍ୟାବଧି ଉକ୍ତ ମୃତ ଦନ୍ତାହାତୀର ଦାନ୍ତ ଜବତ ହୋଇପାରିନାହିଁ। ଅଭିଯୁକ୍ତ ଅଧିକାରୀମାନଙ୍କୁ ଘଣ୍ଟ ଘୋଡ଼ାଇବା ପାଇଁ ଚେଷ୍ଟା କରାଯାଉଥିବା ନେଇ ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି।


ଦନ୍ତାହାତୀର ଗଳିତ ମୃତଦେହ

■ ଶୁଣ୍ଢ ସହ ଦାନ୍ତ କାଟିନେଲେ
■ ୨ମାସ ମଧ୍ୟରେ ୪ ହାତୀ ମୃତ

# ଓଡ଼ିଶା ଅନ୍ୟ ରାଜ୍ୟ ପାଇଁ ଉଦାହରଣ ସୃଷ୍ଟି କରିଛି: ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର, ୯।୨(ବ୍ୟୁରୋ)

ବିକାଶର ପ୍ରତିଟି କ୍ଷେତ୍ରରେ ଓଡ଼ିଶା ଦେଶର ରାଜ୍ୟଗୁଡିକ ପାଇଁ ଉଦାହରଣ ସୃଷ୍ଟି କରିଛି। ଏହାସହ ରାଜ୍ୟରେ ବିକାଶର ନୂଆ ଦିଗନ୍ତ ଆରମ୍ଭ ହୋଇଥିବା ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଗୁରୁବାର କହିଛନ୍ତି। ଓଡ଼ିଶା ପ୍ରଶାସନିକ ସେବା ସଂଘର ୨ ଦିନିଆ ସାଧାରଣ ସମ୍ମିଳନୀରେ ଯୋଗଦେଇ ମହାପାତ୍ର କହିଛନ୍ତି, ବିଗତ ୨ ଦଶନ୍ଧି ଧରି ଭିତ୍ତିଭୂମି କ୍ଷେତ୍ରରେ ବିପୁଳ ପୁଞ୍ଜିନିବେଶ କରାଯାଇଛି। ଆଗାମୀ ୫ରୁ ୬ ବର୍ଷ ମଧ୍ୟରେ ଓଡ଼ିଶା ଦେଶରେ ବିକାଶଶୀଳ ରାଜ୍ୟ ଭାବେ ଉଭାହେବ। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଏବଂ ଅନ୍ୟାନ୍ୟ ସାମାଜିକ କ୍ଷେତ୍ରରେ ରାଜ୍ୟର ବିକାଶ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ରହିବ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, ଶିକ୍ଷାର ବିକାଶ ନିମନ୍ତେ ପ୍ରତ୍ୟେକ ପଞ୍ଚାୟତରେ ୫-ଟି ମାଧ୍ୟମରେ ହାଇସ୍କୁଲ ରୂପାନ୍ତରଣ କରାଯାଇଛି। ଖାଦ୍ୟ ସୁରକ୍ଷା ଏବଂ ବିଗତ ୫ ବର୍ଷରେ ଜିଏସ୍ଟି ଆଦାୟ କ୍ଷେତ୍ରରେ ମଧ୍ୟ ଓଡ଼ିଶା ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଆଗରେ ରହିଛି। ତଳସ୍ତରରେ ଉତ୍ତମ ସେବା ପ୍ରଦାନ ଦ୍ୱାରା ରାଜ୍ୟରେ ମାଓବାଦ ଉପଦ୍ରବ ହ୍ରାସ ପାଇଛି। ବିକାଶ ସହ ପରିବେଶ ସୁରକ୍ଷା ଉପରେ ମଧ୍ୟ ରାଜ୍ୟ ସରକାର ଯଥେଷ୍ଟ ଗୁରୁତ୍ୱ ଦେଇଛନ୍ତି। ଏହାଦ୍ୱାରା ଜଙ୍ଗଲ ସୃଷ୍ଟି କ୍ଷେତ୍ରରେ ଶତକଡ଼ା ୩୦ରୁ ୪୦ ଭାଗ ବୃଦ୍ଧି ପାଇଛି। ଅଲିଭ ରିଡ୍ଲେ ଏବଂ ବିଦେଶାଗତ ପକ୍ଷୀଗୁଡ଼ିକୁ ସୁରକ୍ଷା ଦେବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଥିବା ସେ କହିଛନ୍ତି। ଏପରିକି ଗତ ୧୦ ବର୍ଷ ମଧ୍ୟରେ ପ୍ରାୟ ଦେଢ଼ ହଜାର ପୋଲ ଏବଂ ପ୍ରତ୍ୟେକ ଗାଁକୁ ସବୁ ଦିନିଆ ରାସ୍ତା ନିର୍ମାଣ କରାଯାଇଛି। ବିଭିନ୍ନ କଷ୍ଟକର ପରିବେଶ ମଧ୍ୟରେ ରହି ଉତ୍ତମ ସେବା ପ୍ରଦାନ ନିମନ୍ତେ ସେମାନଙ୍କ ପ୍ରତିଶ୍ରୁତିବଦ୍ଧତା ପ୍ରେରଣାଦାୟୀ ବୋଲି ସେ କହିଛନ୍ତି। ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ଶାସନ ସଚିବ ସତ୍ୟବ୍ରତ ସାହୁ ଏବଂ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ ଯୋଗଦେଇ ରାଜ୍ୟର ପ୍ରଗତି ସମ୍ପର୍କରେ ତଥ୍ୟ ଦେବା ସହ ବିକାଶ ଲକ୍ଷ୍ୟ ହାସଲ କ୍ଷେତ୍ରରେ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଛନ୍ତି।

**ଓଡ଼ିଶା ପ୍ରଶାସନିକ ସେବା ସଂଘର ୨ ଦିନିଆ ସାଧାରଣ ସମ୍ମିଳନୀ**


**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମାନବ ସମ୍ବଳ ପରିଚାଳନା ବିଭାଗ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-751001, ଓଡ଼ିଶା

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଖ୍ୟାତିସମ୍ପନ୍ନ ତଥା ଅନୁଭବୀ ସଂସ୍ଥାମାନଙ୍କଠାରୁ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅଫିସର୍ସ ଲାଉଞ୍ଜ ଆଣ୍ଡ ଡାଇନିଂ ରୁମ୍ (ଓଏଲ୍‌ଡିଆର), ଷ୍ଟାଫ୍ କ୍ୟାଣ୍ଟିନ୍‌ରେ କ୍ୟାଟରିଂ ସେବା ଏବଂ ଟି ପ୍ୟାଣ୍ଟ୍ରିର ସଂଚାଳନ ପାଇଁ ଦୁଇ ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।
ପ୍ରତିଷ୍ଠିତ ଏବଂ ପ୍ରାସଙ୍ଗିକ ଅଭିଜ୍ଞତା ଥିବା ଆଗ୍ରହୀ କମ୍ପାନୀ/ସଂସ୍ଥାଗୁଡ଼ିକ ଅଧିକ ବିବରଣୀ ପାଇଁ ଆରବିଆଇର ୱେବ୍‌ସାଇଟ୍ (www.rbi.org.in) ରେ "ଟେଣ୍ଡର" ବିଭାଗ ପରିଦର୍ଶନ କରିପାରିବେ କିମ୍ବା ମାନବ ସଂସାଧନ ପ୍ରବନ୍ଧ ବିଭାଗ ସହ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ୍ (https://www.mstcecommerce.com/eprochome/rbi)ରେ ଇ-ଟେଣ୍ଡରର ଆବେଦନର ଶେଷ ତାରିଖ ମାର୍ଚ୍ଚ ୧୭, ୨୦୨୩ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ।
କ୍ଷେତ୍ରୀୟ ନିର୍ଦ୍ଦେଶକ


# ଆସାମରୁ ଆନ୍ତଃ ରାଜ୍ୟ ନିଶା ବେପାରୀ ଗିରଫ

## ଅଂଶୁପା ହ୍ରଦ ନିକଟରୁ ୧.୩୩ କୋଟିର ବ୍ରାଉନସୁଗାର ଜବତ ଘଟଣା

ଭୁବନେଶ୍ୱର,୯।୨(ବ୍ୟୁରୋ)

କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ଅଂଶୁପା ହ୍ରଦ ନିକଟରୁ ୧.୩୩ କୋଟି ଟଙ୍କାର ବ୍ରାଉନସୁଗାର ଜବତ ଘଟଣାରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଆସାମ ଗୁଆହାଟୀରୁ ଜଣେ ଆନ୍ତଃରାଜ୍ୟ ନିଶା ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ମଣିପୁର ଇମ୍ଫାଲ ଇଷ୍ଟ ଜିଲା ପୋରୋମ୍ପାଟ୍ ଥାନା ଅଞ୍ଚଳର ସଲିମ୍ ଅହମ୍ମଦ। ମଙ୍ଗଳବାର ଅଭିଯୁକ୍ତ ସଲିମ୍‌ଙ୍କୁ ଗିରଫ ପରେ ଏସ୍‌ଟିଏଫ୍ ତାଙ୍କୁ ଗୁଆହାଟୀ ଚିଫ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟକୁ ଚାଲାଣ କରିଥିଲା। ସେଠାରୁ ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇ ଗୁରୁବାର କଟକ ଜିଲା ଓ ଦୌରା ଜଜ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସଲିମ୍‌ଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ପୂର୍ବରୁ ଅର୍ଥାତ୍ ବ୍ରାଉନସୁଗାର ଜବତ ଦିନ ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳର ଜୁମେଶ କୁମାର ସାହୁ ଓ ଆଠଗଡ଼ ଥାନା ଅଞ୍ଚଳର ହେମନ୍ତ କୁମାର ପ୍ରଧାନଙ୍କୁ ଏସ୍‌ଟିଏଫ୍ ଗିରଫ କରିଥିଲା। ସଲିମ୍‌ଙ୍କ ନିଶା କାରବାରର ଓଡ଼ିଶା ଦାୟିତ୍ୱରେ ଥିଲେ ଜୁମେଶ। ତେବେ ର୍ୟାକେଟରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବାକୁ ଉଦ୍ୟମ ଜାରି ରହିଥିବା ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି।


ସଲିମ୍ ଅହମ୍ମଦ

■ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣିଲା ଏସ୍‌ଟିଏଫ୍
■ ପୂର୍ବରୁ ଗିରଫ ହୋଇଥିଲେ ୨ ସହଯୋଗୀ

ସୂଚନା ଅନୁଯାୟୀ, ଗତ ଡିସେମ୍ବର ୩ ସନ୍ଧ୍ୟାରେ ଜୁମେଶ ଓ ହେମନ୍ତ ଅନୁଗୋଳ ପଟୁ ଏକ କାର୍‌ରେ ବ୍ରାଉନସୁଗାର ନେଇ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳକୁ ବଡ଼ ଡିଲ୍ ପାଇଁ ଆସୁଥିଲେ। ଏନେଇ ଖବର ପାଇବା ପରେ ଏସ୍‌ଟିଏଫ୍ ଟିମ୍ ସ୍ଥାନୀୟ ପୋଲିସ ସହାୟତାରେ ଅଂଶୁପା ହ୍ରଦ ନିକଟରେ ଚଢ଼ାଉ କରି କାର୍ ସହ ୧ କେଜି ୩୩୫ ଗ୍ରାମର ବ୍ରାଉନସୁଗାରକୁ ଜବତ କରିବା ପରେ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା। ଜବତ ବ୍ରାଉନସୁଗାରକୁ ସଲିମ୍‌ଙ୍କଠୁ ଆଣିଥିବା ମୁଖ୍ୟ ଅଭିଯୁକ୍ତ ଜୁମେଶ ଏସ୍‌ଟିଏଫ୍‌କୁ କହିଥିଲେ। କିଛିଦିନ ତଳେ ଏସ୍‌ଟିଏଫ୍‌ର ଏକ ଟିମ୍ ମଣିପୁର ଯାଇ ସଲିମ୍‌ଙ୍କୁ ଧରିବାକୁ ଚେଷ୍ଟା କରିଥିଲା। ହେଲେ ସେ ସ୍ଥାନ ବଦଳାଇ ଏସ୍‌ଟିଏଫ୍‌କୁ ଭୁଆଁ ବୁଲାଇଥିଲା। ଶେଷରେ ଗୁଆହାଟୀରେ ସଲିମ୍ ଥିବା ଜଣାପଡ଼ିବା ପରେ ସ୍ଥାନୀୟ ପୋଲିସ ସହାୟତାରେ ଏସ୍‌ଟିଏଫ୍ ତାଙ୍କୁ କାବୁ କରିଥିଲା। ପଚରାଉଚରା ସମୟରେ ଜଣାପଡ଼ିଛି, ସଲିମ୍ ୨୦୧୧ରେ ଅନୁଗୋଳ ଜିଲା ତାଳଚେରରେ ରହି କାମ କରୁଥିବାବେଳେ ଜୁମେଶଙ୍କ ସହ ସମ୍ପର୍କ ହୋଇଥିଲା। ଏହାପରେ ସଲିମ୍ ବିଭିନ୍ନ ପର୍ଯ୍ୟାୟରେ ମଣିପୁରରୁ ବ୍ରାଉନସୁଗାର ପଠାଉଥିଲେ ଓ ଜୁମେଶ ଓଡ଼ିଶାର ବେପାରୀଙ୍କୁ ଯୋଗାଉଥିଲେ। ତେବେ ସଲିମ୍‌ଙ୍କ ନାଁରେ ମଣିପୁରରେ ବିଭିନ୍ନ ନିଶା କାରବାର ମାମଲା ଥିବା ଏସ୍‌ଟିଏଫ୍ ପକ୍ଷରୁ କୁହାଯାଇଛି।

# ଜଣଙ୍କୁ ଧରିଲା, ଅନ୍ୟଙ୍କୁ ଗିରଫ ଦର୍ଶାଇଲା

**ଅବକାରୀ ବିଭାଗର ବିଚିତ୍ର ନୀତି**

ବସ୍ତା, ୯।୨(ଡି. ଏନ. ଏ.)

ଅଫିମ ଜବତ ଘଟଣାରେ ଜଣଙ୍କୁ ଥାନାକୁ ଉଠାଇ ନିଆଯାଇଥିବା ବେଳେ ଆଉଜଣଙ୍କୁ ଗିରଫ ଦର୍ଶାଯାଇଛି। ବାଲେଶ୍ୱର ଜିଲ ବସ୍ତା ଅବକାରୀ ବିଭାଗର ଏଭଳି ବିଚିତ୍ର ନୀତି ଚର୍ଚ୍ଚାର ବିଷୟ ହୋଇଛି। ବୁଧବାର ସାଟେଲାଇଟ ଅବକାରୀ ବିଭାଗ ଓ ବାଲେଶ୍ୱର, ଜଳେଶ୍ୱର, ବସ୍ତା, ଭୋଗରାଇ ଅବକାରୀ କର୍ମଚାରୀଙ୍କ ଏକ ୩୦ ଜଣିଆ ଟିମ୍ ଚଡାଉ କରି ୩୮ କେଜି ଗଞ୍ଜେଇ ଜବତ କରିବା ସହ ବସ୍ତା ଅବକାରୀ ବିଭାଗ ୯୯୦ ଗ୍ରାମ ଓଜନର ଅଫିମ ଜବତ କରିଥିଲା। ଏହି ଘଟଣାରେ ସିଂଲା ଥାନା ଗୁଡୁଡିହା ଗ୍ରାମର ରାମକୃଷ୍ଣ ଜେନାଙ୍କୁ ଥାନାରେ ଅଟକ ରଖାଯାଇଥିଲା। ଏନେଇ ବସ୍ତା ଅବକାରୀ ଅଧିକାରୀ ଭାଗବାନ ମହାନନ୍ଦିଆ ଗଣମାଧ୍ୟମକୁ ସୂଚନା ଓ ଅଭିଯୁକ୍ତଙ୍କ ଫଟୋ ଦେଇଥିଲେ। ମାତ୍ର ଗୁରୁବାର ବସ୍ତା ଅବକାରୀ ବିଭାଗ ରାମକୃଷ୍ଣଙ୍କୁ ଛାଡି ଦେଇ ତାଙ୍କ ସ୍ଥାନରେ ଜଳନ୍ଧର ରାଉତଙ୍କୁ ଗିରଫ କରିଥିବା ଦର୍ଶାଇଥିଲା। ଅବକାରୀ ବିଭାଗର ଏଭଳି କାର୍ଯ୍ୟକଳାପ ସାଧାରଣରେ ସନ୍ଦେହ ପ୍ରକାଶ ପାଇବା ସହ ଉଚ୍ଚସ୍ତରୀୟ ତଦନ୍ତ ଦାବି ହୋଇଛି।


**ପୂର୍ବ ତଟ ରେଳପଥ**
ଫାଇଲ ନଂ. DRM/Engg/KUR/22-23/E-Tender/148, ତା:06.02.2023

1.ଟେଣ୍ଡର ବିଜ୍ଞପ୍ତି ସଂ. eTender-CEN-KUR-411-2022, ତା:31.01.2023
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ଭୁବନେଶ୍ୱର ନ୍ୟୁ ଏବଂ ରେଙ୍ଗାଲି ଷ୍ଟେସନ ମଧ୍ୟସ୍ଥ ପ୍ୟାଚଗୁଡ଼ିକରେ କି.ମି.424.00 ଠାରୁ କି.ମି.450.225 (UP & DN) ପର୍ଯ୍ୟନ୍ତ ଟୋ ୱାଲ (Toe wall) ର ବ୍ୟବସ୍ଥା ସହିତ ବ୍ୟାଙ୍କ୍‌ର ପ୍ରଶସ୍ତୀକରଣ, ସାଇଡ୍ ସ୍ଲୋପ୍‌ଗୁଡ଼ିକର ଇଜନିଙ୍ଗ୍ (Easing), ଟ୍ରୋଲି ରେଫ୍ୟୁଜିଗୁଡ଼ିକର ନିର୍ମାଣ ଭଳି ସେସ୍ (Cess) ର ପ୍ରସ୍ତାବିତ ମରାମତି ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹193.60 ଲକ୍ଷ, EMD (ଟଙ୍କାରେ) : ₹2,46,800/-

2.ଟେଣ୍ଡର ବିଜ୍ଞପ୍ତି ସଂ. eTender-CEN-KUR-412-2022, ତା:31.01.2023
ବିବରଣୀ : ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳ ଦ୍ୱାରା ଡିପୋଜିଟ୍ ସ୍କିମ୍ ଅଧୀନରେ ତାଳଚେର ଏରିଆ (ତାଳଚେର-TLSB-BTPR, TLSB-ANT ଏବଂ JNC ସାଇଡ଼ିଙ୍ଗ୍) ଠାରେ ମହାନଦୀ କୋଲଫିଲ୍ଡସ ଲିମିଟେଡ଼ର ସାଇଡ଼ିଙ୍ଗର 7.5T କି.ମି. ନିମନ୍ତେ ପ୍ରସ୍ତାବିତ ଥ୍ରୁ ରେଲ ନବୀକରଣ (TRR-P) ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹156.69 ଲକ୍ଷ, EMD (ଟଙ୍କାରେ) : ₹2,28,400/-

3.ଟେଣ୍ଡର ବିଜ୍ଞପ୍ତି ସଂ. eTender-HQ-KUR-415-2022, ତା:01.02.2023
ବିବରଣୀ : ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ମୁଖ୍ୟାଳୟ, ଖୋର୍ଦ୍ଧା ରୋଡ୍ ପରିସୀମା ଅଧୀନସ୍ଥ ଖୋର୍ଦ୍ଧା ରୋଡ୍ ସେଟେଲମେଣ୍ଟ ଠାରେ ପ୍ରଦୂଷଣ ନିୟନ୍ତ୍ରଣ ଉପାୟ ନିମନ୍ତେ ପ୍ରସ୍ତାବିତ ବୃକ୍ଷରୋପଣ କାର୍ଯ୍ୟ ଏବଂ ସବୁଜିମା (Greenery)ର ଉନ୍ନୟନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹83.19 ଲକ୍ଷ, EMD (ଟଙ୍କାରେ) : ₹1,66,400/-

ଶେଷ ହେବା ଅବଧି : 10(ଦଶ) ମାସ (କ୍ରମ ସଂ.1 ପାଇଁ), 08(ଆଠ) ମାସ (କ୍ରମ ସଂ.2 ପାଇଁ) ଏବଂ 12(ବାର) ମାସ (କ୍ରମ ସଂ.3 ପାଇଁ) ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) : ତା.22.02.2023 ରିଖ 1500 ଘଟିକାରେ ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 ଦିନ ପୂର୍ବରୁ ୱେବସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-988/N/22-23


See Career Appointment on every Wednesday & Saturday


GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER CENTRAL (R&B) CIRCLE, BHUBANESWAR**
Mail Id: seccbbsr@gmail.com
**E-Procurement Short Tender Call Notice No. 14 of 2022-23**
No. 371 (Estg.) Bhubaneswar the 6th February 2023
No. B-1243: The Chief Construction, Central (R&B) Circle Engineer, Bhubaneswar on behalf of the Governor of Odisha invites percentage rate bids for one number Composite Building work to be received in online bidding, double cover system for construction work as detailed in: https://tendersorissa.gov.in. The details of bid documents will be available in the above website from 11.00 A.M. of 14.02.2023 to 5.00 P.M. of 20.02.2023. The bidders must possess Compatible Digital Signature Certificate of Class II or III. Bids received online shall be opened at 11.00 A.M. of 21.02.2023 in the Office of the Chief Construction Engineer, Central (R&B) Circle, Bhubaneswar.
Further details can be seen from the e-procurement portal: www.tendersorissa.gov.in.
Addendum/Corrigendum, if required, will be available only in the Website.
Sd./- Er. T.K. Panda
Chief Constuction Engineer
OIPR-34156/11/0017/2223 Central (R&B) Circle, Bhubaneswar



No. MM-457
Forest, Environment and Climate Change Department, Odisha
**OFFICE OF THE DIVISIONAL FOREST OFFICER JHARSUGUDA FOREST DIVISION**
Email: dfo.jharsuguda@odisha.gov.in, Ph.: 06645-295040
BID IDENTIFICATION No. DFO-JSG-02/2023 (1F)/DATED
No. 28/1F (Accts.) Dated, Jharsuguda the 08th February, 2023
**e-Procurement Notice**

| | | |
|---|---|---|
| 1. | Name of work | Construction of Entrance Gate Plaza & Temple Ghat with Graffiti work at Koilighughar in Belpahar Forest Range under Jharsuguda Forest Division during the FY 2022-23. |
| 2. | Total No. of works | 01 No. |
| 3. | Estimated Cost | Rs.58,73,190.00 |
| 4. | Period of Completion | 04 (Four) Calendar Months |
| 5. | Date of availability of bid documents in portal | 08.02.2023 to 20.02.2023 |
| 6. | Last date/time for receipt of bids in the portal | Upto 05.00 P.M. of 20.02.2023 |
| 7. | Date & Time of Technical Bid Opening | At 11.00 A.M. of 21.02.2023 |
| 8. | Date & Time of Financial Bid Opening | At 11.00 A.M. of 23.02.2023 |
| 9. | Class of Contractor | "A" & "B" Contractor |
| 10. | Name and address of Officer Inviting Bid | Divisional Forest Officer, Jharsuguda Forest Division, Jharsuguda |

(a) Further details can be seen from the e-procurement portal www.tenderodisha.gov.in/www.dfojharsuguda.org/www.jharsuguda.nic.in.
(b) The addendum/corrigendum if any will be hosted in the website only.
Sd./- Divisional Forest Officer
OIPR-08054/11/0012/2223 Jharsuguda Forest Division



**ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**
ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୩-୦୯/୧୦/୧୧ ତାରିଖ: ୦୮।୦୨।୨୦୨୩
ଭାରତର ରାଷ୍ଟ୍ରପତି, ଭାରତୀୟ ସଂଘଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼୍‌ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି ।

| କ୍ର. ସଂ. | ବର୍ଗ | କାଟାଲଗ୍ ନଂ. | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|---|
| ୧. | ପାର୍ସଲ | ଲିଜ୍-କେଜିପି-୨୩-୦୯ | ୧୬।୦୨।୨୦୨୩ | ୧୨.୦୦ ଘଟିକା | ୧୩.୦୦ ଘଟିକା |
| ୨. | ପାର୍ସଲ | ଲିଜ୍-କେଜିପି-୨୩-୧୦ | ୨୧।୦୨।୨୦୨୩ | ୧୨.୦୦ ଘଟିକା | ୧୩.୨୦ ଘଟିକା |
| ୩. | ପାର୍ସଲ | ଲିଜ୍-କେଜିପି-୨୩-୧୧ | ୨୩।୦୨।୨୦୨୩ | ୧୦.୦୦ ଘଟିକା | ୧୫.୦୦ ଘଟିକା |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।
(PR-1097) ଆସିଷ୍ଟାଣ୍ଟ କମର୍ସିଆଲ ମ୍ୟାନେଜର, ଖଡ଼୍‌ଗପୁର
ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହ ସେବା କରୁ



GOVERNMENT OF ODISHA No. B-1247
**"e" Procurement Notice**
**OFFICE OF THE SUPERINTENDING ENGINEER KORAPUT (R&B) DIVISION, KORAPUT**
E-Mail Id: eerandbkpt@yahoo.co.in
Bid Identification No. S.E. (R&B) KPT - 19/2022-23

| | | |
|---|---|---|
| 1. | Name of the work | Building work (With Approach Road) |
| 2. | Total No. of works | 01 No. |
| 3. | Estimated Cost | Rs.60.37 lakhs |
| 4. | Period of Completion | 04 (Four) Months |
| 5. | Date & Time of availability of bid document in the portal | From 21.02.2023 at 11.00 hours to 06.03.2023 upto 17.00 hours |
| 6. | Last date/time for receipt of bids in the portal | 06.03.2023 upto 17.00 hours |
| 7. | Date of Opening of Tender | 09.03.2023 at 12.00 hours |
| 8. | Name and address of the Officer Inviting Bid | Superintending Engineer, Koraput (R&B) Division |

Further details can be seen from the e-procurement portal https://tendersorissa.gov.in.
Sd./- Superintending Engineer
Koraput (R&B) Division
OIPR-34096/11/0014/2223


# ବସ୍-ହାଇୱା ମୁହାଁମୁହିଁ ଧକ୍କା: ୧୨ ଯାତ୍ରୀ ଗୁରୁତର

ଧର୍ମଶାଳା/ଜେନାପୁର,୯।୨(ଡି.ଏନ.ଏ.)

ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥର ଭଡ଼ଙ୍ଗା ଛକ ନିକଟରେ ଗୁରୁବାର ପୂର୍ବାହ୍ନରେ ଏକ ବସ୍ ସହ ହାଇୱା ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ବସ୍‌ରେ ଥିବା ୧୨ରୁ ଊର୍ଦ୍ଧ୍ୱ ଯାତ୍ରୀ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଧର୍ମଶାଳା ପୋଲିସ ଓ ଚଣ୍ଡିଖୋଲ ଦମକଳ ବାହିନୀ କର୍ମଚାରୀ ଉଦ୍ଧାର କରି ବଡ଼ଚଣା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ୨ ଯାତ୍ରୀଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଗୁରୁତରମାନେ ହେଲେ କେନ୍ଦୁଝର ଜିଲା ଆନନ୍ଦପୁର ଅଞ୍ଚଳର ମାଳତି ମରାଣ୍ଡି(୪୫), ଜଗତସିଂହପୁର ଅଞ୍ଚଳର ଲକ୍ଷ୍ମୀଧର ମୁଦୁଲି (୪୦), ସୁକିନ୍ଦା ଅଞ୍ଚଳର ବିଦ୍ୟାଧର ନାୟକ (୬୦), ବାମ୍ଫିଲୋ ଅଞ୍ଚଳର ଗିରିଶ ପରିଡ଼ା (୪୬), ରଘୁନାଥପୁର ଗ୍ରାମର ଶାନ୍ତନୁ ପତି(୭୦), ମୁକୁନ୍ଦପୁରର ବିକାଶ ପ୍ରଧାନ(୨୭), ନିତ୍ୟାନନ୍ଦପୁରର ସ୍ୟାମସୁନ୍ଦର ସାହୁ(୪୨), ବ୍ରାହ୍ମଣବାଟୀ ଗ୍ରାମର ଭଗବନ ନାଥ (୪୪), ସୁକିନ୍ଦା ଅଞ୍ଚଳର ବାସନ୍ତି ସାହୁ (୫୦), ନିତ୍ୟାନନ୍ଦପୁର ଗ୍ରାମର ନୀଳ ସାହୁ(୭୦) ଓ ନିତ୍ୟାନନ୍ଦପୁର ଗ୍ରାମର ସୁନିଆ ପାତ୍ର(୪୭) ପ୍ରମୁଖ। ସୂଚନା ମୁତାବକ, କଳିଙ୍ଗନଗର ଡୁବୁରୀ ଅଞ୍ଚଳରୁ ଓଡି-୦୪-ଇ-୨୨୬୨ନଂ. ବିଶିଷ୍ଟ ଓସେନ କୁଇନ ଘରୋଇ ବସ୍ ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଚଣ୍ଡିଖୋଲ ଅଭିମୁଖେ ଆସୁଥିଲା। ଏହି ସମୟରେ ଭଡ଼ଙ୍ଗା ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଓଆର୍-୦୯-କେ-୫୮୫୧ ନଂ. ହାଇୱା ସହିତ ବସ୍‌ଟି ମୁହାଁମୁହିଁ ଧକ୍କା ହୋଇଥିଲା। ତେବେ ଦୀର୍ଘ ବର୍ଷ ଧରି ୫୩ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଚାଲୁ ରହିଥିବା ବେଳେ ଠିକାଦର ଠିକ୍ ସମୟରେ କାମ ସାରୁନାହାନ୍ତି। ଫଳରେ ବାରମ୍ବାର ଏଭଳି ଦୁର୍ଘଟଣାମାନ ଘଟୁଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଧର୍ମଶାଳା ପୋଲିସ ଏକ ମାମଲା ରୁଜୁ କରିବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ଜବତ କରି ତଦନ୍ତ ଚଳାଇଛି।




**DISTRICT PROJECT OFFICE SAMAGRA SHIKSHA (SS), SAMBALPUR**
(2ND FLOOR, COLLECTORATE, SAMBALPUR - 768001)
No. 186/Ped/2023 Dated: 09.02.2023
**NOTICE INVITING TENDER (NIT)**
Sealed tenders are invited from the reputed & credible printers/firms/agencies for printing & distribution of "Lakhya and Target Posters for FLN Grades" in two bid systems (Technical & Financial Bid) as detailed below.

| Name of the Tender | Bid Processing Fees | Amount of EMD | Last Date & time of receipt of Bid | Date & time of Opening of Technical Bid |
|---|---|---|---|---|
| Printing & Distribution of Lakhya and Target Posters for FLN grades | Rs.1,000/- | Rs.4,000/- | Dt.02.03.2023 upto 05.00 P.M. | Dt.03.03.2023 at 11.30 A.M. |

The detailed BID document is available in the website www.sambalpur.nic.in & www.osepa.odisha.gov.in. Interested and eligible agency/firm may download BID DOCUMENT from the above website and apply accordingly. Corrigendum/addendum, if required, will be uploaded in the above website. Hence potential bidders are requested to be in continuous touch with the above website.
The Tender Inviting Authority (TIA) reserves the right to accept/reject any full or part/all BID/cancel the entire selection process at any stage without assigning any reason thereof.
By the order of Collector-cum-Chairman, SS, Sambalpur
Sd./- District Project Coordinator, SS, Sambalpur



**OFFICE OF THE SUPERINTENDING ENGINEER MINOR IRRIGATION DIVISION, DHENKANAL**
No.309 / Dt.02.02.2023
**e-Procurement Notice**
Bid Identification No. DMID/11/2022-23
e-mail ID: eemidkl@yahoo.co.in
No. A-1125:- The Superintending Engineer, Monor Irrigation Division, Dhenkanal on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | |
|---|---|
| Name of the work | Civil works in different Block of Dhenkanal District for the year 2022-23 under MATY & Special Scheme |
| No. of works | 10 (Ten) only |
| Estimated cost | Varies from 18.09 lakh to 94.15 lakh (Approximately) |
| Cost of tender paper | 6000/- to 10000/- (Non refundable) |
| Period of completion | 04 (Four) to 06 (Six) calendar months |
| Availability of bid documents for sale and receipt through online | From Dt.10.02.2022, 10.00 A.M. to dt.24.02.2023, upto 5.00 P.M. |
| Last date / time of receipt of bids in the portal | 24.02.2023 (5.00 P.M.) |
| Date of technical bid opening through online | On dt.27.02.2023 at 11.00 A.M. in the Office of the S.E, M.I. Division, Dhenkanal |
| Date of financial bid opening through online | On dt.04.03.2023 at 11.00 A.M. in the Office of the S.E., M.I. Division, Dhenkanal |
| Date of transparent lottery | 10.03.2023 at 11.00 A.M. |
| Mode of payment of bid cost | Online |
| Digitial Signature Certificate of bidder | The bidder must possess compatible Digital Signature Certificate (DSC) |
| The detail tender call notice can also be seen in the DOWR website http://dowrorissa.gov.in | |
| Name & address of the OIT | Superintending Engineer, Minor Irrigation Division, Dhenkanal, At/P.O. / District- Dhenkanal, Ph.No. / Fax No.- 06762-224461, Email ID: eemidkl@yahoo.co.in |
| Further details can be seen from the e-Procurement market place: http://tendersorissa.gov.in | |

Sd./- Superintending Engineer, M.I. Division, Dhenkanal
OIPR-32027/11/0013/2223

## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୯୭୦୦ ଲିଟର ପୋଚ ନଷ୍ଟ



ବେଗୁନିଆ/ବୋଲଗଡ଼,୯।୨(ଡି.ଏନ୍.ଏ.): ବେଗୁନିଆ ଅବକାରୀ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚାଲିଥିବା ବେଆଇନ ମଦ ବେପାର ଭାଟି ଉପରେ ବିଭାଗ ପକ୍ଷରୁ ଗୁରୁବାର ଚଢ଼ାଉ କରାଯାଇଛି। ଏହି ଚଢ଼ାଉରେ ବିଭାଗୀୟ ପୋଲିସ କାହାକୁ ଗିରଫ କରିପାରି ନ ଥିବା ବେଳେ ୯୭୦୦ ଲିଟର ପୋଚ ଏବଂ ୫୦୦ ଲିଟର ରନ୍ଧା ମଦ ଜବତ କରି ନଷ୍ଟ କରିଥିଲା। ସୂଚନା ମୁତାବକ, ଧଳାପଥର, ମାଣିବନ୍ଧ, କୋଦବେରେଣି, ବଡପଦର,ଏକଡାଲିଆ, ଗେଡିଆପଲ୍ଲି ଆଦି ଅଞ୍ଚଳରେ ମଦ ବେପାର ଚାଲୁଥିବା ଅଭିଯୋଗ ବାରମ୍ବାର ହୋଇଆସୁଛି। ଏନେଇ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ସେହିପରି ଏକଡାଲିଆ କାଜୁ ଜଙ୍ଗଲ ପରିସରରେ ଚାଲିଥିବା ରନ୍ଧା ମଦ ଭାଟି ଉପରେ ଚଢ଼ାଉ କରାଯାଇଥିଲା। ତେବେ ସେଠାରୁ ରନ୍ଧାଳି ଓ ବ୍ୟବସାୟୀ ଚମ୍ପଟ ମାରିଥିଲେ।

### ୨୭ ଗ୍ରାମ୍ ହେରୋଇନ ଜବତ, ଜଣେ ଗିରଫ

ନିରାକାରପୁର,୯।୨(ଡି.ଏନ୍.ଏ.): ଟାଙ୍ଗୀ ଅବକାରୀ ବିଭାଗ ଜଙ୍କିଆ ଥାନା ଛଣଗିରି ପଞ୍ଚାୟତ ଅନ୍ତର୍ଗତ ଅରାଙ୍ଗ-ଦେଉଳି ପାଟଣାଠାରେ ଚଢ଼ାଉକରି ୨୭ ଗ୍ରାମ ହେରୋଇନ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ ସୁମନ୍ତ ମଙ୍ଗରାଜ (୩୦)। ଏ ନେଇ ବିଭାଗ ପକ୍ଷରୁ ଏକ ମାମଲା (ନଂ.୯୧ /୨୩) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ତେବେ ଅଭିଯୁକ୍ତ ହେରୋଇନ କେଉଁଠୁ ଆଣିଲେ, ଏନେଇ ତଦନ୍ତ ଚାଲିଥିବା ଟାଙ୍ଗୀ ଅବକାରୀ ବିଭାଗ ଅଧିକାରୀ ଆଲୋକ ପ୍ରଧାନ କହିଛନ୍ତି।

### ଜଳିଗଲା ୬୦ କାଜୁ ଗଛ

ବେଗୁନିଆ,୯।୨(ଡି.ଏନ୍.ଏ.): ବେଗୁନିଆ ବ୍ଲକ କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ କାଚରା ଗ୍ରାମ ନିକଟ ସରକାରୀ କାଜୁ ବଗିଚାରେ କେହି ଦୁର୍ବୃତ୍ତ ନିଆଁ ଲଗାଇଦେଇଥିବା ଜଣାପଡ଼ିଛି। ଏଥିରେ ପ୍ରାୟ ୬୦ରୁ ଅଧିକ ଗଛ ଜଳିଯାଇଛି। ଖବରପାଇ ବେଗୁନିଆ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସୂଚନାଥାଉ କି, କାଜୁ ଗଛରେ ବଉଳ ଆସିଥିଲା। ଆଉ ଦିନ କେଇଟା ପରେ ଗଛରେ ଫଳ ଆସିଥାନ୍ତା। ଏହା ପୂର୍ବରୁ କେହି ଅସାମାଜିକ ଏଭଳି କାଣ୍ଡ ଘଟାଇଥିବା ସ୍ଥାନୀୟ ଲୋକେ କହିଛନ୍ତି।

### ଦୋକାନ ଆଗରୁ କୃଷି ଯନ୍ତ୍ରପାତି ଚୋରି

ଯାଁଳା,୯।୨(ଡି.ଏନ୍.ଏ.): ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ରାଧାଚରଣପୁର ତଳଖେତା ଛକ ନିକଟରେ ଥିବା ଏକ କୃଷି ଯନ୍ତ୍ରପାତି ଦୋକାନ ଆଗରୁ କେହି ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରି ନେଇଯାଇଛନ୍ତି। ଲୁଟର ଶିକାର ହୋଇଛନ୍ତି ବିକାଶ ବରାଳ। ସୂଚନା ମୁତାବକ, ତଳଖେତା ଛକ ନିକଟରେ ପ୍ରଶାନ୍ତଙ୍କ ଏକ କୃଷି ଯନ୍ତ୍ରପାତି ଦୋକାନ ରହିଛି। ସବୁଦିନ ପରି ପ୍ରଶାନ୍ତ ବୁଧବାର ରାତି ୯ଟାରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ସକାଳୁ ଦୋକାନ ଖୋଲିବା ପାଇଁ ଆସି ଦେଖନ୍ତି ତାଙ୍କ ଦୋକାନ ଆଗରେ ରହିଥିବା କୃଷି ଯନ୍ତ୍ରପାତି ଚୋରି ହୋଇଯାଇଛି। ଏନେଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ।

### ବୋଲେରୋ ଦେବାକୁ କହି ଦେଢ଼ ଲକ୍ଷ ଠକେଇ, ଯୁବକ ଗିରଫ

**କଟକ ଅଫିସ,୯।୨:** ବୋଲେରୋ ଦେବାକୁ କହି ଜଣେ ବ୍ୟକ୍ତିଙ୍କଠାରୁ ଦେଢ଼ ଲକ୍ଷ ଟଙ୍କା ଠକିନେବା ଅଭିଯୋଗରେ ବାଦାମବାଡ଼ି ପୋଲିସ ଗୁରୁବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଶିଖରପୁର ନଦୀକୂଳସାହିର ବିଶାଳ ପ୍ରଧାନ। ଅଭିଯୁକ୍ତ ଯୁବକ ଗୌରବ ମୋଟରର ମାଲିକ ଭାବେ ଦୋଳମୁଣ୍ଡାଇ ଛକରେ ଏକ ଅଫିସ କରି ଅତ୍ୟନ୍ତ ଚତୁରତାର ସହିତ ଲୋକଙ୍କୁ ଠକୁଥିବା ଓ ଠକେଇ ଅର୍ଥରେ ଅୟସ କରୁଥିବା ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଛି। ସନ୍ତୋଷ ପ୍ରଧାନଙ୍କ ନିକଟରୁ ସେ ଉପରୋକ୍ତ ଟଙ୍କା ନେଇ ୧୦ ଦିନ ମଧ୍ୟରେ ବୋଲେରୋ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ସେ ବୋଲେରୋ ଦେଲେ ନାହିଁ କି ଟଙ୍କା ଫେରାଇଲେ ନାହିଁ। ଏ ନେଇ ସନ୍ତୋଷ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୩୪୩/୨୨) ରୁଜୁ କରିଥିଲା।

# ଉଚ୍ଛେଦ କରିବାକୁ ଯାଇ ନାକେଦମ୍

## ବିଏମ୍‌ସି, ବିଡିଏ ଘେରିବେ ଉଠାଦୋକାନୀ

ଭୁବନେଶ୍ୱର, ୯।୨ (ବ୍ୟୁରୋ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ୨ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବାବେଳେ ବିଏମ୍‌ସି, ବିଡିଏ ଓ କମିଶନରେଟ୍ ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛି। ସହରରେ ବୁଲୁଥିବା ଗୋରୁ ଗାଈଙ୍କୁ ହଟାଯିବା ସହ ଷ୍ଟ୍ରିଟ୍ ଲାଇଟ୍, ରାସ୍ତା ପାଖ ସୌନ୍ଦର୍ଯ୍ୟକରଣ ସହ ସହର ପରିମଳକୁ ବିଶେଷ ଧ୍ୟାନ ଦିଆଯାଇଛି। ବିଶେଷକରି ରାଜଧାନୀନକୁ ଜବରଦଖଲମୁକ୍ତ କରିବା ଉଦ୍ଦେଶ୍ୟରେ ଗୁରୁବାର ଉତ୍କଳ ମଣ୍ଡପ, ସ୍ମାର୍ଟ ଜନପଥ, ପୁରୁଣା ଭୁବନେଶ୍ୱର ଅଞ୍ଚଳ ସହ ବାଣୀବିହାର, ୟୁନିଟ-୧ ଅଞ୍ଚଳରୁ ଅସ୍ଥାୟୀ ଦୋକାନୀଙ୍କୁ ଉଚ୍ଛେଦ କାର୍ଯ୍ୟ ହୋଇଥିଲା। ତେବେ ବିରୋଧ ଯୋଗୁ ବାଣୀବିହାର, ଡମଣା ଓ ୟୁନିଟ-୧ ମାର୍କେଟ ଅଞ୍ଚଳରେ ଉଚ୍ଛେଦ ପାଇଁ ଯାଇଥିବା 'ଟିମ୍ ପ୍ରାଇଡ୍'କୁ ନାକେଦମ୍ ହେବାକୁ ପଡିଥିଲା। ପ୍ରାୟ ୩ରୁ ୪ଶହ ଉଠାଦୋକାନୀ ଓ ପରିବାର ସଦସ୍ୟ ଏକାଠି ହୋଇ ଅଧିକାରୀଙ୍କୁ ଘେରାଉ କରିବା ସହ ସ୍କ୍ୱାଡ୍‌କୁ ଉଚ୍ଛେଦ କରିବାକୁ ଦେଇ ନ ଥିଲେ। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି ଟିମ୍ ଫେରିବାକୁ ବାଧ୍ୟ ହୋଇଥିଲା। ପ୍ରଥମେ କରୋନା ପାଇଁ ଉଠାଦୋକାନୀଙ୍କ ଆର୍ଥିକ ସ୍ଥିତି ଦୋହଲି ଯାଇଥିଲା। ଧିରେ ଧିରେ ଅଣ୍ଟା ସଳଖିବାବେଳକୁ ହକି ପାଇଁ ଉଚ୍ଛେଦ କରାଗଲା। ହକିପରେ ବି ଉଚ୍ଛେଦ ଜାରି ରହିଛି। ଥଇଥାନ ନ କରି ଉଚ୍ଛେଦ କଲେ ସେମାନେ କିଭଳି ବଞ୍ଚିବେ ବୋଲି ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ରାଜ୍ୟ ସଭାପତି ପ୍ରତାପ ସାହୁ କହିଛନ୍ତି। ରବିବାର ମଧ୍ୟରେ ଉଚ୍ଛେଦ ବନ୍ଦ କରା ନ ଗଲେ ସୋମବାରଠାରୁ ହଜାର ହଜାର ଉଠାଦୋକାନୀ ନିଜ ସ୍ତ୍ରୀ ପିଲାଛୁଆ ନେଇ ବିଏମସି-ବିଡିଏ ଅଫିସ୍ ଘେରାଉ କରିବେ ବୋଲି ପ୍ରତାପ ଚେତାବନୀ ଦେଇଛନ୍ତି। ମହାସଂଘ ସହ ବିନା ଆଲୋଚନାରେ କୌଣସି ଉଚ୍ଛେଦ ହେବ ନାହିଁ ବୋଲି ବିଏମ୍‌ସି, ବିଡିଏ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏହାର ଖିଲାପ କରି ବାରମ୍ବାର ବିନା ଆଲୋଚନାରେ ଦୋକାନ ଉଚ୍ଛେଦ କରାଯାଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।



ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ସାଂସ୍କୃତିକ ଓ କ୍ରୀଡ଼ା ସଂସଦର ବାର୍ଷିକ ଉତ୍ସବରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ଅନ୍ୟଅତିଥିମାନେ ପତ୍ରିକା ଉନ୍ମୋଚନ କରୁଛନ୍ତି।

# ବାର୍ଷିକ ଉତ୍ସବ ପାରସ୍ପରିକ ସମ୍ପର୍କ ବୃଦ୍ଧି କରେ

## ନାଟକ 'ଜୀବନ ଯଜ୍ଞ' ମଞ୍ଚସ୍ଥ

ଭୁବନେଶ୍ୱର,୯।୨(ବ୍ୟୁରୋ)

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ସାଂସ୍କୃତିକ ଓ କ୍ରୀଡ଼ା ସଂସଦର ୨ ଦିନିଆ ବାର୍ଷିକ ଉତ୍ସବ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଗୁରୁବାର ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଯୋଗଦେଇ କହିଛନ୍ତି, ବିଭାଗୀୟ କାର୍ଯ୍ୟ ସହ ବାର୍ଷିକ ଉତ୍ସବ ପାଳନ ମାଧ୍ୟମରେ ଚିତ୍ତବିନୋଦନର ଆବଶ୍ୟକତା ରହିଛି। ଏହା ପାରସ୍ପରିକ ସମ୍ପର୍କ ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଏଥିସହ ଅନ୍ତର୍ନିହିତ ସୃଜନାତ୍ମକ ପ୍ରତିଭା ବିକାଶ ହୋଇଥାଏ। ଏହି ଅବସରରେ ସାଧାରଣ ଅଭିଯୋଗ ନିର୍ଦ୍ଦେଶକ ଗଙ୍ଗାଧର ସାହୁ, ଅତିରିକ୍ତ ସଚିବ ସୁଶାନ୍ତ କୁମାର ମହାନ୍ତି, ସଂସଦର ସାଧାରଣ ସମ୍ପାଦକ ଅମୀୟ କୁମାର ଦାସ ଓ କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବାର୍ଷିକ ପତ୍ରିକା 'ସତୀର୍ଥ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ବାର୍ଷିକ ଉତ୍ସବ ପାଳନ ଅବସରରେ ଆୟୋଜିତ ବକ୍ତୃତା, ଚେସ୍ ଓ ରଙ୍ଗୋଲି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାକାର୍ଯ୍ୟ ପରେ ନାଟକ 'ଜୀବନଯଜ୍ଞ' ପରିବେଷଣ କରାଯାଇଥିଲା।

# ସ୍କୁଲ ଗୃହରେ ଚାଲିଛି ଫାଣ୍ଡି

## ନିଜସ୍ୱ ଗୃହ ନିର୍ମାଣ ଦାବି

ବାରଙ୍ଗ,୯।୨(ଡି.ଏନ୍.ଏ.)

ମେଣ୍ଢାଶାଳ ଅଞ୍ଚଳରେ ବିଶୃଙ୍ଖଳା ତଥା ଡେରାସ ସରକାରୀ କୃଷି ଫାର୍ମରେ କାର୍ଯ୍ୟରତ ୬ଶହ କୃଷି ଶ୍ରମିକ ଓ କର୍ତ୍ତୃପକ୍ଷଙ୍କ ମଧ୍ୟରେ ବାରମ୍ବାର ବିଶୃଙ୍ଖଳିତ ପରିସ୍ଥିତିକୁ ଦୃଷ୍ଟିରେ ରଖି ୧୯୮୮ରେ ମେଣ୍ଢାଶାଳଠାରେ ଏକ ଫାଣ୍ଡି ପ୍ରତିଷ୍ଠା କରାଯାଇଥିଲା। ସେ ସମୟରେ ଉପଯୁକ୍ତ ଗୃହ ନ ମିଳିବାରୁ ଡେରାସ ସରକାରୀ କୃଷି ଫାର୍ମର ଏକ ପରିତ୍ୟକ୍ତ ଘରେ ଫାଣ୍ଡି କାର୍ଯ୍ୟକ୍ଷମ କରାଯାଇ ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇ ପାରିଥିଲା। ଗତ ଫନି ବାତ୍ୟାରେ ଗୃହଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇ ମାଟିରେ ମିଶିଯାଇଥିଲା। ପରେ ଡେରାସ ଫାର୍ମ କେନ୍ଦ୍ରର ଇଡ୍‌କୋ ଦ୍ୱାରା ନିର୍ମିତ ଏକ ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ବାରଣ୍ଡାରେ ୨ମାସ ପର୍ଯ୍ୟନ୍ତ ଫାଣ୍ଡି ଚାଲିଥିଲା। ପରେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ୟୁପି ସ୍କୁଲ ଗୃହକୁ ସ୍ଥାନାନ୍ତର କରାଯାଇ ଏବେ ସେଠାରେ ଫାଣ୍ଡି କାର୍ଯ୍ୟ କରୁଛି। ଫାଣ୍ଡି ପାଇଁ ସରକାରଙ୍କ ପକ୍ଷରୁ ସ୍ଥାୟୀ ଜାଗା ପ୍ରଦାନ କରାଯାଇ ନ ଥିବାରୁ ଏବେ ବି ଫାଣ୍ଡିଟି ସ୍କୁଲ ଗୃହରେ ଚାଲୁଛି। ନିକଟରେ ଗୋଠପାଟଣାରେ ନୂତନ ଫାଣ୍ଡି ପ୍ରତିଷ୍ଠା କରାଯାଇ ନୂତନ ଗୃହ ନିର୍ମାଣ କରାଯାଉଥିବାବେଳେ ୩୫ବର୍ଷ ପରେ ମଧ୍ୟ ମେଣ୍ଢାଶାଳ ଫାଣ୍ଡି ପାଇଁ ସ୍ଥାୟୀ ଗୃହ ନିର୍ମାଣ କରାଯାଇ ପାରିନାହିଁ। ଏଥିପ୍ରତି ସରକାର ତୁରନ୍ତ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ବେଣ୍ଟପୁର କେନାଲରେ ଜଣେ ବ୍ୟକ୍ତି ମଇଁଷିକୁ ଗାଧୋଉଛନ୍ତି।

# ଜାନୁୟାରୀରେ ମାଧ୍ୟମ ଦ୍ୱାରା ୧୫ ମାମଲା ସମାଧାନ

ଭୁବନେଶ୍ୱର,୯।୨(ବ୍ୟୁରୋ)

ନାରୀ ସୁରକ୍ଷା ଦିଗରେ କାର୍ଯ୍ୟକାରୀ ହେଉଥିବା ମାଧ୍ୟମ କେନ୍ଦ୍ର ମାଧ୍ୟମରେ ଗତ ଜାନୁୟାରୀରେ ୨୧ ଟି ଅଭିଯୋଗ ପଞ୍ଜୀକରଣ ହୋଇଥିବା ବେଳେ ସେଥିମଧ୍ୟରୁ ୧୫ ଟି ମାମଲାରେ ଆପୋଷ ବୁଝାମଣା ଦ୍ୱାରା ସମାଧାନ ହୋଇପାରିଛି । ଏହାସହ ୪ ଜଣ ମହିଳାଙ୍କୁ ଡାକ୍ତରୀ ସହାୟତା ଓ ଅନ୍ୟ ଜଣେ ମହିଳାଙ୍କୁ ଆଇନଗତ ସହାୟତା ଯୋଗାଇ ଦିଆଯାଇଛି । ସେହିପରି ୨ ଜଣଙ୍କ କ୍ଷେତ୍ରରେ ଥାନାରେ ମାମଲା ରୁଜୁ ଲାଗି ପରାମର୍ଶ ଦିଆଯାଇଛି। ସୂଚନାନୁସାରେ ନିଜ ପରିବାର, କାର୍ଯ୍ୟସ୍ଥଳିରେ ସମ୍ମୁଖୀନ ହେଉଥିବା ଶାରୀରିକ, ମାନସିକ ଓ ସାମାଜିକ ନିର୍ଯ୍ୟାତନା , ଘରୋଇ ହିଂସା, ଯୌନ ନିର୍ଯ୍ୟାତନା, ମହିଳା ଚାଲାଣ, ବାଲ୍ୟ ବିବାହ, ଏସିଡ ଆକ୍ରମଣ ପୀଡ଼ିତାଙ୍କୁ ସୁରକ୍ଷା ଦେବା ସହ ଉଚିତ ପରାମର୍ଶ ଦେଇ ସେମାନଙ୍କ ମଧ୍ୟରେ ସକାରାତ୍ମକ ମନୋଭାବ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି ମାଧ୍ୟମ । ଏହାସହପୀଡିତାମାନଙ୍କୁ ଆବଶ୍ୟକୀୟ ସାହାଯ୍ୟ,ପରାମର୍ଶ, ଡାକ୍ତରୀ ସହାୟତା ଓ ନ୍ୟାୟ ପ୍ରଦାନ ଲାଗି ସମସ୍ତ ପ୍ରକାର ପ୍ରଚେଷ୍ଟା କରାଯାଉଛି । ସେହିଭଳି ଏହି ସଂସ୍ଥା ଦ୍ୱାରା କେତେକ ପୀଡିତା ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ ଧନ୍ଦାମୂଳକ ତାଲିମ କେନ୍ଦ୍ରମାନଙ୍କରେ ମାଗଣା ତାଲିମ ନେବାର ବ୍ୟବସ୍ଥା ମଧ୍ୟ କରାଯାଇଥାଏ । ବିବାହ ବିଚ୍ଛେଦ ହେବାକୁ ଯାଉଥିବା କେତକ ଘଟଣାରେ ବ୍ୟକ୍ତିଗତ ଭାବେ କେବଳ ସ୍ୱାମୀ କିମ୍ବା ସ୍ତ୍ରୀଙ୍କୁ ଡକାଇ କିମ୍ବା ଉଭୟଙ୍କୁ ଏକାଠି ବସାଇ, ପରେ ଆବଶ୍ୟକ ହେଲେ ଉଭୟଙ୍କ ପରିବାର ସଦସ୍ୟଙ୍କୁ ଡକାଇ ବୁଝାମଣା ମାଧ୍ୟମରେ ମାମଲାର ସମାଧାନ ହୋଇଥାଏ ।

# ଥାନା ପରିସରରେ ଯୁବକଙ୍କ ମୃତ୍ୟୁ

## ଧାର ଟଙ୍କାକୁ ନେଇ ଅପହରଣ

ଭୁବନେଶ୍ୱର,୯।୨ (ବ୍ୟୁରୋ)

ଧାର ଟଙ୍କାକୁ କେନ୍ଦ୍ର କରି ଜଣେ ବ୍ୟକ୍ତିଙ୍କୁ ଗୁରୁବାର ରାତିରେ ଅପହରଣ କରାଯିବା ଏବଂ ପରେ ଶହୀଦନଗର ଥାନା ପରିସରରେ ତାଙ୍କର ମୃତ୍ୟୁ ଘଟିବା ଭଳି ଏକ ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ ଗାଡ଼କଣ ଅଞ୍ଚଳରେ ରହୁଥିବା ବିଚିତ୍ର ପଲେଇ(୪୨)। ପୋଲିସ ଏହି ଘଟଣାରେ ସମ୍ପୃକ୍ତ ଶହୀଦନଗର ଥାନା ଶାନ୍ତିପଲ୍ଲୀ ବସ୍ତିରେ ରହୁଥିବା ନେତ୍ରମଣି ବେହେରା(୪୦) ଏବଂ ତାଙ୍କ ଭାଇ କଟକ ସଦର ଥାନା ଅନ୍ତର୍ଗତ ଉରାଙ୍ଗପ୍ରଧାନ ଗ୍ରାମର ବଟକୃଷ୍ଣ ବେହେରା(୩୧)ଙ୍କୁ ଗିରଫ କରି ପଚରାଉଚରା କରୁଛି। ଶୁକ୍ରବାର ସେମାନଙ୍କୁ ଅପହରଣ ଏବଂ ହତ୍ୟା ଅଭିଯୋଗରେ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

ମିଳିଥିବା ସୂଚନାନୁସାରେ ନେତ୍ରମଣି ଏକ ବିଉଟି ପାର୍ଲର କରିଛନ୍ତି। ମୃତ ବିଚିତ୍ରଙ୍କ ଘର ଯାଜପୁର ଜିଲା ବରୀ ଅଞ୍ଚଳରେ ହୋଇଥିବାବେଳେ ସେ ଗାଡ଼କଣରେ ରହୁଥିଲେ। କିଛି ବର୍ଷ ତଳେ ନେତ୍ରମଣିଙ୍କଠାରୁ ବିଚିତ୍ର ୩ଲକ୍ଷ ଟଙ୍କା ଧାର ନେଇଥିଲେ। ହେଲେ ଟଙ୍କା ନ ଫେରାଇ ଦିନ ଗଡ଼ାଇ ଚାଲିଥିଲେ। ଏପରି କି କିଛି ମାସ ତଳେ ନେତ୍ରମଣୀଙ୍କୁ ଏକ ଚେକ୍ ଦେଇଥିଲେ, ଯାହାକି ବାଉନ୍ସ ହୋଇଯାଇଥିଲା। ଧାର ଟଙ୍କା ବୁଧବାର ଶୁଝିଦେବେ ବୋଲି ବିଚିତ୍ର ପ୍ରତିଶ୍ରୁତି ଦେଇଥିଲେ ସୁଦ୍ଧା ଫେରାଇ ନ ଥିଲେ। ଫଳରେ ନେତ୍ରମଣୀ ତାଙ୍କ ଭାଇ ବଟକୃଷ୍ଣଙ୍କ ସହଯୋଗରେ ଗୁରୁବାର ରାତିରେ ବିଚିତ୍ରଙ୍କୁ ଜବରଦସ୍ତ ଏକ କାର୍‌ରେ ବସାଇ ଶହୀଦନଗର ଥାନାକୁ ଆଣୁଥିଲେ। ହେଲେ ବାଣୀବିହାର ଛକ ନିକଟରେ ଗାଡ଼ିର ବେଗ ଧୀର ହେବାରୁ ବିଚିତ୍ର ଗାଡ଼ିରୁ ଡେଇଁ ପଡ଼ି ଦୌଡ଼ିବାକୁ ଲାଗିଥିଲେ। ଏଥିସହ ତାଙ୍କୁ ଅପହରଣ କରାଯାଉଥିବା ଚିତ୍କାର କରିଥିଲେ। ବଟକୃଷ୍ଣ ତାଙ୍କୁ ପିଛା କରି ଗାଳିଗୁଲ କରିବା ସହ ମାଡ଼ ମାରିଥିଲେ। ଏହାଦେଖି ବାଣୀବିହାରର କେତେଜଣ ଛାତ୍ର ଓ ସ୍ଥାନୀୟ ଲୋକ ସେଠାରେ ରୁଣ୍ଡ ହୋଇ ଘଟଣା ସମାଧାନ କରିବାକୁ ଚେଷ୍ଟା କରିଥିଲେ। ଥାନା ନିକଟରେ ଏହି ଘଟଣା ଘଟିଥିବାରୁ ସେମାନଙ୍କୁ ଲୋକମାନେ ଥାନା ପରିସରକୁ ନେଇଥିଲେ। ହେଲେ ବିଚିତ୍ର ସେଠାରେ ଅସୁସ୍ଥ ହୋଇ ତଳେ ପଡ଼ିଯିବାରୁ ତାଙ୍କୁ ତୁରନ୍ତ କ୍ୟାପିଟାଲ ହସ୍ପିଟାଲକୁ ପିସିଆର୍ ଯୋଗେ ନିଆଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



ବିଚିତ୍ର ପଲେଇ

# ଜମି ମାଫିଆଙ୍କ କବ୍‌ଜାରେ ଶ୍ରୀଲିଙ୍ଗରାଜଙ୍କ ଭୂସମ୍ପତ୍ତି

ପୁରୁଣା ଭୁବନେଶ୍ୱର,୯।୨(ଡି.ଏନ୍.ଏ.)

ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ଶହ ଶହ ଏକର ଜମି ଏବେ ଚଞ୍ଚକତା ପୂର୍ବକ କିଣାବିକା ଜାରି ରହିଛି। ଶ୍ରୀଲିଙ୍ଗରାଜଙ୍କ ନୂଆ ଗାଁ ମୌଜାସ୍ଥିତ କୁଡୁଆ ସମ୍ପତ୍ତି ହେଉ ବା ରଥ ରୋଡ ସ୍ଥିତ ସମ୍ପତ୍ତି ମୂଳ ମାଲିକାନା ପରିବର୍ତ୍ତନ କରାଯାଇ କଂକ୍ରିଟ ଏବଂ ବହୁ ଅଟ୍ଟାଳିକା ନିର୍ମାଣ ଚାଲିଛି। ଜମି ମାଫିଆ ବିଭାଗୀୟ ଅଧିକାରୀଙ୍କୁ ହାତ କରି କିସମ ବଦଳାଇ ଠାକୁରଙ୍କର ଏହି ମୂଲ୍ୟବାନ ଭୂସମ୍ପତ୍ତିକୁ ଲୁଟ୍ କରୁଛନ୍ତି। ଏହି କ୍ରମରେ ଭୀମପୁର ମୌଜା ଖାତା ନଂ. ୧୯୩୫, ପ୍ଲଟ ନଂ.୬୭ରେ ଥିବା ଏ୧.୧୬୦ଡିସିମିଲ ପରିମିତ ସମ୍ପତ୍ତି ଏକଦା ଶ୍ରୀଲିଙ୍ଗରାଜ ପ୍ରଭୁ ମାର୍ଫତ ସୁଦର୍ଶନ ଭାରତୀଙ୍କ ଓଗେରଙ୍କ ନାମରେ ଥିଲା। ମାତ୍ର ୧୯୮୯ରେ ବେ-ବନ୍ଦୋବସ୍ତ ବେଳେ ଜଣେ ଚାଷୀଙ୍କ ନାମରେ ତାହା ହୋଇଥିଲା। କିନ୍ତୁ ପରେ ସେହି ପ୍ଲଟରୁ ଏ୦.୨୨୮ଡି ସମ୍ପତ୍ତି ମୟୂରଭଞ୍ଜ ବେତନଟିର ଜଣେ ବ୍ୟକ୍ତିଙ୍କ ନାମରେ ଏବଂ ସମ୍ପୃକ୍ତ ବ୍ୟକ୍ତି ଅନ୍ୟ ଜଣକ ନାମରେ କିଣାବିକା କରିଥିଲେ। ଏହି ଘଟଣା ଜଣାପଡ଼ିବା ପରେ ଏକାମ୍ର ଜନ ଜାଗରଣ ମଞ୍ଚ ପକ୍ଷରୁ ତା୧୪.୦୯.୨୦୨୦ରିଖରେ ବୋର୍ଡ ଅଫ୍ ରେଭିନ୍ୟୁକୁ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ପରେ ବିଭାଗ ପକ୍ଷରୁ ଏଠାରେ କୌଣସି ନିର୍ମାଣ କାର୍ଯ୍ୟ ନ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହାକୁ ଅବମାନନା କରି ମାଫିଆମାନେ ଏଠାରେ ଜୋର ଜବରଦସ୍ତ କାର୍ଯ୍ୟ ଜାରି ରଖିଛନ୍ତି। ଏହି ଘଟଣା ନେଇ ମଞ୍ଚ ପକ୍ଷରୁ ପୁନଃ ଏୟାରଫିଲ୍ଡ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ହେଲେ ପୋଲିସ ଅଭିଯୋଗ ଲେଖି ଦେଇ ନୀରବ ରହିଯାଇଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ମନ୍ଦିର ପ୍ରଶାସନ, ଦେବୋତ୍ତର ବିଭାଗ ଶ୍ରୀଲିଙ୍ଗରାଜଙ୍କ ଏହି ବହୁମୂଲ୍ୟ ସମ୍ପତ୍ତି କିଣା ବିକା ଉପରେ ରୋକ ଲଗାଇବା ସହ ତୁରନ୍ତ ବେଆଇନ ନିର୍ମାଣ ବନ୍ଦ କରିବାକୁ ମଞ୍ଚ ଦାବି କରିଛି।

# ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଆକ୍ରମଣ

ବଲାଙ୍ଗୀ, ୯।୨(ଡି.ଏନ୍.ଏ.)

ବଲାଙ୍ଗୀ ଥାନା କେତକୀ ପାଟଣା ପଞ୍ଚାୟତର ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଆକ୍ରମଣ କରାଯାଇଥିବା ଗୁରୁବାର ଅଭିଯୋଗ ହୋଇଛି। ଏ ନେଇ ପୋଲିସ ମାମଲା(ନଂ.୨୦/୨୩) ରୁଜୁ କରି ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ସରପଞ୍ଚ ମିନତୀ ନାୟକ ବୁଧବାର କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ ନାୟକ ସହ ପଞ୍ଚାୟତ କାର୍ଯ୍ୟାଳୟରେ ହିତାଧିକାରୀଙ୍କୁ ଭତ୍ତା ଟଙ୍କା ବାଣ୍ଟୁଥିଲେ। ଏହି ସମୟରେ ଆଳତରଙ୍ଗ ସାହିର ଜଣେ ଯୁବକ ସେଠାକୁ ଆସି ସରପଞ୍ଚଙ୍କୁ ଗାଳିଗୁଲଜ କରି ଘୋଷାଡି ଆଣିଥିଲେ। ବିଜୟ ପ୍ରତିବାଦ କରିବାରୁ ଯୁବକ ଜଣକ ତାଙ୍କୁ ଚାପୁଡ଼ା ମାରି ବନ୍ଧୁକ ଦେଖାଇ ହତ୍ୟା ଧମକ ଦେଇଥିଲା।

# ପିଅନ ପଦବୀ ଉଚ୍ଛେଦ କରାଯାଇ ଅଫିସ ଆସିଷ୍ଟାଣ୍ଟ ହେଉ

## ସରକାରୀ କର୍ମଚାରୀ ସଂଘର ୪୦ତମ ସମ୍ମିଳନୀ

ଖୋର୍ଦ୍ଧା ଅଫିସ,୯।୨

ନିଖିଳ ଉତ୍କଳ ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘର ୪୦ତମ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଂଘ ସଭାପତି ସରୋଜ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଘର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯାଇଥିଲା। ଉଦ୍ୟାନ ପ୍ରଶିକ୍ଷଣ ବିଭାଗର ଉପନିର୍ଦ୍ଦେଶକ ଗୌରାଙ୍ଗ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି, ସଂଘ ସାଧାରଣ ସମ୍ପାଦକ ସୁବଳ ମହାନ୍ତି, ସଦସ୍ୟ ସୁରେଶ ପରିଜା, ଜଗନ୍ନାଥ ପାଢ଼ୀ, ପ୍ରଫୁଲ୍ଲ ସିଂ, ଦେବାରାଜ ବାରିକ, ମୁରଲୀ ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସମ୍ମିଳନୀରେ ସଂଘର ୧୦ଟି ବ୍ଲକର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ବୟସ ସୀମା ୬୦ରୁ ୬୨କୁ ବୃଦ୍ଧି ଲାଗି ଦାବି କରାଯାଇଛି। ୧୫ପ୍ରତିଶତ ଘରଭଡ଼ା, କର୍ମଚାରୀଙ୍କୁ ସରକାରୀ କ୍ୱାର୍ଟର, ମେଡିକାଲ ଭତ୍ତା ୧୯୯୦ ଥଇଥାନ ଯୋଜନାର ନିୟମକୁ ପୁନର୍ବାର ଲାଗୁ, ୨୦୨୦ମସିହାରେ ପ୍ରଣିତ ଥଇଥାନ ଯୋଜନାରେ ପେମେଣ୍ଟ ସିଷ୍ଟମକୁ ଉଚ୍ଛେଦ କରାଯାଉ। ଜିଲା କାର୍ଯ୍ୟାଳୟରେ ବିନା କଟକଣାରେ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ ୩ୟ ଶ୍ରେଣୀ ପଦବୀରେ ପ୍ରତିବର୍ଷ ପଦୋନ୍ନତି, ପିଅନ ପଦବୀକୁ ଉଚ୍ଛେଦ କରାଯାଇ ଅଫିସ ଆସିଷ୍ଟାଣ୍ଟ କରାଯାଉ। ଏହି ଅବସରରେ ଆଗାମୀ ଦୁଇ ବର୍ଷ ଲାଗି ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଦେବରାଜ ବାରିକ ସଭାପତି, ବିଜୟ ନାୟକ ଓ ପୀତବାସ ନାୟକ ଉପସଭାପତି, ତ୍ରିନାଥ ସେଠୀ ସମ୍ପାଦକ, ସୁଶୀଲ ରାଉତରାୟ ଓ କାର୍ତ୍ତିକ ଘଡେଇ ଯୁଗ୍ମ ସମ୍ପାଦକ, ଜିତୁ ଦେହୁରୀ କୋଷାଧ୍ୟକ୍ଷ, ରୋଶନ ପାଢ଼ୀ ସଙ୍ଗଠନ ସମ୍ପାଦକ, ରାଜ କିଶୋର ପାତ୍ର ସହ ସଙ୍ଗଠନ ସମ୍ପାଦକ ଏବଂ ସାଂସ୍କୃତିକ ସମ୍ପାଦକ ଭାବେ ବିରଞ୍ଚି ନାରାୟଣ ଦାସ ପ୍ରମୁଖ ମନୋନୀତ ହୋଇଛନ୍ତି। ଦୀପ୍ତିରେଖା ରଥ, ହେମନ୍ତ ପଲେଇ, ଶିବ କଲ୍ୟାଣ ସାହୁ, ରାଜେନ୍ଦ୍ର ଦଲେଇ, ପ୍ରହ୍ଲାଦ ପଣ୍ଡିତ, ଚନ୍ଦ୍ରକାନ୍ତ ମୁଦୁଲିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଆଜିଠାରୁ ସାମୂହିକ ଔଷଧ ସେବନ ଅଭିଯାନ

## ଫାଇଲେରିଆ ନିରାକରଣ ଅଭିଯାନ ପାଇଁ ଗଣମାଧ୍ୟମ ସଚେତନତା କର୍ମଶାଳା

ଭୁବନେଶ୍ୱର, ୯।୨(ବ୍ୟୁରୋ)




ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ରାଜ୍ୟର ୧୦ଟି ଫାଇଲେରିଆ ପ୍ରବଣ ଜିଲାରେ ଲିମ୍ଫାଟିକ୍ ଫାଇଲେରିଆସିସ୍ (ଏଲ୍‌ଏଫ୍) ଦୂରୀକରଣ ନିମନ୍ତେ ଶୁକ୍ରବାରଠାରୁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ (ଏମ୍‌ଡିଏ) ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ବିଭାଗ ପକ୍ଷରୁ ଗ୍ଲୋବାଲ ହେଲ୍‌ଥ ଷ୍ଟ୍ରାଟେଜିସ୍ ସହିତ ମିଶି ଏକ ରାଜ୍ୟସ୍ତରୀୟ ଗଣମାଧ୍ୟମ ସଚେତନତା କର୍ମଶାଳା ଭୁବନେଶ୍ୱରସ୍ଥିତ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟଠାରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ସଚେତନତା ଅଭିଯାନର ଶୁଭାରମ୍ଭ ହୋଇଥିଲା। ଏଥିରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଡା. ଅଜିତ କୁମାର ମହାନ୍ତି ଯୋଗଦେଇ କହିଲେ, ଏମ୍‌ଡିଏରେ ୧୦ଟି ଜିଲାରେ ଲୋକେ ଯେଭଳି ଫାଇଲେରିଆ ନିରୋଧୀ ଔଷଧ ଖାଇବେ ସେଥିପାଇଁ ପଦକ୍ଷେପ ନିଆଯିବ। ୨ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ଏବଂ ଗୁରୁତର ଅସୁସ୍ଥ ଲୋକଙ୍କ ବ୍ୟତୀତ ଅନ୍ୟ ସମସ୍ତେ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ନିଶ୍ଚିତ ଭାବରେ ଏହି ଔଷଧ ଖାଇବେ। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଲେ, ଫାଇଲେରିଆସିସ୍ ବିଶ୍ୱବ୍ୟାପୀ ଦୀର୍ଘକାଳୀନ ଶାରୀରିକ ଅକ୍ଷମତାର ଅନ୍ୟତମ ମୁଖ୍ୟ କାରଣ। ଏହା ଏକ ସାଂଘାତିକ ଜନସ୍ୱାସ୍ଥ୍ୟ ସମସ୍ୟା, ଯାହା ମଶା କାମୁଡିବା ଦ୍ୱାରା ବ୍ୟାପିଥାଏ। ସାଧାରଣତଃ ପିଲାଦିନେ ଏହା ସଂକ୍ରମିତ ହେଉଥିବାବେଳେ ପ୍ରାପ୍ତ ବୟସ୍କ ଅବସ୍ଥାରେ ଏହାର ଲକ୍ଷଣ ପ୍ରକାଶ ପାଏ। ଏହି ସଂକ୍ରମଣ ଶରୀରର ଲିମ୍ଫାଟିକ ବ୍ୟବସ୍ଥାକୁ ନଷ୍ଟ କରିଦିଏ ଏବଂ ତାହାର ଚିକିତ୍ସା କରା ନ ଗଲେ ଏହା ଶରୀରର ବିଭିନ୍ନ ଅଂଶରେ ଫୁଲା ସୃଷ୍ଟିକରେ, ଯାହା ଆରୋଗ୍ୟସାଧ୍ୟ ନୁହେଁ ବୋଲି ଡା. ମିଶ୍ର କହିଥିଲେ। ବିଭାଗର ଜାତୀୟ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଯୁଗ୍ମ ନିର୍ଦ୍ଦେଶକ ତଥା ଷ୍ଟେଟ୍ ପ୍ରୋଗ୍ରାମ ଅଫିସର ଡା. ଶୁଭାଶିଷ ମହାନ୍ତି, ସିନିଅର ରିଜିଓନାଲ ଡାଇରେକ୍ଟର ଡା. ସୁଚିତ୍ରା ସାସ୍‌ମଲ, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡା. ଅମରେନ୍ଦ୍ରନାଥ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଗ୍ଲୋବାଲ ହେଲଥ ଷ୍ଟ୍ରାଟେଜିସ୍‌ର ସିନିୟର ଡାଇରେକ୍ଟର ଅନୁଜ ଘୋଷ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଝାମ୍ପିନେଲେ ମୋବାଇଲ

ଯାଁଳା,୯।୨(ଡି.ଏନ୍.ଏ.): ଇନ୍‌ଫୋସିଟି ଥାନା ଅଧୀନ ଯାଁଳା ଓଭରବ୍ରିଜ ନିକଟରେ ବାଇକ ଆରୋହୀଙ୍କ ଠାରୁ ଦୁଇ ଜଣ ଦୁର୍ବୃତ୍ତ ମୋବାଇଲ ଫୋନ ଝାମ୍ପି ନେଇଯାଇଥିବା ଗୁରୁବାର ଅଭିଯୋଗ ହୋଇଛି। ଲୁଟର ଶିକାର ହୋଇଛନ୍ତି ଛତାବର ପଞ୍ଚାୟତ ଗୌଡକାଶିପୁର ଗ୍ରାମର ରାଜକିଶୋର ବେହେରା। ସୂଚନା ମୁତାବକ, ରାଜକିଶୋର ଅଫିସ ଯାଉଥିବା ବେଳେ ଯାଁଳା ଗ୍ରାମକୁ ଯିବା ରାସ୍ତାରେ ଦୁଇ ଜଣ ଯୁବକ ଏକ ବାଇକରେ ଆସି ହଠାତ୍ ତାଙ୍କ ମୋବାଇଲ ଝାମ୍ପି ନେଇଯାଇଥିଲେ। ଏନେଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ।

### ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

କୃଷ୍ଣପ୍ରସାଦ,୯।୨(ଡି.ଏନ୍.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବଜ୍ରକୋଟ ମା' ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ବଜ୍ରକୋଟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଦିଲ୍ଲୀପ କୁମାର ରାଉତରାୟ ଉଦ୍‌ଘାଟନ କରିଥିଲେ। ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି ବିଜୟ କୁମାର ବ୍ରହ୍ମାଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ କୃଷ୍ଣପ୍ରସାଦ ଆଇଆଇସି ଶରତ କୁମାର ନାୟକ, ମୁଖ୍ୟବକ୍ତା ସୁସାହିତ୍ୟିକ ବିଷ୍ଣୁ ପ୍ରସାଦ ଦଳେଇ, ଅତିଥିଭାବେ ସାମାଜିକକର୍ମୀ ଲକ୍ଷ୍ମୀଚରଣ ବିଶ୍ୱାଳ, ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ଜେନା, ଶିକ୍ଷାବିତ୍ ବ୍ରଜ କିଶୋର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଅଧାପକ ପ୍ରଦୀପ କୁମାର ଜେନା ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଉଲ୍ଲାସ ଚନ୍ଦ୍ର ପ୍ରଧାନ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ମାତୃପିତୃ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବେଳେ ବିଦ୍ୟା ମନ୍ଦିରର ସମସ୍ତ ଗୁରୁମା ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଫାଣ୍ଡି ପାଇଁ ନୂତନ ଗୃହ ନିର୍ମାଣ ଦାବି
#### ସ୍କୁଲ ଗୃହରେ ଚାଲିଛି ଫାଣ୍ଡି

ବାରଙ୍ଗ,୯।୨(ଡି.ଏନ୍.ଏ.)- ମେଣ୍ଢାଶାଳ ଅଞ୍ଚଳରେ ବିଶୃଙ୍ଖଳା ତଥା ଡେରାସ ସରକାରୀ କୃଷି ଫାର୍ମରେ କାର୍ଯ୍ୟରତ ୬ଶହ କୃଷି ଶ୍ରମିକ ଓ କର୍ତ୍ତୃପକ୍ଷଙ୍କ ମଧ୍ୟରେ ବାରମ୍ବାର ବିଶୃଙ୍ଖଳିତ ପରିସ୍ଥିତିକୁ ଦୃଷ୍ଟିରେ ରଖି ୧୯୮୮ରେ ମେଣ୍ଢାଶାଳଠାରେ ଏକ ଫାଣ୍ଡି ପ୍ରତିଷ୍ଠା କରାଯାଇଥିଲା। ସେ ସମୟରେ ଉପଯୁକ୍ତ ଗୃହ ନ ମିଳିବାରୁ ଡେରାସ ସରକାରୀ କୃଷି ଫାର୍ମର ଏକ ପରିତ୍ୟକ୍ତ ଘରେ ଫାଣ୍ଡି କାର୍ଯ୍ୟକ୍ଷମ କରାଯାଇ ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇ ପାରିଥିଲା। ଗତ ଫନି ବାତ୍ୟାରେ ଗୃହଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇ ମାଟିରେ ମିଶିଯାଇଥିଲା। ପରେ ଡେରାସ ଫାର୍ମ କେନ୍ଦ୍ରର ଇଡ୍‌କୋ ଦ୍ୱାରା ନିର୍ମିତ ଏକ ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ବାରଣ୍ଡାରେ ୨ମାସ ପର୍ଯ୍ୟନ୍ତ ଫାଣ୍ଡି ଚାଲିଥିଲା। ପରେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ୟୁପି ସ୍କୁଲ ଗୃହକୁ ସ୍ଥାନାନ୍ତର କରାଯାଇ ଏବେ ସେଠାରେ ଫାଣ୍ଡି କାର୍ଯ୍ୟ କରୁଛି। ଫାଣ୍ଡି ପାଇଁ ସରକାରଙ୍କ ପକ୍ଷରୁ ସ୍ଥାୟୀ ଜାଗା ପ୍ରଦାନ କରାଯାଇ ନ ଥିବାରୁ ଏବେ ବି ଫାଣ୍ଡିଟି ସ୍କୁଲ ଗୃହରେ ଚାଲୁଛି। ନିକଟରେ ଗୋଠପାଟଣାରେ ନୂତନ ଫାଣ୍ଡି ପ୍ରତିଷ୍ଠା କରାଯାଇ ନୂତନ ଗୃହ ନିର୍ମାଣ କରାଯାଉଥିବାବେଳେ ୩୫ବର୍ଷ ପରେ ମଧ ମେଣ୍ଢାଶାଳ ଫାଣ୍ଡି ପାଇଁ ସ୍ଥାୟୀ ଗୃହ ନିର୍ମାଣ କରାଯାଇ ପାରିନାହିଁ। ଏଥିପ୍ରତି ସରକାର ତୁରନ୍ତ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ୯୪୫ ଲିଟର ଦେଶୀ ମଦ ଜବତ, ୪ ଗିରଫ



ବାରଙ୍ଗ,୯।୨(ଡି.ଏନ୍.ଏ.)- ବାରଙ୍ଗ ଅଞ୍ଚଳରୁ ୪ ନିଶା ବେପାରୀ ଭୁବନେଶ୍ୱରକୁ ନିଶା ପରିବହନ କରୁଥିବାବେଳେ ଗୁରୁବାର ଅବକାରୀ ବିଭାଗ ହାତରେ ଧରିପଡ଼ିଛନ୍ତି। ସେମାନେ ହେଲେ ବାରଙ୍ଗ ଥାନା ଅନ୍ତର୍ଗତ ସାନମୁଣ୍ଡଲୀ ଗ୍ରାମର ଦୁଷ୍ମନ୍ତ ଲେଙ୍କା, ଅନିରୁଦ୍ଧ ମହାପାତ୍ର, କର୍ମିକ ସାହୁ ଓ ଦାଢାପାଟଣା ଗ୍ରାମର ସୂର୍ଯ୍ୟକାନ୍ତ ସାମଲ। ସୂଚନା ମୁତାବକ, ବାରଙ୍ଗ ଥାନା ଅନ୍ତର୍ଗତ ସାନମୁଣ୍ଡଲୀ ଗ୍ରାମ ରାସ୍ତାରେ ୩ ବାଇକ ଚାଳକଙ୍କ ପାଖରୁ ଅବକାରୀ ବିଭାଗ ୭୦୫ ଲିଟର ଦେଶୀ ଚୋରା ମଦ ଜବତ କରିଛି। ସେହିପରି ଖାନନଗର ଅଞ୍ଚଳରୁ ବାଇକ୍‌ରେ ଆସୁଥିବା ଜଣଙ୍କ ପାଖରୁ ୨୪୦ ଲିଟର ଦେଶୀ ଚୋରା ମଦ ଅବକାରୀ ବିଭାଗ ଜବତ କରିଥିଲା। ଜବତ ହୋଇଥିବା ମୋଟ ୯୪୫ ଲିଟର ଦେଶୀ ମଦର ମୂଲ୍ୟ ୭ ଲକ୍ଷ ୬୫ହଜାରରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଜଣାପଡ଼ିଛି।

# ଦୟାନଦୀ ଡାହାଣ ପାର୍ଶ୍ୱ ନଦୀବନ୍ଧ ଭୁଶୁଡ଼ିଲା

## ୨ ବିଭାଗ ଅଧିକାରୀଙ୍କ ମଧ୍ୟରେ ଦୋଷ ଲଦାଲଦି



କଣାସ,୯।୨(ସ୍ୱ.ପ୍ର.)

କଣାସ ବ୍ଲକରେ ପ୍ରବାହିତ ହେଉଥିବା ମୁଖ୍ୟନଦୀ ଦୟାନଦୀର ବାମ ପାର୍ଶ୍ୱ ନଦୀବନ୍ଧ ବସନ୍ତପୁର ନିକଟରେ ୧୦୦ ମିଟରରୁ ଊର୍ଦ୍ଧ୍ୱ ଗତ ୩୦ ତାରିଖରେ ନଦୀ ଗର୍ଭକୁ ଭୁଶୁଡି ପଡ଼ିଥିଲା। ବୁଧବାର ଦୟାନଦୀର ଡାହାଣ ପାର୍ଶ୍ୱ ନଦୀବନ୍ଧ ପ୍ରାୟ ୧୫୦ ଫୁଟରୁ ଊର୍ଦ୍ଧ୍ୱ ଫାଟିଯାଇ ଭୁଶୁଡି ଯାଇଥିବାରୁ ଚୁପୁରିଙ୍ଗି, କାଳିଘଡ଼ି, ପାହିଲୁଣ୍ଡି ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ନଦୀବନ୍ଧ ଭୁଶୁଡିବାକୁ ନେଇ ଖୋର୍ଦ୍ଧା ଜଳସେଚନ ବିଭାଗ ଏବଂ ଡ୍ରେନେଜ ବିଭାଗ ଅଧିକାରୀଙ୍କ ମଧ୍ୟରେ ଘଟଣାସ୍ଥଳରେ ଦିନତମାମ ଦୋଷ ଲଦାଲଦି ହେଉଥିବା ଦେଖିବାକୁ ମିଳିଥିଲା। ଗ୍ରାମବାସୀଙ୍କ କହିବା ମୁତାବକ, ପୂର୍ବରୁ ଭୁଶୁଡିଥିବା ନଦୀବନ୍ଧ ଜାଗାରେ ଗୋଟିଏ ବରଗଛ ଥିଲା । ବରଗଛ ଚେର ମଧ୍ୟରେ ବନ୍ୟା ପାଣି ନଦୀରୁ ଅପର ପାର୍ଶ୍ୱକୁ ଘଳିଆ ପଡ଼ି ବନ୍ୟାଜଳ ପ୍ରବେଶ କରୁଥିଲା। ଉକ୍ତ ନଦୀ ବନ୍ଧଟି ଖୋର୍ଦ୍ଧା ଜଳସେଚନ ବିଭାଗର ହୋଇଥିଲେ ମଧ ନଦୀବନ୍ଧ ଦୃଢ ମରାମତି ହୋଇ ନ ଥିଲା। ଦୟା ନଦୀକୁ ଲାଗି ବନ୍ଧଟି ଥିବାରୁ କିଛି ଦିନ ହେଲା ଦୟାନଦୀ ଡ୍ରେଜିଂ ଚାଲିଛି। ନଦୀବନ୍ଧଠାରୁ ୧୫ ମିଟର ଛାଡି ନଦୀ ଶଯ୍ୟା ଖନନ କରାଯାଉଥିବା ଡ୍ରେନେଜ ବିଭାଗ କନିଷ୍ଠ ଯନ୍ତ୍ରୀ ସଞ୍ଜୟ ପଣ୍ଡା କହିଛନ୍ତି। କିନ୍ତୁ ନଦୀରୁ ଖୋଳା ଯାଉଥିବା ପଙ୍କ ଓ ପାଣି ମିଶ୍ରିତ ନଦୀର ଅପର ପାର୍ଶ୍ୱରେ ଜମା ହେଉଥିବାବେଳେ ପୂର୍ବରୁ ଘଳିଆ ପଡ଼ିଥିବା ସ୍ଥାନରେ ପଙ୍କ ମିଶ୍ରିତ ପାଣି ଘଳିଆ ବାଟଦେଇ ନଦୀକୁ ଆସିବାରୁ ଉକ୍ତ ସ୍ଥାନଟି ଭୁଶୁଡି ପଡିଥିବା ଗ୍ରାମବାସୀ କହିଛନ୍ତି। ଘଟଣାସ୍ଥଳରେ ଡ୍ରେନେଜ ବିଭାଗର ଏସ୍‌ଇ ଆଶିଷ ମିଶ୍ର, ଏସ୍‌ଡିଓ ପ୍ରଦୀପ ଜେନା, କନିଷ୍ଠ ଯନ୍ତ୍ରୀ ସଞ୍ଜୟ ପଣ୍ଡା ଉକ୍ତ ସ୍ଥାନରେ ପହଞ୍ଚିଥିଲେ। ଖୋର୍ଦ୍ଧା ଜଳସେଚନ ବିଭାଗର ବିପ୍ରରାଜ ପୁରୋହିତ, ଏସ୍‌ଡିଓ ଅକ୍ଷୟ ବେହେରା, କନିଷ୍ଠ ଯନ୍ତ୍ରୀ ସୁରେନ୍ଦ୍ର ସାହୁ ଆସି ଘଟଣାସ୍ଥଳ ପରିଦର୍ଶନ କରି ଡ୍ରେନେଜ ବିଭାଗ ଉପରେ ଦୋଷ ଲଦିଛନ୍ତି।



ନିରାକାରପୁର: ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ଗୁରୁବାର ବାହାରିଥିବା କଳସ ଶୋଭାଯାତ୍ରା ।

### ଭଗବତୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ନିରାକାରପୁର,୯।୨(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଲେଣ୍ଡୋ ପଞ୍ଚାୟତ ରେଙ୍ଗଟା (ସଠିପଦର)ରେ ଥିବା ଗ୍ରାମର ଇଷ୍ଟଦେବୀ ମା' ଭଗବତୀଙ୍କ ପୀଠରେ ଅଷ୍ଟମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଓ ଚଣ୍ଡୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଗ୍ରାମର ମାନସିକଧାରୀ ମହିଳା, ପୁରୁଷ ସ୍ଥାନୀୟ ନଦୀରୁ କଳସ ଉଠାଇ ଏକ ପଟୁଆରରେ ଗ୍ରାମ ପରିକ୍ରମା କରି ଯଜ୍ଞ ମଣ୍ଡପରେ ପହଞ୍ଚି କଳସ ସ୍ଥାପନା କରିଥିଲେ। ସନ୍ଧ୍ୟାରେ ଧେନୁ ପୂଜା, ଷୋଡଶ ଉପଚାରରେ ପୂଜା, ଚଣ୍ଡୀ ଆହୁତି, ଚଣ୍ଡୀପାଠ, ଗୀତା ପାଠ କାର୍ଯ୍ୟକ୍ରମ ହେଉଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଗ୍ରାମବାସୀଙ୍କ ସହିତ ରାଜ୍ୟ ବିଜେଡି ମହିଳା ଉପସଭାପତି ବାସନ୍ତୀ ମହାପାତ୍ର ଯୋଗ ଦେଇଥିଲେ। ସେହିପରି ନିରାକାରପୁର ପଞ୍ଚାୟତରେ ଥିବା ଶ୍ରୀନୀଳକଣ୍ଠେଶ୍ୱର ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ନିରାକାରପୁର ଗ୍ରାମବାସୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଯଜ୍ଞ ପାଇଁ ଗ୍ରାମର ମାନସିକଧାରୀ ମହିଳା ପୁରୁଷ ନିକଟ ପୁଷ୍କରିଣୀରୁ ଜଳ ଉଠାଇ ଗ୍ରାମ ପରିକ୍ରମା କରି ଯଜ୍ଞକୁଣ୍ଡରେ ପହଞ୍ଚି କଳସ ସ୍ଥାପନ କରିଥିଲେ। ୧୧ତାରିଖ ସନ୍ଧ୍ୟାରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହେବ ବୋଲି ଯଜ୍ଞ କମିଟି ପକ୍ଷରୁ ସୂଚନା ମିଳିଛି।

### ଚିଲିକାରେ ନୂତନ ତହସିଲଦାରଙ୍କ ଦାୟିତ୍ୱ ଗ୍ରହଣ

ବାଲୁଗାଁ/ଗମ୍ଭାରୀମୁଣ୍ଡା,୯।୨(ଡି.ଏନ୍.ଏ.) ଖୋର୍ଦ୍ଧା ଜିଲା ଚିଲିକା ତହସିଲରେ ନୂତନ ତହସିଲଦାର ଭାବେ ଦିଲୀପ କୁମାର ଷଡ଼ଙ୍ଗୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ସେ ପୁରୀ ଜିଲା ଡେଲାଙ୍ଗ ବ୍ଲକ ବିଡିଓ ଭାବେ କାର୍ଯ୍ୟରତ ଥିଲେ। ଏଠାରେ ପୂର୍ବତନ ତହସିଲଦାର ପ୍ରଦୀପ କୁମାର ସାହୁଙ୍କ ଆଠଗଡ ବିଡିଓ ଭାବେ ବଦଳି ହେବା ପରେ ଚିଲିକା ବିଡିଓଙ୍କୁ ଦାୟିତ୍ୱ ଦିଆଯାଇଥିଲା। ବୁଧବାର ନୂତନ ତହସିଲଦାରଙ୍କ ଦାୟିତ୍ୱ ଗ୍ରହଣ ପରେ ସମସ୍ତ କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ତେବେ ଚିଲିକାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଉପରେ ଗୁରୁତ୍ୱ ଦେବା ସହ ଏହାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି ତହସିଲଦାର ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି।

# 'ଭାଷାକୁ ଆଗକୁ ନେବା ଲେଖକଙ୍କ ଦାୟିତ୍ୱ'

## ପେନ୍ ଇନ୍ ପକ୍ଷରୁ ଯୁବ ଲେଖକ ପୁରସ୍କାର



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାଧାରୀ ।

ଭୁବନେଶ୍ୱର,୯।୨(ବ୍ୟୁରୋ)

ପାପ, ପୁଣ୍ୟର ସଜ୍ଞା ବଦଳିଗଲାଣି। ସମୟ ଓ ଈଶ୍ୱରଦତ୍ତ ପ୍ରତିଭାର ଅପବ୍ୟବହାର କରିବା ହିଁ ପାପ। ମାନବ ସମାଜର ୨ଟି ବିସ୍ମୟକର ଉଦ୍ଭାବନ ହେଲା ଅଗ୍ନି ଓ ଭାଷା। ଅଗ୍ନି ଆକସ୍ମିକ ଭାବେ ଉଦ୍ଭାବନ ହୋଇଥିବା ବେଳେ ଭାଷା ଗଢ଼ିବାକୁ ସହସ୍ର ବର୍ଷ ଲାଗିଥାଏ। ଗୋଟିଏ ପିଢ଼ି ଯଦି ଏଥିରେ ଅବହେଳା କରିବ ତାହେଲେ ଭାଷା ମରିଯିବ । ଲେଖକର ଦାୟିତ୍ୱ ଭାଷାକୁ ଆଗକୁ ନେବା। ଓଡ଼ିଆ ଭାଷାର ସ୍ଥିତି ନେଇ ମୁଁ ଆଶାବାଦୀ ବୋଲି ଗୁରୁବାର ସ୍ଥାନୀୟ ଏକ ହୋଟେଲରେ 'ପେନ୍ ଇନ୍ ବୁକ୍ସ' ପକ୍ଷରୁ ଆୟୋଜିତ ୬ଷ୍ଠ ଯୁବ ଲେଖକ ପୁରସ୍କାର ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକା ପ୍ରତିଭା ରାୟ ମତବ୍ୟକ୍ତ କରିଛନ୍ତି। ମୁଖ୍ୟବକ୍ତା ଭାବେ ସାହିତ୍ୟିକା ଗାୟତ୍ରୀବାଳା ପଣ୍ଡା ଯୋଗ ଦେଇଥିଲେ। ଏହି ଅବସରରେ ୨୦୨୨ ପାଇଁ ୧୦ଜଣ ଯୁବ ଲେଖକଙ୍କୁ ପୁରସ୍କୃତ କରାଯାଇଛି। ମନୋନୀତ ପାଣ୍ଡୁଲିପି ମଧ୍ୟରେ ୪ଟି ଉପନ୍ୟାସ, ୩ଟି କବିତା ସଂକଳନ ଓ ୨ଟି ଗଳ୍ପ ସଂକଳନ ଥିବାବେଳେ ଗୋଟିଏ ପ୍ରବନ୍ଧ ସଂକଳନ ରହିଛି। ଉପନ୍ୟାସ 'ଯୁଯୁତ୍ସା' ପାଇଁ ଅଳଙ୍କାର ଆଚାର୍ଯ୍ୟ, 'ନିରବତା' ପାଇଁ ସୋନାଲି ଗଡ଼ନାୟକ, 'ନହକା ଆକାଶ' ପାଇଁ ବିଭୁ ହୋତା, ଗଳ୍ପ 'ଜୀବନର ଚଉହଦି' ପାଇଁ ଭୁବନେଶ୍ୱରୀ ପଣ୍ଡା, ପ୍ରବନ୍ଧ 'ବାଧିଲା ଜାଣି କ୍ଷମା' ପାଇଁ ନିଖିଳେଶ ମିଶ୍ର, କବିତା 'ଗୃହବନ୍ଦୀରେ ଈଶ୍ୱର' ପାଇଁ ରୁପେଶ ସାହୁ, ଗୀତିକବିତା 'ସୂଚୀପତ୍ର' ପାଇଁ ବିନୟ ଭୂଷଣ ମହାପାତ୍ର, ଗଳ୍ପ 'ଆକାଶର ସହଯାତ୍ରା' ପାଇଁ ସ୍ମିତିଲଗ୍ନା ନନ୍ଦ, ଉପନ୍ୟାସ 'ମୁକ୍ତା' ପାଇଁ ଦେବାଶିଷ ପଣ୍ଡା ଓ କବିତା ପାଣ୍ଡୁଲିପି 'ରମାଦେବୀରେ ବର୍ଷା' ପାଇଁ ସ୍ୱୟଂ ସମ୍ପୂର୍ଣ୍ଣା କରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ୫ମ ସଂସ୍କରଣରେ ପୁରସ୍କୃତ ହୋଇଥିବା ଯୁବ ଲେଖକଙ୍କ ପୁସ୍ତକ ଉନ୍ମୋଚିତ ହୋଇଥିଲା। ସେଥିମଧ୍ୟରୁ ୮ଟି ପୁସ୍ତକ ଓଡ଼ିଆରେ, ଗୋଟିଏ ହିନ୍ଦୀ ଓ ଇଂରାଜୀ ରହିଥିଲା। କାର୍ଯ୍ୟକ୍ରମକୁ କଥାଶିଳ୍ପୀ ଶୁଭ୍ରାଂଶୁ ପଣ୍ଡା ସଭାପତିତ୍ୱ କରିଥିବା ବେଳେ ମୃତ୍ୟୁଞ୍ଜୟ ରଥ ଉପସ୍ଥାପନା କରିଥିଲେ।

# ମଣ୍ଡଳସ୍ତରୀୟ ପ୍ରବାସ ଯୋଜନା ବୈଠକ



ବୈଠକରେ ଉପସ୍ଥିତ ଭାଜପା ନେତା ଓ କର୍ମୀମାନେ ।

ଟାଙ୍ଗୀ(ଖୋର୍ଦ୍ଧା),୯।୨(ଡି.ଏନ୍.ଏ.):

ଟାଙ୍ଗୀ ମଣ୍ଡଳ ଭାଜପା ପ୍ରବାସ ଯୋଜନା ବୈଠକ ଗୁରୁବାର ମଙ୍ଗଳାଯୋଡିସ୍ଥିତ ମା'ବଳିମାଝୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର କଳସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ପରିଷଦ ସଦସ୍ୟ ଲୋତକ ବିନ୍ଦୁ ପଟ୍ଟନାୟକ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ। ଜିଲା ସଭାପତି ରଶ୍ମି ରଞ୍ଜନ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁ ଚରଣ ଖଣ୍ଡେଇତରାୟ, ରାଜ୍ୟ ପରିଷଦ ସଦସ୍ୟ ରଘୁନାଥ ସାହୁ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ହେମନ୍ତ କୁମାର ବେହେରା, ମଣ୍ଡଳ ପ୍ରଭାରୀ ମଞ୍ଜୁଲତା ଇନ୍ଦ୍ରଜିତ୍, ମହିଳା ନେତ୍ରୀ ଗୀତାଞ୍ଜଳି ସାହୁ, ଯୁବ ମୋର୍ଚ୍ଚା ସଭାପତି ସମରଜିତ ଜେନା, ମହିଳା ମୋର୍ଚ୍ଚା ସଭାପତି ସରୋଜିନୀ ପ୍ରଧାନ, ଅଖିଳ ବେହେରା, କିଶୋର ବରାଳ, ରମେଶ କୁମାର ବେହେରା, ଟାଙ୍ଗୀ ପଞ୍ଚାୟତ ସଭାପତି କୃଷ୍ଣ ଚନ୍ଦ୍ର ସାହୁ, ଉପସଭାପତି ସତ୍ୟନାରାୟଣ ବଳିୟାରସିଂହ, ମଙ୍ଗଳାଯୋଡି ପଞ୍ଚାୟତ ସଭାପତି ପ୍ରମୋଦ କୁମାର ବେହେରା, ଉଜଳା ଗୋପୀନାଥପୁର ପଞ୍ଚାୟତ ସଭାପତି ନିତ୍ୟାନନ୍ଦ ସାହୁ, କନ୍ତଲବାଇ ପଞ୍ଚାୟତ ସଭାପତି ଆର୍ତ୍ତତ୍ରାଣ ସେଠୀ, ଜିଲା କମିଟି ସଦସ୍ୟ ଗଙ୍ଗାଧର ବେହେରା, ପୂର୍ବତନ ମଣ୍ଡଳ ସଭାପତି ରାମଚନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ବୁଥସ୍ତରୀୟ କମିଟକୁ ଦୃଢ଼ୀଭୁତ କରିବା, ପ୍ରତି ପଞ୍ଚାୟତ କମିଟିକୁ ପୁନର୍ଗଠନ କରି ପ୍ରତି ମାସରେ କର୍ମକର୍ତ୍ତାଙ୍କ ବୈଠକ କରାଯିବ, ସଙ୍ଗଠନକୁ ତୃଣମୂଳସ୍ତରରୁ ଦୃଢ଼ୀଭୂତ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଟାଙ୍ଗୀ ମଣ୍ଡଳ ଅନ୍ତର୍ଗତ ୬ ପଞ୍ଚାୟତର ୩ଶହରୁ ଊର୍ଦ୍ଧ୍ୱ କର୍ମୀ ଏହି ବୈଠକରେ ଉପସ୍ଥିତ ଥିଲେ।

# ଆଜିଠୁ ସାମୂହିକ ଔଷଧ ସେବନ ଅଭିଯାନ

## ଫାଇଲେରିଆ ନିରାକରଣ ଅଭିଯାନ ପାଇଁ ଗଣମାଧ୍ୟମ ସଚେତନତା କର୍ମଶାଳା

ଭୁବନେଶ୍ୱର, ୯।୨(ବ୍ୟୁରୋ)

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ରାଜ୍ୟର ୧୦ଟି ଫାଇଲେରିଆ ପ୍ରବଣ ଜିଲାରେ ଲିମ୍ଫାଟିକ୍ ଫାଇଲେରିଆସିସ୍ (ଏଲ୍‌ଏଫ୍) ଦୂରୀକରଣ ନିମନ୍ତେ ଶୁକ୍ରବାରଠାରୁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ (ଏମ୍‌ଡିଏ) ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ବିଭାଗ ପକ୍ଷରୁ ଗ୍ଲୋବାଲ ହେଲ୍‌ଥ ଷ୍ଟ୍ରାଟେଜିସ୍ ସହିତ ମିଶି ଏକ ରାଜ୍ୟସ୍ତରୀୟ ଗଣମାଧ୍ୟମ ସଚେତନତା କର୍ମଶାଳା ଭୁବନେଶ୍ୱରସ୍ଥିତ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟଠାରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ସଚେତନତା ଅଭିଯାନର ଶୁଭାରମ୍ଭ ହୋଇଥିଲା। ଏଥିରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଡା. ଅଜିତ କୁମାର ମହାନ୍ତି ଯୋଗଦେଇ କହିଲେ, ଏମ୍‌ଡିଏରେ ୧୦ଟି ଜିଲାରେ ଲୋକେ ଯେଭଳି ଫାଇଲେରିଆ ନିରୋଧୀ ଔଷଧ ଖାଇବେ ସେଥିପାଇଁ ପଦକ୍ଷେପ ନିଆଯିବ। ୨ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ଏବଂ ଗୁରୁତର ଅସୁସ୍ଥ ଲୋକଙ୍କ ବ୍ୟତୀତ ଅନ୍ୟ ସମସ୍ତେ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ନିଶ୍ଚିତ ଭାବରେ ଏହି ଔଷଧ ଖାଇବେ। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଲେ, ଫାଇଲେରିଆସିସ୍ ବିଶ୍ୱବ୍ୟାପୀ ଦୀର୍ଘକାଳୀନ ଶାରୀରିକ ଅକ୍ଷମତାର ଅନ୍ୟତମ ମୁଖ୍ୟ କାରଣ। ଏହା ଏକ ସାଂଘାତିକ ଜନସ୍ୱାସ୍ଥ୍ୟ ସମସ୍ୟା, ଯାହା ମଶା କାମୁଡିବା ଦ୍ୱାରା ବ୍ୟାପିଥାଏ। ସାଧାରଣତଃ ପିଲାଦିନେ ଏହା ସଂକ୍ରମିତ ହେଉଥିବାବେଳେ ପ୍ରାପ୍ତ ବୟସ୍କ ଅବସ୍ଥାରେ ଏହାର ଲକ୍ଷଣ ପ୍ରକାଶ ପାଏ। ଏହି ସଂକ୍ରମଣ ଶରୀରର ଲିମ୍ଫାଟିକ ବ୍ୟବସ୍ଥାକୁ ନଷ୍ଟ କରିଦିଏ ଏବଂ ତାହାର ଚିକିତ୍ସା କରା ନ ଗଲେ ଏହା ଶରୀରର ବିଭିନ୍ନ ଅଂଶରେ ଫୁଲା ସୃଷ୍ଟିକରେ, ଯାହା ଆରୋଗ୍ୟସାଧ୍ୟ ନୁହେଁ ବୋଲି ଡା. ମିଶ୍ର କହିଥିଲେ। ବିଭାଗର ଜାତୀୟ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଯୁଗ୍ମ ନିର୍ଦ୍ଦେଶକ ତଥା ଷ୍ଟେଟ୍ ପ୍ରୋଗ୍ରାମ ଅଫିସର ଡା. ଶୁଭାଶିଷ ମହାନ୍ତି, ସିନିଅର ରିଜିଓନାଲ ଡାଇରେକ୍ଟର ଡା. ସୁଚିତ୍ରା ସାସ୍‌ମଲ, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡା. ଅମରେନ୍ଦ୍ରନାଥ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଗ୍ଲୋବାଲ ହେଲଥ ଷ୍ଟ୍ରାଟେଜିସ୍‌ର ସିନିୟର ଡାଇରେକ୍ଟର ଅନୁଜ ଘୋଷ ଧନ୍ୟବାଦ ଦେଇଥିଲେ।

# ଉଚ୍ଛେଦ କରିବାକୁ ଯାଇ ନାକେଦମ୍ ସ୍କ୍ୱାଡ୍

## ବିଏମ୍‌ସି, ବିଡିଏ ଘେରିବେ ଉଠାଦୋକାନୀ

ଭୁବନେଶ୍ୱର, ୯।୨ (ବ୍ୟୁରୋ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ୨ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବାବେଳେ ବିଏମ୍‌ସି, ବିଡିଏ ଓ କମିଶନରେଟ୍ ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛି। ସହରରେ ବୁଲୁଥିବା ଗୋରୁ ଗାଈଙ୍କୁ ହଟାଯିବା ସହ ଷ୍ଟ୍ରିଟ୍ ଲାଇଟ୍, ରାସ୍ତା ପାଖ ସୌନ୍ଦର୍ଯ୍ୟକରଣ ସହ ସହର ପରିମଳକୁ ବିଶେଷ ଧ୍ୟାନ ଦିଆଯାଇଛି। ବିଶେଷକରି ରାଜଧାନୀକୁ ଜବରଦଖଲମୁକ୍ତ କରିବା ଉଦ୍ଦେଶ୍ୟରେ ଗୁରୁବାର ଉତ୍କଳ ମଣ୍ଡପ, ସ୍ମାର୍ଟ ଜନପଥ, ପୁରୁଣା ଭୁବନେଶ୍ୱର ଅଞ୍ଚଳ ସହ ବାଣୀବିହାର, ୟୁନିଟ-୧ ଅଞ୍ଚଳରୁ ଅସ୍ଥାୟୀ ଦୋକାନୀଙ୍କୁ ଉଚ୍ଛେଦ କାର୍ଯ୍ୟ ହୋଇଥିଲା। ତେବେ ବିରୋଧ ଯୋଗୁ ବାଣୀବିହାର, ଡମଣା ଓ ୟୁନିଟ-୧ ମାର୍କେଟ ଅଞ୍ଚଳରେ ଉଚ୍ଛେଦ ପାଇଁ ଯାଇଥିବା 'ଟିମ୍ ପ୍ରାଇଡ୍'କୁ ନାକେଦମ୍ ହେବାକୁ ପଡିଥିଲା। ପ୍ରାୟ ୩ରୁ ୪ଶହ ଉଠାଦୋକାନୀ ଓ ପରିବାର ସଦସ୍ୟ ଏକାଠି ହୋଇ ଅଧିକାରୀଙ୍କୁ ଘେରାଉ କରିବା ସହ ସ୍କ୍ୱାଡ୍‌କୁ ଉଚ୍ଛେଦ କରିବାକୁ ଦେଇ ନ ଥିଲେ। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି ଟିମ୍ ଫେରିବାକୁ ବାଧ ହୋଇଥିଲା।

ପ୍ରଥମେ କରୋନା ପାଇଁ ଉଠାଦୋକାନୀଙ୍କ ଆର୍ଥିକ ସ୍ଥିତି ଦୋହଲି ଯାଇଥିଲା। ଧିରେ ଧିରେ ଅଣ୍ଟା ସଳଖିବାବେଳକୁ ହକି ପାଇଁ ଉଚ୍ଛେଦ କରାଗଲା। ହକି ପରେ ବି ଉଚ୍ଛେଦ ଜାରି ରହିଛି। ଥଇଥାନ ନ କରି ଉଚ୍ଛେଦ କଲେ ସେମାନେ କିଭଳି ବଞ୍ଚିବେ ବୋଲି ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ରାଜ୍ୟ ସଭାପତି ପ୍ରତାପ ସାହୁ କହିଛନ୍ତି। ରବିବାର ମଧ୍ୟରେ ଉଚ୍ଛେଦ ବନ୍ଦ କରା ନ ଗଲେ ସୋମବାରଠାରୁ ହଜାର ହଜାର ଉଠାଦୋକାନୀ ବିଏମସି-ବିଡିଏ ଅଫିସ୍ ଘେରାଉ କରିବେ ବୋଲି ପ୍ରତାପ ଚେତାବନୀ ଦେଇଛନ୍ତି।

# ରାଜ୍ୟ ବାହାର କଳାକାରଙ୍କ ମନଲୋଭା ପ୍ରଦର୍ଶନ

## ତୋଷାଳି ମେଳାର ୯ମ ସନ୍ଧ୍ୟା

ଭୁବନେଶ୍ୱର,୯।୨(ବ୍ୟୁରୋ)





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଆନୁକୂଲ୍ୟରେ ଆୟୋଜିତ ସପ୍ତଦଶ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳାର ସୋମବାର ନବମ ସନ୍ଧ୍ୟାରେ ରାଜ୍ୟ ବାହାର କଳାକାରମାନଙ୍କ ମନଲୋଭା ପ୍ରଦର୍ଶନ ମୁଖ୍ୟ ଆକର୍ଷଣ ସାଜିଥିଲା। ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବରେ ୱାର୍ଲ୍ଡ ସ୍କିଲ ସେଣ୍ଟର୍‌ର ମୁଖ୍ୟ ନିର୍ବାହୀ ଅଧିକାରୀ ଅଳକା ମିଶ୍ର, ହସ୍ତତନ୍ତ, ହସ୍ତଶିଳ୍ପ ଓ ବୟନ ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀକାନ୍ତ ପୃଷ୍ଟି ଏବଂ ହସ୍ତଶିଳ୍ପ ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ର ଯୋଗଦେଇଥିଲେ। ଅଷ୍ଟମ ସନ୍ଧ୍ୟାରେ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ହସ୍ତଶିଳ୍ପ ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ର ଏବଂ ବିଭାଗର ଅତିରିକ୍ତ ସଚିବ ବିକ୍ରମାଦିତ୍ୟ ବାରିକ, ସିଡାକ୍‌ର ମେମ୍ବର ସେକ୍ରେଟାରୀ ଶିଶିର କୁମାର ରଥ ଉପସ୍ଥିତ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟର ନୃତ୍ୟଶିଳ୍ପୀମାନେ ନୃତ୍ୟ ପରିବେଷଣ କରିଥିଲେ। ମହାରାଷ୍ଟ୍ରର ଆମ୍ରପଲ୍ଲି ଗ୍ରୁପ ଲାବଣୀ ଓ ଗୋନଧଡ୍ ନୃତ୍ୟ ପରିବଷଣ କରିଥିବାବେଳେ ପଞ୍ଜାବର ରୁପେନ୍ଦର୍ ଡ୍ୟାନସ୍ ଗ୍ରୁପ ଓ ବିରାସତ୍ କଲଚର ସୋସାଇଟି, ଧନଉଲା ଭାଙ୍ଗରା ନୃତ୍ୟରେ ଜନତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଝାଡ଼ଖଣ୍ଡର ପୁରୁଲିଆ ଛଉ ଡ୍ୟାନ୍ସ ଏକାଡେମୀ ଅନନ୍ୟ ଓ ଚିତ୍ତାକର୍ଷକ ନୃତ୍ୟ ଦର୍ଶକଙ୍କୁ ଭରପୂର ମନୋରଞ୍ଜନର ଖୋରାକ ଦେଇଥିଲା।

### ପ୍ରଦୀପ ବିଶ୍ୱାଳଙ୍କ ଓଡ଼ିଆ କବିତାର ପଞ୍ଜାବୀ ସଂସ୍କରଣ ଲୋକାର୍ପିତ

କବି ପ୍ରଦୀପ ବିଶ୍ୱାଳଙ୍କ କବିତାର ପଞ୍ଜାବୀ ସଂସ୍କରଣ ଉନ୍ମୋଚିତ ହୋଇଛି। ତାଙ୍କ ଓଡିଆ କବିତା ସଂକଳନ 'ଫେରିବା ବାଟରେ' ପଞ୍ଜାବୀ ଲେଖିକା ଗରିମା ଗର୍ଗ ପଞ୍ଜାବୀରେ ଅନୁବାଦ କରିଛନ୍ତି। ଏହାର ନାମ ରହିଛି 'ଦିଲ ସେ ଭାସେବେ'। ପୂର୍ବରୁ ଅସୀମା ପଟନାୟକ ଏହାର ହିନ୍ଦୀ ଅନୁବାଦ କରିଥିଲେ, ଯାହାର ନାମ ଥିଲା 'ଲୌଟ ତେ ରାସ୍ତେ ମେଁ'। ଜାନୁୟାରୀ ୨୮ ଓ ୨୯ରେ ଅନୁଷ୍ଠିତ ହୋଇଥିବା ତୋଷାଳି ସାହିତ୍ୟ ଉତ୍ସବ ଅବସରରେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକଙ୍କ ଉପସ୍ଥିତିରେ ଏହାର ଲୋକାର୍ପଣ ହୋଇଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୯।୨।୨୦୨୩

| | |
|---|---|
| ୩,୬୪,୩୧୪ ଟଙ୍କା | |
| ସୁନା | ୩୦୦ ମିଲିଗ୍ରାମ୍ |
| ରୁପା | ୧.୨୫୦ ଗ୍ରାମ୍ |

# ଦୟାନଦୀ ଡାହାଣ ପାର୍ଶ୍ୱ ନଦୀବନ୍ଧ ଭୁଶୁଡ଼ିଲା

କଣାସ,୯।୨(ସ୍ୱ.ପ୍ର.)

କଣାସ ବ୍ଲକରେ ପ୍ରବାହିତ ହେଉଥିବା ମୁଖ୍ୟନଦୀ ଦୟାନଦୀର ବାମ ପାର୍ଶ୍ୱ ନଦୀବନ୍ଧ ବସନ୍ତପୁର ନିକଟରେ ୧୦୦ ମିଟରରୁ ଊର୍ଦ୍ଧ୍ୱ ଗତ ୩୦ ତାରିଖରେ ନଦୀ ଗର୍ଭକୁ ଭୁଶୁଡି ପଡ଼ିଥିଲା। ବୁଧବାର ଦୟାନଦୀର ଡାହାଣ ପାର୍ଶ୍ୱ ନଦୀବନ୍ଧ ପ୍ରାୟ ୧୫୦ ଫୁଟରୁ ଊର୍ଦ୍ଧ୍ୱ ଫାଟିଯାଇ ଭୁଶୁଡି ଯାଇଥିବାରୁ ଚୁପୁରିଙ୍ଗି, କାଳିଘଡ଼ି, ପାହିଲୁଣ୍ଠି ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ନଦୀବନ୍ଧ ଭୁଶୁଡିବାକୁ ନେଇ ଖୋର୍ଦ୍ଧା ଜଳସେଚନ ବିଭାଗ ଏବଂ ଡ୍ରେନେଜ ବିଭାଗ ଅଧିକାରୀଙ୍କ ମଧ୍ୟରେ ଘଟଣାସ୍ଥଳରେ ଦିନତମାମ ଦୋଷ ଲଦାଲଦି ହେଉଥିବା ଦେଖିବାକୁ ମିଳିଥିଲା। ଗ୍ରାମବାସୀଙ୍କ କହିବା ମୁତାବକ, ପୂର୍ବରୁ ଭୁଶୁଡିଥିବା ନଦୀବନ୍ଧ ଜାଗାରେ ଗୋଟିଏ ବରଗଛ ଥିଲା । ବରଗଛ ଚେର ମଧ୍ୟରେ ବନ୍ୟା ପାଣି ନଦୀରୁ ଅପର ପାର୍ଶ୍ୱକୁ ଘଳିଆ ପଡ଼ି



ବନ୍ୟାଜଳ ପ୍ରବେଶ କରୁଥିଲା। ଉକ୍ତ ନଦୀ ବନ୍ଧଟି ଖୋର୍ଦ୍ଧା ଜଳସେଚନ ବିଭାଗର ହୋଇଥିଲେ ମଧ୍ୟ ନଦୀବନ୍ଧ ଦୃଢ ମରାମତି ହୋଇ ନ ଥିଲା। ଦୟା ନଦୀକୁ ଲାଗି ବନ୍ଧଟି ଥିବାରୁ କିଛି ଦିନ ହେଲା ଦୟାନଦୀ ଡ୍ରେଜିଂ ଚାଲିଛି। ନଦୀବନ୍ଧଠାରୁ ୧୫ ମିଟର ଛାଡି ନଦୀ ଶଯ୍ୟା ଖନନ କରାଯାଉଥିବା ଡ୍ରେନେଜ ବିଭାଗ

### ୨ ବିଭାଗ ଅଧିକାରୀଙ୍କ ମଧ୍ୟରେ ଦୋଷ ଲଦାଲଦି

କନିଷ୍ଠ ଯନ୍ତ୍ରୀ ସଞ୍ଜୟ ପଣ୍ଡା କହିଛନ୍ତି। କିନ୍ତୁ ନଦୀରୁ ଖୋଳା ଯାଉଥିବା ପଙ୍କ ଓ ପାଣି ମିଶ୍ରିତ ନଦୀର ଅପର ପାର୍ଶ୍ୱରେ ଜମା ହେଉଥିବାବେଳେ ପୂର୍ବରୁ ଘଳିଆ ପଡ଼ିଥିବା ସ୍ଥାନରେ ପଙ୍କ ମିଶ୍ରିତ ପାଣି ଘଳିଆ ବାଟଦେଇ ନଦୀକୁ ଆସିବାରୁ ଉକ୍ତ ସ୍ଥାନଟି ଭୁଶୁଡି ପଡିଥିବା ଗ୍ରାମବାସୀ କହିଛନ୍ତି। ଘଟଣାସ୍ଥଳରେ ଡ୍ରେନେଜ ବିଭାଗର ଏସ୍‌ଡି ଆଶିଷ ମିଶ୍ର, ଏସ୍‌ଡିଓ ପ୍ରଦୀପ ଜେନା, କନିଷ୍ଠ ଯନ୍ତ୍ରୀ ସଞ୍ଜୟ ପଣ୍ଡା ଉକ୍ତ ସ୍ଥାନରେ ପହଞ୍ଚିଥିଲେ। ଖୋର୍ଦ୍ଧା ଜଳସେଚନ ବିଭାଗର ବିଘ୍ନରାଜ ପୁରୋହିତ, ଏସ୍‌ଡିଓ ଅକ୍ଷୟ ବେହେରା, କନିଷ୍ଠ ଯନ୍ତ୍ରୀ ସୁରେନ୍ଦ୍ର ସାହୁ ଆସି ଘଟଣାସ୍ଥଳ ପରିଦର୍ଶନ କରି ଡ୍ରେନେଜ ବିଭାଗ ଉପରେ ଦୋଷ ଲଦିଛନ୍ତି।



ପୋଡ଼ଙ୍ଗ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

## ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ପିପିଲି,୯।୨(ଡି.ଏନ୍.ଏ.)

ପିପିଲି ବ୍ଲକ ଟେଇସିପୁର ପଞ୍ଚାୟତ ଅନ୍ତର୍ଗତ ପୋଡ଼ଙ୍ଗ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପାଳନ ହୋଇଯାଇଛି। ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ କମଳିନୀ ମୁଦୁଲି ସଭା ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, ସମ୍ମାନିତ ଅତିଥିଭାବେ ବାସୁଦେବ ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାଳନ୍ଦୀଚରଣ ପରିଡା, ମୁଖ୍ୟ ବକ୍ତାଭାବେ ସିଆର୍‌ସିସି ଭଗବାନ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ଭଲ ପାଠପଢି ବିଦ୍ୟାଳୟ ସମେତ ଅଞ୍ଚଳର ନାମ ଅର୍ଜନ କରିବା ପାଇଁ କହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା କୁମାରୀ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ବିଭାଗରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଛି। ବିଦ୍ୟାଳୟର ସହକାରୀ ଶିକ୍ଷକ ମହେଶ୍ୱର ନାୟକ, ରଶ୍ମିତା ବେହେରା, ପୁଷ୍ପିତା ରଥ, ଅମିତା କର, ଶ୍ରୀଧର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସଂକ୍ଷେପରେ

### ଶିବ ପ୍ରସାଦଙ୍କୁ ଯଶସ୍ୱୀ ପ୍ରତିଭା ସମ୍ମାନ

କୃଷ୍ଣପ୍ରସାଦ,୯।୨(ଡି.ଏନ୍.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଯୋଗାଣ ନିରୀକ୍ଷକ ଶିବ ପ୍ରସାଦ ମହାନ୍ତିଙ୍କୁ ଅଲଣ୍ଡା ପଞ୍ଚାୟତର ତିଛିଣି ଗ୍ରାମ୍ୟ କମିଟି ପକ୍ଷରୁ 'ଯଶସ୍ୱୀ ପ୍ରତିଭା' ସମ୍ମାନ ଉପାଧିରେ ସମ୍ମାନିତ କରାଯାଇଛି। ସେ ଜଣେ ଦକ୍ଷ ପ୍ରଶାସକ ଏବଂ ସୁଲେଖକ ଭାବେ ମଧ୍ୟ ପରିଚିତ। ବିଭିନ୍ନ ପତ୍ରପତ୍ରିକାରେ ତାଙ୍କର ଅନେକ କାବ୍ୟ କବିତା ପ୍ରକାଶ ପାଇଛି। ତେବେ ଜସ୍ୱସି ପ୍ରତିଭା ସମ୍ମାନ ଉପାଧିରେ ସମ୍ମାନିତ ହେବା ପରେ ବ୍ଲକ ପ୍ରଶାସନର ସମସ୍ତ କର୍ମକର୍ତ୍ତା, ଶୁଭେଚ୍ଛୁ ଓ ବନ୍ଧୁମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବୀଣାପାଣି ୟୁଥ କ୍ଲବ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ତିଛିଣି ଗ୍ରାମ୍ୟ କମିଟି ସଭାପତି ଶରତ ଚନ୍ଦ୍ର ଜେନା, କ୍ଲବ ସଭାପତି ରତ୍ନାକର ତରେଇ, ତ୍ରିଲୋଚନେଶ୍ୱର ବିଦ୍ୟାପୀଠ ପରିଚାଳନା କମିଟି ସଭାପତି ଶ୍ରୀଧର ପଲେଇ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷାବତ୍ କୁମର ସାହୁ ମଞ୍ଚ ପରିଚାଳନା କରିଥିଲେ।

### ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

କୃଷ୍ଣପ୍ରସାଦ,୯।୨(ଡି.ଏନ୍.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବଜ୍ରକୋଟ ମା' ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ବଜ୍ରକୋଟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଦିଲ୍ଲୀପ କୁମାର ରାଉତରାୟ ଉଦ୍‌ଘାଟନ କରିଥିଲେ। ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି ବିଜୟ କୁମାର ବ୍ରହ୍ମାଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ କୃଷ୍ଣପ୍ରସାଦ ଆଇଆଇସି ଶରତ କୁମାର ନାୟକ, ମୁଖ୍ୟବକ୍ତା ସୁସାହିତ୍ୟିକ ବିଷ୍ଣୁ ପ୍ରସାଦ ଦଲେଇ, ଅତିଥିଭାବେ ସାମାଜିକକର୍ମୀ ଲକ୍ଷ୍ମୀଚରଣ ବିଶ୍ୱାଳ, ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ଜେନା, ଶିକ୍ଷାବିତ୍ ବ୍ରଜ କିଶୋର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ପ୍ରଦୀପ କୁମାର ଜେନା ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଉଲ୍ଲାସ ଚନ୍ଦ୍ର ପ୍ରଧାନ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ମାତୃପିତୃ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବେଳେ ବିଦ୍ୟାମନ୍ଦିରର ସମସ୍ତ ଗୁରୁମା ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ପିପିଲି ବ୍ଲକ ଟେଇସିପୁର ଗ୍ରାମର ସୋମନାଥ ଦେବ ଓ ମା' ବିନ୍ଧ୍ୟବାସିନୀ ଦେବୀଙ୍କ ପ୍ରାଙ୍ଗଣରେ ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ପଣ୍ଡିତ ଚିନ୍ତାମଣି ଦାସଶର୍ମାଙ୍କୁ ଶ୍ରେଷ୍ଠ ପଣ୍ଡିତ ସମ୍ମାନରେ ସମ୍ମାନିତ କରାଯାଉଛି।

## ଚିନ୍ତାମଣି ଦାସଶର୍ମାଙ୍କୁ ଶ୍ରେଷ୍ଠ ପଣ୍ଡିତ ସମ୍ମାନ

ପିପିଲି,୯।୨(ଡି.ଏନ୍.ଏ.)

ପିପିଲି ବ୍ଲକ ଅନ୍ତର୍ଗତ ଟେଇସିପୁର ଗ୍ରାମର ସୋମନାଥ ଦେବ ଓ ମା' ବିନ୍ଧ୍ୟବାସିନୀ ଦେବୀଙ୍କ ପ୍ରାଙ୍ଗଣରେ ଚର୍ତୁଦଶ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ନୂଆସାହି ଗ୍ରାମବାସୀ ଆୟୋଜକ ଭାବେ ରହି ଯଜ୍ଞର ସମସ୍ତ କାର୍ଯ୍ୟ ତୁଲାଇଥିଲେ। ବୁଧବାର ଅଙ୍କୁରାରୋପଣ, ଗୁରୁବାର ତୀର୍ଥ ଆବାହନ, ମଣ୍ଡଳ କରଣ, ଅଗ୍ନି ସ୍ଥାପନ, ମହାସ୍ନାନ କରାଯାଇଛି। ଶୁକ୍ରବାର ସୂର୍ଯ୍ୟ ପୂଜା, ଗୋପୂଜା, ଠାକୁର ପ୍ରାଣ ପ୍ରତିଷ୍ଠା, ଆହୁତି ପ୍ରଦାନ ସହିତ ମନ୍ଦିର ପ୍ରବେଶ ନୀତି ଅନୁଷ୍ଠିତ ହେବ। ଶନିବାର ବିଧିମୁତାବକ ଚଣ୍ଡି ପାଠ ଓ ରବିବାର ପୂର୍ଣ୍ଣାହୁତି ସହିତ ପ୍ରସାଦ ସେବନ ହୋଇଛି। ପ୍ରଧାନ ଆଚାର୍ଯ୍ୟ ଭାବେ ପଣ୍ଡିତ ଚିନ୍ତାମଣି ଦାସଶର୍ମା ଓ କୁଳ ପୁରୋହିତ ଭାବେ ଦିବାକର ଦାଶ ପ୍ରମୁଖ ଏହି ମହାଯଜ୍ଞ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଜିତେନ୍ଦ୍ର ରଥ କର୍ତ୍ତା ସନ୍ଦୀପା ରଥ କର୍ତ୍ତୀ ଭାବେ ନିୟୋଜିତ ହୋଇଥିଲେ। ଏହି ଅବସରରେ ଟେଇସିପୁର ନୂଆସାହୀ ଗ୍ରାମ ଯଜ୍ଞ କମିଟି ପକ୍ଷରୁ ଗ୍ରାମର ମୁଖ୍ୟ ଲକ୍ଷ୍ମୀଧର ଦାସ, ଈଶ୍ୱର ପ୍ରସାଦ ଦାଶ, ରମେଶ ଚନ୍ଦ୍ର ରଥ, ଜିତେନ୍ଦ୍ର ରଥ, ଚନ୍ଦନ ରଥ, ଦେବାଶିଷ ରଥ, ଶ୍ରୀକାନ୍ତ ରଥ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ପଣ୍ଡିତ ଚିନ୍ତାମଣି ଦାଶଶର୍ମାଙ୍କୁ ଶ୍ରେଷ୍ଠ ପଣ୍ଡିତ ସମ୍ମାନରେ ଫୁଲତୋଡା ଉତ୍ତରୀୟ ଦେଇ ମାନପତ୍ର ପ୍ରଦାନ କରିଥିଲେ।

## ଭାଜପାର ବିଧାନସଭା ସଞ୍ଚାଳନ ସମିତି ବୈଠକ




ବୈଠକରେ ଉପସ୍ଥିତ ଭାଜପା କର୍ମକର୍ତ୍ତା।

ନିମାପଡ଼ା,୯।୨(ଡି.ଏନ୍.ଏ.)

ନିମାପଡ଼ା ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ଆହ୍ୱାନକ୍ରମେ ନିମାପଡ଼ା ବିଧାନସଭା ସଞ୍ଚାଳନ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଗୁରୁବାର ଚାରିଛକଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଭାଜପା ରାଜ୍ୟ ଉପସଭାପତି ପ୍ରଭାତୀ ପରିଡ଼ା, ରାଜ୍ୟ କାର୍ଯ୍ୟକାରିଣୀ କମିଟି ସଦସ୍ୟ ତଥା ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ଓଝା ପ୍ରମୁଖ ଯୋଗ ଦେଇଥିଲେ। ନିର୍ବାଚନ ମଣ୍ଡଳୀର ସଂଯୋଜକ ପ୍ରଦୀପ୍ତ ନାୟକ ଉକ୍ତ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଦଳର ଓ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଲୋକାଭିମୁଖୀ ବିକାଶମୂଳକ ଯୋଜନାକୁ ତୃଣମୂଳ ସ୍ତରରେ ପହଞ୍ଚାଇବା, ସାଧାରଣ ଜନତା କିପରି ପ୍ରଧାନମନ୍ତ୍ରୀ ଯୋଜନା ସହ ଯୋଡ଼ି ହେବେ ଏହା ଦଳର ମୁଖ୍ୟ ପ୍ରୟାସ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଯୋଜନାରୁ ବଞ୍ଚିତ ହୋଇଥିବା ସାଧାରଣ ଲୋକଟି କିପରି ସମସ୍ତ ଯୋଜନା ସହ ସାମିଲ ହେବ ଏ ଦିଗରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଦଳର ଆଭିମୁଖ୍ୟ ଓ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଦଳର ବରିଷ୍ଠ ବହୁ ନେତୃବୃନ୍ଦ ଯୋଗଦେଇଥିଲେ। ମହିଳା ନେତ୍ରୀ ତପସ୍ୱିନୀ ବେହେରା ଧନ୍ୟବାଦ ଦେଇଥିଲେ।

# ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ମନ୍ଥରତା

ନିମାପଡ଼ା,୯।୨(ଡି.ଏନ୍.ଏ.)

### ତୁରନ୍ତ କାର୍ଯ୍ୟକ୍ଷମ ନ ହେଲେ ଆନ୍ଦୋଳନ

ନିମାପଡ଼ା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ପ୍ରାୟ ୫୧ କୋଟି ବ୍ୟୟ ଅଟକଳରେ ନିମାପଡ଼ା ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତରେ ୫୧ଟି ନୂତନ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି। ଏହି ନୂତନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଶେଷ ହୋଇ କାର୍ଯ୍ୟକ୍ଷମ ହେଲେ ପ୍ରାୟ ଦେଢଲକ୍ଷ ଜନସାଧାରଣ ସୁବିଧାରେ ବିଶୁଦ୍ଧ ପାନୀୟ ଜଳ ପାଇବେ। ନିମାପଡ଼ା ବ୍ଲକର କୌଣସି ପଞ୍ଚାୟତରେ ପାନୀୟ ଜଳ ସଙ୍କଟ ଦେଖାଯିବ ନାହିଁ ବୋଲି ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଏହି ନବ ନିର୍ମାଣ ପ୍ରକଳ୍ପଗୁଡ଼ିକ ନିର୍ମାଣ କାର୍ଯ୍ୟ ଆସନ୍ତା ଡିସେମ୍ବର ଶେଷ ସୁଦ୍ଧା ଶେଷ ହୋଇ କାର୍ଯ୍ୟକ୍ଷମ ହେବାକୁ ବିଭାଗୀୟ ଲକ୍ଷ୍ୟଧାର୍ଯ୍ୟ ରଖାଯାଇଛି। ଏହି ପ୍ରକଳ୍ପ ମଧ୍ୟରୁ ମାହାଳ, କୁଶିକଣା, ଡଡଣା, ପଳସୁଧା, ଭଗବତୀପୁର, ହରିଶିପୁର ଆଦି ୬ଟି ନୂତନ ପ୍ରକଳ୍ପର ଶତପ୍ରତିଶତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଆସନ୍ତା ୧୦ ଦିନ ମଧ୍ୟରେ ଏହି ନୂତନ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ କରାଯାଇ ଲୋକାର୍ପିତ ହେବ। ଉପରୋକ୍ତ ଅଞ୍ଚଳର ଲୋକଙ୍କୁ ସୁବିଧାରେ ପାଇପଲାଇନ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରବୀର ବଳ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଅବଶିଷ୍ଟ ୪୫ଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ଏଜେନ୍ସିର ଅବହେଳା, ଖାମଖିଆଲି ନୀତି ଯୋଗୁ ନିର୍ମାଣ କାର୍ଯ୍ୟରେ ମନ୍ଥରତା ଦେଖାଦେଇଛି। ଏଥିନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧିପାଇଛି। ଯୁଦ୍ଧକାଳୀନ ଭିତ୍ତିରେ ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟ କରାଯାଇ ଅବଧି ସମୟ ପୂର୍ବରୁ କାର୍ଯ୍ୟ ସାରିବାକୁ ବିଭାଗୀୟ ଅଧିକାରୀ ଏଜେନ୍ସିକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଶାଇଁସ ଶାସନ ପଞ୍ଚାୟତର ଭଗବତୀପୁର ଗ୍ରାମଠାରେ ନିର୍ମାଣାଧୀନ ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକ୍ଷମ କରି ଗ୍ରାମାଞ୍ଚଳର ଲୋକଙ୍କୁ ଗ୍ରୀଷ୍ମଦିନ ଆଗରୁ ପାନୀୟ ଜଳ ଯୋଗାଇ ଦେବାକୁ ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ସମିତି ସଭ୍ୟା ସନ୍ଧ୍ୟାରାଣୀ ରଥ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି। ତୁରନ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ ନ ହେଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସରପଞ୍ଚ ଆଚାର୍ଯ୍ୟ ଓ ସମିତି ସଭ୍ୟା ରଥ ପ୍ରଶାସନକୁ ଚେତାବନୀ ଦେଇଛନ୍ତି।



ଖେଳାଳିଙ୍କୁ ଜିଲାପାଳ ସମର୍ଥ ବର୍ମା ସମ୍ବର୍ଦ୍ଧିତ କରୁଛନ୍ତି।

## ଥ୍ରୋ ବଲ୍ ଖେଳାଳିଙ୍କୁ ସମ୍ବର୍ଦ୍ଧନା

ପୁରୀ ଅଫିସ, ୯।୨:

ପୁରୀରେ ଅନୁଷ୍ଠିତ ୩୦ତମ ସିନିୟର ଫେଡେରେଶନ କପ୍ ଥ୍ରୋ ବଲ୍ ପ୍ରତିଯୋଗିତାରେ ଓଡ଼ିଶା ଦଳ ଉତ୍ତମ ଖେଳ ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ଜିତିଥିଲା। ଏହି ଦଳରେ ସାମିଲ ଥିବା ପୁରୀର ଖେଳାଳିମାନଙ୍କୁ ଗୁରୁବାର ଜିଲାପାଳ ସମର୍ଥ ବର୍ମା ସମ୍ବର୍ଦ୍ଧିତ କରିଛନ୍ତି। ଓଡ଼ିଶା ଥ୍ରୋ ବଲ୍ ଦଳର ମହିଳା କ୍ୟାପଟେନ ଶୁଭଦର୍ଶିନୀ ଜେନା ଏବଂ ପୁରୁଷ ଦଳର କ୍ୟାପଟେନ ଏସ୍. ଜଗା ରେଡ୍ଡୀ ପୁରୀ ବାସିନ୍ଦା ହୋଇଥିବାରୁ ଏହା ଜିଲା ପାଇଁ ଗୌରବ ବୋଲି ଜିଲାପାଳ କହିଥିଲେ। ଏହି ଅବସରରେ ଓଡ଼ିଶା ଦଳର ସମ୍ପାଦକ ଜିତେନ୍ଦ୍ରନାଥ ଦାସ ଓ କୋଚ ଦୀପ୍ତିରଞ୍ଜନ ସାମନ୍ତରାୟଙ୍କ ସହ ଜିଲାପାଳ ଖେଳ ବିଷୟରେ ଆଲୋଚନା କରିଥିଲେ। ପୁରୀରେ ତୃଣମୂଳ ସ୍ତରରେ ଥ୍ରୋ-ବଲ୍ କ୍ରୀଡ଼ାର କିପରି ବିକାଶ ହୋଇପାରିବ ସେ ନେଇ ସବୁ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ସମ୍ପାଦକ ଦାସ କହିଛନ୍ତି।

# ୩୧ ପଞ୍ଚାୟତରେ ନିର୍ମାଣ ହେବ ବର୍ଜ୍ୟବସ୍ତୁ ପ୍ରକଳ୍ପ

ଗୋପ,୯।୨(ଡି.ଏନ୍.ଏ.)

ପ୍ରତ୍ୟେକ ପରିବାରରେ ନିର୍ମାଣ ହେବ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ। ଏହି ଆଧାରରେ ଗୋପ ବ୍ଲକର ୩୧ଟି ପଞ୍ଚାୟତରେ ବର୍ଜ୍ୟବସ୍ତୁ ପ୍ରକଳ୍ପ ନିର୍ମାଣ କରାଯିବ। ଯଦ୍ୱାରା ସାଧାରଣ ଲୋକମାନେ ଏହାର ସୁଫଳ ପାଇପାରିବେ ବୋଲି ଗୁରୁବାର ବ୍ଲକ ବୈଠକ ଗୃହରେ ଅନୁଷ୍ଠିତ ବର୍ଜ୍ୟବସ୍ତୁ ପରିଚାଳନା କମିଟି ବୈଠକରେ ବିଡିଓ ଦୀପ୍ତିରାଣୀ ଦାସ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଜଳ ପରିମଳ ବିଭାଗର ଜିଲା ସଂଯୋଜକ ଦୀପ୍ତିରଞ୍ଜନ ପ୍ରଧାନ, ଗୋପ ବ୍ଲକ ସହକାରୀ ଯନ୍ତ୍ରୀ ଅଶୋକ କୁମାର ପୁଷ୍ଟି, ଶ୍ୱେତା ନାୟକ, କନିଷ୍ଠ ଯନ୍ତ୍ରୀ ଭବାନୀ ଶଙ୍କର ପୋଥାଳ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳରେ ଏହି ପ୍ରକଳ୍ପ ନିର୍ମାଣ କରାଗଲେ ସାଧାରଣ ଲୋକେ କିଭଳି ସୁଫଳ ପାଇବେ ସେ ସମ୍ପର୍କରେ କହିଥିଲେ। ପୂର୍ବରୁ ଲୋକମାନେ ନିଜ ବାଡିରେ ପରିବାରର ଧୁଆମଜା ପାଣି ସହିତ ଘରର ବର୍ଜ୍ୟବସ୍ତୁକୁ ବାହାରେ ଫୋପାଡି ଦେବାରୁ ପରିବେଶ ଦୂଷିତ ହେଉଥିଲା। ଏହାକୁ ନଜରରେ ରଖି ସରକାର ଜଳ ପରିମଳ ବିଭାଗ ସହାୟତାରେ

### ସୁଫଳ ପାଇବେ ୩୫ ହଜାରରୁ ଊର୍ଦ୍ଧ୍ୱ ପରିବାର

ଏପରି କାର୍ଯ୍ୟକ୍ରମ ହାତକୁ ନେଇଥିବା ବେଳେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଏହି ନିର୍ମାଣ କାର୍ଯ୍ୟ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ଏହି ଯୋଜନାରେ ଗୋପ ବ୍ଲକରେ ରହୁଥିବା ୩୫ ହଜାରରୁ ଊର୍ଦ୍ଧ୍ୱ ପରିବାର ଫଳପ୍ରଦ ହେବା ସହିତ ଏହି ଯୋଜନାରେ ପ୍ରତ୍ୟେକ ପରିବାରକୁ ସହାୟତା ମିଳିବ ବୋଲି ଜଣାପଡିଛି।

# ସୁପରଷ୍ଟ୍ରାଇକରକୁ ହରାଇ ଗୋଲ୍ଡେନ ଇଗଲ ଚାମ୍ପିୟନ

କଣାସ,୯।୨(ସ୍ୱ.ପ୍ର.)

### ସାହସପୁର କ୍ରିକେଟ୍ ପ୍ରିମିୟମ ଲିଗ୍ ଉଦ୍‌ଯାପିତ

କଣାସ ବ୍ଲକ ଅନ୍ତର୍ଗତ କାଦୁଆ ପଞ୍ଚାୟତର ସାହସପୁର ଗ୍ରାମର ମା' ମଙ୍ଗଳା କ୍ରିକେଟ ଆସୋସିଏଶନ ପକ୍ଷରୁ ୩ୟ ସାହସପୁର କ୍ରିକେଟ୍ ପ୍ରିମିୟମ ଲିଗ୍ ସାହସପୁର ଖେଳ ପଡ଼ିଆରେ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ସୁପରଷ୍ଟ୍ରାଇକରକୁ ହରାଇ ଗୋଲ୍ଡେନ ଇଗଲ ଚାମ୍ପିୟନ୍ ହୋଇଥିଲା। ଟସ୍ ଜିତି ପ୍ରଥମେ ଗୋଲ୍ଡେନ ଇଗଲ ନିର୍ଦ୍ଧାରିତ ୧୦ ଓଭରରେ ୪ ଉଇକେଟ ହରାଇ ୧୨୦ ରନ ସଂଗ୍ରହ କରିଥିଲା। ଜବାବରେ ସୁପଷ୍ଟ୍ରାଇକର ୬ ଉଇକେଟ ହରାଇ ୧୦୨ ରନ୍ କରି ପରାଜୟ ହୋଇଥିଲା। ଏଥିରେ ୨ ପଞ୍ଚାୟତରୁ ୫ଟି ଦଳ ଭାଗ ନେଇଥିଲେ। ସମାରୋହରେ ମୁଖ୍ୟ ଅତିଥି ଭାବେ ଭାଜପା ନେତା ଓମ୍ ପ୍ରକାଶ ମିଶ୍ର ଯୋଗ ଦେଇଥିଲେ। କାଦୁଆ ସରପଞ୍ଚ ଦୁଃଶାସନ ସ୍ୱାଇଁ, ଚୁପୁରିଙ୍ଗି ସରପଞ୍ଚ ଜଗବନ୍ଧୁ ସେଠୀ, ସାମାଜିକ କର୍ମୀ ଧନେଶ୍ୱର ସାମନ୍ତରାୟ, ପ୍ରଦ୍ୟୁମ୍ନ ପ୍ରଧାନ, ଖବରଦାତା ହେମନ୍ତ ମହାରଥୀ, ଅକ୍ରୁର ସାହୁ ଓ ସାଧୁ ଚରଣ ପ୍ରଧାନ, ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅଧିନାୟକ ସନ୍ତୋଷ ସାମନ୍ତରାୟ ୩୯ ବଲ୍‌ରେ ୬୨ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ବିପିନ ସାହୁ ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ। ଚାମ୍ପିୟନ ଗୋଲ୍ଡେନ ଇଗଲ ଦଳକୁ ଚାମ୍ପିୟନ ଟ୍ରଫି ଓ ରନର୍ସ ଅପ୍ ଦଳକୁ ରନର୍ସ ଅପ୍ ଟ୍ରଫି ଅତିଥି ପ୍ରଦାନ କରିଥିଲେ। ଦିଲ୍ଲୀପ ବେହେରା ଓ ସୁମନ ବେହେରା ଖେଳ ପରିଚାଳନା କରିଥିଲେ। ମା' ମଙ୍ଗଳା କ୍ରିକେଟ ଆସୋସିଏଶନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।



ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଗୋଲ୍ଡେନ ଇଗଲ ଦଳର ଖେଳାଳିମାନେ।

# ଜବରଦଖଲକାରୀଙ୍କ କବ୍‌ଜାରେ ମନ୍ଦିର ସମ୍ମୁଖ ଜାଗା

କୋଣାର୍କ,୯।୨(ଡି.ଏନ୍.ଏ.)

ଅର୍କକ୍ଷେତ୍ର କୋଣାର୍କସ୍ଥିତ ଏକମାତ୍ର ଜଗନ୍ନାଥ ମନ୍ଦିର ସମ୍ମୁଖ ଏବେ ଜବରଦଖଲକାରୀଙ୍କ କବ୍‌ଜାରେ ଥିବାରୁ ସେଠାରେ ଦିନକୁ ଦିନ ଅସାମାଜିକ କାର୍ଯ୍ୟ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଜଗନ୍ନାଥ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନେ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। ଏଥିସହ ଜଗନ୍ନାଥ ସଂସ୍କୃତି ସଙ୍କଟରେ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ପ୍ରକାଶ ଯେ, କୋଣାର୍କ ସୂର୍ଯ୍ୟ ମନ୍ଦିର ସମ୍ମୁଖ ରାସ୍ତାରେ ଜଗନ୍ନାଥ ଟ୍ରଷ୍ଟବୋର୍ଡ ରାଜାରାମ ମଠ ଅବସ୍ଥିତ। ସେଠାରେ ବହୁ କାଳରୁ ପ୍ରଭୁ ଜଗନ୍ନାଥଙ୍କର ପୂଜା ଅର୍ଚ୍ଚନା କରାଯାଉଛି। ବାର ମାସରେ ତେରପର୍ବ ସାଙ୍ଗକୁ ମହାପ୍ରଭୁଙ୍କର ରଥଯାତ୍ରା ମଧ୍ୟ ଅନୁଷ୍ଠିତ ହେଇଥାଏ। ଉକ୍ତ ମନ୍ଦିରକୁ



କୋଣାର୍କଠାରେ ଥିବା ଜଗନ୍ନାଥ ମନ୍ଦିର।

କୋଣାର୍କ ବିଜ୍ଞାପିତ ଅଞ୍ଚଳବାସୀଙ୍କ ବ୍ୟତୀତ କୋଣାର୍କକୁ ଆସୁଥିବା ପର୍ଯ୍ୟଟକ ଆସିଥାନ୍ତି। ହେଲେ ଏବେ କେତେକ ଉଠା ଦୋକାନୀ ମନ୍ଦିରର ସମ୍ମୁଖ ରାସ୍ତା ଅବରୋଧ କରି ମାଡ଼ି ବସିଛନ୍ତି। ଏଥିସହ ସେଠାରେ ନିଶା କାରବାର ଓ ସେବନ କରିବା ସହ ଭଜନ ମଣ୍ଡପରେ ଆମିଷ ଭକ୍ଷଣ କରୁଛନ୍ତି। ସେଠାରେ ନିଶାସକ୍ତଙ୍କ ଦିନକୁ ଦିନ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ପୂର୍ବରୁ ସେଠାରୁ ଜଣେ ମାନସିକ ବିକୃତ ମହିଳାଙ୍କ ମୃତଦେହ ମିଳିବା, ଚୋରି ନେଇ ଚର୍ଚ୍ଚା ଜୋର ଧରିଥିଲା। ମନ୍ଦିର ହୁଣ୍ଡିରୁ ଲୁଟ୍, ଠାକୁରଙ୍କ ଅଳଙ୍କାର ଚୋରି ଏବଂ ଠାକୁରଙ୍କ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପ୍ରତିଦିନ ଚୋରି ଯାଉଥିବା ନଜିର ରହିଛି। ପର୍ଯ୍ୟଟକଙ୍କୁ ନିଶାଡ଼ିମାନେ ଦୁର୍ବ୍ୟବହାର କରିବା ନିତିଦିନିଆ ଘଟଣା ହୋଇଗଲାଣି। ମଳମୂତ୍ର ତ୍ୟାଗ, ଦୋକାନୀଙ୍କ ବର୍ଜ୍ୟବସ୍ତୁ

### ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି

ମନ୍ଦିର ପରିସରରେ ଜମା ହେଉଥିବା ନେଇ ଜଗନ୍ନାଥ ପ୍ରେମୀଙ୍କୁ ନିରାଶ କରିଛି। ସଞ୍ଜ ହେଲେ ମହିଳା ପର୍ଯ୍ୟଟକ ମନ୍ଦିରକୁ ଆସିବାକୁ ସୁରକ୍ଷିତ ମଣୁନାହାନ୍ତି। ଜବରଦଖଲ ହଟାଇବା ଲାଗି ଟ୍ରଷ୍ଟ ବୋର୍ଡ ପକ୍ଷରୁ ବାରମ୍ବାର ସ୍ଥାନୀୟ ପ୍ରଶାସନକୁ ଜଣାଯାଇଥିଲେ ମଧ୍ୟ କିଛି ସୁଫଳ ମିଳୁ ନାହିଁ। ଜବରଦଖଲକାରୀ ଟ୍ରଷ୍ଟ ବୋର୍ଡକୁ ପଇସା ଦେଇ ଦୋକାନ ଦେଉଥିବା ମିଛ କହି ପ୍ରଶାସନକୁ ଭୁଆଁ ବୁଲାଉଥିବା ଜଣାପଡ଼ିଛି। ପୁରୀ ଜିଲାପାଳ, ଜଗନ୍ନାଥ ସଂସ୍କୃତି ପରିଷଦ ଓଡ଼ିଶା ଏଥିପ୍ରତି ଦୃଷ୍ଟି ଦେଇ ଜବରଦଖଲ ହଟାଇବା ପାଇଁ ଟ୍ରଷ୍ଟ ବୋର୍ଡ ମାନେଜିଂ ଟ୍ରଷ୍ଟି ଅମରେଶ୍ୱର ନାୟକ ଦାବି କରିଛନ୍ତି।

## ସଂକ୍ଷେପରେ

### ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ଶିକ୍ଷଣ ଉପକରଣ ବଣ୍ଟନ

ମାଣିଆବନ୍ଧ,୯।୨(ଡି.ଏନ.ଏ.) ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମୋହନ ସୁବୁଦ୍ଧି ଉଚ୍ଚବିଦ୍ୟାଳୟ ପ୍ରାଙ୍ଗଣରେ ବ୍ଲକ ଶିକ୍ଷା ଅଧିକାରୀ ଲକ୍ଷ୍ମଣ କୁମାର ଲେଙ୍କାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବଡ଼ମ୍ବା ନରସିଂହପୁର, ଆଠଗଡ, ତିଗିରିଆ ବ୍ଲକରୁ ଆସିଥିବା ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କୁ ନିପେଡ ସିକନ୍ଦରବା ବନ୍ଧ ସଂସ୍ଥା ଦ୍ୱାରା ଶିକ୍ଷଣ ଉପକରଣ ବଣ୍ଟନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ କଟକ ଜିଲ୍ଲା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ଚିତ୍ତ ରଞ୍ଜନ ପଣ୍ଡା, ବିଶିଷ୍ଟ ଅତିଥି ଭାବେ ନିପେଡ ସିକନ୍ଦରରାବାଦର ଶ୍ରବଣ ବିଶେଷଜ୍ଞ ଗଜେନ୍ଦ୍ର କୁମାର ସାହୁ ଓ ସମ୍ମାନିତ ଅତିଥି ଭାବେ ନିପେଡର ସ୍ୱତନ୍ତ୍ର ପ୍ରଶିକ୍ଷକ ଶିବ କୁମାର ଓ ସହକାରୀ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମଉଗଜସିଂହ, ବିବେକାନନ୍ଦ ସାହୁ ଉପସ୍ଥିତ ଥିଲେ। ବର୍ତ୍ତମାନ ଭିନ୍ନକ୍ଷମମାନେ ଆଉ ପଛରେ ନାହାନ୍ତି ସେମାନେ ମଧ ପ୍ରଶାସନିକ, କ୍ରୀଡା, ବୈଜ୍ଞାନିକ ହୋଇ ମୁଖ୍ୟସ୍ରୋତରେ ସାମିଲ ହେଲେଣି ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମକୁ ବଡ଼ମ୍ବା ମଣ୍ଡଳ ସାଧନ ସମ୍ବଳ କର୍ମୀ ଦୀନବନ୍ଧୁ ଦଳେଇ, ମମତା ଦାଶ, ନରସିଂହପୁରର ସାଧନ କର୍ମୀ ମାୟାଧର ମାନସିଂହ, ତିଗିରିଆର ସବିତା ପଣ୍ଡା, ବିଜୟ ସାହୁ ଓ ଆଠଗଡ଼ର ମମତା ମହାନ୍ତି, ବିସ୍ମିତା ମିଶ୍ର ଓ ବଡ଼ମ୍ବାର ସମସ୍ତ ଅନ୍ତର୍ନିବେଶୀ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ। ଶେଷରେ ସାଧନ ସମ୍ବଳ କର୍ମୀ ଦୀନବନ୍ଧୁ ଦଳେଇ ଧନ୍ୟବାଦ ଦେଇଥିଲେ।

### ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ



ସାଲେପୁର,୯।୨(ଡି.ଏନ୍.ଏ.): ସାଲେପୁର ବ୍ଲକ୍ ଅନ୍ତର୍ଗତ ଚମାରିଗୋଳ ଗ୍ରାମର କୃଷ୍ଣଚନ୍ଦ୍ର ଦାଶ (୯୪)ପରଲୋକ ଘଟିଛି। ସେ ସାଲେପୁର ହାଇସ୍କୁଲ, ବହୁଗ୍ରାମ ହାଇସ୍କୁଲ ସମେତ ବିଭିନ୍ନ ହାଇସ୍କୁଲରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ସେ ଏକାଧାରରେ ଜଣେ ଛାତ୍ରବତ୍ସଳ ଓ ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କର ବିୟୋଗରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବ୍ଲକ ଅଧକ୍ଷ ରାମଚନ୍ଦ୍ର ଭୋଇ, ପୂର୍ବତନ ବ୍ଲକ ଅଧକ୍ଷ ରବୀନ୍ଦ୍ର ନାଥ କର, କର ଆଣ୍ଡ୍ ବ୍ରଦର୍ସର ପ୍ରତିଷ୍ଠାତା ପ୍ରଶାନ୍ତ କୁମାର କର, ଜିଲା ପରିଷଦ ସଭ୍ୟା ନମିତା ସେଠୀ, ଚିରଞ୍ଜନ ମୁଦୁଲି, ଗୌତମ କର, ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘର ସମ୍ପାଦକ ହୃଷିକେଶ ମଲ୍ଲିକ, ସହସମ୍ପାଦକ ଅରବିନ୍ଦ ଭୂୟାଁ, ଖବରଦାତା ଶିଶିର କୁମାର ଦାଶ, ସାଲେପୁର ହାଇସ୍କୁଲର ପ୍ରଧାନଶିକ୍ଷକ ମନୋରଞ୍ଜନ ବାରିକ, ସାଲେପୁର ହାଇସ୍କୁଲ ଆଲୁମନି ଆସୋସିଏଶନ୍‌ର ସଭାପତି ମିହିର କୁମାର ଜେନା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ବଡ଼ ପୁଅ ଡାକ୍ତର କିଶୋର କୁମାର ଦାଶ ମୁଖାଗ୍ନି ଦେଇଥିଲେ।

# ବିଦ୍ୟାଳୟରେ ୫ ଶିକ୍ଷକ ପଦବୀ ଖାଲି

- ଆଗକୁ ମାଟ୍ରିକ୍ ପରୀକ୍ଷା, ଚିନ୍ତାରେ ଅଭିଭାବକ
- ୨ ଜଣ ଶିକ୍ଷକ ପଢ଼ାଉଛନ୍ତି
- ୨୦୧ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି

ସାଲେପୁର,୯।୨(ଡି.ଏନ୍.ଏ.) ସରକାର ଶିକ୍ଷା ଉନ୍ନତି ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ବିଦ୍ୟାଳୟଗୁଡ଼ିକୁ ଅନେକ ଉପକରଣ ଯୋଗାଇ ଦେଉଥିବା ନେଇ ଡିଣ୍ଡିମ ପିଟୁଛନ୍ତି। ମାତ୍ର ଶିକ୍ଷକ ପଦବୀ ପୂରଣ ଉପରେ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। ଶିକ୍ଷକ ଅଭାବ ଥିବାରୁ ଅନେକ ସ୍ଥାନରେ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଏହାର ଉଦାହରଣ ସାଲେପୁର ବ୍ଲକ ଅନ୍ତର୍ଗତ ବଣହରା ସରକାରୀ ଉଚ୍ଚ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟରେ ଶିକ୍ଷକ ପଦବୀ ଖାଲି ରହିଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବ୍ୟାଘାତ ହୋଇଛି। ବିଦ୍ୟାଳୟରେ ଖାଲିପଡିଥିବା ଶିକ୍ଷୟିତ୍ରୀ ଶିକ୍ଷକ ପଦବୀ ତୁରନ୍ତ ପୂରଣ କରିବାପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପିକୋଳ ପଞ୍ଚାୟତ ସମିତିସଭ୍ୟା ସୁଲୋଚନା ସାହୁ ଦାବି କରିଛନ୍ତି।

ପ୍ରକାଶ ଯେ, ସାଲେପୁର ଶିକ୍ଷାମଣ୍ଡଳ ଅଧୀନରେ ଥିବା ଏହି ସରକାରୀ ଉଚ୍ଚ ବିଦ୍ୟାଳୟ ସ୍ଥାନୀୟ ଅଞ୍ଚଳର ଏକ ପ୍ରମୁଖ ବିଦ୍ୟାଳୟ। ଏଠାରେ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୨୦୧ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟରେ ୭ଜଣ ଶିକ୍ଷୟିତ୍ରୀ ଶିକ୍ଷକ ପଦବୀ ଥିବାବେଳେ ୫ ପଦବୀ ଖାଲି ରହିଛି। କେବଳ ଦୁଇଜଣ ଶିକ୍ଷକଙ୍କ ଦ୍ୱାରା ପିଲାଙ୍କୁ ପପାଠପଢ଼ା ଯାଉଛି। ନିକଟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅବସର ନେବାପରେ ଜଣେ ସହକାରୀ ଶିକ୍ଷକ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ରହିଛନ୍ତି। ଆଗକୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବାକୁ ଯାଉଥିବା ବେଳେ ପାଠପଢ଼ା ଶେଷ ହୋଇ ନ ଥିବାରୁ ଛାତ୍ରୀଛାତ୍ରଙ୍କ ଚିନ୍ତା ବଢ଼ିଯାଇଛି। ଏନେଇ ଅଭିଭାବକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତୁରନ୍ତ ଏହି ବିଦ୍ୟାଳୟରେ ଖାଲିଥିବା ଶିକ୍ଷୟିତ୍ରୀ ଶିକ୍ଷକ ପଦବୀ ପୂରଣ କରିବା ପାଇଁ ସମିତିସଭ୍ୟା ସୁଲୋଚନା ସାହୁ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷାମନ୍ତ୍ରୀ ଓ ୫-ଟି ସଚିବଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

# ବାଙ୍କୀ ଏନ୍‌ଏସି ଆଦର୍ଶ ଶ୍ମଶାନ ଭିତ୍ତିପ୍ରସ୍ତର ସ୍ଥାପନ



ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ଅନ୍ୟମାନେ।

ବାଙ୍କୀ,୯।୨(ସ୍ୱ.ପ୍ର.) ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ୧୦ ନଂ. ୱାର୍ଡ ଅକ୍ଷୟ ମାର୍ଗରେ ବୁଧବାର ଏନ୍‌ଏସି ଆଦର୍ଶ ଶ୍ମଶାନର ଭିତ୍ତିପ୍ରସ୍ତର ସ୍ଥାପନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ କରିଛନ୍ତି। ଏଥିରେ ବାଙ୍କୀ ଏନଏସି ନଗରପାଳ ମାଣିକ ସାହୁ, ଉପନଗରପାଳ ସନ୍ତୋଷ କୁମାର ରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଓଡ଼ିଶା କ୍ଷୁଦ୍ରଶିଳ୍ପ ନିଗମ ସହାୟତାରେ ଏହାର କାର୍ଯ୍ୟ କରାଯିବ। ଏହି ନିର୍ମାଣ କାର୍ଯ୍ୟ ପାଇଁ ୭୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ସନାତନ ବେହେରା, ସାଂସଦଙ୍କ ପ୍ରତିନିଧି ସୌମେନ୍ଦ୍ର ମିଶ୍ର, ବିଧାୟକଙ୍କ ପ୍ରତିନିଧି ଶ୍ରୀନିବାସ ବେହେରା , ୧୦ନମ୍ବର ୱାର୍ଡ କାଉନସିଲର ରାଜେନ୍ଦ୍ର ମହାପାତ୍ର, କନିଷ୍ଠ ଯନ୍ତ୍ରୀ ରମେଶ ଚନ୍ଦ୍ର ସେଠୀ, ମ୍ୟାନେଜର ଓ.ଏସ୍.ଆଇ.ସି ପ୍ରଦୀପ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ।

# ସରକାରୀ କର୍ମଚାରୀ ଶାସକ ଦଳ ଇଙ୍ଗିତମରେ କାମ କରୁଛନ୍ତି

## ସାଲେପୁର କଂଗ୍ରେସର ଖବରଦାତା ସମ୍ମିଳନୀ




ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃମଣ୍ଡଳୀ।

ସାଲେପୁର,୯।୨(ଡି.ଏନ୍.ଏ.) ସାଲେପୁର ଅଞ୍ଚଳରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟରେ ଅଧିକାରୀମାନେ ଶାସକ ଦଳର ହାତବାରିସି ସାଜି ବ୍ୟାପକ ଅନିୟମିତତା କରୁଛନ୍ତି। ଯୋଗ୍ୟ ହିତାଧିକାରୀଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରୁ ବାଦ୍ ଦିଆଯାଉଥିବା ନେଇ କଟକ ଜିଲା ସଂଖ୍ୟାଲଘୁ ସେଲ୍ ଅଧକ୍ଷ ତଥା ସାଲେପୁର କଂଗ୍ରେସ ନେତା ଇଂ. ଆକ୍ୟୁବ୍ ଖାଁ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ବୁଧବାର ସାଲେପୁର ବ୍ଲକ୍ କଂଗ୍ରେସ କମିଟି ସଭାପତି ବେଣୁଧର ପ୍ରଧାନଙ୍କ ସଭାପତିତ୍ୱରେ ସାଲେପୁର କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଟକ ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ବିପ୍ଳବ ଶିଳାଦିତ୍ୟ, ଜିଲା ଉପସଭାପତି ମନୋଜ ବିଶ୍ୱାଳ, ବରିଷ୍ଠ କଂଗ୍ରେସ ନେତା ସୁରେନ୍ଦ୍ର ନାଥ ସିଂହ, ଇଂ. ଆକ୍ୟୁବ ସାଲେପୁର ବ୍ଲକ୍‌ରେ ବିଜେଡି ପକ୍ଷରୁ ଚାଲିଥିବା ଅରାଜକତା ସମ୍ପର୍କରେ ଖବରଦାତାମାନଙ୍କ ନିକଟରେ ପ୍ରକାଶ କରିବା ସହ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଡାକ୍ତର ଓ କର୍ମଚାରୀ ନ ଥିବାରୁ ରୋଗୀସେବା ବିପର୍ଯ୍ୟସ୍ତ ହୋଇପଡିଥିବା ସେ ଅଭିଯୋଗ କରିଥିଲେ। ଚାଷୀମାନେ ମଣ୍ଡିରେ ଧାନ ବିକ୍ରୟ କରୁଥିଲେ ମଧ ଠିକ୍ ସମୟରେ ଅର୍ଥ ପାଇପାରୁନାହାନ୍ତି। ସେହିପରି ସାଲେପୁର ବ୍ଲକ୍‌ରେ ମଧୁବାବୁ ପେନ୍‌ସନ୍ ଯୋଜନା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପାତରଅନ୍ତର ନୀତିଅବଲମ୍ବନ କରାଯାଉଛି ବୋଲି ଇଂ. ଖାନ୍ ପ୍ରକାଶ କରିବା ସହ ଯଦି ସାଲେପୁର ବ୍ଲକ୍ ଅଞ୍ଚଳରେ ଚାଲିଥିବା ଏହି ବେଆଇନ୍ କାର୍ଯ୍ୟକୁ ତୁରନ୍ତ ବନ୍ଦ କରା ନ ଯାଏ, ତେବେ ଆଗାମୀ ଦିନରେ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ସାଲେପୁର କଂଗ୍ରେସ କମିଟି ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧକ୍ଷ ରବୀନ୍ଦ୍ର ନାଥ କର, ଯୁବନେତା ରାଜା ଭୂୟାଁ, ବଦ୍ରିନାରାୟଣ ସିଂହ, ପୂର୍ବତନ ସରପଞ୍ଚ ଲୋଚନ ସ୍ୱାଇଁ, ସେକ୍ ଅନୱାର ଅଲ୍ଲୀ, ଆଜମଲ ଖାଁ ପ୍ରମୁଖ ଉପସ୍ଥିତ ଥିଲେ।

### ବାପୁଜୀ କପ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ଫାଇନାଲରେ ପ୍ରତାପ ନଗରୀ

ବଡ଼ମ୍ବା,୯।୨(ଡି.ଏନ.ଏ.): ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଶଙ୍ଖାମେରୀଗ୍ରାମ ସ୍ଥିତ ବାପୁଜୀ ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ବାପୁଜୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଗୁରୁବାର ପ୍ରଥମ ସେମିନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତାପ ନଗରୀ, କଟକ ବିଜୟୀ ହୋଇଛି। ୟୁନାଇଟେଡ ଗଣ୍ଡରପୁର ଓ ପ୍ରତାପ ନଗରୀ ମଧରେ ଏହି ମ୍ୟାଚ ଖେଳାଯାଇଥିଲା। ନିର୍ଦ୍ଧାରିତ ସମୟ ମଧରେ ଉଭୟ ଟିମ୍ ଗୋଟିଏ ଲେଖାଏ ଗୋଲସ୍କୋର କରି ମ୍ୟାଚକୁ ସମାନ ସ୍ଥିତିକୁ ଆଣିଥିଲେ।

ଟାଇବ୍ରେକର ମାଧମରେ ଗଣ୍ଡରପୁର ଦଳ ପରାଜିତ ହୋଇଥିବାବେଳେ ପ୍ରତାପ ନଗରୀ ଦଳ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଛି। ମ୍ୟାଚରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ବସନ୍ତ କୁମାର ବେହେରା ଯୋଗ ଦେଇଥିଲେ। ମୁଖ୍ୟ ରେଫରୀ ଭାବେ ସ୍ମୃତି ରଞ୍ଜନ ସ୍ୱାଇଁ ମ୍ୟାଚ ପରିଚାଳନା କରିଥିଲେ। ମହମ୍ମଦ ସକିଲ, ଆଲୋକ ଦେହୁରୀ ଓ ଧନେଶ୍ୱର ସର୍ଦ୍ଦାର ସହଯୋଗ କରିଥିଲେ।

# ଗ୍ରାହକଙ୍କ ଅଭିଯୋଗର ତୁରନ୍ତ ସମାଧାନ କର




## ମୋବିଲ ରିଟେଲର ବ୍ୟବସାୟୀଙ୍କ ବୈଠକ

ତିଗିରିଆ,୯।୨(ଡି. ଏନ. ଏ ) ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ଓ ବିଧାରପୁରର ମୋବିଲ ରିଟେଲର ବ୍ୟବସାୟୀଙ୍କ ଏକ ବୈଠକ ଗୁରୁବାର ତାଳମୁଣ୍ଡଳୀସ୍ଥିତ ବାଉତିଙ୍କ ପୀଠରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ଆୟୋଜିତ ବୈଠକରେ ବିଧାରପୁରସ୍ଥିତ ସାଇ ଶଙ୍କର ବ୍ୟାଟେରୀର ପ୍ରୋପ୍ରାଇଟର ସୁଶାନ୍ତ କୁମାର ରାଉତ ସଭାପତିତ୍ୱ କରିଥିଲେ। ମୋବିଲର କଟକ ଜିଲା ବ୍ୟବସାୟକ ପରିଚାଳକ ମହେଶ ଗୋଚ୍ଛାୟତ, ଏକ୍ସଏକ୍ସନ ମୋବିଲ ସୁରଜ ଏଣ୍ଟରପ୍ରାଇଜର୍ସର ପ୍ରୋପ୍ରାଇଟର ପ୍ରହ୍ଲାଦ ନାଥ, ଅତିରିକ୍ତ ବିକ୍ରୟ ପରିଚାଳକ ସନତ ନନ୍ଦ, ଦେବୀପ୍ରସାଦ ଚୌଧୁରୀ, ତାପସ ରଞ୍ଜନ ବେହେରା, ମାନସ ରଞ୍ଜନ ବେହେରା ଓ ସୌଦାମିନୀ ରାଉତ ପ୍ରମୁଖ ଯୋଗ ଦେଇ ଗ୍ରାହକଙ୍କର ଯଦି କିଛି ଅଭିଯୋଗ ରହୁଛି ତାକୁ ତୁରନ୍ତ ସମାଧାନ କରିବା ପାଇଁ ମତପୋଷଣ କରିଥିଲେ।

# ନୀଳ ବିପ୍ଳବ କ୍ଷେତ୍ରରେ ଗଜେନ୍ଦ୍ର ମିତ୍ରଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ




ବୈଠକରେ ଯୋଗଦେଇଥିବା ଅତିଥିମାନେ।

ସାଲେପୁର,୯।୨(ଡି.ଏନ୍.ଏ.) ସାଲେପୁରସ୍ଥିତ ବହୁଗ୍ରାମ ଯୁକ୍ତ ୨ ମହାବିଦ୍ୟାଳୟରେ ବିଜ୍ଞାନ ପ୍ରତିଭା ପୂଜନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମତ୍ସ୍ୟ ବିଜ୍ଞାନୀ ସ୍ୱର୍ଗତ ଡ. ଗଜେନ୍ଦ୍ର ନାଥ ମିତ୍ରଙ୍କ ୧୦୭ତମ ଜୟନ୍ତୀ ପାଳିତ ହୋଇଯାଇଛି। ବିଜ୍ଞାନ ପ୍ରଚାର ସମିତି ସାଲେପୁର ଶାଖା ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ଗୋପୀନାଥ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ସୁକାନ୍ତ କିଶୋର ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଧୀରେନ୍ଦ୍ର କୁମାର ଷଡ଼ଙ୍ଗୀ, ମୁଖ୍ୟବକ୍ତା ଭାବେ ବିଜ୍ଞାନ ପ୍ରଚାର ସମିତି ସାଲେପୁର ଶାଖାର କାର୍ଯ୍ୟନିର୍ବାହୀ ସଭାପତି ଡ. ମଞ୍ଜୁଶ୍ରୀ ପତି ଯୋଗଦେଇ ଥିଲେ। ସମ୍ମାନିତ ଅତିଥିଭାବେ ଗଜେନ୍ଦ୍ର ମିତ୍ରଙ୍କ ପୁତ୍ର ଇଂ. କାଶୀନାଥ ମିତ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ପୂର୍ଣ୍ଣଚନ୍ଦ୍ର ଓଝା, ଅଧକ୍ଷ ଗୋବିନ୍ଦ ଚନ୍ଦ୍ର ମିଶ୍ର ଉପସ୍ଥିତ ଥିଲେ। ଅତିଥିମାନେ ଏହି ଅବସରରେ ମତ୍ସ୍ୟ ଚାଷର ଉପକାରିତା ସମ୍ବନ୍ଧରେ ବକ୍ତବ୍ୟ ଦେଇଥିଲେ। ସ୍ୱର୍ଗତ ମିତ୍ରଙ୍କ କର୍ମମୟ ଜୀବନ ଉପରେ ମୁଖ୍ୟ ଅତିଥି ଷଡ଼ଙ୍ଗୀ ଆଲୋକପାତ କରି କହିଥିଲେ, ରାଜ୍ୟରେ ନୀଳ ବିପ୍ଳବ କ୍ଷେତ୍ରରେ ତାଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ।

ଅନ୍ୟମାନଙ୍କ ମଧ୍ୟରେ ବିଜ୍ଞାନ ପ୍ରଚାର ସମିତି ସାଲେପୁର ଶାଖାର ମାର୍ଗଦର୍ଶକ ଡ. ଉମେଶ ଚନ୍ଦ୍ର ପତି, ବସନ୍ତ କୁମାର ଦାସ, ଶିଶିର କୁମାର ସ୍ୱାଇଁ, ସୁଷମାରାଣୀ ଓଝା ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ମିତ୍ରଙ୍କ ଅନୁଭୂତି ସମ୍ବଳିତ ପ୍ରବନ୍ଧ ସଭାପତି ସୁକାନ୍ତ କିଶୋର ମହାନ୍ତି ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସାଲେପୁର ବିଜ୍ଞାନ ପ୍ରଚାର ସମିତି ଶାଖାର ସଭ୍ୟ ଦିବାକର ପ୍ରଧାନ ସହଯୋଗ କରିଥିଲେ। ଶେଷରେ ଇଂ. ହରିହର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଏଥିରେ ବହୁଗ୍ରାମ ଯୁକ୍ତ୨ ମହାବିଦ୍ୟାଳୟର ବହୁ ଅଧ୍ୟାପକ, ଅଧ୍ୟାପିକା ଓ ବୁଦ୍ଧିଜୀବୀ ସାମିଲ ହୋଇଥିଲେ।

### ୯୪୫ ଲିଟର ଦେଶୀ ମଦ ଜବତ, ୪ ଗିରଫ

ବାରଙ୍ଗ,୯।୨(ଡି.ଏନ୍.ଏ.): ବାରଙ୍ଗ ଅଞ୍ଚଳରୁ ୪ ନିଶା ବେପାରୀ ଭୁବନେଶ୍ୱରକୁ ନିଶା ପରିବହନ କରୁଥିବାବେଳେ ଗୁରୁବାର ଅବକାରୀ ବିଭାଗ ହାତରେ ଧରିପଡ଼ିଛନ୍ତି। ସେମାନେ ହେଲେ ବାରଙ୍ଗ ଥାନା ଅନ୍ତର୍ଗତ ସାନମୁଣ୍ଡଳୀ ଗ୍ରାମର ଦୁଷ୍ମନ୍ତ ଲେଙ୍କା, ଅନିରୁଦ୍ଧ ମହାପାତ୍ର, କର୍ମିକ ସାହୁ ଓ ଦାଢ଼ାପାଟଣା ଗ୍ରାମର ସୂର୍ଯ୍ୟକାନ୍ତ ସାମଲ। ବାରଙ୍ଗ ଥାନା ଅନ୍ତର୍ଗତ ସାନମୁଣ୍ଡଳୀ ଗ୍ରାମ ରାସ୍ତାରେ ୩ ବାଇକ ଚାଳକଙ୍କ ପାଖରୁ ଅବକାରୀ ବିଭାଗ ୭୦୫ ଲିଟର ଦେଶୀ ଚୋରା ମଦ ଜବତ କରିଛି। ସେହିପରି ଖାନନଗର ଅଞ୍ଚଳରୁ ବାଇକ୍‌ରେ ଆସୁଥିବା ଜଣଙ୍କ ପାଖରୁ ୨୪୦ ଲିଟର ଦେଶୀ ଚୋରା ମଦ ଅବକାରୀ ବିଭାଗ ଜବତ କରିଥିଲା। ଜବତ ହୋଇଥିବା ମୋଟ ୯୪୫ ଲିଟର ଦେଶୀ ମଦର ମୂଲ୍ୟ ୭ ଲକ୍ଷ ୬୫ହଜାରରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଜଣାପଡ଼ିଛି।

# ସରପଞ୍ଚଙ୍କ ମନମୁଖି କାର୍ଯ୍ୟ ବିରୋଧରେ ବିଡିଓଙ୍କୁ ଅଭିଯୋଗ

ନିଶ୍ଚିନ୍ତକୋଇଲି,୯।୨(ସ୍ୱ.ପ୍ର.) ନିଶ୍ଚିନ୍ତକୋଇଲି ବ୍ଲକ ସାନ୍ତପୁର ପଞ୍ଚାୟତର ସରପଞ୍ଚଙ୍କ ମନୋମୁଖି କାର୍ଯ୍ୟ ପ୍ରତିବାଦରେ ପଞ୍ଚାୟତର ସମିତିସଭ୍ୟଙ୍କ ସମେତ ପଞ୍ଚାୟତବାସୀ ୮ ଦଫା ଦାବି ସମ୍ବଳିତ ଅଭିଯୋଗ ପତ୍ର ବୁଧବାର ବିଡିଓଙ୍କୁ ପ୍ରଦାନ କରିଛନ୍ତି। ସରପଞ୍ଚ ରମାକାନ୍ତ ନାୟକ ଦାୟିତ୍ୱ ନେବା ପରଠାରୁ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ ଠିକ୍ ଢଙ୍ଗରେ ହେଉ ନ ଥିବା, ପଲ୍ଲୀସଭା ଓ ଗ୍ରାମସଭା ଠିକ୍ ସମୟରେ ନ ହେବା, ଏପରିକି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ଗ୍ରାମସଭା ସଫଳ ନ ହେବା, ପଞ୍ଚାୟତ ବୈଠକରେ ସମିତିସଭ୍ୟଙ୍କୁ ଉପେକ୍ଷା କରାଯିବା, ୨ ମାସ ହେବ ପଞ୍ଚାୟତ ବୈଠକ ନ ହେବା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ଠିକ୍ ନ ହେବା ସହ ପଞ୍ଚାୟତରେ କାର୍ଯ୍ୟରତ ଜେଇ, ପିଇଓ ଓ ଜିଆରଏସ୍ ଅସମ୍ମାନିତ କରା ହେବା ନେଇ ଏକ ଦାବିପତ୍ର ସମିତି ସଭ୍ୟ ବିଶ୍ୱନାଥ ନାୟକଙ୍କ ନେତୃତ୍ୱରେ ପଞ୍ଚାୟତବାସୀ ବିଡିଓଙ୍କୁ ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ମଧ ପିଡିଙ୍କର ଦୃଷ୍ଟି ଗୋଚର କରାଯାଇଛି। ଏହି ପଞ୍ଚାୟତରେ ଉନ୍ନୟନ ମୂଳକ କାର୍ଯ୍ୟ ପ୍ରଭାବିତ ହେବା ଫଳରେ ସ୍ଥାନୀୟ ଲୋକେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏ ସମ୍ପର୍କରେ ସରପଞ୍ଚ ରମାକାନ୍ତ ନାୟକ ଅଭିଯୋଗ ଭିତ୍ତିହୀନ, ଜେଇଙ୍କର ବାରମ୍ବାର ବଦଳୀ ହୋଇଥିଲେ ମଧ ସେ କାହିଁକି ପଞ୍ଚାୟତ ଦାୟିତ୍ୱ ଛାଡୁନାହାନ୍ତି ତାହା ତଦନ୍ତ ସାପେକ୍ଷ। ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ କୁହନ୍ତି, ଅଭିଯୋଗର ତଦନ୍ତ ପରେ ପରିବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ।

### ବାଙ୍କୀ-ଡମପଡ଼ା ବ୍ଲକ ଷ୍ଟାଣ୍ଡିଂ କମିଟି ଅଧକ୍ଷ ହେଲେ ଭାଗୀରଥି ପାଣି

ବାଙ୍କୀ,୯।୨(ସ୍ୱ.ପ୍ର.) ବାଙ୍କୀ ଡମପଡ଼ା ବ୍ଲକ ରଗଡି ଗ୍ରାମ ପଞ୍ଚାୟତ ସମିତି ସଭ୍ୟ ଭାଗୀରଥି ପାଣି ବ୍ଲକ ଷ୍ଟାଣ୍ଡିଂ କମିଟି ଅଧକ୍ଷ ଭାବେ ମନୋନୀତ ହୋଇଛନ୍ତି। ଏହି କମିଟି ବ୍ଲକ ଜନସାଧାରଣଙ୍କୁ କଣ୍ଟ୍ରୋଲ ସମାଗ୍ରୀ ସୁଷମ ବଣ୍ଟନ, ଖାଉଟି ସୁରକ୍ଷା ଓ ଦୁର୍ବଳ ଶ୍ରେଣୀ ଲୋକମାନଙ୍କ ସମସ୍ୟା ସମାଧାନ, ଜନସାଧାରଣଙ୍କ ବିକାଶ, ଜଙ୍ଗଲ ଓ ଜାଳେଣିର ସୁରକ୍ଷା ସମ୍ପର୍କରେ କାର୍ଯ୍ୟ କରିବ। ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ବାଙ୍କୀ-ଡମପଡ଼ା ବ୍ଲକ ଅଧକ୍ଷ ପ୍ରଣବ କିଶୋର ପଟେଲଙ୍କୁ ଏଥିପାଇଁ ଭାଗୀରଥି କୃତଜ୍ଞତା ଜ୍ଞାପନ କରିଛନ୍ତି।

# ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ବାଙ୍କୀ,୯।୨(ସ୍ୱ.ପ୍ର.) ବାଙ୍କୀ ବ୍ଲକ ଅନ୍ତର୍ଗତ ସରଣ୍ଡାଗଡର ଆରାଧ୍ୟ ଦେବତା ଶ୍ରୀଶ୍ରୀ ତୃତୀୟା ଦେବଜୀଉଙ୍କ ପୀଠରେ ତୃତୀୟ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ରତାଗଡ ଗ୍ରାମରେ ବିଜେ ଶ୍ରୀଶ୍ରୀ ସ୍ୱପନେଶ୍ୱର ଜୀଉଙ୍କୁ ଆମନ୍ତ୍ରିତ କରାଯାଇଥିଲା। ପୂର୍ଣ୍ଣାହୁତି ଦିବସରେ ପ୍ରାତଃରୁ ସୂର୍ଯ୍ୟପୂଜା, ପୂଜାପାଠ ଓ ଚରୁ ଅନ୍ନ ଭୋଗ ଲାଗି କରାଯାଇଥିଲା। ଶେଷରେ କଳସ ବିସର୍ଜନ କରାଯାଇଥିଲା। ତୃତୀୟା ଦେବଜୀଉଙ୍କ ମୁଖ୍ୟ ପୁରୋଧା ଖଗେନ୍ଦ୍ର କୁମାର ତ୍ରିପାଠୀ, ବ୍ୟାସ ଆଚାର୍ଯ୍ୟ, ଲିଙ୍ଗରାଜ ତ୍ରିପାଠୀ, ପ୍ରବୀର କୁମାର ଆଚାର୍ଯ୍ୟ ଓ ନିରଞ୍ଜନ ଆଚାର୍ଯ୍ୟ, ପୁରୋଧା ରାଜକିଶୋର, ବାଙ୍କ ତ୍ରିପାଠୀ ପ୍ରମୁଖ ଯଜ୍ଞ ପରିଚାଳନା କରିଥିଲେ। ହରପ୍ରସାଦ ପଣ୍ଡା, ପୁଷ୍ପଲତା ପଣ୍ଡା, ପ୍ରଦୀପ କୁମାର ପଣ୍ଡା, ମମତା ପଣ୍ଡା କର୍ତ୍ତା ଭାବେ ଯୋଗଦେଇଥିଲେ। ଦେବୀପ୍ରସାଦ ପଣ୍ଡା, ହରପ୍ରସାଦ ପଣ୍ଡା, ସମ୍ପାଦକ ଶୁଭେନ୍ଦୁ କୁମାର ମହାପାତ୍ର, କୋଷାଧକ୍ଷ ବିଶ୍ୱରଞ୍ଜନ ପଣ୍ଡା ପ୍ରମୁଖ ଏହି କାର୍ଯ୍ୟରେ ସହଯୋଗ କରିଥିଲେ।

# ଜିଲାସ୍ତରୀୟ ଯୁବ ରେଡ୍‌କ୍ରସ୍ ଶିକ୍ଷା, ପ୍ରଶିକ୍ଷଣ ଶିବିର



ଜିଲାସ୍ତରୀୟ ଦ୍ୱିତୀୟ ରେଡକ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିରର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ବାଙ୍କୀ,୯।୨(ସ୍ୱ.ପ୍ର.) ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ କଟକ ଜିଲାସ୍ତରୀୟ ଦ୍ୱିତୀୟ ରେଡକ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ରେଡକ୍ରସ ସଂସ୍ଥା ତରଫରୁ ୩ ଦିନ ବ୍ୟାପି ହେବାକୁ ଥିବା ଏହି ଶିବିରରେ ଅଧକ୍ଷ କ୍ୟାପଟେନ ଭବାନୀ ପ୍ରସାଦ ହୋତା ରେଡ୍‌କ୍ରସ ପତାକା ଉତ୍ତୋଳନ କରିଥିଲେ। ଏନେଇ ଆୟୋଜିତ ସଭାରେ କ୍ୟାପଟେନ ହୋତା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟ ମୁଖ୍ୟ ଅଧିକାରୀ ଡାକ୍ତର ମୃତ୍ୟୁଞ୍ଜୟ ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ଉପାଧକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ଯୁବରେଡ୍‌କ୍ରସର ସଂଯୋଜକ ଅଧ୍ୟାପକ ଗୋପାଳ କୃଷ୍ଣ ମିଶ୍ର, କଟକ ଜିଲା ଯୁବ ରେଡକ୍ରସର ଜିଲା ସଂଯୋଜକ ଅଧ୍ୟାପକ ଅକ୍ଷୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତଥିଲେ। ଡ. ସସ୍ମିତା ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ. ଶୈଳେନ୍ଦ୍ର ନାରାୟଣ ଦେଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସରସ୍ୱତୀ ଦେହୁରୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ନିରଞ୍ଜନ ଉପାଧ୍ୟାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଜାତୀୟ ନୂତନ ଶିକ୍ଷାନୀତି ଦେଶର ପ୍ରଗତିରେ ସହାୟକ ହେବ




ଆଲୋଚନା ଚକ୍ରରେ ଯୋଗଦେଇଥିବା ଅତିଥିମାନେ।

ବାଙ୍କୀ,୯।୨(ସ୍ୱ.ପ୍ର.) ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଶିକ୍ଷା ସ୍ନାତକୋତ୍ତର ବିଭାଗ ଆନୁକୂଲ୍ୟରେ ଶିକ୍ଷା ଓ ନୈତିକ ମୂଲ୍ୟବୋଧ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଉପାଧକ୍ଷ ତଥା ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଏଥିରେ ସଭାପତିତ୍ୱ କରି ସ୍ନାତକୋତ୍ତର ଶିକ୍ଷା ବିଭାଗର ଗୌରବମୟ ଅଧ୍ୟାୟ ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ଭାବେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ଶିକ୍ଷା ବିଭାଗର ମୁଖ୍ୟ ଡା. ପ୍ରସନ୍ନ କୁମାର ମହାପାତ୍ର ଯୋଗଦେଇ ଆଜିର ଯୁଗରେ ନୈତିକ ଶିକ୍ଷାର ମୂଲ୍ୟବୋଧ ଉପରେ ଗୁରୁତ୍ୱାରୋପ କରିଥିଲେ । ବିଶେଷ କରି ଜାତୀୟ ନୂତନ ଶିକ୍ଷାନୀତି ଦେଶର ପ୍ରଗତିରେ ସହାୟକ ହୋଇ ପାରିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ରାଜକିଶୋର ପାଲ, ଅଧ୍ୟାପକ ସୁକାନ୍ତ ମହାପାତ୍ର, ଅଧ୍ୟାପିକା ଜ୍ୟୋତିର୍ମୟୀ ପାଢ଼ୀ ପ୍ରମୁଖ ଯୋଗଦେଇ ଶିକ୍ଷା ମଣିଷ ସମାଜକୁ ଭଲବାଟ ଦେଖାଏ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ନୂତନ ଭାବେ ଯୋଗଦାନ କରିଥିବା ଅଧ୍ୟାପକ ବିପ୍ରବର ରାଉତ ଏବଂ ପି.ଜି. ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନଙ୍କୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦିଆଯାଇ ସ୍ୱାଗତ କରାଯାଇଥିଲା। ମନୀଷା ପ୍ରିୟଦର୍ଶିନୀ ବେହେରା, ପୁଷ୍ପରାଜ ରାଉତ, ବର୍ଷା ପାଇକରାୟ, ଲୋନିବାଳା ନାୟକ, ସୁନୀତା ମହାପାତ୍ର, ରଶ୍ମିତା ରାଉତ ପ୍ରମୁଖ ଏହି ଆଲୋଚନାଚକ୍ରକୁ ପରିଚାଳନା କରିଥିଲେ। ଲକ୍ଷ୍ମୀଧର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ୯୪୫ ଲିଟର ଦେଶୀ ମଦ ଜବତ, ୪ ଗିରଫ

ବାରଙ୍ଗ,୯।୨(ଡି.ଏନ୍.ଏ.): ବାରଙ୍ଗ ଅଞ୍ଚଳରୁ ୪ ନିଶା ବେପାରୀ ଭୁବନେଶ୍ୱରକୁ ନିଶା ପରିବହନ କରୁଥିବାବେଳେ ଗୁରୁବାର ଅବକାରୀ ବିଭାଗ ହାତରେ ଧରିପଡ଼ିଛନ୍ତି। ସେମାନେ ହେଲେ ବାରଙ୍ଗ ଥାନା ଅନ୍ତର୍ଗତ ସାନମୁଣ୍ଡଳୀ ଗ୍ରାମର ଦୁଷ୍ମନ୍ତ ଲେଙ୍କା, ଅନିରୁଦ୍ଧ ମହାପାତ୍ର, କର୍ମିକ ସାହୁ ଓ ଦାଢ଼ାପାଟଣା ଗ୍ରାମର ସୂର୍ଯ୍ୟକାନ୍ତ ସାମଲ। ସୂଚନା ମୁତାବକ, ବାରଙ୍ଗ ଥାନା ଅନ୍ତର୍ଗତ ସାନମୁଣ୍ଡଳୀ ଗ୍ରାମ ରାସ୍ତାରେ ୩ ବାଇକ ଚାଳକଙ୍କ ପାଖରୁ ଅବକାରୀ ବିଭାଗ ୭୦୫ ଲିଟର ଦେଶୀ ଚୋରା ମଦ ଜବତ କରିଛି। ସେହିପରି ଖାନନଗର ଅଞ୍ଚଳରୁ ବାଇକ୍‌ରେ ଆସୁଥିବା ଜଣଙ୍କ ପାଖରୁ ୨୪୦ ଲିଟର ଦେଶୀ ଚୋରା ମଦ ଅବକାରୀ ବିଭାଗ ଜବତ କରିଥିଲା। ଜବତ ହୋଇଥିବା ମୋଟ ୯୪୫ ଲିଟର ଦେଶୀ ମଦର ମୂଲ୍ୟ ୭ ଲକ୍ଷ ୬୫ହଜାରରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଜଣାପଡ଼ିଛି।

### ନାବାଳକଙ୍କୁ ପିଟି ଯୁବକ ଗିରଫ

ଭୁବନେଶ୍ୱର,୯।୨(ବ୍ୟୁରୋ): ଜଣେ ନାବାଳକଙ୍କୁ ମାଡ଼ ମାରିବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ବମିଖାଲ ଅଞ୍ଚଳର ଅନିଲ ଓରଫ ଅମରଜିତ ପୁହାନ (୩୦)। ଏ ନେଇ ପୋଲିସ ନଂ.୪୯/୨୩ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାର, ବମିଖାଲ ଦୁର୍ଗା ମଣ୍ଡପ ନିକଟରେ ୧୪ ବର୍ଷର ନାବାଳକ ଏକ ଷ୍ଟଲରେ ଗୁପ୍‌ଚୁପ ଖାଉଥିଲେ। ଏହି ସମୟରେ ଅଭିଯୁକ୍ତ ଅନିଲ ନାବାଳକଙ୍କ ନିକଟକୁ ଆସି କୌଣସି କାର୍ଯ୍ୟରେ ସାଥୀରେ ଆସିବାକୁ କହିଥିଲେ। ହେଲେ ନାବାଳକ ମନା କରିବାରୁ ଅନିଲ ତାଙ୍କୁ ସର୍ବସମ୍ମୁଖରେ ମାଡ଼ି ମାରିଥିଲେ। କୌଣସି ପ୍ରକାରେ ନାବାଳକ ଖସି ଆସି ଘଟଣା ବିଷୟରେ ମା'ଙ୍କୁ ଜଣାଇଥିଲେ। ଏନେଇ ନାବାଳକଙ୍କ ପରିବାର ଘଟଣାସ୍ଥଳକୁ ଆସି ଅନିଲଙ୍କୁ ପଚାରିବାରୁ ସେ ଓଲଟା ଜୀବନରୁ ମାରିବାକୁ ଦେବାକୁ ଧମକ ଦେଇଥିଲେ। ଏ ନେଇ ନାବାଳକଙ୍କ ବାପା ଅନିଲଙ୍କୁ କାବୁ କରି ପିସିଆରଙ୍କ ଜିମାରେ ଦେଇଥିଲେ।

### ଜ୍ଞାନ ପ୍ରକାଶର ବାର୍ଷିକୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,୯।୨(ବ୍ୟୁରୋ): ଜ୍ଞାନ ପ୍ରକାଶର ସପ୍ତମ ବାର୍ଷିକ ଉତ୍ସବ ଓ ଜାତୀୟସ୍ତରୀୟ ସେମିନାର ଆଗାମୀ ଏପ୍ରିଲ ୨ରେ ସୂଚନା ଭବନରେ ଅନୁଷ୍ଠିତ ହେବ। ଏଥିରେ ଦେଶର ତଥା ରାଜ୍ୟର ଜ୍ଞାନ ପ୍ରକାଶର ପ୍ରତିନିଧିମାନେ ଯୋଗଦେବେ। ଏହି ଉପଲକ୍ଷେ ଜ୍ଞାନ ପ୍ରକାଶର ରାଜ୍ୟ ମୁଖ୍ୟ ଅମ୍ବିକା ସ୍ୱାଇଁଙ୍କ ନେତୃତ୍ୱରେ ଶ୍ରୀକ୍ଷେତ୍ର ପୁରୀ ସିଂହଦ୍ୱାର ସମ୍ମୁଖରେ ଜ୍ଞାନ ପ୍ରକାଶ ପୋଷ୍ଟର ଉନ୍ମୋଚିତ ହେବା ସହ ଭୁବନେଶ୍ୱରସ୍ଥିତ ସର୍ଦ୍ଦାର ପଟେଲ ହଲରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭାଷା ବିଜ୍ଞାନୀ ଡ. ଦେବାଶିଷ ମହାପାତ୍ର ଯୋଗଦେଇ କହିଥିଲେ, ବୌଦ୍ଧ ମାଟିରୁ ଜନ୍ମ ନେଇ ଏହି ଶିକ୍ଷାଧର୍ମୀ ପତ୍ରିକା ସାରା ଦେଶରେ ଆଜି ପହଞ୍ଚିପାରିଛି, ଏହା ଖୁବ୍ ଆନନ୍ଦର କଥା। ଜ୍ଞାନ ପ୍ରକାଶର ପ୍ରତିଷ୍ଠାତା, ଶିକ୍ଷା ପରାମର୍ଶଦାତା ଜ୍ଞାନଚାନ୍ଦ ଶତପଥୀ ଓ ସମ୍ପାଦକ ସରୋଜ କୁମାର ସାହୁ ଆଗାମୀ କାର୍ଯ୍ୟକ୍ରମର ସଫଳତା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

# ଖୋଲା ଡ୍ରେନ୍‌ରେ ମଳ ଛାଡୁଛନ୍ତି ଘରୋଇ ଅନୁଷ୍ଠାନ




ମଞ୍ଚେଶ୍ୱର ଶିଳ୍ପାଞ୍ଚଳର ଦୁଇ କୋଠାରୁ ଡ୍ରେନ୍‌କୁ ମଳ ଓ ବର୍ଜ୍ୟ ଛଡ଼ାଯାଉଛି।

ଭୁବନେଶ୍ୱର,୯।୨ (ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରକୁ ସ୍ୱଚ୍ଛ ସହରରେ ପରିଣତ କରିବା ପାଇଁ ଭୁବନେଶ୍ୱରକୁ ଅନ୍ତର୍ଜାତୀୟ ସଂସ୍ଥା ପକ୍ଷରୁ ବାହ୍ୟମଳ ମୁକ୍ତ ସହର ତଥା ଓଡିଏଫ୍++ ମାନ୍ୟତା ମିଳିଛି। କିନ୍ତୁ ବାସ୍ତବ ଚିତ୍ର ସାଧାରଣରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିବାରେ ଲାଗିଛି। ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଏକାଧିକ କୋଠା, ହଷ୍ଟେଲ, ହୋଟେଲ ଆଦି ଘରୋଇ ଅନୁଷ୍ଠାନ ବେଆଇନ ଭାବେ ଗଢ଼ି ଉଠୁଛି। ଯେଉଁମାନଙ୍କର ନିଜସ୍ୱ ମଳ ପରିଚାଳନା ବନ୍ଦୋବସ୍ତ ନାହିଁ, ଉକ୍ତ ହଷ୍ଟେଲ, ହୋଟେଲର ମଳ ଓ ଅନ୍ୟ ବର୍ଜ୍ୟ ଖୋଲା ଡ୍ରେନରେ ଛାଡୁଛନ୍ତି। ଫଳରେ ମଳ ଖୋଲା ଡ୍ରେନରେ ଆସୁଥିବାରୁ ଦୁର୍ଗନ୍ଧ ହେବା ସହ ଯାତାୟାତରେ ଅସୁବିଧା ହେଉଛି। ବର୍ଜ୍ୟଜଳକୁ ମୋଟର ସାହାଯ୍ୟରେ ନାଳରେ ଛାଡୁଥିବା ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିବା ସହ ଓଡ଼ିଶା ଶିଳ୍ପ ଭିତ୍ତିଭୂମି ବିକାଶ ନିଗମ (ଇଡ୍‌କୋ) ଏବଂ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ଦୃଷ୍ଟି ଆକର୍ଷଣ କରିଥିଲେ। ଏ ନେଇ ସମ୍ପୃକ୍ତ ମାଲିକଙ୍କୁ ବିଏମ୍‌ସି ଓ ଇଡ୍‌କୋ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା। ଏହାସତ୍ତ୍ୱେ ଉକ୍ତ କୋଠାରୁ ଗୁରୁବାର ବର୍ଜ୍ୟ ଡ୍ରେନ୍‌ରେ ଛଡ଼ାଯାଉଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

ଅନ୍ୟପଟେ ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ବର୍ଷକୁ ମାତ୍ର ଥରେ ବର୍ଷାଦିନ ପୂର୍ବରୁ ଇଡ୍‌କୋ ପକ୍ଷରୁ ଡ୍ରେନ ସଫେଇ କରାଯାଉଛି। ଏହି ଶିଳ୍ପାଞ୍ଚଳର ଏକାଧିକ କୋଠା ଏବେ ଇଡ୍‌କୋର ବିନା ଅନୁମତିରେ ଚାଲିଛି। ଇଡ୍‌କୋ ପକ୍ଷରୁ ଏକାଧିକ ପ୍ଲଟକୁ ନୋଟିସ୍ ଦିଆଯାଇଥିଲେ ମଧ୍ୟ ଉକ୍ତ ପ୍ଲଟରେ ମୂଳ ମାଲିକ ଅନୁପସ୍ଥିତ ଥିବାବେଳେ ତତ୍କାଳୀନ ମାଲିକ ଉକ୍ତ ପ୍ଲଟ ଉପରେ ହାଇକୋର୍ଟରୁ ସ୍ଥଗିତାଦେଶ ଆଣିଛନ୍ତି। ଫଳରେ ଉକ୍ତ ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାରେ ଇଡ୍‌କୋ ପକ୍ଷରୁ କାର୍ଯ୍ୟାନସ୍ଥାନ ଗ୍ରହଣ ସମ୍ଭବ ହେଉ ନାହିଁ। ସେପଟେ ଉକ୍ତ ହଷ୍ଟେଲ ଓ ହୋଟେଲ ମାଲିକଙ୍କ ମନମାନି ଦିନକୁ ଦିନ ବଢୁଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଉଛି। ସୂଚନାଥାଉ କି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ପ୍ଲଟ ନଂ.୧୬୪ ଓ ଏହାର ସଲଂଗ୍ନ ପ୍ଲଟରେ ନିଜସ୍ୱ ମଳ ପରିଚଳନା ବ୍ୟବସ୍ଥା ନାହିଁ କିମ୍ବା ସେମାନଙ୍କର କୋଠାରୁ ବାହାରୁ ଥିବା ବର୍ଜ୍ୟ ଜଳ ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଇଡ୍‌କୋ ଅଧିକାରୀଙ୍କ ଯାଞ୍ଚରେ ଅବହେଳା ପାଇଁ ଏପରି ବେଆଇନ କାର୍ଯ୍ୟ ହେଉଥିବା ଲୋକ ଅଭିଯୋଗ କରିଛନ୍ତି। ମଞ୍ଚେଶ୍ୱର ଏମ୍‌ଏସ୍‌ଏମ୍‌ଇ-୧ କାର୍ଯ୍ୟାଳୟର ବିଭାଗର ଇଡ୍‌କୋ ଅଧିକାରୀଙ୍କ କହିବାନୁସାରେ ପ୍ରତ୍ୟେକ କୋଠାରୁ ବାହାରୁଥିବା ମଳ ଓ ବର୍ଜ୍ୟ ଜଳ ପରିଚାଳନା ଦାୟିତ୍ୱ ମାଲିକଙ୍କୁ ଦିଆଯାଇଛି। ଡ୍ରେନରେ କେବଳ ବର୍ଷାଜଳ ପ୍ରବାହିତ ହେବା ପାଇଁ ନିର୍ମାଣ କରାଯାଇଛି। ନିଜ ଘରୁ ବା ଅନୁଷ୍ଠାନରୁ ବାହାରୁ ଥିବା ବର୍ଜ୍ୟ ଜଳକୁ ବାହାରେ ଛାଡୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

**ବର୍ଜ୍ୟ ନିଷ୍କାସନ ସଂଯୋଗ ନ କାଟିଲେ କାର୍ଯ୍ୟାନୁଷ୍ଠାନ**

ଇଡ୍‌କୋ ଅଧୀନରେ ସମ୍ପୃକ୍ତ ଅନୁଷ୍ଠାନ ରହୁଛି। ତେଣୁ ପରିମଳ ବ୍ୟବସ୍ଥାର ତଦାରଖ ଦାୟିତ୍ୱ ମଧ୍ୟ ଇଡ୍‌କୋର ରହିଛି। ଏପରି ଅଭିଯୋଗ ପାଇ ବିଏମ୍‌ସି ପକ୍ଷରୁ ଇଡ୍‌କୋକୁ ଅବଗତ କରାଯାଇଛି। ଅନ୍ୟପଟେ ୧୦ଦିନ ମଧ୍ୟରେ ଡ୍ରେନରୁ ମଳାଦି ବର୍ଜ୍ୟ ନିଷ୍କାସନ ପାଇଁ ସଂଯୋଗ କାଟିବାକୁ ଇଡ୍‌କୋ ପକ୍ଷରୁ ସମ୍ପୃକ୍ତ ମାଲିକଙ୍କୁ ତାଗିଦ କରାଯାଇଥିଲା। ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ପୁଣିଥରେ ଏଥିପ୍ରତି ଆଲୋଚନା କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।

- ପୁରନ୍ଦର ନନ୍ଦ, ଜୋନାଲ ଡେପୁଟି କମିଶନର(ଉତ୍ତର)

**ଦିନରେ ମଇଳା ଆସୁଥିଲା, ଏବେ ରାତିରେ ଛାଡୁଛନ୍ତି**



ଇଡ୍‌କୋ ପକ୍ଷରୁ ପରିମଳ ବ୍ୟବସ୍ଥାର ଯାଞ୍ଚ ହେଉ ନାହିଁ। ଯାଞ୍ଚ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଖାମଖିଆଲି ପାଇଁ କିଛି ଅସାଧୁ ବ୍ୟକ୍ତି ନିଜସ୍ୱ ମଳ ପରିଚାଳନା ବ୍ୟବସ୍ଥା ନ ଆପଣାଇ ଖୋଲା ଡ୍ରେନରେ ଏପରି ଆବର୍ଜନା ଛାଡୁଛନ୍ତି। ପୂର୍ବରୁ ମଇଳା ପାଣି ଦିନରେ ବି ଆସୁଥିଲା, ହେଲେ ଏନେଇ ଅଭିଯୋଗ ହେବା ପରେ ମଇଳା ପାଣିକୁ ହୋଟେଲ ମାଲିକ ଓ ହଷ୍ଟେଲ କର୍ତ୍ତୃପକ୍ଷ ରାତିରେ ଛାଡୁଛନ୍ତି। ପୂର୍ବରୁ ନାଳ ସଫା ହେଉଥିବାରୁ ଦୁର୍ଗନ୍ଧ କମ୍ ହେଉଥିଲା ହେଲେ ଏବେ ଉକ୍ତ ମଇଳା ପାଣି ନାଳରେ ଜମି ରହୁଛି, ଫଳରେ ପ୍ରବଳ ଗନ୍ଧ ହେଉଛି।

- ଶ୍ରୀଧର ଜେନା, ସ୍ଥାନୀୟ ବ୍ୟବସାୟୀ

**ନିୟମିତ ଡ୍ରେନ ସଫା ହେବା ଜରୁରୀ**



ଶିଳ୍ପାଞ୍ଚଳର ପ୍ରାୟ ସବୁ ଗଳିକନ୍ଦି ଅବସ୍ଥା ସମାନ। ଅଳିଆ ଆବର୍ଜନା ରାସ୍ତାରୁ ଉଠୁ ନ ଥିବାବେଳେ ଡ୍ରେନ ମଧ୍ୟ ସଫା ହେଉନାହିଁ। ବନ୍ଦ ଡ୍ରେନ ଭିତରୁ ବାହାରୁ ଥିବା ଦୁର୍ଗନ୍ଧରେ ରାସ୍ତା ଯାତାୟାତ କରି ହେଉନି। ଛୋଟ ଛୋଟ ଗଳିର ଡ୍ରେନ ମୁଖ୍ୟ ରାସ୍ତାରେ ଆସି ମିଶିଛି , ସେଠାରେ ମଇଳା ପାଣି ଅଟକି ରହୁଛି ନିୟମିତ ଡ୍ରେନ ସଫା ହେଲେ ଓ ନିୟମ ଅନୁପାଳନ ନେଇ ଅଧିକାରୀ ଯତ୍ନବାନ ହେଲେ ଏପରି ସ୍ଥିତି ଦେଖାଯିବ ନାହିଁ।

- ସନ୍ଦୀପ୍ତ ଶେଖର ପଣ୍ଡା, ଅଞ୍ଚଳବାସୀ

### ରାସ୍ତାରେ ଜଳିଗଲା ବାଇକ୍



ଭୁବନେଶ୍ୱର,୯।୨(ବ୍ୟୁରୋ)

ରାସ୍ତା ଉପରେ ଜଳିଗଲା କେଟିଏମ୍ ବାଇକ୍। ବମିଖାଲ ଓଭର୍‌ବ୍ରିଜ୍ ତଳେ ଏପରି ଅଘଟଣ ଗୁରୁବାର ଅପରାହ୍ଣରେ ଦେଖିବାକୁ ମିଳିଛି। ଚାଳକ ଜଣଙ୍କ ବାଇକ୍ ରଖି ଏକ ଦୋକାନକୁ ଯାଇଥିବା ବେଳେ ହଠାତ ବାଇକଟି ହୁତୁହୁତୁ ହୋଇ ଜଳିଯାଇଥିଲା। ବାଇକ୍ ମାଲିକ ତୁରନ୍ତ ଆସି ବାଲି ପକାଇଥିଲେ ମଧ୍ୟ ନିଆଁକୁ ଆୟତ୍ତ କରିପାରିନଥିଲେ। ପରେ କିଛି ଦୋକାନର କର୍ମଚାରୀମାନେ ପାଣି ପକାଇ ନିଆଁକୁ ଆୟତ୍ତ କରିଥିଲେ। ତେବେ କେଉଁ କାରଣରୁ ଏପରି ଅଗ୍ନିକାଣ୍ଡ ଘଟିଲା ତାହାର ଅସ୍ପଷ୍ଟ ରହିଛି। ଅନ୍ୟପଟେ ବାଣୀବିହାର ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଥିବା କାଜୁ ଫିଲ୍ଡରେ ବୁଧବାର ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡିନଥିବା ବେଳେ କେହି ଅଳିଆ ଗଦା କିମ୍ବା ସିଗାରେଟ ଖାଇ ପଡ଼ିଆରେ ପକାଇଥିବାରୁ ନିଆଁ ବ୍ୟାପିଯାଇଥିବା ଅନୁମାନ କରାଯାଉଛି। ଖବର ପାଇ ଅଗ୍ନିଶମ ଗାଡି ଆସି ନିଆଁକୁ ଆୟତ କରିବାରେ ସଫଳ ହୋଇଥିଲା।

# ଭାଷାକୁ ଆଗକୁ ନେବା ଲେଖକର ଦାୟିତ୍ୱ



ବିଶିଷ୍ଟ ସାହିତ୍ୟିକା ପ୍ରତିଭା ରାୟ ଓ ଅନ୍ୟ ଅତିଥିଙ୍କ ସହ ପୁରସ୍କୃତ ଯୁବ ଲେଖକମାନେ।

ଭୁବନେଶ୍ୱର,୯।୨(ବ୍ୟୁରୋ)

**ପେନ୍ ଇନ୍ ପକ୍ଷରୁ ଯୁବ ଲେଖକ ପୁରସ୍କାର**

ପାପ, ପୁଣ୍ୟର ସଜ୍ଞା ବଦଳିଗଲାଣି। ସମୟ ଓ ଈଶ୍ୱରଦତ୍ତ ପ୍ରତିଭାର ଅପବ୍ୟବହାର କରିବା ହିଁ ପାପ। ମାନବ ସମାଜର ୨ଟି ବିସ୍ମୟକର ଉଦ୍ଭାବନ ହେଲା ଅଗ୍ନି ଓ ଭାଷା। ଅଗ୍ନି ଆକସ୍ମିକ ଭାବେ ଉଦ୍ଭାବନ ହୋଇଥିବା ବେଳେ ଭାଷା ଗଢ଼ିବାକୁ ସହସ୍ର ବର୍ଷ ଲାଗିଥାଏ। ଗୋଟିଏ ପିଢ଼ି ଯଦି ଏଥିରେ ଅବହେଳା କରିବ ତାହେଲେ ଭାଷା ମରିଯିବ। ଲେଖକର ଦାୟିତ୍ୱ ଭାଷାକୁ ଆଗକୁ ନେବା। ଓଡ଼ିଆ ଭାଷାର ସ୍ଥିତି ନେଇ ମୁଁ ଆଶାବାଦୀ ବୋଲି ଗୁରୁବାର ସ୍ଥାନୀୟ ଏକ ହୋଟେଲରେ 'ପେନ୍ ଇନ୍ ବୁକ୍ସ' ପକ୍ଷରୁ ଆୟୋଜିତ ୬ଷ୍ଠ ଯୁବ ଲେଖକ ପୁରସ୍କାର ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକା ପ୍ରତିଭା ରାୟ ମତବ୍ୟକ୍ତ କରିଛନ୍ତି। ମୁଖ୍ୟବକ୍ତା ଭାବେ ସାହିତ୍ୟିକା ଗାୟତ୍ରୀବାଳା ପଣ୍ଡା ଯୋଗ ଦେଇଥିଲେ। ଏହି ଅବସରରେ ୨୦୨୨ ପାଇଁ ୧୦ଜଣ ଯୁବ ଲେଖକଙ୍କୁ ପୁରସ୍କୃତ କରାଯାଇଛି। ମନୋନୀତ ପାଣ୍ଡୁଲିପି ମଧ୍ୟରେ ୪ଟି ଉପନ୍ୟାସ, ୩ଟି କବିତା ସଂକଳନ ଓ ୨ଟି ଗଳ୍ପ ସଂକଳନ ଥିବାବେଳେ ଗୋଟିଏ ପ୍ରବନ୍ଧ ସଂକଳନ ରହିଛି। ଉପନ୍ୟାସ 'ଯୁଯୁତ୍ସା' ପାଇଁ ଅଳଙ୍କାର ଆଚାର୍ଯ୍ୟ, 'ନିରବତା' ପାଇଁ ସୋନାଲି ଗଡ଼ନାୟକ, 'ନହକା ଆକାଶ' ପାଇଁ ବିଭୁ ହୋତା, ଗଳ୍ପ 'ଜୀବନର ଚଉହଦି' ପାଇଁ ଭୁବନେଶ୍ୱରୀ ପଣ୍ଡା, ପ୍ରବନ୍ଧ 'ବାଧିଲା ଜାଣି କ୍ଷମା' ପାଇଁ ନିଖିଳେଶ ମିଶ୍ର, କବିତା 'ଗୃହବନ୍ଦୀରେ ଈଶ୍ୱର' ପାଇଁ ରୂପେଶ ସାହୁ, ଗୀତିକବିତା 'ସୂଚୀପତ୍ର' ପାଇଁ ବିନୟ ଭୂଷଣ ମହାପାତ୍ର, ଗଳ୍ପ 'ଆକାଶର ସହଯାତ୍ରା' ପାଇଁ ସ୍ମୃତିଲଗ୍ନା ନନ୍ଦ, ଉପନ୍ୟାସ 'ମୁକ୍ତା' ପାଇଁ ଦେବାଶିଷ ପଣ୍ଡା ଓ କବିତା ପାଣ୍ଡୁଲିପି 'ରମାଦେବୀରେ ବର୍ଷା' ପାଇଁ ସ୍ୱୟଂ ସମ୍ପୂର୍ଣ୍ଣା କରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ୫ମ ସଂସ୍କରଣରେ ପୁରସ୍କୃତ ହୋଇଥିବା ଯୁବ ଲେଖକଙ୍କ ପୁସ୍ତକ ଉନ୍ମୋଚିତ ହୋଇଥିଲା। ସେଥିମଧ୍ୟରୁ ୮ଟି ପୁସ୍ତକ ଓଡ଼ିଆରେ, ଗୋଟିଏ ହିନ୍ଦୀ ଓ ଇଂରାଜୀ ରହିଥିଲା। କାର୍ଯ୍ୟକ୍ରମକୁ କଥାଶିଳ୍ପୀ ଶୁଭ୍ରାଂଶୁ ପଣ୍ଡା ସଭାପତିତ୍ୱ କରିଥିବା ବେଳେ ମୃତ୍ୟୁଞ୍ଜୟ ରଥ ଉପସ୍ଥାପନା କରିଥିଲେ।

### ଆଜିଠୁ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା

ଭୁବନେଶ୍ୱର,୯।୨(ବ୍ୟୁରୋ)

ଓଡ଼ିଶା ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ ପକ୍ଷରୁ ଇଡ୍‌କୋ ପ୍ରଦର୍ଶନୀ ପଡିଆରେ ଶୁକ୍ରବାରଠାରୁ ୧୫ତମ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା ଅନୁଷ୍ଠିତ ହେଉଛି। ଏହା ୧୬ ତାରିଖ ପର୍ଯ୍ୟନ୍ତ ଦିନ ୧୦ଟାରୁ ରାତି ୯ ଯାଏ ଖୋଲା ରହିବ। ମେଳାରେ ୧୩୦ଟି ଷ୍ଟଲ ପଡିବ। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ଔଷଧୀୟ ବୃକ୍ଷଲତା ସହ ସଂପୃକ୍ତ ବ୍ୟକ୍ତିବିଶେଷ, ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଅଭିଜ୍ଞ ବୈଦ୍ୟ, କବିରାଜ, ସ୍ୱୟଂ ସହାୟକ ଗୋଷ୍ଠୀ, ବନ ସଂରକ୍ଷଣ ସମିତି ଆଦି ଅଂଶଗ୍ରହଣ କରୁଛନ୍ତି। ସର୍ବସାଧାରଣଙ୍କ ନିମନ୍ତେ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା ବ୍ୟବସ୍ଥା, ବୟସ୍କ ନାଗରିକ ମାନଙ୍କର ଦରାରୋଗ୍ୟ ବ୍ୟାଧି ଯଥା ଅମ୍ଳପିତ୍ତ, ଅମାବାତ, ଗଣ୍ଠିବାତ, ମଧୁମେହ, ସ୍ତ୍ରୀ ରୋଗ, ଉଚ୍ଚ ରକ୍ତଚାପ ଓ ହୃଦରୋଗ ଆଦି ଉପରେ ଆଲୋଚନାଚକ୍ର, ବୈଦ୍ୟ କର୍ମଶାଳା, ବନସ୍ପତି କ୍ରେତା - ବିକ୍ରେତାମାନଙ୍କର କର୍ମଶାଳା, ଆୟୁର୍ବେଦ ଡାକ୍ତରମାନଙ୍କ ସମ୍ମିଳନୀ ଆୟୋଜନ କରାଯାଉଛି। ଯୋଗ ପ୍ରଶିକ୍ଷଣ ଶିବିର ଆୟୋଜନ ହୋଇଛି। ଏତଦ୍ ବ୍ୟତୀତ ବିଭିନ୍ନ ପ୍ରକାର ଚିକିତ୍ସା ପଦ୍ଧତି ଯଥା ଆୟୁର୍ବେଦ, ପଞ୍ଚକର୍ମ, ଯୋଗ ଓ ପ୍ରାକୃତିକ ଚିକିତ୍ସା, ହୋମିଓପାଥି, ଆକ୍ୟୁପେସର ମାଧ୍ୟମରେ ପରାମର୍ଶ ଓ ଚିକିତ୍ସା ବ୍ୟବସ୍ଥା ରହିଛି ବୋଲି ଗୁରୁବାର ପରିଷଦ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀ କାର୍ଯ୍ୟନିର୍ବାହୀ ସୁଦୀପ ନାୟକ ଓ ଅନସୂୟା ସାରଙ୍ଗୀ ସୂଚନା ଦେଇଛନ୍ତି।

### ସୁଚିସ୍ମିତା ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ସଭାପତି

ଭୁବନେଶ୍ୱର, ୯।୨ (ବ୍ୟୁରୋ)

ଓଡ଼ିଶା ନର୍ସିଂ କର୍ମଚାରୀ ସଂଘର କର୍ମକର୍ତ୍ତା ନିର୍ବାଚନ ଓଏସ୍‌ଏସ୍‌ଏ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସୁଚିସ୍ମିତା ଦାଶ ୩୦୩୪ ଭୋଟ ପାଇ ସଭାପତି ଓ ଅଶ୍ୱିନୀ କୁମାର ଦାସ ୩୨୧୨ ଭୋଟ ପାଇ ସମ୍ପାଦକ ନିର୍ବାଚିତ ହୋଇଛନ୍ତି। ଏଥିସହ ଉପସଭାପତି ଭାବେ ମୁରାରିଧର ମିଶ୍ର, ଯୁଗ୍ମ ସମ୍ପାଦକ ଭାବେ ଗୁରୁବାରୀ ସେଠୀ, ରିଲୁ କୁମାର ପଲାଇ, କୋଷାଧ୍ୟକ୍ଷ ଭାବେ ମନୋରଞ୍ଜନ ସେଠୀ ଏବଂ ଅଡିଟର ଭାବେ ମୋନାଲିଶା ବେହେରା ନିର୍ବାଚିତ ହୋଇଥିଲେ। ନୂତନ କର୍ମକର୍ତ୍ତାମାନେ ସଂଘର ସମସ୍ତ ଆଇନଗତ ଦାବି ଶୀଘ୍ର ପୂରଣ କରିବା ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

### ପୁରୁଣା ସ୍ମୃତି ଉଜ୍ଜୀବିତ କଲେ



ଭିଙ୍ଗାରପୁର ଶ୍ରୀବକ୍ରେଶ୍ୱର ଉଚ୍ଚ ବିଦ୍ୟାଳୟର ୧୯୭୧ ବ୍ୟାଚ୍ ଛାତ୍ରୀଛାତ୍ର।

ବାଲିଅନ୍ତା,୯।୨(ଡି.ଏନ୍.ଏ.)

ଭିଙ୍ଗାରପୁର ଶ୍ରୀବକ୍ରେଶ୍ୱର ଉଚ୍ଚ ବିଦ୍ୟାଳୟର ୧୯୭୧ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ବାଲିଅନ୍ତାସ୍ଥିତ ମା' ଉତ୍ତରମୁଖୀ ମନ୍ଦିର ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଦୀପ ନାୟକ ଓ ନିରଞ୍ଜନ ସାହୁ ଅତିଥି ରୂପେ ଯୋଗଦେଇଥିଲେ। ଦୀର୍ଘ ୫୩ ବର୍ଷ ତଳର ସ୍ମୃତିକୁ ଛାତ୍ରୀଛାତ୍ରମାନେ ନିଜ ଭିତରେ ଉଜ୍ଜୀବିତ କରି ଖୁସି ହୋଇଥିଲେ। ଦିବଂଗତ ଛାତ୍ରୀଛାତ୍ରଙ୍କ ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ୩୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଉତ୍ସବକୁ ବଂଶୀଧର ବେହେରା, ପ୍ରଦୋଷ ପତି, ଗଙ୍ଗାଧର ସାମଲ, ହରଗୋବିନ୍ଦ ନନ୍ଦ, ଗୋବିନ୍ଦ ଚନ୍ଦ୍ର ଦାଶ ପ୍ରମୁଖ ପରିଚାଳନା କରିଥିଲେ।

# ୧୨ରୁ କ୍ୟାପିଟାଲ ହାଇସ୍କୁଲରେ 'ସ୍ପେସ୍ ଅନ୍ ହୁଇଲ୍' ପ୍ରଦର୍ଶନୀ

ଭୁବନେଶ୍ୱର, ୯।୨ (ବ୍ୟୁରୋ)



ବୈଠକରେ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଅନ୍ୟମାନେ।

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ), ମହାକାଶ ପ୍ରୟୋଗ କେନ୍ଦ୍ର ଓ ବିକ୍ରମ ସରାଭାଇ ମହାକାଶ ପ୍ରଦର୍ଶନୀ ପକ୍ଷରୁ ଆସନ୍ତା ୧୨ ତାରିଖରୁ ୩ଦିନ ଧରି କ୍ୟାପିଟାଲ ହାଇସ୍କୁଲରେ 'ସ୍ପେସ୍ ଅନ୍ ହୁଇଲ୍' ପ୍ରଦର୍ଶନୀ ଆୟୋଜିତ ହେବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ବିଜ୍ଞାନ ଓ ବୈଷୟିକ ବିଦ୍ୟା ବିଭାଗର ମିଳିତ ସହଯୋଗରେ ହେବାକୁ ଥିବା ଏହି ପ୍ରଦର୍ଶନୀକୁ ନେଇ ଗୁରୁବାର ଏକ ପ୍ରସ୍ତୁତି ବୈଠକ ବିଜ୍ଞାନ ଓ ବୈଷୟିକ ବିଦ୍ୟା, ସାମାଜିକ ନିରାପତ୍ତା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ସମେତ ଅନ୍ୟ ଜିଲାସ୍ତରୀୟ ପଦାଧିକାରୀ ଉପସ୍ଥିତ ଥିଲେ। ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ମହାକାଶ ଏବଂ ମହାକାଶ ବିଜ୍ଞାନ ସମ୍ପର୍କିତ ସୂଚନା ପ୍ରଦାନ ଓ ଜ୍ଞାନ ଆହରଣ କରାଇବା, ୫୦ବର୍ଷ ଧରି ଭାରତୀୟ ମହାକାଶ ବିଜ୍ଞାନର ସଫଳତାକୁ ଲୋକଲୋଚନକୁ ଆଣିବା ଏହି ପ୍ରଦର୍ଶନୀର ମୁଖ୍ୟ ଉଦ୍ଦେଶ୍ୟ। ମହାକାଶ ଗବେଷଣାର ଇତିହାସ, ମହାକାଶକୁ ଯାତ୍ରା, ଉପଗ୍ରହକୁ ଅବସ୍ଥାପିତ କରୁଥିବା ଯାନ, ପାରସ୍ପରିକ ଆଲୋଚନା, ମଡେଲ ଏବଂ ବିଶେଷଜ୍ଞଙ୍କ ସହିତ ଆଲୋଚନା, ବିଷୟଭିତ୍ତିକ ଆଲୋଚନା, ଭିଡିଓ ଚିତ୍ର ଆଦି ପ୍ରଦର୍ଶିତ ହେବ। ପ୍ରଦର୍ଶନୀକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯିବ। ବୈଠକରେ ଅତିରିକ୍ତ ଜିଲାପାଳ, ଭୁବନେଶ୍ୱର ପ୍ରଫୁଲ୍ଲ କୁମାର ସ୍ୱାଇଁ, ଅତିରିକ୍ତ ଜିଲାପାଳ, ଖୋର୍ଦ୍ଧା ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ, ଜିଲା ପରିଷଦ ଦିଗନ୍ତ କୁମାର ରାଉତରାୟ, ବିଏମ୍‌ସି ଡେପୁଟି କମିଶନର ଶୁଭେନ୍ଦୁ କୁମାର ସାହୁ, କ୍ୟାପିଟାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଜିତେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟ ବାହାର କଳାକାରଙ୍କ ମନଲୋଭା ପ୍ରଦର୍ଶନ

ଭୁବନେଶ୍ୱର,୯।୨(ବ୍ୟୁରୋ)

**ତୋଷାଳି ମେଳାର ୯ମ ସନ୍ଧ୍ୟା**



ତୋଷାଳି ମେଳାର ଅଷ୍ଟମ ସନ୍ଧ୍ୟାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଆନୁକୂଲ୍ୟରେ ଆୟୋଜିତ ସପ୍ତଦଶ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳାର ସୋମବାର ନବମ ସନ୍ଧ୍ୟାରେ ରାଜ୍ୟ ବାହାର କଳାକାରମାନଙ୍କ ମନଲୋଭା ପ୍ରଦର୍ଶନ ମୁଖ୍ୟ ଆକର୍ଷଣ ସାଜିଥିଲା। ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବରେ ୱାର୍ଲ୍ଡ ସ୍କିଲ ସେଣ୍ଟର୍‌ର ମୁଖ୍ୟ ନିର୍ବାହୀ ଅଧିକାରୀ ଅଳକା ମିଶ୍ର, ହସ୍ତତନ୍ତ, ହସ୍ତଶିଳ୍ପ ଓ ବୟନ ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀକାନ୍ତ ପୃଷ୍ଟି ଏବଂ ହସ୍ତଶିଳ୍ପ ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ର ଯୋଗଦେଇଥିଲେ। ଅଷ୍ଟମ ସନ୍ଧ୍ୟାରେ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ହସ୍ତଶିଳ୍ପ ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ର ଏବଂ ବିଭାଗର ଅତିରିକ୍ତ ସଚିବ ବିକ୍ରମାଦିତ୍ୟ ବାରିକ, ସିଡାକ୍‌ର ମେମ୍ବର ସେକ୍ରେଟାରୀ ଶିଶିର କୁମାର ରଥ ଉପସ୍ଥିତ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟର ନୃତ୍ୟଶିଳ୍ପୀମାନେ ନୃତ୍ୟ ପରିବେଷଣ କରିଥିଲେ। ମହାରାଷ୍ଟ୍ରର ଆମ୍ରପଲ୍ଲି ଗ୍ରୁପ ଲାବଣୀ ଓ ଗୋନଧଡ୍ ନୃତ୍ୟ ପରିବେଷଣ କରିଥିବାବେଳେ ପଞ୍ଜାବର ରୁପେନ୍ଦର୍ ଡ୍ୟାନସ୍ ଗ୍ରୁପ ଓ ବିରାସତ୍ କଲଚର ସୋସାଇଟି, ଧନଉଲା ଭାଙ୍ଗରା ନୃତ୍ୟରେ ଜନତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଝାଡ଼ଖଣ୍ଡର ପୁରୁଲିଆ ଛଉ ଡ୍ୟାନ୍ସ ଏକାଡେମୀ ଅନନ୍ୟ ଓ ଚିତ୍ତାକର୍ଷକ ନୃତ୍ୟ ଦର୍ଶକଙ୍କୁ ଭରପୂର ମନୋରଞ୍ଜନର ଖୋରାକ ଦେଇଥିଲା।

**ପ୍ରଦୀପ ବିଶ୍ୱାଳଙ୍କ ଓଡ଼ିଆ କବିତାର ପଞ୍ଜାବୀ ସଂସ୍କରଣ ଲୋକାର୍ପିତ**

କବି ପ୍ରଦୀପ ବିଶ୍ୱାଳଙ୍କ କବିତାର ପଞ୍ଜାବୀ ସଂସ୍କରଣ ଉନ୍ମୋଚିତ ହୋଇଛି। ତାଙ୍କ ଓଡିଆ କବିତା ସଂକଳନ 'ଫେରିବା ବାଟରେ' ପଞ୍ଜାବୀ ଲେଖିକା ଗରିମା ଗର୍ଗ ପଞ୍ଜାବୀରେ ଅନୁବାଦ କରିଛନ୍ତି। ଏହାର ନାମ ରହିଛି 'ଦିଲ ସେ ଭାସେବେ'। ପୂର୍ବରୁ ଅସୀମା ପଟନାୟକ ଏହାର ହିନ୍ଦୀ ଅନୁବାଦ କରିଥିଲେ, ଯାହାର ନାମ ଥିଲା 'ଲୌଟ ତେ ରାସ୍ତେ ମେଁ'। ଜାନୁୟାରୀ ୨୮ ଓ ୨୯ରେ ଅନୁଷ୍ଠିତ ହୋଇଥିବା ତୋଷାଳି ସାହିତ୍ୟ ଉତ୍ସବ ଅବସରରେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକଙ୍କ ଉପସ୍ଥିତିରେ ଏହାର ଲୋକାର୍ପଣ ହୋଇଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୦ ଫେବୃୟାରୀ, ୨୦୨୩



**ସଂକ୍ଷେପରେ**

## ଅବକାରୀ ଚଢ଼ାଉ, ୯୭୦୦ ଲିଟର ପୋଚ ନଷ୍ଟ



ବେଗୁନିଆ/ବୋଲଗଡ଼, ୯।୨(ଡି.ଏନ୍.ଏ.): ବେଗୁନିଆ ଅବକାରୀ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚାଲିଥିବା ବେଆଇନ ମଦ ବେପାର ଭାଟି ଉପରେ ବିଭାଗ ପକ୍ଷରୁ ଗୁରୁବାର ଚଢ଼ାଉ କରାଯାଇଛି। ଏହି ଚଢ଼ାଉରେ ବିଭାଗୀୟ ପୋଲିସ କାହାକୁ ଗିରଫ କରିପାରି ନ ଥିବା ବେଳେ ୯୭୦୦ ଲିଟର ପୋଚ ଏବଂ ୫୦୦ ଲିଟର ରନ୍ଧା ମଦ ଜବତ କରି ନଷ୍ଟ କରିଥିଲା। ସୂଚନା ମୁତାବକ, ଧଳାପଥର, ମାଣିବନ୍ଧ, କୋଦବେରେଣି, ବଡପଦର, ଏକତାଳିଆ, ଗେଡିଆପଲ୍ଲି ଆଦି ଅଞ୍ଚଳରେ ମଦ ବେପାର ଚାଲୁଥିବା ଅଭିଯୋଗ ବାରମ୍ବାର ହୋଇଆସୁଛି। ଏନେଇ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ସେହିପରି ଏକତାଳିଆ କାଜୁ ଜଙ୍ଗଲ ପରିସରରେ ଚାଲିଥିବା ରନ୍ଧା ମଦ ଭାଟି ଉପରେ ଚଢ଼ାଉ କରାଯାଇଥିଲା। ତେବେ ସେଠାରୁ ରନ୍ଧାଳି ଓ ବ୍ୟବସାୟୀ ଚମ୍ପଟ ମାରିଥିଲେ।

## ୨୭ ଗ୍ରାମ୍ ହେରୋଇନ ଜବତ, ଜଣେ ଗିରଫ

ନିରାକାରପୁର, ୯।୨(ଡି.ଏନ୍.ଏ.): ଟାଙ୍ଗୀ ଅବକାରୀ ବିଭାଗ ଜଙ୍କିଆ ଥାନା ଛଣଗିରି ପଞ୍ଚାୟତ ଅନ୍ତର୍ଗତ ଅରାଙ୍ଗ-ଦେଉଳି ପାଟଣାଠାରେ ଚଢ଼ାଉକରି ୨୭ ଗ୍ରାମ ହେରୋଇନ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ସେ ହେଲେ ସୁମନ୍ତ ମଙ୍ଗରାଜ (୩୦)। ଏ ନେଇ ବିଭାଗ ପକ୍ଷରୁ ଏକ ମାମଲା (ନଂ.୯୧ /୨୩) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ତେବେ ଅଭିଯୁକ୍ତ ହେରୋଇନ କେଉଁଠୁ ଆଣିଲେ, ଏନେଇ ତଦନ୍ତ ଚାଲିଥିବା ଟାଙ୍ଗୀ ଅବକାରୀ ବିଭାଗ ଅଧିକାରୀ ଆଲୋକ ପ୍ରଧାନ କହିଛନ୍ତି।

## ଜଳିଗଲା ୬୦ କାଜୁ ଗଛ

ବେଗୁନିଆ, ୯।୨(ଡି.ଏନ୍.ଏ.): ବେଗୁନିଆ ବ୍ଲକ କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ କାଚରା ଗ୍ରାମ ନିକଟ ସରକାରୀ କାଜୁ ବଗିଚାରେ କେହି ଦୁର୍ବୃତ୍ତ ନିଆଁ ଲଗାଇଦେଇଥିବା ଜଣାପଡ଼ିଛି। ଏଥିରେ ପ୍ରାୟ ୬୦ରୁ ଅଧିକ ଗଛ ଜଳିଯାଇଛି। ଖବରପାଇ ବେଗୁନିଆ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସୂଚନାଥାଉ କି, କାଜୁ ଗଛରେ ବଉଳ ଆସିଥିଲା। ଆଉ ଦିନ କେଇଟା ପରେ ଗଛରେ ଫଳ ଆସିଥାନ୍ତା। ଏହା ପୂର୍ବରୁ କେହି ଅସାମାଜିକ ଏଭଳି କାଣ୍ଡ ଘଟାଇଥିବା ସ୍ଥାନୀୟ ଲୋକେ କହିଛନ୍ତି।

## ଦୋକାନ ଆଗରୁ କୃଷି ଯନ୍ତ୍ରପାତି ଚୋରି

ଯାଁଳା, ୯।୨(ଡି.ଏନ୍.ଏ.): ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ରାଧାଚରଣପୁର ତଳଖେତା ଛକ ନିକଟରେ ଥିବା ଏକ କୃଷି ଯନ୍ତ୍ରପାତି ଦୋକାନ ଆଗରୁ କେହି ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରି ନେଇଯାଇଛନ୍ତି। ଲୁଟର ଶିକାର ହୋଇଛନ୍ତି ବିକାଶ ବରାଳ। ସୂଚନା ମୁତାବକ, ତଳଖେତା ଛକ ନିକଟରେ ପ୍ରଶାନ୍ତଙ୍କ ଏକ କୃଷି ଯନ୍ତ୍ରପାତି ଦୋକାନ ରହିଛି। ସବୁଦିନ ପରି ପ୍ରଶାନ୍ତ ବୁଧବାର ରାତି ୯ଟାରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ସକାଳୁ ଦୋକାନ ଖୋଲିବା ପାଇଁ ଆସି ଦେଖନ୍ତି ତାଙ୍କ ଦୋକାନ ଆଗରେ ରହିଥିବା କୃଷି ଯନ୍ତ୍ରପାତି ଚୋରି ହୋଇଯାଇଛି। ଏନେଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ଜିଆର୍‌ଏସ୍, କନିଷ୍ଠଯନ୍ତ୍ରୀଙ୍କୁ ୧ ହଜାର ଲେଖାଏ ଜରିମାନା

**ସିଉଳାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅନିୟମିତତା ପ୍ରସଙ୍ଗ**

- କାର୍ଯ୍ୟରେ ଅବହେଳା, ତ୍ରୁଟି ପାଇଁ ଦଣ୍ଡ ଗଣିବେ
- ସ୍ୱାସ୍ଥ୍ୟଗତ ସମସ୍ୟା ନ ଥିଲେ ବରିଷ୍ଠ ନାଗରିକ କାମ କରିପାରିବେ
- ଗୋଷ୍ଠୀଗତ ଶ୍ରମିକଙ୍କ ଆପତ୍ତି ନ ଥିଲେ ସୁଯୋଗ ପାଇବେ

ଖୋର୍ଦ୍ଧା ଅଫିସ, ୯।୨:

ବୋଲଗଡ଼ ବ୍ଲକ ପିଚୁକୁଳି ପଞ୍ଚାୟତ ସିଉଳା ମୌଜାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଚାଲିଥିବା ପ୍ରକଳ୍ପରେ ଅନିୟମିତତା, ଜବକାର୍ଡଧାରୀଙ୍କ ପରିବର୍ତ୍ତେ ମେଶିନ କାମ କରୁଥିବା ଏବଂ ଗୋଚର ଜମିରେ ପ୍ରକଳ୍ପ ନିର୍ମାଣ ଚାଲିଥିବା ନେଇ ଗ୍ରାମବାସୀ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଲୋକପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏନେଇ ଲୋକପାଳ ଏକ ମାମଲା ରୁଜୁକରି ଘଟଣାସ୍ଥଳ ଅନୁଧ୍ୟାନ କରିଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଗାଇଡଲାଇନ ଧାରା-୨୦୦୫ କାର୍ଯ୍ୟ ତ୍ରୁଟି ଲାଗି ଜିଆରଏସ୍ ଓ କନିଷ୍ଠଯନ୍ତ୍ରୀଙ୍କୁ ୧ହଜାର ଟଙ୍କା ଲେଖାଏ ଜରିମାନା କରିଛନ୍ତି। ଏଥିସହିତ ଏଥିରେ ନିୟୋଜିତ ଶ୍ରମିକଙ୍କୁ ପାରିଶ୍ରମିକ ମିଳିବା ପରେ ପ୍ରକଳ୍ପ କାମ ବନ୍ଦ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ କରିବା ଲାଗି କୌଣସି ବୟସ ସୀମା ନାହିଁ। ସ୍ୱାସ୍ଥ୍ୟଗତ ସମସ୍ୟା ନ ଥିଲେ କିମ୍ବା ଗୋଷ୍ଠୀଗତ ଭାବେ ଅନ୍ୟ ଶ୍ରମିକମାନଙ୍କ ଆପତ୍ତି ଅଭିଯୋଗ ନଥିଲେ ଯେ କୌଣସି ବରିଷ୍ଠ ନାଗରିକ ଏଥିରେ କାମ କରିବେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଗାଇଡଲାଇନ ଅନୁସାରେ ଗୋଟିଏ ପରିବାରକୁ ଶହେ ଦିନିଆ କାମ ଯୋଗାଇ ଦିଆଯିବ। ଏନେଇ ଜଣେ ବରିଷ୍ଠ ନାଗରିକ ପେନସନ ପାଉଥିଲେ ମଧ୍ୟ ଏଥିରେ କାମ ପାରିବେ। ଗୋଚର ଜମିରେ ନିର୍ମାଣ କାର୍ଯ୍ୟ ଚାଲିଥିବା ନେଇ କନିଷ୍ଠଯନ୍ତ୍ରୀ ସ୍ୱୀକାର କରିଥିବା ଏବଂ ପଞ୍ଚାୟତିରାଜ ବିଭାଗର ୨୦୨୦ ଡିସେମ୍ବର ୨୯ ପ୍ରକାରେ ଚିଠି କମାଙ୍କ ନଂ.୨୦୮୦୭ ପ୍ରକାରେ ଗୋଚର ଜମିରେ ପ୍ରକଳ୍ପ ନିର୍ମାଣ ଲାଗି ଅନୁମତି ଦିଆଯାଇଛି। ତେଣୁ ଗୋଚର ଜମିରେ ପ୍ରକଳ୍ପ ନିର୍ମାଣ ଚାଲିଥିବା ନେଇ ଅଭିଯୋଗକାରୀ ଆଣିଥିବା ଅଭିଯୋଗକୁ ରଦ୍ଦ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ସିଉଳା ମୌଜାରେ ଏକ ଗୋଚର ଜମିରେ ଫିଲ୍ଟ୍ର ବଣ୍ଡିଂ ଏବଂ ପର୍କୋଲେସନ ଟ୍ୟାଙ୍କ ଯୋଜନାରେ ୨ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି। ମାଟିକାମ ପାଇଁ ଜବ୍‌କାର୍ଡଧାରୀଙ୍କୁ ନିୟୋଜିତ ଲାଗି ବ୍ୟବସ୍ଥା ରହିଥିବା ବେଳେ ମେଶିନରେ କାମ କରାଯାଇଛି। ବିନା ସୂଚନା ଫଳକରେ କାମ ଚାଲିଥିବା ବେଳେ ଦୁଇଟି ପର୍ଯ୍ୟାୟରେ ୭୮ଟି କାର୍ଯ୍ୟ ଦିବସ ସୃଷ୍ଟି ହୋଇଥିବା ନେଇ ମଷ୍ଟର ରୋଲରେ ଦର୍ଶାଇ ସରକାରୀ ଅର୍ଥ ହରିଲୁଟ କରାଯାଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ୧୩ଜଣ ଜବ୍‌କାର୍ଡଧାରୀଙ୍କ ମଧ୍ୟରୁ ୪ଜଣ ବରିଷ୍ଠ ନାଗରିକ ରହିଥିବା ବେଳେ ସେମାନେ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ନେଇ ଗତ ୬ ତାରିଖରେ ଏକାଧିକ ଗ୍ରାମବାସୀ ଲୋକପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗକ୍ରମେ, ୭ ତାରିଖରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଲୋକପାଳ ଏକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି କାମର ଯାଞ୍ଚ ସହ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରିଥିଲେ। ନିର୍ମାଣାଧୀନ ପ୍ରକଳ୍ପ ସମ୍ପର୍କରେ ଆସିଥିବା ଅଭିଯୋଗ ଉପରେ ଜିଆର୍‌ଏସ୍ ଓ କନିଷ୍ଠଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଗାଇଡ୍‌ଲାଇନ ଅନୁସାରେ ମଷ୍ଟର ରୋଲ ପ୍ରସ୍ତୁତ କରାଯାଇଛି କି ନାହିଁ, ଦୈନିକ ରିପୋଟ ପଞ୍ଜୀକରଣ କରାଯାଉଛି କି ତାହାର ଯାଞ୍ଚ କରିଥିଲେ। ଅଭିଯୋଗକାରୀ ଆଣିଥିବା ଅଭିଯୋଗକୁ ଆଧାର କରି ତଦନ୍ତ ରିପୋର୍ଟକୁ ସାର୍ବଜନୀନ କରିଛନ୍ତି। ଏନେଇ ଜିଲା ପରିଷଦ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ କୁହନ୍ତି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମେଶିନ ଦ୍ୱାରା କାମ ହୋଇପାରିବ ନାହିଁ। ଏହା ସମସ୍ତ ବ୍ଲକସ୍ତରୀୟ ଅଧିକାରୀଙ୍କୁ ସୂଚିତ କରାଯାଇଛି। କୌଣସି ସ୍ଥାନରୁ ଅଭିଯୋଗ ଆସିଲେ ଟେକ୍ନିକାଲ ଟିମ ଦ୍ୱାରା ତଦନ୍ତ କରାଯାଉଛି। ପଞ୍ଜୀକୃତ ଜବ୍‌କାର୍ଡଧାରୀଙ୍କୁ ନିର୍ଦ୍ଧାରିତ ପ୍ରକଳ୍ପ ମାଧ୍ୟମରେ କାମ ଯୋଗାଇ ଦିଆଯାଉଛି। ଏଥିରେ ବ୍ୟତିକ୍ରମ ହୋଇଥିବା ନେଇ ପ୍ରମାଣିତ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଯୋଗାଣ ନିରୀକ୍ଷକ ଶିବ ପ୍ରସାଦଙ୍କୁ ଯଶସ୍ୱି ପ୍ରତିଭା ସମ୍ମାନ

କୃଷ୍ଣପ୍ରସାଦ, ୯।୨(ଡି.ଏନ୍.ଏ.):

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଯୋଗାଣ ନିରୀକ୍ଷକ ଶିବ ପ୍ରସାଦ ମହାନ୍ତିଙ୍କୁ ଅଲଣ୍ଡା ପଞ୍ଚାୟତର ତିଛିଣି ଗ୍ରାମ୍ୟ କମିଟି ପକ୍ଷରୁ 'ଯଶସ୍ୱି ପ୍ରତିଭା' ସମ୍ମାନ ଉପାଧିରେ ସମ୍ମାନିତ କରାଯାଇଛି। ସେ ଜଣେ ଦକ୍ଷ ପ୍ରଶାସକ ଏବଂ ସୁଲେଖକ ଭାବେ ମଧ୍ୟ ପରିଚିତ। ବିଭିନ୍ନ ପତ୍ରପତ୍ରିକାରେ ତାଙ୍କର ଅନେକ କାବ୍ୟ କବିତା ପ୍ରକାଶ ପାଇଛି। ତେବେ ଜଶସ୍ୱି ପ୍ରତିଭା ସମ୍ମାନ ଉପାଧିରେ ସମ୍ମାନିତ ହେବା ପରେ ବ୍ଲକ ପ୍ରଶାସନର ସମସ୍ତ କର୍ମକର୍ତ୍ତା, ଶୁଭେଚ୍ଛୁ ଓ ବନ୍ଧୁମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବୀଣାପାଣି ୟୁଥ କ୍ଲବ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ତିଛିଣି ଗ୍ରାମ୍ୟ କମିଟି ସଭାପତି ଶରତ ଚନ୍ଦ୍ର ଜେନା, କ୍ଲବ ସଭାପତି ରତ୍ନାକର ତରେଇ, ତ୍ରିଲୋଚନେଶ୍ୱର ବିଦ୍ୟାପୀଠ ପରିଚାଳନା କମିଟି ସଭାପତି ଶ୍ରୀଧର ପଲେଇ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷାବତ୍ କୁମର ସାହୁ ମଞ୍ଚ ପରିଚାଳନା କରିଥିଲେ।



ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ ନୀଳାମ୍ବୁ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟ ।

# ଓଡ଼ିଶୀ, ଢାପ ନୃତ୍ୟ ଦର୍ଶକଙ୍କ ମନ ମୋହିଲା

**ନୀଳାମ୍ବୁ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

ଟାଙ୍ଗୀ(ଖୋର୍ଦ୍ଧା), ୯।୨(ଡି.ଏନ୍.ଏ.):

ଟାଙ୍ଗୀ ବଳରାମ ବିଦ୍ୟାପୀଠ ଖେଳ ପଡିଆରେ ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଦ୍ୱାରା ଆୟୋଜିତ ନୀଳାମ୍ବୁ ମହୋତ୍ସବର ଗୁରୁବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି ଅବସରରେ ଆୟୋଜିତ ସଭାରେ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳ ସଭାପତିତ୍ୱ କରିଥିବା ବେଳେ ଅତିଥିଭାବେ ପୂର୍ବତନ ଜିଲାପାଳ ଦେବରାଜ ସେନାପତି, ବ୍ଲକ ଅଧକ୍ଷା ରିଙ୍କି ମାନ୍ଧାତା, ମହୋତ୍ସବ ଅଭ୍ୟର୍ଥନା କମିଟି ସଭାପତି ରାମଚନ୍ଦ୍ର ମହାପାତ୍ର, କମାଗୁରୁ କଲେଜ ଅଧକ୍ଷ ସୁଧାଂଶୁ ଶେଖର ମହାନ୍ତି, ଟାଙ୍ଗୀ ଡିସିସି କଲେଜ ଅଧକ୍ଷ ସୁଶାନ୍ତ କୁମାର ଶତପଥୀ, ବଳରାମ ଦେବ ବିଦ୍ୟାପୀଠ ପ୍ରଧାନଶିକ୍ଷକ ବିଶ୍ୱଜିତ୍ ପଲେଇ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ପରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ଜୟ ଦୁର୍ଗା କଳା ପରିଷଦ କଳାକାରଙ୍କ ଢାପ ନୃତ୍ୟ (ପଶ୍ଚିମ ଓଡ଼ିଶା କୃଷିଭିତ୍ତିକ ନାଚ), ନାରୁଣୀ ଉତ୍କଳିକା ସଙ୍ଗୀତ ଏକାଡେମୀ ଓ ଚାନ୍ଦପୁରର ପଶୁ ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସେହିପରି ମଦର ଷ୍ଟାର ସେବା ସଂସ୍ଥା ଦ୍ୱାରା ମା'ଦୁର୍ଗା ନୃତ୍ୟ, ଚାନ୍ଦପୁର ମା'ରାମଚଣ୍ଡୀ ପଶୁ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ଜିଣିଥିଲେ। ଅଧ୍ୟାପକ ସତ୍ୟନାରାୟଣ ମହାପାତ୍ର ମଞ୍ଚ ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମରେ ସଂଘ ଉପସଭାପତି ମନୋଜ କୁମାର ନାଇଡୁ, ପ୍ରଦୋଷ କୁମାର ଦାସ, ସନ୍ଦୀପନୀ ମିଶ୍ର, ଦୁର୍ଗା ପ୍ରସାଦ ଦାସ, ହିମାଂଶୁ ଭୂଷଣ ଚମ୍ପତିରାୟ, ବିକ୍ରମ କେଶରୀ ସାହୁ, ପ୍ରଶାନ୍ତ କୁମାର ବେହେରା, କମଳଲୋଚନ ପାଇକରାୟ, ସୂର୍ଯ୍ୟକାନ୍ତ ସାହୁ, ଜୟନ୍ତ କୁମାର ସୁବୁଦ୍ଧି, ଶ୍ୟାମ ସୁନ୍ଦର ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ମହୋତ୍ସବ ପଡ଼ିଆରେ ସରକାରଙ୍କ ବିଭିନ୍ନ ବିଭାଗ ଓ ଏସ୍‌ଏଚ୍‌ଜି ଗ୍ରୁପର ଷ୍ଟଲ ସହିତ ବିଭିନ୍ନ ଘରକରଣା ସାମଗ୍ରୀ ଷ୍ଟଲରେ ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା। ସେହିପରି ରାମ ଦୋଳି, ଡ୍ରାଗୋନ ଟ୍ରେନ, ବ୍ରେକ ଡ୍ୟାନ୍ସ ଦୋଳି ବୟସ୍କଙ୍କ ଠାରୁ ଆରମ୍ଭ କରି ପିଲାମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଆକୃଷ୍ଟ କରିଥିଲା।

## ପିଅନ ପଦବୀ ଉଚ୍ଛେଦ କରାଯାଇ ଅଫିସ ଆସିଷ୍ଟାଣ୍ଟ ହେଉ

**ସରକାରୀ କର୍ମଚାରୀ ସଂଘର ୪୦ତମ ସମ୍ମିଳନୀ**

ଖୋର୍ଦ୍ଧା ଅଫିସ, ୯।୨:

ନିଖିଳ ଉତ୍କଳ ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘର ୪୦ତମ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଂଘ ସଭାପତି ସରୋଜ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଘର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯାଇଥିଲା। ଉଦ୍ୟାନ ପ୍ରଶିକ୍ଷଣ ବିଭାଗର ଉପନିର୍ଦ୍ଦେଶକ ଗୌରାଙ୍ଗ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି, ସଂଘ ସାଧାରଣ ସମ୍ପାଦକ ସୁବଳ ମହାନ୍ତି, ସଦସ୍ୟ ସୁରେଶ ପରିଜା, ଜଗନ୍ନାଥ ପାଢୀ, ପ୍ରଫୁଲ୍ଲ ସିଂ, ଦେବାରାଜ ବାରିକ, ମୁରଲୀ ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସମ୍ମିଳନୀରେ ସଂଘର ୧୦ଟି ବ୍ଲକର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ବୟସ ସୀମା ୬୦ରୁ ୬୨କୁ ବୃଦ୍ଧି ଲାଗି ଦାବି କରାଯାଇଛି। ୧୫ପ୍ରତିଶତ ଘରଭଡ଼ା, କର୍ମଚାରୀଙ୍କୁ ସରକାରୀ କ୍ୱାର୍ଟର, ମେଡିକାଲ ଭତ୍ତା ୧୯୯୦ ଥଇଥାନ ଯୋଜନାର ନିୟମକୁ ପୁନର୍ବାର ଲାଗୁ, ୨୦୨୦ମସିହାରେ ପ୍ରଣିତ ଥଇଥାନ ଯୋଜନାରେ ପେମେଣ୍ଟ ସିଷ୍ଟମକୁ ଉଚ୍ଛେଦ କରାଯାଉ। ଜିଲା କାର୍ଯ୍ୟାଳୟରେ ବିନା କଟକଣାରେ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ ୩ୟ ଶ୍ରେଣୀ ପଦବୀରେ ପ୍ରତିବର୍ଷ ପଦୋନ୍ନତି, ପିଅନ ପଦବୀକୁ ଉଚ୍ଛେଦ କରାଯାଇ ଅଫିସ ଆସିଷ୍ଟାଣ୍ଟ କରାଯାଉ। ଏହି ଅବସରରେ ଆଗାମୀ ଦୁଇ ବର୍ଷ ଲାଗି ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଦେବରାଜ ବାରିକ ସଭାପତି, ବିଜୟ ନାୟକ ଓ ପୀତବାସ ନାୟକ ଉପସଭାପତି, ତ୍ରିନାଥ ସେଠୀ ସମ୍ପାଦକ, ସୁଶୀଲ ରାଉତରାୟ ଓ କାର୍ତ୍ତିକ ଘଡେଇ ଯୁଗ୍ମ ସମ୍ପାଦକ, ଜିତୁ ଦେହୁରୀ କୋଷାଧ୍ୟକ୍ଷ, ରୋଶନ ପାଢୀ ସଙ୍ଗଠନ ସମ୍ପାଦକ, ରାଜକିଶୋର ପାତ୍ର ସହ ସଙ୍ଗଠନ ସମ୍ପାଦକ ଏବଂ ସାଂସ୍କୃତିକ ସମ୍ପାଦକ ଭାବେ ବିରଞ୍ଚି ନାରାୟଣ ଦାସ ପ୍ରମୁଖ ମନୋନୀତ ହୋଇଛନ୍ତି। ଦୀପ୍ତିରେଖା ରଥ, ହେମନ୍ତ ପଲେଇ, ଶିବ କଲ୍ୟାଣ ସାହୁ, ରାଜେନ୍ଦ୍ର ଦଲେଇ, ପ୍ରହ୍ଲାଦ ପଣ୍ଡିତ, ଚନ୍ଦ୍ରକାନ୍ତ ମୁଦୁଲିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଗୁରୁଜଙ୍ଗ-ହଳଦିଆ ରାସ୍ତା କାର୍ଯ୍ୟ ନିମ୍ନମାନର



ଦାବିପତ୍ର ଦେବାକୁ ଆସିଥିବା ଛାତ୍ରକଂଗ୍ରେସର ସଦସ୍ୟ ।

- ଅଭିଯୋଗ ଆଣିଲା ଛାତ୍ର କଂଗ୍ରେସ
- ସପ୍ତାହରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ

ଖୋର୍ଦ୍ଧା ଅଫିସ, ୯।୨:

ଖୋର୍ଦ୍ଧା ଗୁରୁଜଙ୍ଗଠାରୁ ହଳଦିଆ ପର୍ଯ୍ୟନ୍ତ ଚାଲିଥିବା ନିର୍ମାଣ କାର୍ଯ୍ୟ ନିମ୍ନମାନର ବୋଲି ଅଭିଯୋଗ କରିଛି ଖୋର୍ଦ୍ଧା ଜିଲା ଛାତ୍ର କଂଗ୍ରେସ। ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଗୁରୁବାର ପୂର୍ତ୍ତ ବିଭାଗ ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଏକ ଘରୋଇ ଠିକା ସଂସ୍ଥା ଗୁରୁଜଙ୍ଗଠାରୁ ହଳଦିଆ ପର୍ଯ୍ୟନ୍ତ ୧୫କି.ମି. ରାସ୍ତା ନିର୍ମାଣ ଦାୟିତ୍ୱରେ ରହିଛି। ରାସ୍ତା ନିର୍ମାଣ ଲାଗି ବିଭାଗ ପକ୍ଷରୁ ରହିଥିବା ଗାଇଡ୍‌ଲାଇନକୁ ପାଳନ କରାଯାଉ ନ ଥିବା ଏବଂ କାମରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉଛି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ସହ ନିର୍ମାଣ କାର୍ଯ୍ୟରେ ଉଚ୍ଚମାନର ସାମଗ୍ରୀ ବ୍ୟବହାର ଲାଗି ଦାବି କରିଛନ୍ତି। ଆଗାମୀ ସପ୍ତାହ ମଧ୍ୟରେ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଛାତ୍ର କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଛାତ୍ର କଂଗ୍ରେସ ଜିଲା ସଭାପତି ସୌମ୍ୟରଞ୍ଜନ ବରାଳ ଚେତାବନୀ ଦେଇଛନ୍ତି।

# 'ତୃଣମୂଳସ୍ତରରୁ ସଙ୍ଗଠନ ସୁଦୃଢ଼ କର'

ବୋଲଗଡ଼, ୯।୨(ଡି.ଏନ୍.ଏ.):

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଅସରଳା ଗ୍ରାମ କୁଞ୍ଜବନ ମଠ ପରିସରରେ ଗୁରୁବାର କଂଗ୍ରେସ କର୍ମୀଙ୍କ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ନେତା ବିବେକାନନ୍ଦ ସ୍ୱାଇଁଙ୍କ ଆବାହକତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ପଞ୍ଚାୟତ କଂଗ୍ରେସ ସଭାପତି ପ୍ରଫୁଲ୍ଲ ଜୟସିଂହଙ୍କ ଉପସ୍ଥିତିରେ ଦୁର୍ଯ୍ୟୋଧନ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ଅସରଳା, ପୁଆଣିଆ, ମାଗୁରା ଆଦି ଗ୍ରାମର ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇ ପ୍ରତ୍ୟେକ ୱାର୍ଡ ଓ ବୁଥସ୍ତରରୁ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଶପଥ ନେଇଥିଲେ।



ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତା ଓ କର୍ମୀମାନେ ।

କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ସୀମାଞ୍ଚଳ ଖଣ୍ଡାଇ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସମ୍ମିଳନୀରେ ରବି ସ୍ୱାଇଁ, କୃଷ୍ଣ ପଟ୍ଟଯୋଶୀ, ରାମଚନ୍ଦ୍ର ପ୍ରଧାନ, ସନ୍ତୋଷ ଗୁମାନସିଂହ, କୁନୁ ପଟ୍ଟନାୟକ, ରାମ ପଟ୍ଟଯୋଶୀ, ପ୍ରଶାନ୍ତ ବରାଡ, ରବି ପାଲଟାସିଂ ପ୍ରମୁଖ ମତବ୍ୟକ୍ତ କରିଥିଲେ। ନଟବର ପାଣ୍ଡେ ଧନ୍ୟବାଦ ଦେଇଥିଲେ।

## ଖବରଦାତାଙ୍କୁ ଆକ୍ରମଣ ଉଦ୍ୟମ ଅଭିଯୋଗ

ବୋଲଗଡ, ୯।୨(ଡି.ଏନ୍.ଏ.):

ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅସରଳା ଗ୍ରାମରେ ଜଣେ ଖବରଦାତାଙ୍କୁ ଆକ୍ରମଣ ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ଅସରଳା ଗ୍ରାମରେ ଗୁରୁବାର ଅବକାରୀ ବିଭାଗ ଦେଶୀ ମଦ ତିଆରି କାରଖାନା ଉପରେ ଚଢ଼ାଉ କରି ମଦ ପ୍ରସ୍ତୁତି ସାମଗ୍ରୀ ଏବଂ ପୋଚ ନଷ୍ଟ କରିଥିଲେ। ପରେ ଉକ୍ତ ଗ୍ରାମର ଖବରଦାତା ବିଷ୍ଣୁ ପ୍ରସାଦ କରଙ୍କୁ କୌଣସି କାରଣ ନେଇ ଜଣେ ବ୍ୟକ୍ତି ଏକ କଟୁରି ଧରି ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଭୟଭୀତ ହୋଇ ବିଷ୍ଣୁପ୍ରସାଦ ନିଜ ଘର ଭିତରକୁ ପଳାଇଥିଲେ। ତାଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୪୨/୨୩) ରୁଜୁକରି ତଦନ୍ତ ଚଳାଇଛି।

# ନୀଳାଚଳ କ୍ଲବ ପୁରୀ ଫାଇନାଲରେ

**ବୁଦ୍ଧନାରାୟଣ ଫୁଟ୍‌ବଲ ଟୁର୍ନାମେଣ୍ଟ**

ଜଟଣୀ, ୯।୨(ଡି.ଏନ୍.ଏ.):

ବୁଦ୍ଧ ନାରାୟଣ ସ୍ପୋର୍ଟ୍ସ ଆଣ୍ଡ କଲଚରାଲ ଆସୋସିଏଶନ ହରିପୁର ଦ୍ୱାରା ଆୟୋଜିତ ବୁଦ୍ଧନାରାୟଣ ଫୁଟ୍‌ବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ନୀଳାଚଳ କ୍ଲବ ପୁରୀ ଓ ଶବର ସ୍ପୋର୍ଟ୍ସ ଖୋର୍ଦ୍ଧା ମଧ୍ୟରେ ହୋଇଥିଲା। ନୀଳାଚଳ କ୍ଲବର ଦିପୁ କୁମାର ଦୁଇଟି ଗୋଲ୍ ଦେଇଥିଲେ। ତେବେ ମ୍ୟାଚ୍ ଶେଷ ସୁଦ୍ଧା ଶବର ସ୍ପୋର୍ଟ୍ସ ଟିମ୍ କୌଣସି ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ନୀଳାଚଳ କ୍ଲବ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ରମେଶ ପାଇକରାୟ ମ୍ୟାଚ୍ ପରିଚାଳନା କରିଥିବା ବେଳେ ସ୍ମୃତିରଞ୍ଜନ ଚମ୍ପତି ଓ ସୌମ୍ୟ ପଟ୍ଟନାୟକ ସହଯୋଗ କରିଥିଲେ। ଅତିଥିଭାବେ ଓଡ଼ିଶା ହ୍ୟାଣ୍ଡବଲ ଟିମର କୋଚ କେଦାର ବିଶ୍ୱାଳ, ଡା.ପ୍ରଶାନ୍ତ କୁମାର ପଣ୍ଡା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କମିଟିର ସଦସ୍ୟ ଦୀପକ ଜେନା, ନିରଞ୍ଜନ ବଳିୟାରସିଂ କାର୍ଯ୍ୟକ୍ରମ ସମ୍ପାଦନା କରିଥିଲେ। ଶୁକ୍ରବାର ବଜରଙ୍ଗବାଲି କ୍ଲବ ଘାଟିକିଆ ଓ ଫ୍ରେଣ୍ଡ୍ସ ପାରାଡାଇଜ କୁସୁମାଟି ମଧ୍ୟରେ ମ୍ୟାଚ୍ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।



ଅତିଥିଙ୍କ ଗହଣରେ ଖେଳାଳିଙ୍କ ସହ ଅନ୍ୟମାନେ ।

# ହାକାଥନ, ଆନ୍‌ସିଲେରିର ଜିଲାସ୍ତରୀୟ ପ୍ରତିଯୋଗିତା

ଖୋର୍ଦ୍ଧା ଅଫିସ, ୯।୨:

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ମୈତ୍ରୀଭବନ ପରିସରରେ ଜିଲା ଶିକ୍ଷା କାର୍ଯ୍ୟାଳୟ ଦ୍ୱାରା ଜିଲାସ୍ତରୀୟ ହାକାଥନ ଏବଂ ଆନସିଲେରି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରାଧ୍ୟାପକ ଡ.ପୂର୍ଣ୍ଣଚନ୍ଦ୍ର ବୈଶାଖ ପ୍ରତିଯୋଗିତାକୁ ଶୁଭାରମ୍ଭ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ ଏବଂ ଅତିରିକ୍ତ ଶିକ୍ଷା ଅଧିକାରୀ ସ୍ନିଗ୍ଧା ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ ହାକାଥନ ପାଇଁ ୨୬ଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିବା ବେଳେ ୩୭ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ତର୍କ ପାଇଁ ୬ଜଣ, ରଚନା ଲିଖନ ପାଇଁ ୭ଜଣ ଏବଂ କୁଇଜ ପାଇଁ ୫ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଆଇଆଇଆଇଟି ଭୁବନେଶ୍ୱରର ଡ. ଗାୟତ୍ରୀ ପଟ୍ଟନାୟକ, ଡ.ସତ୍ୟଜିତ ରଥ ଏବଂ ନାଇଜର ଭୁବନେଶ୍ୱରର ଡ.ଅନ୍ୱେୟ ସାମନ୍ତରାୟ ବିଚାରକଭାବେ ଯୋଗଦେଇଥିଲେ। ସେହିପରି ଆଂଶିଲାରୀ ପ୍ରତିଯୋଗିତା ପାଇଁ ଡାଇଏଟ ଖୋର୍ଦ୍ଧା ଜବାହାର ନବୋଦୟ ବିଦ୍ୟାଳୟ ଖୋର୍ଦ୍ଧା ଏବଂ ଓଡିଶା ଆଦର୍ଶ ବିଦ୍ୟାଳୟ ଖୋର୍ଦ୍ଧାରୁ ଦୁଇ ଜଣ ଲେଖାଏ ବିଚାରକଭାବେ ଯୋଗଦେଇଥିଲେ। ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ସନାତନ ପଣ୍ଡା ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥି ଏବଂ କଲେଜ ଅଧକ୍ଷା ଡ.ଅଜନ୍ତା ଶତପଥୀ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ସହ ପ୍ରମାଣପତ୍ର ଏବଂ ହାକାଥନ ପାଇଁ ପ୍ରଥମ ପୁରସ୍କାର ୧୫ହଜାର, ଦ୍ୱିତୀୟ ପୁରସ୍କାର ୧୦ହଜାର ଏବଂ ତୃତୀୟ ପୁରସ୍କାର ୫ହଜାର ଟଙ୍କା ପ୍ରଦାନ କରିଥିଲେ। ସରୋଜ କୁମାର ସିଂହ ମଞ୍ଚ ପରିଚାଳନା କରିଥିଲେ। ତୋଫାନ ରାଉତରାୟ, ପ୍ରସନ୍ନ ମହାପାତ୍ର, ଅଳିଭା ବେଉରା, ଶୁଚିସ୍ମିତା ବଳ, ସାମନ୍ତ କୁମାର ମାଝୀ, ରାଜେଶ ମହାରଣା, ଅନିଶା ଶତପଥୀ, ଟି.ଶ୍ୟାମଳା ରାଓ ପ୍ରମୁଖ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଅତିଥି ଓ ଅନ୍ୟମାନେ ।

## ସଂକ୍ଷେପରେ

### ଆଜି ରେଡିଓରେ ଶୁଭିବ ସିଏମ୍‌ସି 'ସଂକଳ୍ପ'

**କଟକ ଅଫିସ, ୯।୨:** କଟକ ମହାନଗର ନିଗମ (ସିଏମ୍‌ସି)ର ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ, ପ୍ରକଳ୍ପ ସମ୍ପର୍କରେ ଲୋକେ ସଚେତନ ହେବେ। ରେଡ଼ିଓ ଏଫ୍‌ଏମ୍ ଯୋଗେ ଅଧିକାରୀମାନେ ସଚେତନ କରାଇବେ। ଶୁକ୍ରବାରଠାରୁ 'ସଂକଳ୍ପ' ନାମରେ ଏକ କାର୍ଯ୍ୟକ୍ରମକୁ ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣ ଶୁଭାରମ୍ଭ କରିବେ। ପ୍ରଥମ ଏପିସୋଡ୍ ପୂର୍ବାହ୍ନ ୯ଟାରୁ ୧୦ଟା ପର୍ଯ୍ୟନ୍ତ ୯୩.୫ ରେଡ୍ ଏଫ୍‌ଏମ୍‌ରେ ପ୍ରସାରଣ କରାଯିବ ବୋଲି ସିଏମ୍‌ସି ପକ୍ଷରୁ ସୂଚନା ମିଳିଛି। ସିଏମ୍‌ସି ପକ୍ଷରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଏହି ପରିପ୍ରେକ୍ଷୀରେ ଲୋକେ ଯେଭଳି ସେମାନଙ୍କ ଦାୟିତ୍ୱ ସମ୍ପର୍କରେ ଅବଗତ ହେବେ ଓ ସଚେତନ ହୋଇ ସିଏମ୍‌ସିକୁ ସହଯୋଗ କରିବେ ସେଥିପାଇଁ ଏହି କାର୍ଯ୍ୟକ୍ରମ କରାଯାଉଛି। ବିଭିନ୍ନ ଦିନରେ ମୁକ୍ତା, ଜାଗା ମିଶନ, ଟିକସ ସାଥୀ, କ୍ୟାଶ୍‌ଲେସ୍ ଟିକସ ପଇଠ, ଖାଦ୍ୟ ଲାଇସେନ୍ସ, ସଫେଇ ଆଦି ବିଷୟରେ ବିଭାଗୀୟ ଅଧିକାରୀମାନେ ସୂଚନା ଦେବେ। ଏହାବ୍ୟତୀତ ଲୋକମାନେ କିଭଳି ଅଭିଯୋଗ ଓ କେଉଁ ନମ୍ବରରେ କରିବେ ସେ ସମ୍ପର୍କରେ ମଧ ବ୍ୟାପକ ସଚେତନ କରିବାକୁ ଲକ୍ଷ୍ୟ ରଖାଯାଇଛି।

### ନାବାଳିକା ବଳାତ୍କାର ମାମଲା, ଅଭିଯୁକ୍ତ ଅଟକ

**ଖୁଣ୍ଟୁଣୀ,୯।୨(ଡି.ଏନ.ଏ.):** ଖୁଣ୍ଟୁଣୀ ଥାନା ଅଞ୍ଚଳର ଆଦିବାସୀ ନାବାଳିକାଙ୍କୁ ଅପହରଣ କରିନେଇ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗୁରୁବାର ଅଟକ ରଖିଛି। ସେ ହେଲେ ଝାଡ଼ଖଣ୍ଡ ଝିପାନି ଜିଲା ଚାଇବସା ଥାନା ଅଧୀନ ତାଲିବସା ଗ୍ରାମର ବରଜ ଗୋପ। ବରଜ ଗୁରୁଡିଝାଟିଆ ଥାନା ଅଧୀନ କପୁରସିଂଠାରେ ଏକ କାରଖାନାରେ ରହି ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଗତ ରବିବାର ରାତିରେ ସେ ନାବାଳିକାଙ୍କୁ ଅପହରଣ କରିନେଇ ବଳାତ୍କାର କରିଥିଲେ। ସୋମବାର ଗ୍ରାମରେ ଛାଡି ଦେଇ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ନାବାଳିକା ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ନାବାଳିକାଙ୍କ ବାପା ଗୁରୁବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୩/୨୩) ରୁଜୁ କରିଥିଲା। ପରେ ଅଭିଯୁକ୍ତଙ୍କୁ ଉକ୍ତ କାରଖାନାରୁ ଉଠାଇ ଆଣି ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି।

### ପ୍ରାକୃତିକ କୃଷି ସମ୍ପର୍କିତ କର୍ମଶାଳା

**କଟକ ଅଫିସ,୯।୨:** ଜାତୀୟ ଧାନ ଗବେଷଣା ଅନୁଷ୍ଠାନ ଅଧୀନ କୃଷି ବିଜ୍ଞାନ କେନ୍ଦ୍ରଠାରେ ଦୁଇ ଦିନିଆ ପ୍ରାକୃତିକ କୃଷି ସମ୍ପର୍କିତ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଜିଲା ୧୪ଟି ବ୍ଲକର ଅତ୍ମା କର୍ମକର୍ତ୍ତା ଯୋଗଦେଇ ପ୍ରାକୃତିକ କୃଷିର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ଅନେକ ଜ୍ଞାନକୌଶଳ ପ୍ରଦର୍ଶନୀରେ ଭାଗ ନେଇଥିଲେ। ୫୧ଜଣ ଆତ୍ମା କର୍ମଚାରୀ ପ୍ରାକୃତିକ କୃଷି ସମ୍ବନ୍ଧରେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ପ୍ରାକୃତିକ କୃଷି ପରିଯୋଜନାର ମୁଖ୍ୟ ଡ. ଦିଲୀପ ରଞ୍ଜନ ଷଡ଼ଙ୍ଗୀ ପ୍ରାକୃତିକ କୃଷିରେ ମୃତ୍ତିକା, ଖାଦ୍ୟଶସ୍ୟ ପରିଚାଳନା ଉପରେ ଆଲୋକପାତ କରିଥିଲେ। ଡ. ତୁଷାର ରଞ୍ଜନ ସାହୁ ପ୍ରାକୃତିକ କୃଷିରେ କୀଟ ନିୟନ୍ତ୍ରଣ ଦିଗ ଉପରେ କହିଥିଲେ। ଡ. ରଞ୍ଜନ ମହାନ୍ତ ପ୍ରାକୃତିକ କୃଷିରେ ପ୍ରାଣୀ ସମ୍ପଦର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ଦେବାଶିଷ ଜେନା କାର୍ଯ୍ୟକ୍ରମ ପରିଚାଳନା ଓ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡ. ସୁଜାତା ସେଠୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଂଯୋଜନା ହୋଇଥିଲା।

### ବୋଲେରୋ ଦେବାକୁ କହି ଦେଢ଼ ଲକ୍ଷ ଠକେଇ, ଯୁବକ ଗିରଫ

**କଟକ ଅଫିସ,୯।୨:** ବୋଲେରୋ ଦେବାକୁ କହି ଜଣେ ବ୍ୟକ୍ତିଙ୍କଠାରୁ ଦେଢ଼ ଲକ୍ଷ ଟଙ୍କା ଠକିନେବା ଅଭିଯୋଗରେ ବାଦାମବାଡ଼ି ପୋଲିସ ଗୁରୁବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଶିଖରପୁର ନଦୀକୂଳସାହିର ବିଶାଳ ପ୍ରଧାନ। ଅଭିଯୁକ୍ତ ଯୁବକ ଗୌରବ ମୋଟରର ମାଲିକ ଭାବେ ଦୋଳମୁଣ୍ଡାଇ ଛକରେ ଏକ ଅଫିସ କରି ଅତ୍ୟନ୍ତ ଚତୁରତାର ସହିତ ଲୋକଙ୍କୁ ଠକୁଥିବା ଓ ଠକେଇ ଅର୍ଥରେ ଅୟସ କରୁଥିବା ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଛି। ସନ୍ତୋଷ ପ୍ରଧାନଙ୍କ ନିକଟରୁ ସେ ଉପରୋକ୍ତ ଟଙ୍କା ନେଇ ୧୦ ଦିନ ମଧ୍ୟରେ ବୋଲେରୋ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ସେ ବୋଲେରୋ ଦେଲେ ନାହିଁ କି ଟଙ୍କା ଫେରାଇଲେ ନାହିଁ। ଏ ନେଇ ସନ୍ତୋଷ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୩୪୩/୨୨) ରୁଜୁ କରିଥିଲା। ଅଭିଯୁକ୍ତଙ୍କୁ ପଚରାଉଚରା ସମୟରେ ଠକେଇ ଅର୍ଥରେ ସେ ଗାଡ଼ି ସହିତ ନିଜ ଘରର ଅନେକ ସାମଗ୍ରୀ କ୍ରୟ କରିଛନ୍ତି।

# ୨୫.୬୫ ଲକ୍ଷ ଉପଭୋକ୍ତା ଖାଇବେ ବଟିକା

## ବାତଜ୍ୱର ଔଷଧ ସେବନ ନିମନ୍ତେ ବୈଠକ

**କଟକ ଅଫିସ, ୯।୨**

ସାର୍ବଜନୀନ ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମ ନିମନ୍ତେ ଏକ ବୈଠକ ଜିଲା ସ୍ୱାସ୍ଥ୍ୟ ବିଭାଗ ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା କୀଟବାହିତ ରୋଗ ପରାମର୍ଶଦାତ୍ରୀ ତୃପ୍ତିରାଣୀ ନାୟକ ଯୋଗଦେଇ କହିଥିଲେ, ଲୋକଙ୍କୁ ବୟସ ଅନୁପାତରେ ଡିଇସି, ଆଲବେଣ୍ଡାଜଲ୍ ବଟିକା ଖୁଆଇବା ପାଇଁ ୯୬୦୩ ଆଶାକର୍ମୀ ଓ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି। ସମୁଦାୟ ୨୫,୬୫,୨୦୯ ଉପଭୋକ୍ତା ଏହି ବଟିକା ସେବନ କରିବେ। ଏହି ବଟିକାରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ଏଣୁ ସମସ୍ତେ ଏହି ବଟିକା ଖାଇବା ପାଇଁ ସେ ଅନୁରୋଧ କରିଛନ୍ତି। ଫଳରେ ଜିଲାରୁ ଫାଇଲେରିଆ ରୋଗ ଦୂର ହୋଇପାରିବ। ସେହିପରି ଡ. ସମ୍ବିତ ପ୍ରଧାନ ଯୋଗଦେଇ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଉକ୍ତ କାର୍ଯ୍ୟକ୍ରମ ବ୍ୟାପକ ରୂପେ ସମ୍ପାଦନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଉକ୍ତ ବୈଠକରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ରାଜ୍ୟ କିଟ୍ ତତ୍ତ୍ୱବିତ୍ ଡା. ଦୀପ୍ତି ରଞ୍ଜନ ମହାପାତ୍ର, ସୋମନାଥ ବାନାର୍ଜୀ ଉପସ୍ଥିତ ଥିଲେ। ଡ. ରଞ୍ଜନ କୁମାର ସିଂ ଧନ୍ୟବାଦ ଦେଇଥିଲେ।

## ତାଲିମ ନେଲେ ସ୍ୱେଚ୍ଛାସେବୀ

ସେହିପରି କୃମିନାଶ ଓ ବାତଜ୍ୱର ନିରାକରଣ ପାଇଁ ଶୁକ୍ରବାର କଟକ ସହରରେ ସମୂହ ଔଷଧ ସେବନ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସହରର ସମସ୍ତ ୱାର୍ଡରେ ୨୫୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଘର ଘର ବୁଲି ଲୋକଙ୍କୁ କୃମି ନାଶ ଓ ବାତଜ୍ୱର ନିରାକରଣ ଔଷଧ ଖୁଆଇବେ। ଏହି କାର୍ଯ୍ୟକ୍ରମ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅଭିଯାନରେ ନିୟୋଜିତ ସ୍ୱେଚ୍ଛାସେବୀଙ୍କୁ କର୍ପୋରେଟର ଓ ଦାୟିତ୍ୱରେ ଥିବା ଅଧିକାରୀ ସହଯୋଗ କରିବେ। ସହରର ୮୫ ପ୍ରତିଶତ ଲୋକଙ୍କୁ ଏହି ଔଷଧ ଦିଆଯିବା ପାଇଁ ଲକ୍ଷ୍ୟ ରହିଛି। ଏହି କାର୍ଯ୍ୟକ୍ରମ ସଫଳତାର ସହ କରିବା ପାଇଁ ଗୁରୁବାର ଟାଉନ୍ ହଲ୍‌ରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସମୂହ ଔଷଧ ସେବନ ସଂକ୍ରାନ୍ତରେ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକରେ ସ୍ୱେଚ୍ଛାସେବୀମାନଙ୍କୁ ତାଲିମ ଦିଆଯାଇଥିଲା। ଏହି ବୈଠକରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ସଦସ୍ୟ ଡା. ସମ୍ବିତ ପ୍ରଧାନ, ପିସିଆଇ ପ୍ରକଳ୍ପ ମ୍ୟାନେଜର ସୋମନାଥ ବାନାର୍ଜୀଙ୍କ ସମେତ ବହୁ କର୍ପୋରେଟର ଉପସ୍ଥିତ ଥିଲେ।



**ବଢୁଛି ତାତି:** କଟକ ମିଶନରୋଡ ଅଞ୍ଚଳ ରାସ୍ତାପାର୍ଶ୍ୱରେ ଜଣେ ବ୍ୟବସାୟୀ ବିକ୍ରି ପାଇଁ ଟୋପିଗୁଡ଼ିକ ସଜ୍ଜିତ କରି ରଖୁଛନ୍ତି।

# ୨ ନାବାଳକଙ୍କୁ କାବୁ କଲା ପୋଲିସ

## ଛାତ୍ରୀ ଆତ୍ମହତ୍ୟା ମାମଲା

**ମଙ୍ଗୁଳି-ଜଗତପୁର,୯।୨(ଡି.ଏନ.ଏ.)**

କେନ୍ଦ୍ରାପଡା କେନାଲକୁ ଡେଇଁ ଛାତ୍ରୀ ଆତ୍ମହତ୍ୟା କରିବା ମାମଲାରେ ଜଗତ୍‌ପୁର ପୋଲିସ ୨ ନାବାଳକଙ୍କୁ କାବୁ କରି ଗୁରୁବାର ଜୁଭେନାଇଲ ଜଷ୍ଟିସ୍ ବୋର୍ଡକୁ ପଠାଇଛି। ସେମାନଙ୍କ ମଧ୍ୟରୁ ଜଣଙ୍କ ଘର ଜଗତପୁର ଥାନା ଅଧୀନ ପଦ୍ମପୁର ହୋଇଥିବାବେଳେ ଅନ୍ୟ ଜଣଙ୍କ ଘର କଟକରେ ବୋଲି ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ୨୦୨୨ଅକ୍ଟୋବର ୨୬ରେ ଛାତ୍ରୀଙ୍କ ମୃତଦେହ ଜଗତପୁରସ୍ଥିତ କେନ୍ଦ୍ରାପଡ଼ା କେନାଲରୁ ପୋଲିସ ଜବତ କରିଥିଲା। ଏ ନେଇ ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଚଳାଇଥିଲା। ତଦନ୍ତବେଳେ ଜଣାପଡିଥିଲା କି ୨ ନାବାଳକଙ୍କ ମଧ୍ୟରୁ ଜଣେ ସମ୍ପୃକ୍ତା ଛାତ୍ରୀଙ୍କୁ ଭଲ ପାଉଥିଲେ ଓ ଅନ୍ୟଜଣେ ତାଙ୍କ ସାଙ୍ଗ ଥିଲେ। ସେମାନେ ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ଓ ଫଟୋ ଉତ୍ତୋଳନ କରି ଭାଇରାଲ କରିଦେବା ପାଇଁ ଧମକ ଦେଇଥିଲେ। ଫଳରେ ନାବାଳିକା ଜଣକ ମାନସିକ ଭାରସାମ୍ୟ ହରାଇ କେନାଲକୁ ଡେଇଁ ଆତ୍ମହତ୍ୟା କରିଥିବା ଅଭିଯୁକ୍ତ ନାବାଳକ ଦ୍ୱୟ ପୋଲିସ ନିକଟରେ ପ୍ରକାଶ କରିଥିଲେ। ସେମାନେ ବ୍ୟବହାର କରୁଥିବା ମୋବାଇଲ ଫୋନ ଜବତ କରାଯାଇଛି। ଅଧିକ ତଥ୍ୟ ହାସଲ ପାଇଁ ସେମାନଙ୍କ ମୋବାଇଲ ଭୁବନେଶ୍ୱରସ୍ଥିତ ଫରେନସିକ ଲାବୋରେଟୋରିକୁ ପଠାଯାଇଥିବା ଜଗତପୁର ଥାନା ଅଧିକାରୀ ରବୀନ୍ଦ୍ର ନାଥ ମେହେର କହିଛନ୍ତି। ସୂଚନାଯୋଗ୍ୟ, ଛାତ୍ରୀ ଜଣକ ସ୍ଥାନୀୟ ଏକ କଲେଜରେ ପଢୁଥିଲେ।

# ଗବେଷଣା ପୁସ୍ତକରେ ଉତ୍କର୍ଷ ପ୍ରତିପାଦିତ କରିଛନ୍ତି ଗିରିଜା



କଟକ ସାରଳା ଭବନରେ ଗୁରୁବାର ଅନୁଷ୍ଠିତ ସାମାଜିକ କର୍ମୀ ଗିରିଜା ପଟ୍ଟନାୟକଙ୍କ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

## ସାମାଜିକ କର୍ମୀ ଗିରିଜା ପଟ୍ଟନାୟକଙ୍କ ଜୟନ୍ତୀ ଉତ୍ସବ

**କଟକ ଅଫିସ, ୯।୨**

ସାମାଜିକ କର୍ମୀ ଗିରିଜା ଭୂଷଣ ପଟ୍ଟନାୟକଙ୍କ ଜୟନ୍ତୀ ଉତ୍ସବ କଟକ ସାରଳା ଭବନରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଆଡ୍‌ଭୋକେଟ ଜେନେରାଲ ବିଜୟକୃଷ୍ଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସାମାଜିକ କର୍ମୀ ଜଗଦାନନ୍ଦ ଯୋଗଦେଇ କହିଥିଲେ, ବିଭିନ୍ନ ଆନ୍ତର୍ଜାତିକ ସେମିନାର ମାଧ୍ୟମରେ ବହୁ ବିଶିଷ୍ଟ ବିଦ୍ୱାନଙ୍କୁ ରାଜ୍ୟକୁ ନିମନ୍ତ୍ରଣ କରି ଆଣିଥିଲେ ଗିରିଜା ଭୂଷଣ। ସେହିପରି ଜର୍ମାନୀ ଓ ଫରାସୀ ଶିକ୍ଷା ପ୍ରତିଷ୍ଠାନ ପ୍ରତିଷ୍ଠା କରିଛନ୍ତି। ପ୍ରାୟ ୫୦ ଖଣ୍ଡ ଗବେଷଣାଲବ୍ଧ ପୁସ୍ତକ ମାଧ୍ୟମରେ ମଣିଷର ଜଙ୍ଗଲ ସହିତ ସମ୍ପର୍କ ଓ ପାରସ୍ପରିକତାର ଉତ୍କର୍ଷର ପ୍ରତିପାଦନ କରିଛନ୍ତି। ଇଂ. ପ୍ରଭାକର ସ୍ୱାଇଁ ଯୋଗଦେଇ କହିଥିଲେ, ସାରଳା ସାହିତ୍ୟ ସଂସଦ ଗିରିଜାଙ୍କ ପ୍ରେରଣାର ପ୍ରତିଶ୍ରୁତି। ଅନ୍ୟତମ ବକ୍ତା ଭାବେ ବିନୋଦ ଦାସ, ବିଧାୟକ ମହମ୍ମଦ ମୋକିମ, ଅନୁଷ୍ଠାନର ସଭାପତି ଡ. ପ୍ରମୋଦ କୁମାର ମହାପାତ୍ର ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ଡ. ପ୍ରଭାତ କୁମାର ମିଶ୍ର, ସତ୍ୟକାମ ମିଶ୍ର, ସୁଦର୍ଶନ ପଟ୍ଟନାୟକ, ନିତ୍ୟାନନ୍ଦ ସ୍ୱାଇଁ, ଅନଙ୍ଗ ଦ୍ୱିବେଦୀ, ସଙ୍ଗୀତା ରଥ, ଡ. ହେମେନ୍ଦ୍ର ନାରାୟଣ ଦାସ, ବିଜୟଲକ୍ଷ୍ମୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ବ୍ୟାପ୍ତି ପଟ୍ଟନାୟକ ସ୍ୱାଗତ ଭାଷଣ ଓ କାର୍ଯ୍ୟକ୍ରମ ସମ୍ପାଦକ କିଶୋର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ଏନ୍‌ଏଚ୍ ୫୫ ପାର୍ଶ୍ୱରୁ ଉଚ୍ଛେଦ ପାଇଁ ମାପଚୁପ

## କ୍ଷତି ପୂରଣ ପାଇଁ ଦାବି

**କଟକ ସଦର,୯।୨(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ବଜାର ପାର୍ଶ୍ୱରେ ଯାଇଥିବା ଏନ୍‌ଏଚ୍-୫୫କୁ ପ୍ରଶସ୍ତ କରିବା ପାଇଁ ମାପଚୁପ ଜାରି ରହିଛି। ଫଳରେ ସରକାରୀ ଜମି ସହ ଘରୋଇ ଆବାସିକ ଜମିକୁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଦଖଲକୁ ନେବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ବର୍ତ୍ତମାନ ଦରରେ କ୍ଷତିପୂରଣ ପ୍ରଦାନ ପାଇଁ ଜମି ହରାଇଥିବା ମାଲିକମାନେ କଟକ ଜିଲାପାଳ, ଏମ୍‌ପି ଓ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। କାରଣ ଯେଉଁ ସମୟରେ ଘର ତିଆରି ହୋଇଥିଲା ସେହି ସମୟର ମୂଲ୍ୟକୁ ଆକଳନ ନ କରାଯାଇ ବର୍ତ୍ତମାନ ମୂଲ୍ୟକୁ ଦୃଷ୍ଟିରେ ରଖି ଅର୍ଥ ଦେବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ କନ୍ଦରପୁର ଛକ ବାଟେ ରାସ୍ତା ନିଆ ନ ଯାଇ ବିକଳ୍ପ ବ୍ୟବସ୍ଥା କରିବାକୁ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ମଧ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିସାରିଛନ୍ତି। ଏଭଳି ପରିସ୍ଥିତିରେ ଦୁଇଟି ଯାକ ବିକଳ୍ପ ଉପରେ ଦୃଷ୍ଟି ଦେବାକୁ ଅନୁରୋଧ କରାଯାଇଛି। ଜାତୀୟ ରାଜପଥ ପ୍ରାଧିକରଣ ବିଜ୍ଞପ୍ତି ସଂଖ୍ୟା ୪୨୪(ଇ)/୨।୨।୨୦୨୨ରେ ପ୍ରକାଶ କରିଥିଲେ। ସେହି ସମୟର ଅନେକ ଜମି ଚାଷ ଉପଯୋଗୀ ବୋଲି ପଟ୍ଟାରେ ଉଲ୍ଲେଖ ଥିଲା। ଏବେ ଘରବାରି କିସମରେ ରୂପାନ୍ତରିତ ହୋଇ ବଡ଼ କୋଠା ତିଆରି ହୋଇସାରିଛି। ଏଣୁ ବର୍ତ୍ତମାନ ପରିସ୍ଥିତିକୁ ଦୃଷ୍ଟି ଦେଲେ ଜନ ଅସନ୍ତୋଷ ଦୂର ହୋଇପାରନ୍ତା।

# ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ପରିସରରୁ ବେଆଇନ ଗଛକଟା



ପୂର୍ତ୍ତବିଭାଗ କାର୍ଯ୍ୟାଳୟ ପରିସରରେ କଟାଯାଇଥିବା ଗଛ।

**କଣ୍ଟାପଡ଼ା, ୯।୨(ଡି.ଏନ୍.ଏ.)**

କଣ୍ଟାପଡା ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ପରିସରରେ ଏକ ମୂଲ୍ୟବାନ କଞ୍ଚା ଚାକୁଣ୍ଡା ଗଛ କାଟିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ହେଲେ ଏ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଖବର ନାହିଁ। ମିଳିଥିବା ସୂଚନା ଅନୁଯାୟୀ, ୬୦ ନଂ. ରାଜ୍ୟ ରାଜପଥ ପାର୍ଶ୍ୱର କଣ୍ଟାପଡ଼ାଠାରେ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ରହିଛି। ଏହି କାର୍ଯ୍ୟାଳୟ ପରିସରରେ ବିଭିନ୍ନ ପ୍ରକାର ମୂଲ୍ୟବାନ ଗଛ ରହିଛି। ପୂର୍ତ୍ତ ବିଭାଗ କାର୍ଯ୍ୟାଳୟଠାରୁ ଅଳ୍ପଦୂରରେ ଏକ ମୂଲ୍ୟବାନ ଚାକୁଣ୍ଡା ଗଛ ଥିଲା। ତେବେ ଗଛଟି କାର୍ଯ୍ୟାଳୟ ପ୍ରତି ବିପଦ ସୃଷ୍ଟି କରୁଥିବା ଦର୍ଶାଇ ବୁଧବାର ତାହାକୁ କାଟି ଦିଆଯାଇଥିଲା। ରାଜ୍ୟ ରାଜପଥ ପାର୍ଶ୍ୱର ବିଭିନ୍ନ ସ୍ଥାନରେ ବିପଦଶଙ୍କୁଳ ଅବସ୍ଥାରେ କେତେକ ଗଛ ରହିଥିବାବେଳେ ଏହାକୁ କାଟିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ବନବିଭାଗ ଅନୁମତି ବିନା କଟାଯାଇ ପାରିବନାହିଁ ବୋଲି ସଫେଇ ଦେଉଛନ୍ତି। ମାତ୍ର ନିଜ କାର୍ଯ୍ୟାଳୟ ପରିସରରୁ ଉକ୍ତ ଗଛ କାଟିବା ପାଇଁ କାହା ଅନୁମତି ନେଇଥିଲେ କି ନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଗୋପାଳପୁର ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ମନୋଜ କୁମାର ମିଞ୍ଜ କହିଛନ୍ତି, ଗଛ କଟା ସମ୍ପର୍କରେ ମୁଁ ଖବର ପାଇଛି। ତେବେ ଗଛ କାଟିବା ପାଇଁ କାହାର ଅନୁମତି ନିଆଯାଇଛି କି ନାହିଁ ତାହା ମୁଁ ଜାଣିନାହିଁ।

# ଫାର୍ମାସିଷ୍ଟଙ୍କ ବଦଳି ଦାବିରେ ବିକ୍ଷୋଭ

**କଟକ ଅଫିସ, ୯।୨**

ଦୀର୍ଘବର୍ଷ ଧରି କାର୍ଯ୍ୟ କରୁଥିବା ଫାର୍ମାସିଷ୍ଟ, କର୍ମଚାରୀଙ୍କୁ ବଦଳି ଓ ପ୍ରଶାସନିକ ତଦନ୍ତ ନିର୍ଦ୍ଦେଶ ଦାବିରେ ଲୋକ ସ୍ୱରାଜ ଓଡ଼ିଶା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇ ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିଲା। ଏହାର ନକଲ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ସିଟି ହସ୍ପିଟାଲ ଅଧୀକ୍ଷକଙ୍କୁ ପ୍ରଦାନ କରାଯାଇଛି।

ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ୫-ଟିରେ ଅନ୍ତର୍ଭୁକ୍ତ କରିଛନ୍ତି। ସ୍ୱାସ୍ଥ୍ୟସେବାରେ ସ୍ୱଚ୍ଛତା ଆଣିବା ପାଇଁ ୩ ବର୍ଷ ପଦରେ ରହିଲେ ସେମାନେ ବଦଳି ହେବାର ନିୟମ ରହିଛି। ହେଲେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମେତ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘବର୍ଷ ଧରି ଫାର୍ମାସିଷ୍ଟ ଓ କର୍ମଚାରୀମାନେ କାର୍ଯ୍ୟ କରୁଛନ୍ତି। ସେମାନଙ୍କୁ ବଦଳି ନ କରାଯିବା ଯୋଗୁ ରୋଗୀଙ୍କୁ ଠିକ୍‌ଭାବେ ସ୍ୱାସ୍ଥ୍ୟସେବା ମିଳିପାରୁନାହିଁ ବୋଲି ସଙ୍ଗଠନ ପକ୍ଷରୁ ଅଭିଯୋଗ ହୋଇଛି। ଫାର୍ମାସିଷ୍ଟ ଓ ଔଷଧ ଦୋକାନୀଙ୍କ ମଧ୍ୟରେ ଅସାଧୁ ସମ୍ପର୍କରୁ ବହୁ ଗରିବ ରୋଗୀ ଶୋଷଣର ଶିକାର ହେଉଛନ୍ତି। ସେହିଭଳି ବହୁ ବର୍ଷ ଧରି ବିନା ବଦଳିରେ ରହୁଥିବା କର୍ମଚାରୀମାନେ ବହୁ ଦୁର୍ନୀତିରେ ଲିପ୍ତ ରହୁଛନ୍ତି। ଫଳରେ ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହେଉଛି। ତେଣୁ ବଦଳି କାହିଁକି ହେଉନାହିଁ ଏହାର ପ୍ରଶାସନିକ ତଦନ୍ତ ନିର୍ଦ୍ଦେଶ ଦେବାକୁ ସଙ୍ଗଠନର ସାଧାରଣ ସମ୍ପାଦକ ତଥା ସାମାଜିକ କର୍ମୀ ସବ୍ୟସାଚୀ ମହାନ୍ତି ଦାବି କରିଛନ୍ତି।

# ବସନ୍ତିକା-୨୦୨୩ ଉଦ୍‌ଘାଟିତ

**କଟକ ଅଫିସ, ୯।୨**

ଡ୍ରିମ୍‌ସ ସ୍ୱୟଂଶାସିତ ବୈଷୟିକ ମହାବିଦ୍ୟାଳୟର ଦୁଇଦିନିଆ ବାର୍ଷିକ କ୍ରୀଡା ଓ ସାଂସ୍କୃତିକ ମହୋତ୍ସବ 'ବସନ୍ତିକା-୨୦୨୩' ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଜୟଶ୍ରୀ ଅଡିଟୋରିୟମରେ ଆୟୋଜିତ ଉତ୍ସବରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ 'ବସନ୍ତିକା'ର ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ। ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ଅଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କହିଥିଲେ, ଆଜି ସମୟ ବଦଳିଛି। ପିଲାମାନଙ୍କ ପ୍ରତିଭା ପ୍ରଦର୍ଶନ ଲାଗି ଅନେକ ସୁଯୋଗ ସୃଷ୍ଟି ହୋଇଛି। ସେମାନଙ୍କ ଅନ୍ତର୍ନିହିତ ପ୍ରତିଭା ଉନ୍ମେଷ ଦିଗରେ ଶିକ୍ଷକ, ଅଭିଭାବକଙ୍କ ଗୁରୁଦାୟିତ୍ୱ ରହିଛି। ଅନ୍ୟ ଭାଷାରେ ଦକ୍ଷତା ହାସଲ କଲେ ବି ନିଜର ଭାଷା, ସାହିତ୍ୟ ଓ ସଂସ୍କୃତିର ବିକାଶ ଦିଗରେ ପ୍ରଚେଷ୍ଟା ଜାରି ରଖିବାକୁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ପଦ୍ମିନୀ କେୟାର ହସ୍ପିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଜ୍ୟୋତି ପ୍ରକାଶ ପରିଜା ମହତ୍ତ୍ୱପୂର୍ଣ୍ଣ ଛାତ୍ର ଜୀବନର ଠିକ୍ ବିନିଯୋଗ କରିବାକୁ କହିଥିଲେ। ଅଧ୍ୟକ୍ଷ ଡ. ନୟନ ରଞ୍ଜନ ସାମଲ ସ୍ୱାଗତ ଭାଷଣ ଓ ଡିନ୍ (ଏକାଡେମିକ୍) ଡ. ଜୀବନାନନ୍ଦ ମେହେନା ଧନ୍ୟବାଦ ଦେଇଥିଲେ।




# ୧୧ରେ ଏନ୍‌ଆର୍‌ଆର୍‌ଆଇ ଆସିବେ ରାଷ୍ଟ୍ରପତି

**କଟକ ଅଫିସ, ୯।୨**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୧୧ ତାରିଖରେ କଟକ ଆସିବେ। କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ (ଏନ୍‌ଆର୍‌ଆର୍‌ଆଇ)ଠାରେ ଆୟୋଜିତ ହେବାକୁ ଥିବା ଦ୍ୱିତୀୟ ଭାରତୀୟ ଧାନ କଂଗ୍ରେସକୁ ରାଷ୍ଟ୍ରପତି ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ସମ୍ମାନିତ ଅତିଥି ଓ ରାଜ୍ୟ କୃଷି ଏବଂ କୃଷକ ସଶକ୍ତୀକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଶେଷ ଅତିଥି ଭାବେ ଯୋଗଦେବେ। ଏ ନେଇ ଏନ୍‌ଆର୍‌ଆର୍‌ଆଇସ୍ଥିତ ଏମ୍‌କେସିଜି ପ୍ଲାଟିନମ ଜୁବୁଲି ଅଡିଟୋରିୟମଠାରେ ଗୁରୁବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ଅମରେଶ କୁମାର ନାୟକ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏନ୍‌ଆର୍‌ଆର୍‌ଆଇ ଓ ଧାନ ଗବେଷଣା




ଖବରଦାତା ସମ୍ମିଳନୀରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

## ଦ୍ୱିତୀୟ ଭାରତୀୟ ଧାନ କଂଗ୍ରେସରେ ଯୋଗଦେବେ

କାର୍ଯ୍ୟକର୍ତ୍ତା ସଂଘ (ଏଆର୍‌ଆର୍‌ଡବ୍ଲ୍ୟୁ) ଆନୁକୂଲ୍ୟରେ ୪ ଦିନିଆ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ ଆସନ୍ତା ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟକ୍ରମର ବିଷୟବସ୍ତୁ 'ଧାନ ଅନୁସନ୍ଧାନରେ ପରିବର୍ତ୍ତନ: ସାମ୍ପ୍ରତିକ ବୈଜ୍ଞାନିକ ବିକାଶ ଏବଂ ବିଶ୍ୱ ଖାଦ୍ୟ ସଙ୍କଟ' ରହିଛି। ଏନ୍‌ଆର୍‌ଆର୍‌ଆଇ ପରିସରରେ ଅନୁଷ୍ଠିତ ଏହି ସମ୍ମିଳନୀରେ ରାଷ୍ଟ୍ରପତିଙ୍କ ପ୍ରଥମ ଗସ୍ତ ଅନୁଷ୍ଠାନକୁ ଆହୁରି ଗୌରବାନ୍ୱିତ କରାଇବ ବୋଲି ସେ କହିଛନ୍ତି। ସେହିପରି ଦ୍ୱିତୀୟ ଭାରତୀୟ ଧାନ କଂଗ୍ରେସର ଆୟୋଜନ ସଚିବ ଡ. ସଞ୍ଜୟ ସାହା କହିଛନ୍ତି, ଏହି ସମ୍ମିଳନୀରେ ଧାନ ଗବେଷଣା ଏବଂ ବିକାଶର ସମସ୍ତ ଦିଗ ଉପରେ ବିସ୍ତୃତ ଆଲୋଚନା କରାଯିବ। ଏଥିରେ ବୈଜ୍ଞାନିକ ଜ୍ଞାନ ଆଧାରିତ ଅଧିବେଶନ, ପ୍ୟାନେଲ ଆଲୋଚନା, ସର୍ବଦଳୀୟ ବକ୍ତୃତା, ସନ୍ଧ୍ୟାକାଳୀନ ବକ୍ତୃତା ଏବଂ ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶନୀ ଆୟୋଜିତ ହେବ। ଏଥିସହ ବିଦ୍ୟାର୍ଥୀମାନେ ବୈଜ୍ଞାନିକ ପୋଷ୍ଟର ଏବଂ ମୌଖିକ ଉପସ୍ଥାପନା ମାଧ୍ୟମରେ ଅନୁସନ୍ଧାନ ପରିଣାମଗୁଡ଼ିକ ଉପସ୍ଥାପନ କରିବେ। ଉକ୍ତ ସମ୍ମିଳନୀରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ରଙ୍କ ସମେତ ପ୍ରତିଷ୍ଠାନର ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପ୍ରତି ୨ ବର୍ଷ ବ୍ୟବଧାନରେ ଏଆର୍‌ଆର୍‌ଡବ୍ଲ୍ୟୁ ଏବଂ ଏନ୍‌ଆର୍‌ଆର୍‌ଆଇ ପକ୍ଷରୁ ଭାରତୀୟ ଧାନ କଂଗ୍ରେସ ଆୟୋଜନ କରାଯାଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୦ ଫେବୃୟାରୀ, ୨୦୨୩



# କାନ୍ଥରେ ଫାଟ, ଛାତରୁ ଖସୁଛି ଅତଡ଼ା

ଗୋପ,୯।୨(ଡି.ଏନ୍.ଏ.)

ରାଜ୍ୟ ସରକାର ଶିକ୍ଷାକୁ ଅଧିକ ମାତ୍ରାରେ ଗୁରୁତ୍ୱ ଦେଇ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ସ୍ମାର୍ଟ ସ୍କୁଲ କରୁଥିବା ବେଳେ ନିମ୍ନମାନର କାର୍ଯ୍ୟ ଯୋଗୁ ଅଳ୍ପଦିନ ମଧ୍ୟରେ ବିଦ୍ୟାଳୟର ବିଭିନ୍ନ ସାମଗ୍ରୀ ଭାଙ୍ଗି ଯାଉଥିବା ଦେଖିବାକୁ ମିଳୁଛି। ଏହି ପରିପ୍ରେକ୍ଷୀରେ ପୁରୀ ଜିଲା ଗୋପ ବ୍ଲକ ଅଞ୍ଚଳର ୧୯୪୪ ମସିହାରେ ସ୍ଥାପିତ ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ଠିକ୍ ଭାବେ ମରାମତି କାର୍ଯ୍ୟ ହୋଇ ନ ଥିବାରୁ ଏବେ ଭୁଶୁଡ଼ିବା ଆଶଙ୍କା ଦେଖାଦେଇଛି। ସ୍କୁଲରେ ନାନା ସମସ୍ୟା ଦେଖାଦେଇଥିବାରୁ ପ୍ରଧାନଶିକ୍ଷକ ମନୋରଞ୍ଜନ ପଟ୍ଟନାୟକ ଏ ସମ୍ପର୍କରେ ୩ଟି ବିଭାଗକୁ ଚିଠି ଲେଖିଛନ୍ତି। ପ୍ରକାଶ ଯେ, ଗୋପ ନିଗମାନନ୍ଦ ସ୍କୁଲ ଏ ଅଞ୍ଚଳର ଏକ ପୁରାତନ ସ୍କୁଲ ଭାବରେ ପରିଚିତ। ଏହି ସ୍କୁଲ ଏବେ ୭୯ ବର୍ଷରେ ପହଞ୍ଚିଛି। ମନ୍ତ୍ରୀ ସମୀର ରଞ୍ଜନ ଦାଶ ପ୍ରଥମ ପର୍ଯ୍ୟାୟରେ ଏହି ସ୍କୁଲକୁ ସ୍ମାର୍ଟ ସ୍କୁଲ ଯୋଜନାରେ ସାମିଲ କରିଥିଲେ। ମାତ୍ର ଏବେ ଏହି ସ୍ମାର୍ଟ ସ୍କୁଲ କାନ୍ଥରେ ବଡ଼ ଫାଟ ସୃଷ୍ଟି ହୋଇଥିବା ବେଳେ ଛାତରୁ ଅତଡ଼ା ଖସୁଛି। ବାରମ୍ବାର ଏପରି ଅବସ୍ଥା ଦେଖାଯିବାରୁ ପ୍ରଧାନଶିକ୍ଷକ ପଟ୍ଟନାୟକ ସ୍କୁଲ ଚିଠି ନମ୍ବର ୩୯/୪୩/ଓ ୪୪ରେ ତା. ଫେବୃୟାରୀ ୪ ଓ ୭ ତାରିଖରେ ୩ଟି ବିଭାଗକୁ ଅଭିଯୋଗ କରିଛନ୍ତି। ଏହି ପୁରାତନ ସ୍କୁଲରେ ଏବେ ପ୍ରଥମ ଶ୍ରେଣୀରୁ ୧୦ ମ ଶ୍ରେଣୀ ପର୍ଯ୍ୟନ୍ତ ୮ଶହ ଛାତ୍ରୀଛାତ୍ର

ନିଗମାନନ୍ଦ ସ୍ମାର୍ଟ ସ୍କୁଲ



ଅଧ୍ୟୟନ କରୁଥିବା ବେଳେ ସେମାନଙ୍କ ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତବର୍ଷ ଏହି ସ୍କୁଲକୁ ସ୍ମାର୍ଟ ସ୍କୁଲ ଅଭିଯାନ ଯୋଜନାରେ ୫୦ଲକ୍ଷ ଟଙ୍କାରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇ ଥିବାବେଳେ ଏବେ ସ୍କୁଲର ଅବସ୍ଥାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ନିମ୍ନମାନର କାର୍ଯ୍ୟ ସହ ଠିକାଦାରଙ୍କ ମନ ମୁତାବକ କାର୍ଯ୍ୟ ଯୋଗୁ ଏଭଳି ଅବସ୍ଥା ହୋଇଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। ତେଣୁ ଏହାର ତୁରନ୍ତ ମରାମତି ଦାବି କରାଯାଇଛି। ଏ ନେଇ ପ୍ରଧାନଶିକ୍ଷକ ପଟ୍ଟନାୟକ କହିଛନ୍ତି, ସ୍କୁଲରେ ବାରମ୍ବାର ଅତଡ଼ା ଖସିବା ସହ ଫାଟ ସୃଷ୍ଟି ହେବାରୁ ଘଟଣା ସମ୍ପର୍କରେ ବିଡିଓ, ଗ୍ରାମ୍ୟ ଉନ୍ନୟନ ବିଭାଗ ସହ ଜିଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରିଛି। ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପାଠପଢ଼ା ହେଉଛି ବୋଲି କହିଥିଲେ।




ଶ୍ରୀମନ୍ଦିର ନିକଟ ଅଞ୍ଚଳରୁ ଉଚ୍ଛେଦ ହୋଇଥିବା କ୍ଷୁଦ୍ର ଉଠାଦୋକାନୀମାନେ ଥଇଥାନ ଦାବିରେ ଗୁରୁବାର ପୁରୀ ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

## ସଂକ୍ଷେପରେ

### ପ୍ରୟାଗରାଜରେ ସେବା ଯୋଗାଇ ପୁରୀ ଫେରିଲେ ୫ କ୍ୟାଡେଟ୍

ପୁରୀ ଅଫିସ,୯।୨: ଉତ୍ତରପ୍ରଦେଶର ପ୍ରୟାଗରାଜରେ ସେବା ଯୋଗାଇ ସାରି ସେଣ୍ଟ ଜୋନ୍ ଆମ୍ବୁଲାନ୍ସ ଜଗନ୍ନାଥ ଧାମ ଡିଭିଜନର ୫ଜଣ କ୍ୟାଡେଟ୍ ଗୁରୁବାର ପୁରୀ ଫେରିଛନ୍ତି। ପୁରୀ ରେଳ ଷ୍ଟେଶନରେ ସେଣ୍ଟଜୋନ ଆମ୍ବୁଲାନ୍ସର ଜିଲା ଯୁଗ୍ମ ସମ୍ପାଦକ ମଧୁସୂଦନ ମିଶ୍ର ସେମାନଙ୍କୁ ସ୍ୱାଗତ କରିଥିଲେ। ସେବାକାର୍ଯ୍ୟ ପାଇଁ କ୍ୟାଡେଟ୍‌ମାନଙ୍କୁ ପ୍ରଶଂସା କରାଯାଇଛି। ସୂଚନାଯୋଗ୍ୟ, ୨ତାରିଖରେ ଏହି କ୍ୟାଡେଟମାନେ ଓଡ଼ିଶାରୁ ଯାଇ ସେଣ୍ଟଜୋନ ଆମ୍ବୁଲାନ୍ସ ଶିବିର ମାଧମରେ ତ୍ରିବେଣୀ ସଙ୍ଗମରେ ଶ୍ରଦ୍ଧାଳୁଙ୍କୁ ମାସ୍କ ବାଣ୍ଟିବା ସହ ପ୍ରାଥମିକ ଚିକିତ୍ସା ସେବା ଯୋଗାଇଥିଲେ। ଏହି ଜାତୀୟସ୍ତରୀୟ କ୍ୟାମ୍ପରେ ଓଡ଼ିଶାରୁ ୧୦ଜଣ ସାମିଲ ଥିଲେ। ପୁରୀ ଜିଲା ସେଣ୍ଟ ଜୋନ ଆମ୍ବୁଲାନ୍ସର ସହସମ୍ପାଦକ ମଧୁସୂଦନ ମିଶ୍ରଙ୍କ ତତ୍ତ୍ୱାବଧାନରେ ପୁରୀରୁ ୫ଜଣ ପ୍ରୟାଗରାଜ ଯାଇଥିଲେ। କମାଣ୍ଡର ଲାଲା ଅନନ୍ତ କୁମାର ସିଂହ, ବ୍ରିଗେଡ ମେମ୍ବର ଅଜୟ କୁମାର ପ୍ରଧାନ, ଜି. ବାପି, ବିକ୍ରମ ବେହେରା, ରମାକାନ୍ତ ଜେନା, କମାଣ୍ଡର ସନ୍ତୋଷ କୁମାର ପଞ୍ଝିଆଡି, ସୂର୍ଯ୍ୟ ନାରାୟଣ ମହାରଣା, ପଦ୍ମନାଭ ମହାପାତ୍ର, ହିମାଂଶୁ ନାୟକ ଏବଂ ନିରୋଦ କୁମାର ଭୂୟାଁ ଏହି ଶିବିରରେ ସାମିଲ ଥିଲେ।

### ଜିଲା ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସମ୍ମିଳନୀ

ପୁରୀ ଅଫିସ, ୯।୨: ପୁରୀ ଟାଉନ ହଲରେ ଚାଲିଥିବା ଜିଲା ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସମ୍ମିଳନୀର ଦ୍ୱିତୀୟ ଦିବସରେ ଗୁରୁବାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶା ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନର ଉପସଭାପତି ନିହାର ରଞ୍ଜନ ମହାନ୍ତି ଯୋଗଦେଇ ପ୍ରଧାନ ଶିକ୍ଷକମାନଙ୍କୁ ବୋର୍ଡ ପରୀକ୍ଷା ସଂକ୍ରାନ୍ତୀୟ ବିଶଦ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ମହାନ୍ତି ପରୀକ୍ଷା ରିଫର୍ମେଶନ ସମ୍ପର୍କରେ ସମ୍ୟକ୍ ସୂଚନା ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସମ୍ମାନିତ ଅତିଥି ଭାବେ ଫାୟାର ଅଫିସର ପ୍ରଦୀପ କୁମାର ରାଉତ ଯୋଗଦେଇ ଅଗ୍ନି ନିରାପତ୍ତା ଓ ବିଭିନ୍ନ ବିପଦପୂର୍ଣ୍ଣ ପରିସ୍ଥିତିରୁ ଉଦ୍ଧାର କରିବା ପ୍ରଣାଳୀ ବିଷୟରେ ବୁଝାଇ ଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ରାଷ୍ଟ୍ରୀୟ ବାଲ୍ ସୁରକ୍ଷା କାର୍ଯ୍ୟକ୍ରମର ମୁଖ୍ୟ ପ୍ରଶାନ୍ତ କୁମାର ପରିଜା ଯୋଗଦେଇ ଛାତ୍ରୀଛାତ୍ରଙ୍କ ସୁରକ୍ଷା ଓ ନିରାପତ୍ତା ସମ୍ପର୍କରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମମତା ମିଶ୍ର ଲିଭ୍ ରୁଲ୍ସ ଓ ଏଷ୍ଟାବ୍ଲିସ୍‌ମେଣ୍ଟ୍ ବିଷୟରେ ଆଲୋଚନା କରିଥିଲେ। ମୋ ସ୍କୁଲ୍ ଅଭିଯାନର ମୁଖ୍ୟ ପରିଚାଳନା ଅଧିକାରୀ ଅମରଜିତ୍ ଜେନା ମୋ ସ୍କୁଲ୍ ସମ୍ପର୍କରେ ମତ ପୋଷଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମରଥ, ଗୋପ ବିଇଓ ସୁଶିଲ କୁମାର ବ୍ରହ୍ମା ଓ ପ୍ରଧାନଶିକ୍ଷକ ଶଙ୍କର କୁମାର ସୁବୁଦ୍ଧିଙ୍କ ଦ୍ୱାରା ସମାହିତ ହେବା ସହ ସାମଗ୍ରିକ ରୂପେ ଜିଲା ଶିକ୍ଷାଧିକାରୀ ଡ. ବିଶ୍ୱଜିତ ଘୋଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଶାସ୍ତ୍ରୀୟ ପରିଷଦ ବ୍ୟାଖ୍ୟାନମାଳା ଉଦ୍‌ଘାଟିତ



ଶାସ୍ତ୍ରୀୟ ପରିଷଦ ବ୍ୟାଖ୍ୟାନମାଳା କାର୍ଯ୍ୟକ୍ରମକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

ପୁରୀ ଅଫିସ, ୯।୨

ଶ୍ରୀବିହାରସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ଗୁରୁବାର ଶାସ୍ତ୍ରୀୟ ପରିଷଦ ବାଖ୍ୟାନମାଳା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ପ୍ରଥମ ବାଖ୍ୟାନରେ ମହାବିଦ୍ୟାଳୟର କୁଳପତି ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା ସାହିତ୍ୟ ଶାସ୍ତ୍ର ସମ୍ପର୍କରେ ଶାସ୍ତ୍ରାର୍ଥ କରିଥିଲେ। କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ବିଭାଗ ଅଧ୍ୟକ୍ଷ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ସଭାପତିତ୍ୱ କରି ଦେବ ବାଙ୍ମୟରେ କବିତ୍ୱ ବିଷୟକ ତତ୍ତ୍ୱ ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଏନ୍.ଆର୍.ଏସ୍ ତାତାଚାର୍ଯ୍ୟ ଯୋଗଦେଇ ଶାସ୍ତ୍ର ପ୍ରାରମ୍ଭରେ ମଙ୍ଗଳାଚରଣର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଶାସ୍ତ୍ରୀୟ ପରିଷଦର ସଂଯୋଜକ ପ୍ରଫେସର ଦତ୍ତାତ୍ରେୟ ସଭାର ଉଦ୍ଦେଶ୍ୟ ସମ୍ପର୍କରେ କହିବା ସହ ଶାସ୍ତ୍ରୀୟ ଜ୍ଞାନ ଆହରଣ ପାଇଁ ପରାମର୍ଶ ଦେଇଥିଲେ। ଡ. ପ୍ରଜ୍ଞା ସଭା ସଞ୍ଚାଳନ କରିଥିବା ବେଳେ ଡ. ଚନ୍ଦନ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# ମୋବାଇଲ ଚୋରି କରି ଟଙ୍କା ନେଇଗଲେ

ବଲଙ୍ଗା,୯।୨(ଡି.ଏନ୍.ଏ.)

ବଲଙ୍ଗା ଥାନା ଅନ୍ତର୍ଗତ ନୂଆଗୋପାଳ ବସ୍ତିର ଜଣେ ଯୁବକଙ୍କ ମୋବାଇଲକୁ ଚୋରି କରି ସେଥିରେ ଥିବା ଫୋନ ପେ ମାଧ୍ୟମରେ ଆକାଉଣ୍ଟରୁ ଟଙ୍କା ଉଠାଇ ନେଇଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଥାନାରେ ନଂ.୧୯/୨୩ରେ ସାଇବର ଅପରାଧରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରଖିଛି। ନୂଆ ଗୋପାଳପୁର ବସ୍ତିର ମିର ଅତାହର ଅଲ୍ଲିଙ୍କ ଅଭିଯୋଗ ଅନୁଯାୟୀ, ଗତ ମାସ ୨୨ ତାରିଖ ସନ୍ଧ୍ୟାରେ ବଲଙ୍ଗା ହାଟରୁ ସଉଦା କିଣିବା ସମୟରେ କେହି ଦୁର୍ବୃତ୍ତ ମିରଙ୍କ ପକେଟରେ ଥିବା ମୋବାଇଲକୁ ଚୋରି କରି ନେଇଥିଲେ। କିନ୍ତୁ ପରବର୍ତ୍ତୀ ମୁହୂର୍ତ୍ତରେ ବ୍ୟାଙ୍କ ଯାଇ ତାଙ୍କ ଆକାଉଣ୍ଟ ଯାଞ୍ଚ କରିବା ପରେ ତାଙ୍କ ଆକାଉଣ୍ଟରେ ଥିବା ୨୬୬୦ ଟଙ୍କାକୁ ମୋଟ ୬ ଜଣଙ୍କ ଆକାଉଣ୍ଟକୁ ପଠାଯାଇ ଟଙ୍କା ଉଠାଣ କରାଯାଇଛି। ଏହି ନମ୍ବରଟି ତାଙ୍କ ଫୋନ ପେ ଆକାଉଣ୍ଟ ରହିଥିବା ବେଳେ ମୋବାଇଲରେ ଥିବା ଫୋନ ପେ ପାଶୱାର୍ଡକୁ ବ୍ୟବହାର କରି ଟଙ୍କା ୬ଜଣଙ୍କ ଆକାଉଣ୍ଟକୁ ପଠାଯାଇଛି।

# ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଆକ୍ରମଣ

ବଲଙ୍ଗା ଥାନା ନିକଟସ୍ଥ କେତକୀ ପାଟଣା ପଞ୍ଚାୟତର ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଆକ୍ରମଣ କରାଯାଇଥିବା ନେଇ ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ପକ୍ଷରୁ ଏକ ମାମଲା(ନଂ.୨୦/୨୩) ରୁଜୁ କରି ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, କେତକୀ ପାଟଣା ପଞ୍ଚାୟତର ସରପଞ୍ଚ ମିନତୀ ନାୟକ ବୁଧବାର ଅପରାହ୍ନ ୫ ଘଟିକା ସମୟରେ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ନାୟକ ସହ ପଞ୍ଚାୟତ କାର୍ଯ୍ୟାଳୟରେ ହିତାଧିକାରୀଙ୍କୁ ଭତ୍ତା ଟଙ୍କା ବାଣ୍ଟୁଥିଲେ। ଏହି ସମୟରେ ଆଳତରଙ୍ଗ ସାହିର ଜଣେ ଯୁବକ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି କୌଣସି କାରଣକୁ ନେଇ ସରପଞ୍ଚଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ମିନତୀଙ୍କ ହାତକୁ ଧରି ଘୋଷାଡି ଆଣିଥିଲେ। ଏହି ସମୟରେ ବିଜୟ ପ୍ରତିବାଦ କରିବାରୁ ଉତ୍ତ୍ୟକ୍ତ ବ୍ୟକ୍ତି ତାଙ୍କୁ ମଧ ଚାପୁଡ଼ା ମାରି ପକେଟରେ ରଖିଥିବା ବନ୍ଧୁକ ବାହାର କରି ଜୀବନରେ ମାରିଦେବାକୁ ଧମକ ଦେଇଥିଲା। ଘଟଣା ସ୍ଥଳରେ ଉପସ୍ଥିତ ଥିବା ଲୋକମାନେ ଏକତ୍ରିତ ହେବାରେ ଆକ୍ରମଣକାରୀ ଫେରାର ହୋଇଥିଲା। ସେମାନ ଥାନାର ଦ୍ୱାସ୍ଥ ହୋତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

# ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ତାଲିମ

ଅସ୍ତରଙ୍ଗ,୯।୨(ଡି.ଏନ୍.ଏ.)

କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରଣାଳୟ ଓ ପୁରୀ ଜିଲା ଶିଳ୍ପ କେନ୍ଦ୍ରର ମିଳିତ ସହାୟତାରେ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟ ନେଇ ଅସ୍ତରଙ୍ଗ ବ୍ଲକ ପାଟଳଦା ପଞ୍ଚାୟତର ସୁନ୍ଦର (ଖଡିଆରି) ଗ୍ରାମରେ ୭ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କାରେ ବଡ଼ି, ପାମ୍ପଡ଼ ଆଦି ମିଶିନ ସ୍ଥାପନ କରାଯାଇ ମହିଳାଙ୍କୁ କିପରି ରୋଜଗାରକ୍ଷମ କରାଯାଇପାରିବ ସେନେଇ ତାଲିମ ଦିଆଯାଇଛି। ଅନନ୍ତ ବାସୁଦେବ ମହିଳା ମଣ୍ଡଳ ତରଫରୁ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଦୁଃଶାସନ ନାୟକ ଓ ପାଟଳଦାର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ନରେନ୍ଦ୍ର ନାୟକ ଉଦ୍‌ଘାଟନ କରିବା ପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ୨ଟି ଗ୍ରୁପର ୩୦ଜଣ ସଦସ୍ୟାଙ୍କୁ ପୁରୀ ଜିଲା ଶିଳ୍ପ କେନ୍ଦ୍ର ଦ୍ୱାରା ନିୟୋଜିତ ଟ୍ରେନର ଭାନୁ ମଲ୍ଲିକ ଓ ଶାନ୍ତିବାଳା ବେହେରା ଏହି ପ୍ରୋଜେକ୍ଟ ବିଷୟରେ ସୂଚନା ଦେବା ସହ ବଡ଼ି, ପାମ୍ପଡ଼ ଆଦି କିପରି ବିଦ୍ୟୁତ୍‌ଚାଳିତ ମେଶିନ ଦ୍ୱାରା ପ୍ରସ୍ତୁତ କରାଯାଇପାରିବ ତାହା ଦେଖାଇଥିଲେ। ଏଥିରେ ପୁରୀ ଗ୍ରାମ୍ୟ ବ୍ୟାଙ୍କ ଅସ୍ତରଙ୍ଗ ଶାଖାର କୋର୍ଡିନେଟର ସୁଜାତା ମଲ୍ଲିକ, ଅନନ୍ତ ବାସୁଦେବ ଏସ୍‌ଏଚ୍‌ଜି(କ)ର ସଭାନେତ୍ରୀ ଗୁରେଇ କଣ୍ଡୀ, ସମ୍ପାଦିକା ସୁଲୋଚନା କାଣ୍ଡୀ (ଖ)ର ଲୋଚନ କାଣ୍ଡି ଓ ସମ୍ପାଦିକା ଦୀପା ଦାସ, ସଭ୍ୟ ଗଣେଶ ସେଠୀ, ରମେଶ ଚନ୍ଦ୍ର ସାହୁ ଆଦି ଉପସ୍ଥିତ ଥିଲେ। ପଦ୍ମା ଦାସ, ସାବିତ୍ରି ଦାସ, ରଶ୍ମିତା କଣ୍ଡି, ରୁପାଲି କାଣ୍ଡି, ବୀଣାପାଣି କିପରି ସ୍ୱାବଲମ୍ବୀ ହେବେ ତାହା ବୁଝାଇଥିଲେ। ଜିଲା ଶିଳ୍ପ କେନ୍ଦ୍ର ପୁରୀର ସମ୍ବଳ ଅଧିକାରୀ ସଞ୍ଜୀବ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୧୪ରେ ଟାଉନ୍ ହଲ୍‌ରେ ପ୍ରଦର୍ଶନ ହେବ 'ପ୍ରତୀକ୍ଷା'

ପୁରୀ ଅଫିସ, ୯।୨

ଅନ୍ତର୍ଜାତୀୟ ସ୍ତରରେ ଦର୍ଶକଙ୍କଠାରୁ ବହୁ ପ୍ରଶଂସା ପାଇଥିବା 'ଦମନ' ଚଳଚ୍ଚିତ୍ରକୁ ପୁରୀବାସୀଙ୍କ ପାଇଁ ଟାଉନହଲରେ କେତେଜଣ କଳାପ୍ରେମୀ ପ୍ରଦର୍ଶିତ କରିଥିଲେ। ଏବେ ସେମାନେ ପୁଣି ଏକ ଚର୍ଚ୍ଚିତ ଓଡ଼ିଆ ଚଳଚ୍ଚିତ୍ର 'ପ୍ରତୀକ୍ଷା' ଭେଟି ଦେବାକୁ ଯାଉଛନ୍ତି। ପୁରୀ ଟାଉନ ହଲରେ ଏହି ଚଳଚ୍ଚିତ୍ର ଚଳିତ ମାସ ୧୪ ତାରିଖରେ ପ୍ରଦର୍ଶନ କରାଯିବ। ଉକ୍ତଦିନ ୫ଟି ଶୋ ଅର୍ଥାତ ସକାଳ ୯ଟା, ମଧ୍ୟାହ୍ନ ୧୨ଟା, ଅପରାହ୍ନ ୩ଟା, ସନ୍ଧ୍ୟା ୬ଟା ଏବଂ ରାତି ୯ଟାରେ ଏହି ଚଳଚ୍ଚିତ୍ର ପ୍ରଦର୍ଶନ ହେବ। ଟାଉନ ହଲରେ ୨୪ ଫୁଟର ଲମ୍ବା ବଡ଼ ଏଲଇଡି ପରଦା ଲଗାଯିବ। ସରାଉଣ୍ଡ ସାଉଣ୍ଡ, ଏୟାର କଣ୍ଡିଶନର ହଲ୍ ଭଳି ଅନେକ ଅତ୍ୟାଧୁନିକ ସୁବିଧା ରହିବ। ସାଧାରଣ ଦର୍ଶକଙ୍କ ପାଇଁ ଟିକେଟର ମୂଲ୍ୟ ୧୨୦ ଟଙ୍କା ରଖାଯାଇଛି। ଶୁକ୍ରବାରଠାରୁ ସକାଳ ୧୦ରୁ ଅପରାହ୍ନ ୫ଟା ମଧ୍ୟରେ ଟାଉନ୍ ହଲ୍ ନିକଟରେ ଟିକେଟ୍ ବିକ୍ରି କରାଯିବ। ଟିକେଟ ବୁକିଂ ନିମନ୍ତେ ମୋବାଇଲ ନଂ. ୭୩୭୭୨୯୦୫୦୧

**ଆଜିଠୁ ବିକ୍ରି ହେବ ଟିକେଟ୍, ମୂଲ୍ୟ ୧୨୦ ଟଙ୍କା**



ଏବଂ ୮୬୩୭୨୯୦୫୦୧ରେ ଯୋଗାଯୋଗ କରିବାକୁ ପିନାକୀ ଶ୍ରୀଚନ୍ଦନ ଗୁରୁବାର ଭକ୍ତ ସାଲବେଗ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଆୟୋଜକମାନେ କହିଛନ୍ତି, ବାତ୍ୟା ଫନୀଠାରୁ ପୁରୀର ପ୍ରାୟ ସମସ୍ତ ପ୍ରେକ୍ଷାଳୟ ଅବସ୍ଥା ଖରାପ ହୋଇପଡ଼ିଛି। ଭିତ୍ତିଭୂମିର ଅଭାବ ଯୋଗୁ ସ୍ୱଳ୍ପ ସମୟ ମଧ୍ୟରେ କୌଣସି ପ୍ରେକ୍ଷାଳୟ ମରାମତି ହୋଇପାରିବା ମଧ ସମ୍ଭବପର ନୁହେଁ। ତେଣୁ ଲୋକଙ୍କ ଦାବିକୁ ନେଇ ଟାଉନ୍‌ହଲ୍‌ରେ ପ୍ରତୀକ୍ଷା ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବାକୁ ସ୍ଥିର ହୋଇଛି। ସୂଚନାଯୋଗ୍ୟ, ଓଡ଼ିଶାରେ ୫୦ରୁ ଊର୍ଦ୍ଧ୍ୱ ଦିନ ସିନେମା ହଲ୍‌ରେ ପ୍ରତୀକ୍ଷା ପ୍ରଦର୍ଶିତ ହେବା ସହ ଦର୍ଶକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ଗୋଆରେ ଅନୁଷ୍ଠିତ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ ଅଫ୍ ଇଣ୍ଡିଆ-୨୦୨୨ରେ ଉକ୍ତ ଫିଲ୍ମ ଚୟନ ହେବା ସହିତ ଉଚ୍ଚ ପ୍ରଶଂସିତ ହୋଇଥିଲା। ବଲିଉଡ୍ ଅଭିନେତା ତଥା ପ୍ରଯୋଜକ ଅନୁପମ ଖେର୍ ଏହାକୁ ହିନ୍ଦୀରେ ରିମେକ୍ କରିବା ପାଇଁ ଘୋଷଣା କରିଥିଲେ। ଏହାର ହିନ୍ଦୀ ରିମେକ୍ ଏବେ ନିର୍ମାଣ ହେବାକୁ ଯାଉଛି। ଅନୁପମ ଏଥିରେ ଅଭିନୟ କରୁଛନ୍ତି। ଗୌରହରି ଦାସଙ୍କ କ୍ଷୁଦ୍ରଗଳ୍ପକୁ ଆଧାର କରି ପ୍ରତୀକ୍ଷାର କାହାଣୀ ପର୍ଯ୍ୟବସିତ। ସରକାରୀ ଚାକିରୀ କରିଥିବା ଜଣେ ବାପା ଓ ବେରୋଜଗାର ପୁଅ ମଧ୍ୟରେ ଥିବା ସମ୍ପର୍କର କାହାଣୀ, ଜୀବନରେ ମା', ବାପାଙ୍କ ମୂଲ୍ୟ କ'ଣ ତାହା ଏହି ସିନେମାରୁ ଯୁବପିଢ଼ିଙ୍କୁ ଶିକ୍ଷା ମିଳିବ। ଏହା ଏକ ପ୍ରେରଣାଦାୟୀ ସିନେମା ବୋଲି ଆୟୋଜକମାନେ କହିଛନ୍ତି। ଉକ୍ତ ଖବରଦାତା ସମ୍ମିଳନୀରେ ପିନାକୀ ଶ୍ରୀଚନ୍ଦନଙ୍କ ସମେତ ସୌମ୍ୟରଞ୍ଜନ ଶତପଥୀ, ନିହାରିକା ତ୍ରିପାଠୀ, ବାଳକୃଷ୍ଣ ପୂଜାପଣ୍ଡା ଏବଂ ଅଭିଷେକ ଶ୍ରୀଚନ୍ଦନ ପ୍ରମୁଖ ଆୟୋଜକମାନେ ଉପସ୍ଥିତ ଥିଲେ।

# କମାଣ୍ଡ ଏକାଦଶ ଭୁବନେଶ୍ୱର ଚାମ୍ପିୟନ




ଚାମ୍ପିୟନ ହୋଇଥିବା କମାଣ୍ଡ ଏକାଦଶ ଦଳର ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରାଯାଉଛି।

ଅସ୍ତରଙ୍ଗ,୯।୨(ଡି.ଏନ୍.ଏ.)

**ରାଇଜିଂ ଷ୍ଟାର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ**

କାକଟପୁର ପ୍ରାଚୀ ବିହାରସ୍ଥିତ ମିନି ଷ୍ଟାଡିୟମରେ ଚାଲିଥିବା ରାଇଜିଂ ଷ୍ଟାର ପ୍ରିମିୟର ଲିଗ୍ ତୃତୀୟ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟରେ ଗୁରୁବାର ଫାଇନାଲ ମ୍ୟାଚ ହୋଇଥିଲା। ଏଥିରେ ଏମ୍‌ଏମ୍‌ସିସି ସମ୍ବଲପୁରକୁ ହରାଇ କମାଣ୍ଡ ଏକାଦଶ ଭୁବନେଶ୍ୱର ଚଳିତ ବର୍ଷର ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ପ୍ରଥମେ ବ୍ୟାଟିଂ କରି ଏମ୍‌ଏମ୍‌ସିସି ସମ୍ବଲପୁର ନିର୍ଦ୍ଧାରିତ ୧୦ ଓଭର୍‌ରେ ୫ ଉଇକେଟ ହରାଇ ୯୩ରନ ସଂଗ୍ରହ କରିଥିଲା। ଜବାବରେ କମାଣ୍ଡ ଏକାଦଶ ମାତ୍ର ୬ ଓଭରରେ ୨ ଉଇକେଟ ହରାଇ ୯୪ ରନ କରି ଚାମ୍ପିୟନ ହୋଇଥିଲେ। ଦଳ ପକ୍ଷରୁ ମନୁ ରାଉତ ସର୍ବାଧିକ ୪୦ରନ କରି ଦଳ ବିଜୟର ମୁଖ୍ୟ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚନ ହୋଇଥିଲେ। ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ବ୍ଲକ କଂଗ୍ରେସ କମିଟି ସଭାପତି ଅବଧୂତ ସ୍ୱାଇଁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିପିନୀ ଜେନା, ମାନସ ସାହୁ ଅରକ୍ଷିତ କାଣ୍ଡି, ଭାଗବତ ସ୍ୱାଇଁ ଯୋଗଦେଇ ଚାମ୍ପିୟନ ଦଳକୁ ୫୦ ହଜାର ଟଙ୍କା ଓ ଟ୍ରଫି ରନର୍ସ ଦଳକୁ ୩୦ ହଜାର ଟଙ୍କା ରନର୍ସ କପ ପ୍ରଦାନ କରିବା ସହ ଖେଳାଳିଙ୍କୁ ପୁରସ୍କାର ବିତରଣ କରିଥଲେ। ଏହି ପ୍ରିମିୟର ଲିଗ ମ୍ୟାଚରେ ଓଡିଶାର ବିଭିନ୍ନ ଜିଲାରୁ ୧୬ଟି କ୍ରିକେଟ ଟିମ୍ ଯୋଗଦେଇଥିଲେ। ଆୟୋଜକ କ୍ଲବର ମିଳନ ସ୍ୱାଇଁ, ଅକ୍ଷୟ ସ୍ୱାଇଁ, ରାହୁଲ ବେହେରା, ଜ୍ଞାନେନ୍ଦ୍ର ଦାସ, ସତ୍ୟବ୍ରତ ସ୍ୱାଇଁ, ଗୋପାଳ ବେହେରା, ଲିପୁ ପ୍ରମୁଖ ପରିଚାଳନା କରିଥିଲେ।

# ବିଇଓ କାର୍ଯ୍ୟାଳୟ ଘେରିଲା ପାଚିକା ସଂଘ




ପାଚିକା ସଂଘ ପକ୍ଷରୁ ପିପିଲି ବିଇଓ କାର୍ଯ୍ୟାଳୟ ଘେରାଉ କରାଯାଇଛି।

ପିପିଲି,୯।୨(ସ୍ୱ.ପ୍ର.)

ଓଡ଼ିଶା ପାଚିକା ସଂଘ (ସିଆଇଟିୟୁ) ଡାକରାରେ ବିଭିନ୍ନ ଦାବି ନେଇ ଗୁରୁବାର ପୁରୀ ଜିଲା ପିପିଲି ବ୍ଲକ ପାଚିକା ଶାଖା ପକ୍ଷରୁ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ପୁରୀ ଜିଲା ପାଚିକା ସଂଘର ସଭାପତି ପୀତବାସ ବେହେରାଙ୍କ ନେତୃତ୍ୱରେ ବ୍ଲକର ସମସ୍ତ ପାଚିକା ପ୍ଲା କାର୍ଡ ଧରି ପିପିଲି ସିଦ୍ଧେଶ୍ୱର ମନ୍ଦିରଠାରୁ ପଦଯାତ୍ରାରେ ବାହାର ଗ୍ରାମ ପରିକ୍ରମା କରି ପିପିଲି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଭିମୁଖେ ବାହାରିଥିଲେ। ପାଚିକାମାନେ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ନାରାବାଜି ଦେଇ ବିଇଓଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ସେଠାରେ ରାଜ୍ୟ ସରକାରଙ୍କ ପାଚିକାଙ୍କ ପ୍ରତି ହୋଇଥିବା ନିୟମକୁ ବିରୋଧ କରି ୧୦ଟି ଦଫା ସମ୍ବଳିତ ଦାବି ଉପସ୍ଥାପନା କରିଥିଲେ। ସର୍ବନିମ୍ନ ମଜୁରି ଲାଗୁ, ଅବସର ସମୟ ସୀମା ୬୦ ପରିବର୍ତ୍ତେ ୬୨ବର୍ଷ କରାଯାଉ, ସମସ୍ତ ପାଚିକାଙ୍କୁ ବୀମାଭୁକ୍ତ ସହ ପେନସନ ଲାଗୁ କରିବା ଓ ୨୮ ମାସର ଏରିଅର ଅର୍ଥ ପ୍ରଦାନ କରାଯିବା ପାଇଁ ଦାବି ଉଠିଥିଲା। ଶେଷରେ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅନୁପସ୍ଥିତ କାରଣରୁ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସାହେବ ପାତ୍ରଙ୍କ ଜରିଆରେ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପାଚିକାମାନେ ୧୦ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ନାରୀ ନେତ୍ରୀ ବନବାସିନୀ ମହାପାତ୍ର, ଜୟନ୍ତୀ ଚନ୍ଦ, ସବିତା ଦାସ, ନିରୁପମା ରଥ, ମମତା ବାରିକ, ରିହାନା ବିବି, ସିପ୍ରା ନାୟକ, ପର୍ଣ୍ଣିମା ବେହେରା, ମହେଶ୍ୱର ଖଟଇେ, ଜ୍ୟୋସ୍ନା ରାଉତ, ମିନା ମିଶ୍ର, ସାବିତ୍ରୀ ସ୍ୱାଇଁଙ୍କ ସମେତ ଶତାଧିକ ପାଚିକା ସାମିଲ ହୋଇଥିଲେ।

**ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

# ପୁଅ ପାଇଁ ସହାୟତା ଅପେକ୍ଷାରେ ମା'ବାପା

ଅସ୍ତରଙ୍ଗ,୯।୨(ଡି.ଏନ୍.ଏ.)

- ହୃଦ୍, ଫୁସ୍‌ଫୁସ୍ ଜନିତ ରୋଗରେ ପୀଡ଼ିତ ୧୨ବର୍ଷର ଆୟୁଷ
- ସହାୟତା ନ ମିଳିଲେ ମା' କିଡ୍‌ନୀ, ବାପା ଆଖି ବିକ୍ରି କରିବେ

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଆଳଙ୍ଗପୁର ପଞ୍ଚାୟତ କରଞ୍ଜପୁର ଗ୍ରାମର ସୁଦର୍ଶନ ପଣ୍ଡାଙ୍କ ୧୨ ବର୍ଷର ପୁଅ ଆୟୁଷ ହୃଦ୍ ଆଉ ଫୁସ୍‌ଫୁସ୍ ଜନିତ ରୋଗରେ ଆକ୍ରାନ୍ତ ହୋଇ ଜୀବନମରଣ ସହିତ ଲଢ଼େଇ କରୁଛନ୍ତି। ବେଙ୍ଗାଲୁରୁ, କଟକ ଓ ଭୁବନେଶ୍ୱରରେ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ୨ଟିଯାକ ଅଙ୍ଗ ପ୍ରତିରୋପଣ ପାଇଁ ପ୍ରାୟ ୨୦ ରୁ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି କହିବା ପରେ ସୁଦର୍ଶନଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ସୁଦର୍ଶନଙ୍କ ଆର୍ଥିକ ରୋଜଗାର କହିଲେ ଆଖପାଖ ଗ୍ରାମରେ କିଛି ମନ୍ଦିରରେ ପୂଜକ ଭାବେ କାର୍ଯ୍ୟ କରି ପରିବାରର ଗୁଜୁରାଣ ମେଣ୍ଟାନ୍ତି। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ପୁଅର ଚିକିତ୍ସା ପାଇଁ ମାଆବାପା ଚିନ୍ତାରେ ଥିବାବେଳେ କୌଣସି ସହୃଦୟ ବ୍ୟକ୍ତି କିମ୍ବା ସରକାରୀ ସହାୟତା ପାଇଁ ନିବେଦନ କରିଛନ୍ତି। ସୁଦର୍ଶନଙ୍କ ସ୍ତ୍ରୀ କୁହନ୍ତି, ଯଦି କେହି ବଦାନ୍ୟ ବ୍ୟକ୍ତି ମୋର ପୁଅକୁ ଉକ୍ତ ଦୁଇଟି ଅଙ୍ଗ ଦାନ କରନ୍ତି ମୁଁ ଆଉ ମୋ ସ୍ୱାମୀ ନିଜ ଆଖି ଆଉ କିଡ୍‌ନୀ ବିକ୍ରି କରିଦେବୁ। ଯଦି ଏହା ସମ୍ଭବ ନ ହୁଏ କି କୌଣସି ସାହାଯ୍ୟ ନ ମିଳେ ତଥାପି ଆମେ ସ୍ୱାମୀ ସ୍ତ୍ରୀ ପୁଅର ଜୀବନ ବଞ୍ଚାଇବା ପାଇଁ କିଡ୍‌ନୀ ଆଉ ଆଖି ବିକ୍ରି କରି ଚିକିତ୍ସା କରାଇବୁ ବୋଲି ନିଷ୍ପତ୍ତି ନେଇଛୁ ବୋଲି କହିଛନ୍ତି। ଜନ୍ମର ୫ ମାସରୁ ଆୟୁଷ ଏହି ରୋଗରେ ପୀଡ଼ିତ ଥିବା ସୁଦର୍ଶନ ଜାଣିବା ପରେ ବାରମ୍ବାର ବାହାର ମେଡିକାଲରେ ଦେଖାଇ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିସାରିଥିବା କହିଛନ୍ତି। ଏବେ ପ୍ରତି ମାସରେ ଆୟୁଷର ଔଷଧ ଖାଇବା ପାଇଁ ଖର୍ଚ୍ଚ ହେଉଛି ୧ ହଜାର ଟଙ୍କା। ଏହି ଟଙ୍କା ଖର୍ଚ୍ଚ କରିବା ପାଇଁ ଏବେ ସମ୍ଭବ ହୋଇପାରୁନି। ଆର୍ଥିକ ଆଉ ମାନସିକ ଭାରସାମ୍ୟ ହରାଇ ବସିଲେଣି ସ୍ୱାମୀ ସ୍ତ୍ରୀ। ସୁଦର୍ଶନଙ୍କର ଦୁଇ ପୁଅ ଦୁଇ ଝିଅ ଓ ବିଧବା ମା ଏବେ ଘରେ ଅଛନ୍ତି। ତେଣୁ ପୁଅର ଚିକିତ୍ସା ପାଇଁ ରାଜ୍ୟ ସରକାର ଓ ବଦାନ୍ୟ ବ୍ୟକ୍ତିମାନେ ଆର୍ଥିକ ସାହାଯ୍ୟ ସହାୟତା ଯୋଗାଇଦେବାକୁ ସୁଦର୍ଶନ ଏବଂ ତାଙ୍କ ସ୍ତ୍ରୀ ତୃପ୍ତିରେଖା ଅନୁରୋଧ କରିଛନ୍ତି। କାନାରା ବ୍ୟାଙ୍କ ଆକାଉଣ୍ଟ ନଂ./ ୧୧୦୦୬୯୭୬୩୦୧୯, IFSC Code/CNRB000୬୦୧୫,ଏହିନଂରେ ପଠାଇବାକୁ ସେ ନିବେଦନ କରିଛନ୍ତି।



ମା' ତୃପ୍ତିରେଖା ଓ ବାପା ସୁଦର୍ଶନ ପଣ୍ଡାଙ୍କ ସହ ଆୟୁଷ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଦି ପେଡିଆଟ୍ରିକ୍ ଅର୍ଥୋପେଡ଼ିକ୍ ସୋସାଇଟି ଅଫ୍ ଇଣ୍ଡିଆର ୨୯ତମ ବାର୍ଷିକ ସମ୍ମିଳନୀ, ସ୍ୱସ୍ତି ପ୍ରିମିୟମ୍, ସକାଳ ୮ଟା।
- ୧୫ତମ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୦ଟା।
- ଏସିସିଇ, ଭୁବନେଶ୍ୱର ସେଣ୍ଟର ଉଦ୍‌ଘାଟନୀ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର, ସଚିବାଳୟ ମାର୍ଗ, ପୂର୍ବାହ୍ନ ୧୦ଟା।
- ଖଣ୍ଡଗିରି ମେଳାର ୩ୟ ଦିନ, ଖଣ୍ଡଗିରି, ପୂର୍ବାହ୍ନ ୧୦ଟା।
- ଏଚ୍‌ଡିଏଫ୍‌ସି ବ୍ୟାଙ୍କର ନୂତନ ବ୍ରାଞ୍ଚ ଉଦ୍‌ଘାଟନ, ରଘୁନାଥପୁର, ନନ୍ଦନକାନନ ରୋଡ, ପୂର୍ବାହ୍ନ ୧୧ଟା।
- କର୍ପୋରେଟ୍ ବ୍ୟାଡ୍‌ମିଣ୍ଟନ୍ ଚାମ୍ପିୟନ୍‌ଶିପ୍‌ର ଉଦ୍‌ଘାଟନୀ ସମାରୋହ, ରେଲ୍‌ୱେ ଇଣ୍ଡୋର ଷ୍ଟାଡ଼ିୟମ୍, ଅପରାହ୍ନ ୨ଟା।
- ତୋଷାଳି ମେଳା, ଜନତା ମଇଦାନ, ଅପରାହ୍ନ ୨ଟା।
- ଇଲାଇଟ୍ ଫାଉଣ୍ଡେଶନର ବାର୍ଷିକ ଉତ୍ସବ, ସୂଚନା ଭବନ, ଅପରାହ୍ନ ୪ଟା ୩୦।
- ୧୯ତମ ଧଉଳି-କଳିଙ୍ଗ ମହୋତ୍ସବ, ଧଉଳି ଶାନ୍ତିସ୍ତୁପ, ସନ୍ଧ୍ୟା ୬ଟା ୩୦।
- ଓଡ଼ିଶା ଫୁଟବଲ୍ କ୍ଲବ ଓ ହାଇଦ୍ରାବାଦ୍ ଫୁଟବଲ୍ କ୍ଲବ ମଧ୍ୟରେ ମ୍ୟାଚ୍, କଳିଙ୍ଗ ଷ୍ଟାଡିୟମ୍, ସନ୍ଧ୍ୟା ୭ଟା।
- ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସାଂସ୍କୃତିକ ଓ କ୍ରୀଡ଼ା ସଂସଦର ବାର୍ଷିକ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ରାତି ୭ଟା ୩୦।

**କଟକ**

- ଜିଲା ଜଜ୍ ସମ୍ମିଳନୀ ଉଦ୍‌ଘାଟନ ଓ ବାର୍ଷିକ ରିପୋର୍ଟ ଉନ୍ମୋଚନ, ଓଡ଼ିଶା ଜୁଡିସିଆଲ ଏକାଡେମୀ, ପୂର୍ବାହ୍ନ ୧୦ଟା।

**ବାଲିଅନ୍ତା**

- ଅଖଣ୍ଡ ଶାନ୍ତି ଜ୍ଞାନ ଯଜ୍ଞ ଶିବିର, ବଂଶୀବିହାର ବାଲିଅନ୍ତା ସାଇ ମନ୍ଦିର ନିକଟ, ସନ୍ଧ୍ୟା ୬ଟା ୩୦।
- ଶ୍ରୀ ରାମଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ, ଦୁର୍ଗାପୂଜା ମଣ୍ଡପ, ଭିଙ୍ଗାରପୁର,ରାତି ୭ଟା ୩୦ ।

**ସାକ୍ଷୀଗୋପାଳ**

- ୭ମ ସତ୍ୟବାଦୀ ମହୋତ୍ସବ ୨୦୨୩, ପଞ୍ଚସଖା ଖେଳ ପଡ଼ିଆ, ମୁକ୍ତ ଆକାଶ ରଙ୍ଗମଞ୍ଚ, ଅପରାହ୍ନ ୩ ଟା।

# ଆଜିଠାରୁ ଓଜେଇଇ ଆବେଦନ

ଭୁବନେଶ୍ୱର, ୯।୨(ବ୍ୟୁରୋ)

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ୨୦୨୩ ଲାଗି ଶୁକ୍ରବାରଠାରୁ ଅନ୍‌ଲାଇନ୍ ଆବେଦନ ଆରମ୍ଭ ହେବ। ଏହା ମାର୍ଚ୍ଚ ୨୦ ପର୍ଯ୍ୟନ୍ତ ଚାଲିବ। ତେବେ ଓଜେଇଇ ପରୀକ୍ଷା ଲାଗି ନିର୍ଦ୍ଦିଷ୍ଟ ତାରିଖ ଧାର୍ଯ୍ୟ ହୋଇ ନ ଥିଲେ ମଧ୍ୟ ମେ' ପ୍ରଥମ କିମ୍ବା ୨ୟ ସପ୍ତାହ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଓଜେଇଇ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ରାଜ୍ୟର ବିଭିନ୍ନ ବୈଷୟିକ କଲେଜରେ ବିଫାର୍ମ, ଏମ୍‌ସିଏ, କମ୍ପ୍ୟୁଟର ସାଇନ୍ସ, ଏମ୍‌ବିଏ, ଇଣ୍ଟିଗ୍ରେଟେଡ ଏମ୍‌ବିଏ, ବି.କ୍ୟାଟ୍, ଏମ୍‌ଟେକ୍, ଏମ୍ ଆର୍କିଟେକ୍, ଏମ୍ ପ୍ଲାନ୍, ଏମ୍‌ଫାର୍ମା, ଲାଟେରାଲ ଏଣ୍ଟ୍ରି( ବିଟେକ୍, ବିଫାର୍ମା) ପାଠ୍ୟକ୍ରମରେ ନାମଲେଖା ଲାଗି ଏହି ପରୀକ୍ଷା ସିବିଟି ମାଧ୍ୟମରେ ହେବ। ରାଜ୍ୟରେ ବୈଷୟିକ ଶିକ୍ଷା ଲାଗି ୩ଟି ବିଶ୍ୱବିଦ୍ୟାଳୟ, ୮ଟି ସରକାରୀ ବୈଷୟିକ କଲେଜ ଏବଂ ୭୯ଟି ଘରୋଇ ବୈଷୟିକ କଲେଜ ରହିଛି। ମୋଟ୍ ୪୦ହଜାର ସିଟ୍‌ରେ ନାମଲେଖା ଲାଗି ଏହି ପ୍ରବେଶିକା ପରୀକ୍ଷା କରାଯିବ।

# ସ୍ମାର୍ଟ ଶିକ୍ଷା 'ମିଶନ ଦ୍ରୌପଦୀ' ଆରମ୍ଭ

- ମାଗଣାରେ ମିଳୁଛି ଇ-କଣ୍ଟେଣ୍ଟ
- ପ୍ରଥମ ପର୍ଯ୍ୟାୟରେ ୧୦ମ ଶ୍ରେଣୀ ପାଇଁ କଣ୍ଟେଣ୍ଟ ହେଉଛି

କଟକ ଅଫିସ,୯।୨



ମିଶନ ଦ୍ରୌପଦୀରେ ସାମିଲ ହୋଇଥିବା ଶିକ୍ଷକ ଗ୍ରୁପ୍।

ଆଧୁନିକ ଜୀବନରେ ସମୟକୁ ଧରି ଲୋକଙ୍କ ଚାଲିଚଳଣି ସହ ନୀତି ବଦଳିବାରେ ଲାଗିଛି। ଯେଉଁଭଳି ପୂର୍ବରୁ ଶିକ୍ଷାନୁଷ୍ଠାନରେ ପାଠପଢ଼ା ପାଇଁ କଳାପଟା ଥିବାବେଳେ ବର୍ତ୍ତମାନ ତାହାର ସ୍ଥାନ ନେଇଛି ସ୍ମାର୍ଟବୋର୍ଡ। ପୂର୍ବାପେକ୍ଷା ଏହି ସ୍ମାର୍ଟବୋର୍ଡରେ ପିଲାଙ୍କୁ ପାଠପଢ଼ା ସରଳ ହେବା ସହ ଅଧିକ ଜିଜ୍ଞାସୁ କରିବାରେ ସହାୟକ ହେଉଛି। ସ୍ମାର୍ଟବୋର୍ଡରେ ପାଠପଢ଼ା ପାଇଁ ଆବଶ୍ୟକ ସ୍ମାର୍ଟ କଣ୍ଟେଣ୍ଟ। ତେବେ ଏଥିପାଇଁ କଟକ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କ ପକ୍ଷରୁ ପ୍ରଥମକରି ଆରମ୍ଭ ହୋଇଛି 'ମିଶନ ଦ୍ରୌପଦୀ'। ଏହି ମିଶନର ଉଦ୍ଦେଶ୍ୟ ହେଉଛି ଅନ୍ୟ ବେସରକାରୀ ଅନୁଷ୍ଠାନ ପରି ପିଲାଙ୍କୁ ଉତ୍ତମମାନର ଶିକ୍ଷା ପ୍ରଦାନ କରିବା। ଫଟୋ ଏବଂ ଭିଡିଓ ବ୍ୟବହାର କରି ପିପିଟି ପ୍ରସ୍ତୁତ କରାଯାଉଛି। ଉକ୍ତ ପିପିଟିକୁ ଜିଲାର ସମସ୍ତ ସ୍କୁଲକୁ ପ୍ରଦାନ କରାଯାଉଛି। ଏଥିପାଇଁ ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ(ଏଡିଇଓ) ସନ୍ତୋଷ କୁମାର ରାଉତଙ୍କ ପ୍ରତିନିଧିତ୍ୱରେ ୨୮ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି। ଶିକ୍ଷକମାନେ ବିଭିନ୍ନ ବିଷୟରେ ଇ-କଣ୍ଟେଣ୍ଟ ପ୍ରସ୍ତୁତ କରି ୱେବ୍‌ସାଇଟ୍ www.missiondraupadi.inରେ ଅପ୍‌ଲୋଡ୍ କରିବେ। ଏହା ରାଜ୍ୟର ସବୁ ସ୍କୁଲ ପିଲାଙ୍କ ପାଇଁ ମାଗଣାରେ ବ୍ୟବହାର କରାଯାଇପାରିବ। ଚଳିତ ଶିକ୍ଷାବର୍ଷରୁ ଏହି ମିଶନ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଦଶମ ଶ୍ରେଣୀ ପାଇଁ କଣ୍ଟେଣ୍ଟ ପ୍ରସ୍ତୁତ କରାଯାଉଛି। ସ୍ୱତନ୍ତ୍ର ବିଷୟରେ ଶିକ୍ଷକମାନେ ନିଜ କାର୍ଯ୍ୟରୁ ସମୟ ବାହାର କରି କଣ୍ଟେଣ୍ଟ ପ୍ରସ୍ତୁତ କରୁଛନ୍ତି। ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମରେ ଯେଉଁ ସ୍ମାର୍ଟ କ୍ଲାସ୍‌ରୁମ୍ କରାଯାଉଛି, ସେଠାରେ ପିଲାଙ୍କୁ ଶିକ୍ଷାଦାନ ପାଇଁ ସ୍ମାର୍ଟବୋର୍ଡ, ସ୍ମାର୍ଟ କଣ୍ଟେଣ୍ଟ ବ୍ୟବସ୍ଥା କରାଯାଉଛି। ଏଥିପାଇଁ ସରକାରୀ ହାଇସ୍କୁଲର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ତାଲିମ ଦିଆଯିବା ସହ ସ୍ମାର୍ଟ କଣ୍ଟେଣ୍ଟ ପ୍ରସ୍ତୁତ ପାଇଁ ଦାୟିତ୍ୱ ଦିଆଯାଇଥିଲା। ଏଥିଲାଗି ରାଜ୍ୟର ବିଭିନ୍ନ ଜିଲାରେ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନେଇ ତାଲିମ ଶିବିର ହୋଇଥିଲା। ଅପରପକ୍ଷେ ଇ-କଣ୍ଟେଣ୍ଟ ପ୍ରସ୍ତୁତ କରିବା ସମୟସାପେକ୍ଷ। ଏଥିପାଇଁ କେତେଜଣ ଶିକ୍ଷକଙ୍କୁ ନେଇ ଆରମ୍ଭ ହୋଇଛି ଏହି ଯୋଜନା। ଏନେଇ ଡିଇଓ ନାୟକ କହିଛନ୍ତି, ଏହି ମିଶନ ଛାତ୍ରୀଛାତ୍ରଙ୍କର ଶିକ୍ଷା ନେଇଥିବା ଆବଶ୍ୟକତାକୁ ପୂରଣ କରିବା। ଇ-କଣ୍ଟେଣ୍ଟ ଉପରେ ଆଧାରିତ ପାଠ୍ୟକ୍ରମ ଭବିଷ୍ୟତରେ ଛାତ୍ର, ଶିକ୍ଷକ ଏବଂ ପ୍ରଶାସନ ପାଇଁ ଉଚ୍ଚସ୍ତରରେ ପହଞ୍ଚିବାରେ ସାହାଯ୍ୟ କରିବ। ସେହିପରି ଏଡିଇଓ ରାଉତ କହିଛନ୍ତି, ଏହି ଅଭିଯାନ କେବଳ କଟକ ଜିଲା ନୁହେଁ ବରଂ ରାଜ୍ୟର ସମସ୍ତ ଶିକ୍ଷକଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାରେ ସହାୟକ ହେବ। ଏଭଳି ଅଭିନବ ଯୋଜନା ପାଇଁ ଶିକ୍ଷାମନ୍ତ୍ରୀଙ୍କଠାରୁ ଜିଲାପାଳଙ୍କ ପର୍ଯ୍ୟନ୍ତ ସମସ୍ତେ ପ୍ରଶଂସା କରିଛନ୍ତି। ରାଷ୍ଟ୍ରପତିଙ୍କ ନାମରେ ଏହି ମିଶନର ନାମକରଣ କରାଯାଇଛି। ତେବେ ଏହି ମିଶନକୁ ଜାତୀୟସ୍ତରୀୟ ପୁରସ୍କାର ପାଇଁ ମଧ୍ୟ ସାମିଲ କରିଛୁ। ନ୍ୟାଶନାଲ ୟୁନିଭର୍ସିଟି ଅଫ୍ ଏଜୁକେଶନାଲ ପ୍ଲାନିଂ ଆଣ୍ଡ୍ ଆଡ୍‌ମିନିଷ୍ଟ୍ରେଶନରେ ଏଥିପାଇଁ ଆବେଦନ କରିଛୁ।




ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦୁଇଦିନିଆ ଓଡ଼ିଶା ଗସ୍ତ ପରିପ୍ରେକ୍ଷୀରେ କମିଶନରେଟ୍ ପୋଲିସ ପକ୍ଷରୁ ଗୁରୁବାର ଭୁବନେଶ୍ୱରଠାରେ ଅନୁଷ୍ଠିତ କାର୍‌କେଡ୍ ରିହର୍ସାଲ।

## ୮ଲକ୍ଷ ୮୦ ହଜାର ଟଙ୍କାର ହେରୋଇନ୍ ଜବତ: ଯୁବକ ଗିରଫ

**ପୁରୀ ଅଫିସ, ୯।୨:** ପୁରୀ ସହରରେ ଜିଲା ଅବକାରୀ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ସମୁଦ୍ରକୂଳ ଥାନା ଅଞ୍ଚଳରୁ ୮୮ ଗ୍ରାମ୍ ହେରୋଇନ୍ ଜବତ କରାଯାଇଛି। ଏହି ଘଟଣାରେ ଅଭିଯୁକ୍ତ ବିକ୍ରେତା କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ରାମଚଣ୍ଡୀ ସାହି ବାଲିକୁଦାର ଲୋକନାଥ ନନ୍ଦ(୨୫)ଙ୍କୁ ଗିରଫ କରାଯାଇ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଜବତ ହେରୋଇନ୍‌ର ମୂଲ୍ୟ ୮ଲକ୍ଷ ୮୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ପୋଲିସ କହିଛି। ସୂଚନା ଅନୁଯାୟୀ, ଜିଲା ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶ କ୍ରମେ ଜିଲା ସଦର ରେଞ୍ଜ ନିରୀକ୍ଷକା ମାନସୀ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ସମୁଦ୍ରକୂଳ ଥାନା ଅଧୀନ ୟୁଥ୍ ହଷ୍ଟେଲ ଅଞ୍ଚଳର ଫୁଡ୍ କୋର୍ଟ ସାମ୍ନାରେ ଚଢ଼ାଉ କରି ଲୋକନାଥଙ୍କୁ ଗିରଫ କରିଥିଲା। ଏ ନେଇ କେସ୍ ନଂ. ୧୦୦/୨୨-୨୩ ରୁଜୁ ହୋଇଛି।

# କଲମ ଧରିବେ ଦିବ୍ୟାଙ୍ଗ ମୁନା

ଭୁବନେଶ୍ୱର,୯।୨ (ବ୍ୟୁରୋ)



ପଢ଼ା ଲେଖାରେ ମନ ଥିଲେ ମଧ୍ୟ କୁନିପୁଅ ମୁନାର ଶାରୀରିକ ଅକ୍ଷମତା ଏଥିରେ ପ୍ରତିବନ୍ଧକ ସାଜିଥିଲା। କାରଣ ସେ ଅନେକ ଦିନରୁ ଦୁଇ ହାତ ହରାଇଛନ୍ତି। ହେଲେ ଏବେ ସେ କଲମ ଧରିବେ, ଆଉ ପାଠପଢ଼ି ନିଜ ସ୍ୱପ୍ନ ବି ସାକାର କରିବେ। ଏଥିପାଇଁ ଓଡ଼ିଶା ମୋ ପରିବାର ତାଙ୍କୁ କୃତ୍ରିମ ହାତ ଯୋଗାଇଦିଆଯାଇଛି। ଦେବଗଡ଼ ଜିଲା ରିମାଳ ଅଞ୍ଚଳର ୭ବର୍ଷୀୟ ବାଳକ ମୁନା ମାଝି ଦିନେ ଛାତ ଉପରେ ଖେଳୁଥିବାବେଳେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ତାଙ୍କ ଦୁଇ ହାତ ଜଳିଯାଇ ଗୁରୁତର ଆହତ ହୋଇଥିଲା। ଡାକ୍ତର ତାଙ୍କୁ ବଞ୍ଚାଇ ଦେଇଥିଲେ ମଧ୍ୟ ଦୁଇ ହାତକୁ କାଟିବାକୁ ପଡିଥିଲା। ତେବେ ଏହାସତ୍ତ୍ୱେ ମୁନାଙ୍କର ମନୋବଳ ଭାଙ୍ଗି ନ ଥିଲା। ପାଠ ପଢ଼ି ବ ମଣିଷ ହେବା ପାଇଁ ପୂର୍ବପରି ବିଦ୍ୟାଳୟରେ ପଢିବା ଜାରି ରଖିଛନ୍ତି। ହେଲେ ଦୁଇ ହାତ ନ ଥିବାରୁ ଲେଖାଲେଖି କରିପାରୁ ନାହାନ୍ତି। ମୋ ପରିବାର ପକ୍ଷରୁ କୃତ୍ରିମ ଅଙ୍ଗ ଯୋଗାଣ ସମ୍ପର୍କରେ ପରିବାର ଲୋକେ ଗଣମାଧ୍ୟମରୁ ଜାଣିବା ପରେ ଏଥିପାଇଁ ଦେବଗଡ ଜିଲା ଜୀବନବିନ୍ଦୁ ସଂଯୋଜକ ରୋମାଞ୍ଚ ରଞ୍ଜନ ବିଶାଳଙ୍କୁ ଅନୁରୋଧ କରିଥିଲେ। ପରେ ସେ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ଉପ ସଭାପତି ଭବାନୀ ଶଙ୍କର ଦାସଙ୍କୁ ଜଣାଇଥିଲେ। ଏନେଇ ବିଜେଡି ଯୁଗ୍ମ ସମ୍ପାଦକ(ଓଡ଼ିଶା ମୋ ପରିବାର) ରୁଦ୍ର ନାରାୟଣ ସାମନ୍ତରାୟ କ୍ୟାପିଟାଲ ହସ୍ପିଟାଲ ପରିସରସ୍ଥିତ ଏଆର୍‌ସି ସହିତ ଯୋଗାଯୋଗ କରିଥିଲେ। ଗୁରୁବାର ତାଙ୍କୁ କୃତ୍ରିମ ହାତ ଯୋଗାଇ ଦିଆଯାଇଛି। ଏହି ସମୟରେ ସ୍ୱାସ୍ଥ୍ୟ ଉପଦେଷ୍ଟା ସତ୍ୟଜିତ ଦାଶ, ଭବାନୀ ଶଙ୍କର ଦାସ ଏବଂ ଓଡ଼ିଶା ମୋ ପରିବାର ସଦସ୍ୟ ମଧ୍ୟ ଉପସ୍ଥିତ ଥିଲେ।

## ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

**ଭୁବନେଶ୍ୱର,୯।୨(ବ୍ୟୁରୋ):** ଭିଏସ୍‌ଏସ୍ ନଗର ରେଳ ଫାଟକ ନିକଟ ଧାରଣାରୁ ବୁଧବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କ ମୃତଦେହ ଜିଆର୍‌ପି ଜବତ କରିଛି। ତାଙ୍କ ଗୋଡ ଛିଣ୍ଡି ଯାଇଥିବାବେଳେ ମୁହଁ ଓ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଛି। ମୃତକଙ୍କ ପରିଚୟ ଜଣାପଡି ନ ଥିବାବେଳେ ବୟସ ପାଖାପାଖି ୪୦ ବର୍ଷ ହେବ। ମୃତ୍ୟୁ ପଛର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ଟ୍ରେନ୍‌ରୁ ଗଳି ପଡି ତାଙ୍କର ମୃତ୍ୟୁ ଘଟିଥିବା ଜିଆର୍‌ପି ଅନୁମାନ କରୁଛି। ଏନେଇ ଜିଆର୍‌ପି ଶବ ବ୍ୟବଚ୍ଛେଦ ଲାଗି ମୃତଦେହକୁ କ୍ୟାପିଟାଲ ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ରଖିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (୮/୨୩) ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ଏଥିସହ ପରିଚୟ ପାଇଁ ଉଦ୍ୟମ ଚଳାଇଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ରଞ୍ଜିତା



@ ପ୍ରଗତି



@ ଆପୁନି



@ ନାରାୟଣ



@ ଅନୁପକୁମାର



@ ଶ୍ରୀକାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।




ଭୁବନେଶ୍ୱର ବୁଦ୍ଧ ମନ୍ଦିରରେ ଗୁରୁବାର ଅନୁଷ୍ଠିତ ସାହିତ୍ୟିକ ଚନ୍ଦ୍ରଶେଖର ରଥଙ୍କ ସ୍ମାରକୀ ଅଭିଭାଷଣରେ ସମ୍ବର୍ଦ୍ଧିତ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ, ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଓ ଇଂ. ଲଲାଟେନ୍ଦୁ ରଥଙ୍କ ସମେତ ଅନ୍ୟମାନେ।

## ଚନ୍ଦ୍ରଶେଖରଙ୍କ କବିତ୍ୱ ଅତୁଳନୀୟ

ଭୁବନେଶ୍ୱର,୯।୨(ବ୍ୟୁରୋ): ବରେଣ୍ୟ ସାହିତ୍ୟିକ ଚନ୍ଦ୍ରଶେଖର ରଥଙ୍କ ସ୍ମୃତି ଦିବସରେ ପଞ୍ଚମ ସ୍ମାରକୀ ଅଭିଭାଷଣ ଗୁରୁବାର ବୁଦ୍ଧ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶିଷ୍ଟ କବି ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଡ.ହୃଷୀକେଶ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ କହିଛନ୍ତି, ଚନ୍ଦ୍ରଶେଖର ରଥଙ୍କ କବିତ୍ୱ ଅତୁଳନୀୟ। ତାଙ୍କ କବିତ୍ୱ ପାଣ୍ଡିତ୍ୟର ଠିକ୍ ମୂଲ୍ୟାୟନ କରିବା ଅସମ୍ଭବ। ଏଥିସହ ସେ ରଥଙ୍କ ରଚିତ କବିତା ଓ ଶକ୍ତିଶାଳୀ ଚିତ୍ରକଳ୍ପ ବିଷୟରେ ଆଲୋଚନା କରିଥିଲେ। ପ୍ରାରମ୍ଭିକ ସୂଚନା ଶଶିଭୂଷଣ ରଥ ଦେଇଥିଲେ। ସମାଲୋଚିକା ଡ. ରଶ୍ମି ଦାସ କାର୍ଯ୍ୟକ୍ରମ ସଞ୍ଚାଳନ କରିବା ସହ ଡ. ହୃଷୀକେଶ ମଲ୍ଲିକ ଓ ଇଂ ଲଲାଟେନ୍ଦୁ ରଥଙ୍କ ମାନପତ୍ର ପାଠ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ଚାରୁବାଳା ରଥ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରିବା ସହ ଡ. ମଲ୍ଲିକ ଓ ଇଂ ରଥଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ପ୍ରଫେସର ଧନେଶ୍ୱର ସାହୁ, ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଚିବ ଅଶ୍ୱିନୀ କୁମାର ମିଶ୍ର, ଗବେଷକ ଡ. ଅସିତ୍ ମହାନ୍ତି, ଶ୍ରୀଜଗନ୍ନାଥ ଗବେଷକ ଡ.ପୀତବାସ ରାଉତରାୟ, ଗାଳ୍ପିକା ଡ. ପ୍ରବୀଣା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ରାଜ୍ୟରେ ମାନବିକ ଅଧିକାର ସୁରକ୍ଷା ଓ ପ୍ରୋତ୍ସାହନ ନିମନ୍ତେ ପ୍ରଭାବୀ, ନିୟନ୍ତ୍ରଣମୁକ୍ତ ଓ ପୂର୍ଣ୍ଣ କାର୍ଯ୍ୟକ୍ଷମ ଓଡ଼ିଶା ମାନବ ଅଧିକାର କମିଶନ ଦାବିରେ ଆମ୍ବେଦକର ଲୋହିଆ ବିଚାରମଞ୍ଚ ପକ୍ଷରୁ ଗୁରୁବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା।

## ଶେୟାର ବଜାରରେ ଉତ୍ସାହ

**ନୂଆଦିଲ୍ଲୀ :** କ୍ରମାଗତ ୨ୟ ଦିନ ଲାଗି ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରରେ ଉତ୍ସାହ ପରିଲକ୍ଷିତ ହୋଇଛି। ଗୁରୁବାର ଶେୟାର ବଜାରର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୪୨ (୧୪୨.୪୩) ପଏଣ୍ଟ ବଢ଼ି ୬୦,୮୦୬ (୬୦,୮୦୬.୨୨) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୨୨ (୨୧.୭୫) ପଏଣ୍ଟ ବୃଦ୍ଧି ଘଟି ୧୭,୮୯୩ (୧୭,୮୯୩.୪୫) ଅଙ୍କରେ ବଜାର କାରବାର ବନ୍ଦ ହୋଇଥିଲା।

# ବେଦାନ୍ତ ଆଲୁମିନିୟମର ନୂତନ ଉତ୍ପାଦ ଉନ୍ମୋଚିତ

**ଭୁବନେଶ୍ୱର,୯।୨**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ବେଦାନ୍ତ ଗ୍ରୁପ୍‌ର ଅଗ୍ରଣୀ କମ୍ପାନୀ ବେଦାନ୍ତ ଆଲୁମିନିୟମର ନୂତନ ଉତ୍ପାଦ ‘୧୨ମିମି ଆଲୁମିନିୟମ ତାର’ର ଉନ୍ମୋଚନ କରାଯାଇଛି। ଏପରିକି ବେଦାନ୍ତ ଆଲୁମିନିୟମର ଝାରସୁଗୁଡ଼ା ୟୁନିଟ୍‌ରୁ ଉତ୍ପାଦିତ ଉକ୍ତ ଉତ୍ପାଦକୁ ଅନ୍ତର୍ଜାତୀୟ ଆଲୁମିନିୟମ ସମ୍ମିଳନୀ-୨୦୨୩ ପରିସରରେ ଉଦ୍‌ଘାଟନ ବା ଶୁଭାରମ୍ଭ କରାଯାଇଛି। ବିଶେଷକରି ବିଦ୍ୟୁତ୍ ଶିଳ୍ପ ପାଇଁ ଉକ୍ତ ଉତ୍ପାଦ ବେଶ୍ ଉପଯୋଗୀ ଓ ସର୍ବାଧିକ ଆବଶ୍ୟକତା ରହିଛି। ସେହିଭଳି କମ୍ପାନୀର ଝାରସୁଗୁଡ଼ା ଓ ବାଲ୍‌କୋ ୟୁନିଟ୍ ସ୍ମେଲଟରରେ ଏହା ଉତ୍ପାଦନ କରାଯାଉଛି। ବିଶେଷକରି ଅତ୍ୟାଧୁନିକ ପ୍ରପର୍ଜି କ୍ରମାଗତ କାଷ୍ଟିଂ ଟେକ୍ନୋଲୋଜି ବ୍ୟବହାରକରି କମ୍ପାନୀ ୧୨ମି.ମି. ତାର ପ୍ରସ୍ତୁତ କରିଛି। ଏପରିକି ଟ୍ରାନ୍ସଫର୍ମର, ଅଟୋମୋବାଇଲ ସହ



ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ଏହାର ବ୍ୟବହାର କରାଯାଇପାରିବ। ଏହି ତାରଗୁଡ଼ିକ ବେଦାନ୍ତର ଟପ୍ ଅଫ୍ ଲାଇନ ଅଫର ପାଇଁ ତାର ସେଗ୍‌ମେଣ୍ଟରେ ସର୍ବଶେଷ ଉତ୍ପାଦ। ଏଥିରେ ୭.୬ ମି.ମି. ଓ ୧୫ ମି.ମି. ଇସି ଗ୍ରେଡ୍ ତାର ରଡ୍, ଆଲୟ ତାର ଓ ଫ୍ଲିପ୍ କଏଲ ଅନ୍ତର୍ଭୁକ୍ତ ରହିଛି। ଏହାର ମିଳିରେ ନିର୍ମିତ ଉଚ୍ଚ ସଠିକତା ସ୍ୱୟଂଚାଳିତ ଗୁଣ ସହ ବେଦାନ୍ତ ଆଲୁମିନିୟମ ଦ୍ୱାରା ଉତ୍ପାଦିତ ଉକ୍ତ ତାର ଗ୍ରାହକଙ୍କ ଆବଶ୍ୟକତା ଉପରେ ଆଧାରକରି ପ୍ରସ୍ତୁତ ହେଉଛି। ଏଥିରେ ୧୦୦% ପ୍ରାଥମିକ ଆଲୁମିନିୟମ ଓ ଉତ୍କୃଷ୍ଟ ଧାତୁର ସମନ୍ୱୟତା ବିଶ୍ୱସ୍ତରୀୟ ସାଥୀମାନଙ୍କ ମଧ୍ୟରେ ସମତୁଲ କରାଇବ। ଭାରତୀୟ ବଜାରରେ ୧୨ମି.ମି. ତାରର ସମୀକ୍ଷା ଅତ୍ୟନ୍ତ ଉତ୍ସାହଜନକ ଓ କମ୍ପାନୀ ବର୍ତ୍ତମାନ ଏହି ଉତ୍ପାଦ ପାଇଁ ତାର ରପ୍ତାନି ବଜାରକୁ ବଢ଼ାଇବାକୁ ଚାହୁଁଛି।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଇଓ (ଆଲୁମିନିୟମ ବ୍ୟବସାୟ) ରାହୁଲ ଶର୍ମା କହିଛନ୍ତି, ୧୨ମି.ମି. ଓ୍ୱାର ରଡ୍ ଆମ ଉଦ୍ୟୋଗ ପାଇଁ ଏକ ସର୍ବଶେଷ ଅଫର ଓ ଏହାକୁ ଶୁଭାରମ୍ଭକରି ଆମେ ବେଶ୍ ଆନନ୍ଦିତ ଅଛୁ। ଏପରିକି ବିଶ୍ୱସ୍ତ ଓ ନିର୍ମଳ ଶକ୍ତି ପାଇବା ପାଇଁ ଏହା ବେଶ୍ ଗୁରୁତ୍ୱପୂର୍ଣ୍ଣ । ଯେକୌଣସି ଦେଶ ଓ ତା’ର ଲୋକମାନଙ୍କ ପାଇଁ ଏହା ଏକ ପ୍ରକାର ଅର୍ଥନୈତିକ ବିକାଶ ସାଧିତ ହୋଇପାରିବ। ବିଶେଷକରି ବୈଦ୍ୟୁତିକ ଶିଳ୍ପ ପାଇଁ ଏହାର ଗୁରୁତ୍ୱ ସର୍ବାଧିକ ରହିବ। ସେହିଭଳି ବେଦାନ୍ତ ଆଲୁମିନିୟମ ଦୀର୍ଘ ଦିନରୁ ବିଜୁଳି ଶିଳ୍ପ ପାଇଁ ପସନ୍ଦର ଯୋଗାଣକାରୀ ଭାବେ ରହି ଆସିଛି। ତେଣୁ ଆମେ ସେମାନଙ୍କ ବ୍ୟବସାୟକୁ ସମର୍ଥନ କରିବା ଲାଗି ୩୬୦ ଡିଗ୍ରୀ ସମାଧାନ ଆକାରରେ ଏକ ବଣ୍ଡଲ ସୁବିଧା ଯୋଗାଇପାରିବୁ ବୋଲି ସେ ମତପ୍ରକାଶ କରିଛନ୍ତି।

## ପିଏନ୍‌ବି ପକ୍ଷରୁ ଋଣ ମଞ୍ଜୁରିପତ୍ର ବଣ୍ଟନ

**ଭୁବନେଶ୍ୱର,୯।୨**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ସମ୍ବଲପୁର କ୍ଷେତ୍ର ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଶେଷକରି ବ୍ୟାଙ୍କର ପରମାଣପୁର ଶାଖା ପରିସରରେ କୃଷି ଋଣ ତଥା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସଚେତନତା ଶିବିର ଆୟୋଜିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଏସ୍‌ଏଚ୍‌ଜିଙ୍କୁ ୪୦ଟି ଋଣ ମଞ୍ଜୁରି ପତ୍ର ବଣ୍ଟନ କରାଯାଇଥିଲା। ଅପରପକ୍ଷରେ ବ୍ୟାଙ୍କର ସମ୍ବଲପୁର ମଣ୍ଡଳ ପ୍ରମୁଖ ଲିଙ୍ଗରାଜ ଲୁହାଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଜାରି ରହିଥିଲା। ଏହି ଅବସରରେ ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ଶାଶ୍ୱତ ସାହୁ, ପରମାଣପୁର ଶାଖାର ଶାଖା ମୁଖ୍ୟ, ଜିଲା କୃଷି ଅଧିକାରୀ, ପିଏନ୍‌ବି ବ୍ୟାଙ୍କ ମିତ୍ର, ବ୍ୟାଙ୍କର ବ୍ୟବସାୟିକ ପ୍ରତିନିଧି ଏବଂ ବିପିଏମ୍ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବ୍ୟାଙ୍କର ବ୍ୟବସାୟିକ ପ୍ରତିନିଧି, ବିପିଏମ୍ ଓ ମିତ୍ରମାନେ ପରିଚାଳନା କରିଥିଲେ।

## ରିଲାଏନ୍ସ ଜୁଏଲ୍ସର ଭାଲେଣ୍ଟାଇନ୍ସ କଲେକ୍‌ସନ

**ନୂଆଦିଲ୍ଲୀ,୯।୨**

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ରିଲାଏନ୍ସ ଜୁଏଲ୍ସର ‘ଭାଲେଣ୍ଟାଇନ୍ସ ଡେ କଲେକ୍ସନ’ର ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ଚଳିତ ଭାଲେଣ୍ଟାଇନ୍ସ ଡେ ଅବସରରେ ‘ଖୁଦ୍ ସେ ଭି ପ୍ୟାର୍ କରୋ’ ବା ‘ଆପଣଙ୍କର ଚମକ ସହ ସାରା ବିଶ୍ୱକୁ ଚମକାଇ ଦିଅନ୍ତୁ’ ଥିମ୍‌କୁ ନେଇ ଏହାର ଶୁଭାରମ୍ଭ କରାଯାଇଛି। ସେହିଭଳି ଏହାକୁ ପାଳନ କରିବା ପାଇଁ ରିଲାଏନ୍ସ ଜୁଏଲ୍ସ ଏକ ସୁନ୍ଦର ଡାଇମଣ୍ଡ ଜୁଏଲେରି କଲେକ୍ସନର ମଧ୍ୟ ଶୁଭାରମ୍ଭ କରିଛି। ଉକ୍ତ ଡିଜାଇନରେ କନ୍‌ସନଟ୍ରିକ୍ ସର୍କଲର ବ୍ୟବହାର ସୀମାହୀନ ସ୍ୱ-ପ୍ରେମକୁ ଦର୍ଶାଏ ଓ ଯାହାକୁ ଜଣେ ସର୍ବଦା ମନେରଖିବା ଆବଶ୍ୟକ। ଉକ୍ତ କଲେକ୍ସନରେ ଆକର୍ଷଣୀୟ ହୀରାଖଚିତ ବ୍ରେସଲେଟ୍, ପେଣ୍ଡାଣ୍ଟସ ଓ ମୁଦି ରହିଛି, ଯାହାକି ସ୍ୱ-ପ୍ରେମ ଦ୍ୱାରା ଅନୁପ୍ରେରିତ ଓ ଏହା ଉଭୟ ପୁରୁଷ ଏବଂ ମହିଳାଙ୍କ ନିମନ୍ତେ ଉପଲବ୍ଧ। ଏହି ଡିଜାଇନଗୁଡ଼ିକ ଉଭୟ ୟେଲୋ ଗୋଲ୍ଡ ଓ ରୋଜ୍ ଗୋଲ୍ଡରେ ପ୍ରସ୍ତୁତ ଓ ଏହା ଆଇଜିଆଇ



ଓ ଆନ୍ତର୍ଜାତିକ ଭାବରେ ପ୍ରମାଣିତ ଚମକଦାର ହୀରା ଖଚିତ। ଏହି ନୂତନ କଲେକ୍ସନ ସହ ରିଲାଏନ୍ସ ଜୁଏଲ୍ସ ମଧ୍ୟ ଏକ ସ୍ୱତନ୍ତ୍ର ଅଫରର ଶୁଭାରମ୍ଭ କରିଛି, ଯାହାର ନାମ ହେଉଛି ‘ଡ୍ରିମ୍ ଡାଏମଣ୍ଡ ସେଲ୍’। ଏହା ଫେବୃୟାରୀ ୧୪ପର୍ଯ୍ୟନ୍ତ ରହିବ। ଏହା ରିଲାଏନ୍ସ ଜୁଏଲ୍ସର ଡାଏମଣ୍ଡ ଉତ୍ପାଦଗୁଡ଼ିକ ଉପରେ ଇନ୍‌ଭଏସ୍ ମୂଲ୍ୟରେ ୨୫% ରିହାତି ପ୍ରଦାନ କରେ। ଏ ସମ୍ପର୍କରେ ରିଲାଏନ୍ସ ଜୁଏଲ୍ସର ସିଇଓ ସୁନୀଲ ନାୟକ କହିଛନ୍ତି, ଚଳିତ ପ୍ରେମ ଋତୁରେ ଆମେ ଆମର ସମ୍ମାନନୀୟ ପାଟ୍ରନଙ୍କ ସହ ନିଜକୁ ଭଲ ପାଇବାର ବାସ୍ତବିକ ଅର୍ଥକୁ ଗ୍ରହଣ କରିଛି, ଯାହାକି ସ୍ୱପ୍ରେମ ଦ୍ୱାରା ଅନୁପ୍ରେରିତ ହୋଇଥାଏ।

## ‘ସବୁବର୍ଗଙ୍କ ସହ ସମନ୍ୱୟ ରକ୍ଷାକୁ ଗୁରୁତ୍ୱାରୋପ’

**ଭୁବନେଶ୍ୱର,୯।୨**

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମା ଗୁରୁବାର ଦିନିକିଆ ସମ୍ବଲପୁର ଅଞ୍ଚଳ ଗସ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶର୍ମା ଅନୁଗୋଳ ଓ ଝାରସୁଗୁଡ଼ା ରେଳ ସେକ୍ସନ ଅନ୍ତର୍ଗତ ଜରପଡ଼ା ଷ୍ଟେଶନଠାରୁ ଝାରସୁଗୁଡ଼ା ରୋଡ୍ ଷ୍ଟେଶନ ମଧ୍ୟରେ ଚାଲୁ ରହିଥିବା ରେଳ ମାର୍ଗ ସହ ଅନ୍ୟାନ୍ୟ ରେଳ ଭିତ୍ତିଭୂମି କାର୍ଯ୍ୟର ନିରୀକ୍ଷଣ କରିଛନ୍ତି। ବିଶେଷକରି ଶର୍ମା ୱିଣ୍ଡୋ ଟ୍ରେଲିଂ ସହ ଜରପଡ଼ାଠାରୁ ଝାରସୁଗୁଡ଼ା ରୋଡ୍ ମଧ୍ୟରେ ଜାରି ରହିଥିବା ଦୋହରୀକରଣ କାର୍ଯ୍ୟକୁ ନିରୀକ୍ଷଣ କରିବା ସହ ଉକ୍ତ ମାର୍ଗରେ ଥିବା ଷ୍ଟେଶନଗୁଡ଼ିକରେ ଉପଲବ୍ଧ ବିଭିନ୍ନ ଯାତ୍ରୀ ସୁବିଧା ସହ ଟ୍ରେନ୍ ଚଳାଚଳ ପାଇଁ ବିଭିନ୍ନ ଟ୍ରାଫିକ୍ ସୁବିଧା କାର୍ଯ୍ୟ ଓ ଅନ୍ୟାନ୍ୟ ଭିତ୍ତିଭୂମି କାର୍ଯ୍ୟଗୁଡ଼ିକ ସମ୍ବନ୍ଧରେ ମଧ୍ୟ ବିସ୍ତୃତ ଆଲୋଚନା କରିଥିଲେ। ସେହିଭଳି ମହାପ୍ରବନ୍ଧକ ସରଲାଠାରେ ନିୟମିତ ମରାମତି ସୁବିଧା ସହ ମାଲବାହୀ ଟ୍ରେନ୍ ପରୀକ୍ଷା ପାଇଁ ନିର୍ମାଣ ସ୍ଥାନ ଯାଞ୍ଚ କରିଥିଲେ ଓ ଚାଲୁରହିଥିବା ରେଳ ଭିତ୍ତିଭୂମି କାର୍ଯ୍ୟ ସମୀକ୍ଷା କରିଥିବାବେଳେ ସମ୍ବଲପୁରରେ ରେଳ ଅଧିକାରୀଙ୍କ ସହ ନିର୍ମାଣାଧୀନ ରେଳ ପ୍ରକଳ୍ପଗୁଡ଼ିକର ମଧ୍ୟ ସମୀକ୍ଷା କରିଥିଲେ। ଉକ୍ତ ସମୀକ୍ଷା ବୈଠକରେ ସମ୍ବଲପୁର ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ବିନୀତ ସିଂହଙ୍କ ସମେତ ସମ୍ବଲପୁର ଏବଂ ପୂର୍ବତଟ ରେଳପଥ ମୁଖ୍ୟାଳୟର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶର୍ମା ରେଳ ଅଧିକାରୀମାନଙ୍କୁ ସମ୍ପୃକ୍ତ ଅଞ୍ଚଳରେ ଚାଲୁ ରହିଥିବା ରେଳ ଭିତ୍ତିଭୂମି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଏବଂ ତୃଣମୂଳସ୍ତରରୁ ସ୍ଥାନୀୟ ପ୍ରଶାସନ ସମେତ ସମସ୍ତ ଭାଗୀଦାରିମାନଙ୍କ ସହ ଘନିଷ୍ଠ ସମନ୍ୱୟ ରକ୍ଷା କରିବାକୁ ପରାମର୍ଶ ଦେଇଛନ୍ତି। ଏପରିକି ସବୁବର୍ଗଙ୍କ ସହ ସମନ୍ୱୟ ରକ୍ଷାକୁ ଶର୍ମା ଗୁରୁତ୍ୱାରୋପ କରିବା ସହ ଏହାଦ୍ୱାରା ନିର୍ମାଣାଧୀନ କାର୍ଯ୍ୟ ଶୀଘ୍ର ଶେଷ ହୋଇପାରିବ ବୋଲି ସେ ମତପ୍ରକାଶ କରିଛନ୍ତି।



ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଗୁରୁବାର ସ୍ଥାନୀୟ ଓଡିଏମ୍ ଗ୍ଲୋବାଲ ସ୍କୁଲ ପରିସରରେ ଉର୍ଜା ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ବିଜୟୀ ହୋଇଥିବା କୃତୀ ଛାତ୍ରୀଛାତ୍ରମାନଙ୍କ ସହ ଅତିଥି ଓ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

## ଏସ୍‌ବିଆଇଜି ଓ ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟସ ମଧ୍ୟରେ ସହଭାଗିତା

**ନୂଆଦିଲ୍ଲୀ,୯।୨**

ଦେଶର ପ୍ରମୁଖ ସାଧାରଣ ବୀମା କମ୍ପାନୀ ଏସ୍‌ବିଆଇ ଜେନେରାଲ (ଏସ୍‌ବିଆଇଜି) ଓ ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟସ ମଧ୍ୟରେ ଏକ ସହଭାଗିତା ସୃଷ୍ଟି ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଏସ୍‌ବିଆଇଜିର ଇନ୍ସପାୟାର ୱିଣ୍ଟର ସ୍ପୋର୍ଟସ ଏକ୍ସଲେନ୍ସ ପ୍ରୋଗ୍ରାମ (ଆଇଡବ୍ଲ୍ୟୁଏସ୍‌ଇପି)କୁ ବଢାଇବ ଦିଗରେ ଏଭଳି ଏକ ପଦକ୍ଷେପ ଗ୍ରହଣ କରାଯାଇଛି। ଏପରିକି ଜେଏସ୍‌ଡବ୍ଲ୍ୟୁ ଇନ୍ସପାୟାର ଇନ୍‌ଷ୍ଟିଚ୍ୟୁଟ ଅଫ୍ ସ୍ପୋର୍ଟସ ସହ ଏସ୍‌ବିଆଇଜିର ନୂତନ ସହଯୋଗିତା ସ୍ଥାପନ ହୋଇଛି। ଏହା ୨୦୨୬ ଶୀତକାଳୀନ ଅଲିମ୍ପିକ୍ସ ନିମନ୍ତେ ପ୍ରସ୍ତୁତ ହେଉଥିବା ଆଥଲେଟମାନଙ୍କୁ ତାଲିମ ପ୍ରଦାନ, ମାର୍ଗଦର୍ଶନ ଏବଂ ସମର୍ଥନ ଯୋଗାଇଦେବ। ଏ ସମ୍ପର୍କରେ ଏସ୍‌ବିଆଇ ଜେନେରାଲ ଇନ୍‌ସ୍ୟୁରାନ୍ସର ହୋଲ୍-ଟାଇମ ଡାଇରେକ୍ଟର ଆନନ୍ଦ ପେଜାୱାର କହିଛନ୍ତି, ସମାଜର ବିଭିନ୍ନ ବର୍ଗରୁ ବିବିଧ ପ୍ରତିଭାଧାରୀଙ୍କର ଭୂମି ହେଉଛି ଭାରତ। ପ୍ରତ୍ୟେକ ଭାରତୀୟ କ୍ରୀଡ଼ାବିତ୍ ବିଭିନ୍ନ ଆନ୍ତର୍ଜାତିକ କ୍ରୀଡ଼ା ଏବଂ ଭିନ୍ନ ଭିନ୍ନ ପ୍ରକାର କ୍ରୀଡ଼ାରେ ଉତ୍କର୍ଷ ହାସଲକରି ଆସୁଛନ୍ତି। ଏସ୍‌ବିଆଇ ଜେନେରାଲ କ୍ରୀଡ଼ାରେ ଉତ୍କର୍ଷ ଆଣିବାର ପ୍ରଚେଷ୍ଟା କରୁଛି। ସେହିଭଳି ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟସର ସିଇଓ ମୁସ୍ତାଫା ଘାଉସେ କହିଛନ୍ତି, ଆଲ୍‌ପାଇନ ସ୍କି କ୍ରୀଡ଼ାବିତ ଆରିଫ ଖାନଙ୍କୁ ଗତ ଶୀତକାଳୀନ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି କ୍ଷେତ୍ରରେ ଆମର ସମର୍ଥନ ଜରିଆରେ ଏବଂ ପରବର୍ତ୍ତୀ ସମୟରେ ସେ ହାସଲ କରିଥିବା ସଫଳତାକୁ ଲକ୍ଷ୍ୟକରି ଆମେ ଶୀତକାଳୀନ କ୍ରୀଡାର ବିକାଶ କ୍ଷେତ୍ରରେ ଅଧିକ ନିବିଡ଼ ଭାବେ ସଂପୃକ୍ତ ହେବାର ଆତ୍ମବିଶ୍ୱାସ ଲାଭ କରିଥିଲୁ। ବିଶେଷକରି ଆଇଡବ୍ଲ୍ୟୁଏସ୍‌ଇପି ଆରିଫଙ୍କ ସହ ସେହି ପର୍ଯ୍ୟାୟର ଶୁଭାରମ୍ଭ ଥିଲା।

## ଫୁରସତ



କ୍ରିତି ସାନନ୍

## ଗୁଜବକୁ ଖଣ୍ଡନ କଲେ କ୍ରିତି

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ କ୍ରିତି ସାନନ୍ ଏବଂ ଅଭିନେତା ପ୍ରଭାସଙ୍କ ନିର୍ବନ୍ଧକୁ ନେଇ କିଛିଦିନ ହେବ ବିଭିନ୍ନ କଥା ଶୁଣିବାକୁ ମିଳୁଥିଲା। ଫିଲ୍ମ ‘ଭେଡିଆଁ’ର ପ୍ରମୋଶନ ପରେ ଏହି ଖବର ନେଇ ଚର୍ଚ୍ଚା ଜୋରଧରିଛି। ଦୁହିଁଙ୍କ ମଧ୍ୟରେ କ’ଣ ସମ୍ପର୍କ ରହିଛି ସେ ନେଇ କ୍ରିତି ମୁହଁ ଖୋଲିଛନ୍ତି। ସେ ଇନ୍‌ଷ୍ଟାଗ୍ରାମ ଜରିଆରେ ଏକ ପୋଷ୍ଟ ଶେୟାର କରି ପ୍ରଭାସଙ୍କ ସହ ବିବାହ ଖବରକୁ ଖଣ୍ଡନ କରିଛନ୍ତି। ସେ ପୋଷ୍ଟରେ ଲେଖିଛନ୍ତି, ‘ଗୁଜବ ସମ୍ପୂର୍ଣ୍ଣ ଭିତ୍ତିହୀନ’। ଏଥିସହ ପ୍ରଭାସଙ୍କ ଟିମ୍ ମଧ୍ୟ ଏହି ଗୁଜବକୁ ଖଣ୍ଡନ କରିଛି। ସେମାନେ କହିଛନ୍ତି, ପ୍ରଭାସ ଏବଂ କ୍ରିତି କେବଳ ଭଲ ବନ୍ଧୁ, ସେମାନଙ୍କ ମଧ୍ୟରେ ପ୍ରେମସମ୍ପର୍କ ସମ୍ପୂର୍ଣ୍ଣ ଗୁଜବ। ନିର୍ବନ୍ଧ କଥା ପୂରା ମିଥ୍ୟା ବୋଲି ଟିମ୍ କହିଛନ୍ତି। ପୂର୍ବରୁ ମଧ୍ୟ ପ୍ରଭାସ ଏ ଗୁଜବକୁ ଖଣ୍ଡନ କରିଛନ୍ତି। ତେବେ ପ୍ରଭାସ ଏବଂ କ୍ରିତି ଦୁହେଁ ପ୍ରଥମ ଥର ପାଇଁ ‘ଆଦିପୁରୁଷ’ରେ ସ୍କ୍ରିନ୍ ଶେୟାର କରିବେ। ଏହି ଫିଲ୍ମରେ ସେମାନଙ୍କ ବ୍ୟତୀତ ଅମିତାଭ ବଚ୍ଚନ, କାଜୋଲ୍, ସୈଫ୍‌ଅଲି ଖାନ୍ ମୁଖ୍ୟ ଚରିତ୍ରରେ ନଜରକୁ ଆସିବେ। ସିନେମା ଆସନ୍ତା ଜୁନ୍ ୧୬ରେ ବଡ଼ ପରଦାରେ ମୁକ୍ତିଲାଭ କରିବ।

## ୭୨୦ ବର୍ଷ ପୁରୁଣା ଟାଟୁ ଦୋକାନ

**ଜେରୁଜେଲମ୍:** ବର୍ତ୍ତମାନ ଯୁବପିଢ଼ିଙ୍କ ମଧ୍ୟରେ ଟାଟୁର ଚାହିଦା ଅଧିକ ରହିଛି। ବିଭିନ୍ନ ଦେଶରେ ଲୋକେ ଭିନ୍ନ ଭିନ୍ନ ପ୍ରକାରର ଟାଟୁ କରୁଥିବା ଦେଖିବାକୁ ମିଳୁଛି। ଏଥିପାଇଁ ବହୁ ମାତ୍ରାରେ ଟାଟୁ ଦୋକାନ ଖୋଲି ଗଲାଣି। ତେବେ ସବୁଠାରୁ ପୁରୁଣା ଟାଟୁ ଦୋକାନ ଏବେ ବି ରହିଛି। ଯାହା ୭୨୦ ବର୍ଷର ପୁରୁଣା। ଯାହାର ନାମ ରହିଛି ‘ରାଜୌକ୍ ଟାଟୁ, ଟାଟୁ ୱିଥ୍ ହେରିଟେଜ୍ ୧୩୦୦’। ଏହାକୁ ୨୦୨୨ରେ ବିଶ୍ୱର ସବୁଠାରୁ ପୁରୁଣା ଟାଟୁ ଦୋକାନ ଭାବେ ଗିନିଜ୍ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ମିଳି ସାରିଛି। ଏହି ଟାଟୁ ଦୋକାନ ଜେରୁଜେଲମ୍‌ର ପୁରୁଣା ସହରରେ ରହିଛି। ରିପୋର୍ଟ ମୁତାବକ, ରାଜୌକଙ୍କ ପରିବାର କପଟିକ୍ ଖ୍ରୀଷ୍ଟିଆନ୍ ହୋଇଥିବାବେଳେ ଇଜିପ୍ଟରେ ଟାଟୁ ଏକ ପୁରୁଣା ଚିରାଚରିତ ପ୍ରଥା ଭାବେ ପ୍ରଚଳିତ। ସେଠାରେ ଟାଟୁ କରି ନିଜ ଧର୍ମକୁ ଦର୍ଶା ଯାଉଥିଲା। ୬୪୦ମସିହା ବେଳକୁ ଇଜିପ୍ଟରେ ଧର୍ମ ପରିବର୍ତ୍ତନ ପାଇଁ ଖ୍ରୀଷ୍ଟିଆନମାନଙ୍କୁ ବହୁ ମାତ୍ରାରେ ବାଧ୍ୟ କରାଯାଉଥିଲା। ସେତେବେଳେ ସେମାନେ ଟାଟୁ କରି ନିଜକୁ ଅନ୍ୟ ଧର୍ମକୁ ପରିବର୍ତ୍ତନ ହେବାକୁ ବଞ୍ଚାଉଥିଲେ। ଯେତେବେଳେ ରାଜୌକ ପରିବାର ଇଜିପ୍ଟରୁ ଜେରୁଜେଲମ୍ ଗଲେ ସେତେବେଳେ ସେମାନେ ଏହି ପ୍ରଥାକୁ ବଳବତ୍ତର ରଖିଲେ। ପରେ ତାଙ୍କ ପରିବାର ବର୍ଷ ୧୩୦୦ରେ ଟାଟୁ ଦୋକାନ ଆରମ୍ଭ କଲେ। ଏବେ ତାଙ୍କ ପରିବାରର ୨୭ତମ ପିଢ଼ି ଚାଲିଥିବା ସୂଚନା ମିଳିଛି।




## ସଚେତନତା ହିଁ ନିଦାନ

ଦେଶର ପ୍ରତ୍ୟେକ ଶିଶୁଙ୍କୁ କୃମି ମୁକ୍ତ କରିବା ପାଇଁ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏକ ପଦକ୍ଷେପ ଗ୍ରହଣ କରିଛି। ପ୍ରତିବର୍ଷ ଫେବୃୟାରୀ ୧୦ରେ ଜାତୀୟ କୃମିନାଶକ ଦିବସ ପାଳନ କରାଯାଉଛି। ସ୍ୱଳ୍ପ ସମୟ ମଧ୍ୟରେ ବହୁ ସଂଖ୍ୟକ

**ଜାତୀୟ କୃମିନାଶକ ଦିବସ**



ପିଲାଙ୍କ ନିକଟରେ ପହଞ୍ଚୁଥିବା ଏହା ହେଉଛି ସର୍ବ ବୃହତ୍ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ। ୨୦୧୫ଠାରୁ ଏହା କାର୍ଯ୍ୟକାରୀ ହେଉଛି। ହେଲମିନଥସ (କୃମି) ଦୂଷିତ ମାଟି ମାଧ୍ୟମରେ ଛୋଟପିଲାଙ୍କୁ ଆକ୍ରାନ୍ତ କରିଥାଏ। ହେଲମିନଥ ସଂକ୍ରମଣ ଯୋଗୁ ରକ୍ତହୀନତା, ପୁଷ୍ଟିହୀନତା, ଶାରୀରିକ, ମାନସିକ ଏବଂ ଜ୍ଞାନଗତ ବିକାଶରେ ଦୁର୍ବଳ ସମସ୍ୟା ସୃଷ୍ଟି ହୋଇଥାଏ। ଏହି ଜାତୀୟ ସ୍ୱାସ୍ଥ୍ୟ ଦିବସର ଉଦ୍ଦେଶ୍ୟ ହେଉଛି ଶିଶୁଙ୍କର ସ୍ୱାସ୍ଥ୍ୟ, ପୁଷ୍ଟିକର ସ୍ଥିତି, ଶିକ୍ଷା ତଥା ଗୁଣାତ୍ମକ ମାନର ଉନ୍ନତି ପାଇଁ ବିଦ୍ୟାଳୟ ଏବଂ ଅଙ୍ଗନୱାଡି କେନ୍ଦ୍ରର ପ୍ଲାଟଫର୍ମ ମାଧ୍ୟମରେ ସମସ୍ତ ପିଲାଙ୍କୁ କୃମି ମୁକ୍ତ କରାଇବା। ୧ରୁ ୧୪ ବର୍ଷ ବୟସର ପ୍ରାୟ ୨୪୧ ନିୟୁତ ପିଲା ଭାରତରେ କୃମି ଦ୍ୱାରା ସଂକ୍ରମିତ ହୋଇଥା’ନ୍ତି। ଏହି ଦିବସରେ ସଚେତନତା ସୃଷ୍ଟି କରାଯିବା ସହିତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ।

## ପ୍ରେମ ଦିବସ ପାଇଁ ୧୪୪ ଧାରା

**ଲକ୍ଷ୍ନୌ:** କୋଭିଡ୍-୧୯ ମହାମାରୀ ସମ୍ପୂର୍ଣ୍ଣ ଯାଇ ନ ଥିଲେ ମଧ୍ୟ ବହୁ ମାତ୍ରାରେ ସେଥିରୁ ଦେଶ ମୁକ୍ତି ପାଇଛି। ବର୍ତ୍ତମାନ ପ୍ରେମୀଯୁଗଳଙ୍କ ପାଇଁ ପ୍ରେମ ସପ୍ତାହ ଚାଲିଛି। ଏହା ପାଳନ ହେଲେ ଅଧିକ ଗହଳି ହେବା ନେଇ ଆଶଙ୍କା କରାଯାଇଛି। ଏଥିପାଇଁ ଉତ୍ତର ପ୍ରଦେଶ ନୋଏଡାରେ ୧୪୪ ଧାରା ଲାଗୁ କରାଯାଇଛି। ଏହାକୁ ଉଲ୍ଲଂଘନ କଲେ ଆଇପିସି ଧାରା ୧୮୮ରେ ଦଣ୍ଡ ଦିଆଯିବ ବୋଲି ନୋଏଡା ପୋଲିସ ଜଣାଇଛି। ଏଥିସହ ୧୮ ତାରିଖରେ ଶିବରାତ୍ରି ଅଛି। ସେଥିପାଇଁ ଏହି ଧାରାର ଅବଧି ଆଉ କିଛିଦିନ ବୃଦ୍ଧି କରାଯାଇଛି। ଗତ ୪ ତାରିଖରୁ ଏହି ଧାରା ଲାଗୁ ହୋଇଥିବାବେଳେ ମାସ ଶେଷ ଅର୍ଥାତ୍ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ।

## ମୂର୍ତ୍ତି ବିକ୍ରେତାଙ୍କ ୭ ସ୍ତ୍ରୀ, ୯ ପିଲା

**ବ୍ୟାଙ୍କକ୍:** ପେସାରେ ଜଣେ ମୂର୍ତ୍ତି ବିକ୍ରେତା ହୋଇଥିବାବେଳେ ତାଙ୍କର ୭ ସ୍ତ୍ରୀ ଥିବା ନେଇ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ୩୪ ବର୍ଷୀୟ ଯୁବକ ନଙ୍ଗାପୋଙ୍ଗ ଛବେଲେମ୍ ତାଙ୍କ ସ୍ତ୍ରୀମାନଙ୍କ ସହ ୯ ପିଲାଙ୍କୁ ନେଇ ଥାଇଲାଣ୍ଡର ନାଖୋମ୍ ପ୍ରଥମ ପ୍ରାନ୍ତରେ ରହୁଛନ୍ତି। ସେ କହିଛନ୍ତି, ସେ ତାଙ୍କର ସମସ୍ତ ସ୍ତ୍ରୀଙ୍କୁ ବିଭିନ୍ନ ଉପାୟରେ ପାଇଛନ୍ତି। କିନ୍ତୁ ସେ ସମସ୍ତଙ୍କୁ ସତ କହିଛନ୍ତି। ସେଥିପାଇଁ ତାଙ୍କୁ ୭ ସ୍ତ୍ରୀ ବହୁତ ଭଲ ପାଉଥିବା କହିଛନ୍ତି। ସେମାନଙ୍କ ମଧ୍ୟରେ ବ୍ୟବହାର ବହୁତ ଭଲ। କେହି କାହା ସହ ଝଗଡ଼ା କରନ୍ତିନାହିଁ। ଏକାଠି ଚଳନ୍ତି। ମୋତେ ସେମାନଙ୍କୁ ନେଇ କୌଣସି ସମସ୍ୟା ହୁଏନାହିଁ। ସ୍ତ୍ରୀମାନେ କହିଛନ୍ତି, ବର୍ତ୍ତମାନ ସମୟରେ ଜଣେ ସ୍ତ୍ରୀ ଥିଲେ ମଧ୍ୟ ତାକୁ ଆୟତ୍ତ କରିବା ସହଜ ହୋଇ ନ ଥାଏ। ତେବେ ଏକାଥରେ ଏତେଜଣଙ୍କୁ ବିବାହ କରି ରଖିପାରିବା କଷ୍ଟ ହୋଇଥାଏ। କିନ୍ତୁ ନଙ୍ଗାପୋଙ୍ଗଙ୍କ ପାଖରେ ଏହା ସମ୍ଭବ ବୋଲି ତାଙ୍କ ସ୍ତ୍ରୀମାନେ କହିଛନ୍ତି।



## ଅଳିଆରୁ ମିଳିଲା ଦାମୀ ଜିନିଷ

**ଲଣ୍ଡନ:** ଅଳିଆ ବିକ୍ରି କରୁଥିବା ଜଣେ ବ୍ୟକ୍ତି ନିକଟରେ କିଛି ଦାମୀ ଜିନିଷ ପାଇଥିବା ଜଣାପଡ଼ିଛି। ଯାହା ଦେଖି ସେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ବ୍ରିଟେନ୍‌ର କେଣ୍ଟରେ ରହୁଥିବା ୪୭ ବର୍ଷୀୟ ମାର୍ଟିନ୍ ଛୋଟବେଳୁ ଅଳିଆ ଉଠାଇ ତାକୁ ନବୀକରଣ ପାଇଁ ବିକ୍ରି କରୁଥିଲେ। ପରେ ଏହି କାମ ତାଙ୍କ ପେସା ପାଲଟିଗଲା। ତାକୁ ବିକି ପରିବାର ଚଳାଉଛନ୍ତି। ସେ ବର୍ତ୍ତମାନ ସପ୍ତାହକୁ ୨୦ ହଜାରରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଥିବା କହିଛନ୍ତି। ଆଗରୁ ତାଙ୍କୁ ଅଳିଆରୁ ମୂଲ୍ୟବାନ୍ ଜିନିଷ ମିଳିଥିଲା। ହେଲେ ଏଥର ଯାହା ମିଳିଥିଲା, ତାକୁ ଦେଖି ସେ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଅଳିଆ ଭିତରୁ ମାର୍ଟିନ୍‌ଙ୍କୁ ଏକ କମ୍ପାନୀର ଦାମୀ ଜୋତା,



ଆଇ ଫୋନ ସହ ଦାମୀ ବ୍ୟୁଟି ସାମଗ୍ରୀ ମିଳିଥିଲା। ଯାହାର ମୂଲ୍ୟ ପାଖାପାଖି ୧ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ............................


ସାତ୍ତ୍ୱିକ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଇସିସି ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍ ଆଜିଠାରୁ

**କେପ୍ ଟାଉନ୍, ୯।୨ (ପି.ଟି.)**

ଆଇସିସି ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍ ଏଠାରେ ଶୁକ୍ରବାରଠାରୁ ଆରମ୍ଭ ହେବ। ପ୍ରତିଯୋଗିତାରେ ଅଷ୍ଟ୍ରେଲିଆ ଆଧିପତ୍ୟ ବିସ୍ତାର କରିବାକୁ ଚାହିଁବ। ଭାରତ ଓ ଇଂଲଣ୍ଡ ସମେତ ଅନ୍ୟ କେତୋଟି ଦଳ ତାହା କରାଇ ଦେବାକୁ ଚାହିଁବେ ନାହିଁ। ଆଇସିସି ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍‌ର ଇତିମଧ୍ୟରେ ଖେଳାଯାଇ ସାରିଥିବା ୭ଟି ସଂସ୍କରଣ ମଧ୍ୟରୁ ଅଷ୍ଟ୍ରେଲିଆ ୫ଥର ଟ୍ରଫି ଜିତିଛି। ୨୦୨୦ରେ ଟି୨୦ ବିଶ୍ୱକପ୍ ଜିତିବା ପରେ ଅଷ୍ଟ୍ରେଲିଆକୁ ଏହି ଫର୍ମାଟ୍‌ରେ ଅନ୍ୟ ଦଳ କ୍ୱଚିତ ଚାଲେଞ୍ଜ ଦେଇଛନ୍ତି। ଗତ ୨୨ ମାସ ମଧ୍ୟରେ ଦଳ ମାତ୍ର ଥରେ ପରାଜିତ ହୋଇଛି, ତାହାପୁଣି ନିଜ ଦେଶ ବାହାରେ ଭାରତ ବିପକ୍ଷରେ ପୁଣି ସୁପର ଓଭର ପଦ୍ଧତିରେ। ଗତଥରର ଚାମ୍ପିୟନ ଟୁର୍ନାମେଣ୍ଟ ଫେଭରାଇଟ୍ ଭାବେ ଅଭିଯାନ ଆରମ୍ଭ କରିବ। ସଫଳ ହେଲେ ଏହା ହେବ ଦଳର ୬ଷ୍ଠ ଏବଂ ରେକର୍ଡ ୬ଷ୍ଠ ଟାଇଟଲ ସଫଳତା ହାସଲ । ଅଧିନାୟିକା ମେଗ୍ ଲାନିଙ୍ଗ ଫେରିଥିବାରୁ ଦଳର ମନୋବଳ ବୃଦ୍ଧି ପାଇଛି। ପୁନଶ୍ଚ ପେଣ୍ଡା ଇଞ୍ଜୁରିରୁ ମୁକ୍ତିଲାଭ କରି ଷ୍ଟାର ଉଇକେଟକିପର ଆଲିସା ହିଲି ପ୍ରତ୍ୟାବର୍ତ୍ତନ କରିଥିବାରୁ ଦଳ ଅଧିକ ଶକ୍ତିଶାଳୀ ହୋଇଛି। ଦଳରେ ଲାନିଙ୍ଗ, ହିଲି, ଏଲିସ୍ ପେରୀ ଓ ଟାହଲିଆ ମ୍ୟାକ୍‌ଗ୍ରାଥଙ୍କ ଭଳି ବହୁ ହିଟର ରହିଛନ୍ତି। ଏମାନଙ୍କୁ ନେଇ ଅଷ୍ଟ୍ରେଲିଆର ବ୍ୟାଟିଂ ଲାଇନ୍‌ଅପ୍ ବେଶ୍ ସୁଦୃଢ। ଅଭିଜ୍ଞ ପେସ୍ ବୋଲର ମେଗାନ ସ୍କଟ୍ ବୋଲିଂ ଡିପାର୍ଟମେଣ୍ଟର ନେତୃତ୍ୱ ନେବେ। ଦଳରେ ବହୁ ବିକଳ୍ପ ସ୍ପିନର ରହିଛନ୍ତି। ଅଲ୍‌ରାଉଣ୍ଡର ଆଶଲେ ଗାର୍ଡନର ଏବେ ଜବରଦସ୍ତ ଫର୍ମରେ ଅଛନ୍ତି। ମାତ୍ର ନିକଟରେ ଭାରତ ବିପକ୍ଷ ସିରିଜ ସଂଘର୍ଷପୂର୍ଣ୍ଣ ହେବା ସହ ୱାର୍ମଅପ୍‌ରେ ଆୟର୍ଲାଣ୍ଡଠାରୁ ପରାଜିତ ହୋଇଥିବାରୁ ଅଷ୍ଟ୍ରେଲିଆକୁ ଭାରତ, ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ଭଳି ଦଳ ହରାଇ ପାରିବେ। ଗତ ସଂସ୍କରଣ ରନରଅପ୍ ଭାରତ ଥରେ ହେଲେ ଏହି ପ୍ରତିଯୋଗିତା ଜିତିପାରି ନାହିଁ। ଏଥର ଆଶା ପୂରଣ କରିବାକୁ ଚାହିଁବ। ଦଳ ବିଶେଷ କରି ସ୍ମୃତି ମନ୍ଧାନା, ଶେଫାଳି ବର୍ମା ଓ ଅଧିନାୟିକା ହରମନପ୍ରୀତ କୌରଙ୍କୁ ନେଇ ଏହାର ବ୍ୟାଟିଂ ଲାଇନ୍ ଅପ୍‌ର ପ୍ରଦର୍ଶନ ଉପରେ ନିର୍ଭରଶୀଳ। ଟୁର୍ନାମେଣ୍ଟରେ ଇଂଲଣ୍ଡ, ପାକିସ୍ତାନ, ୱେଷ୍ଟଇଣ୍ଡିଜ ଓ ଆୟର୍ଲାଣ୍ଡ ଗ୍ରୁପ୍-ବିରେ ସ୍ଥାନ ପାଇଛନ୍ତି। ୨୦୦୯ରେ ପ୍ରତିଯୋଗିତାର ଉଦ୍‌ଘାଟନୀ ସଂସ୍କରଣରେ ଇଂଲଣ୍ଡ ଥରେ ମାତ୍ର ଚାମ୍ପିୟନ ହୋଇପାରିଛି। ଦଳ ୩ ଥର ଫାଇନାଲରେ ପ୍ରବେଶ କରିପାରିଛି। ହିଥର ନାଇଟ୍‌ଙ୍କ ଅଧିନାୟକତ୍ୱ ପରେ ଇଂଲଣ୍ଡ ଦ୍ୱିତୀୟ ଥର ଏହି ଚାମ୍ପିୟନଶିପ୍ ଜିତିବା ଲକ୍ଷ୍ୟ ରଖିଛି। ଶୁକ୍ରବାର ଆୟୋଜକ ଦକ୍ଷିଣ ଆଫ୍ରିକା ବନାମ ଶ୍ରୀଲଙ୍କା ମ୍ୟାଚ ଖେଳାଯିବ। ଭାରତ ଏହାର ପ୍ରଥମ ମ୍ୟାଚ ରବିବାର ପାକିସ୍ତାନ ବିପକ୍ଷରେ ଖେଳିବ।




**ପଞ୍ଚାନନ ଜେନା ମେମୋରିଆଲ କ୍ରିକେଟ**

# ଫାଇନାଲରେ ସୋଲାର

**ଭୁବନେଶ୍ୱର, ୯।୨ (ସ୍ପୋର୍ଟ୍ସ ବ୍ୟୁରୋ)**

କେଶୁରା ଖେଳ ପଡିଆରେ ଅନୁଷ୍ଠିତ ତୃତୀୟ ପଞ୍ଚାନନ ଜେନା ମେମୋରିଆଲ ଟ୍ରଫିର ଫାଇନାଲରେ ପ୍ରବେଶ କରିଛି କଟକର ସୋଲାର କ୍ରିକେଟ କ୍ଲବ। ଗୁରୁବାର କଟକର ରାଇଜିଂ ଷ୍ଟୁଡେଣ୍ଟକୁ ପ୍ରଥମ ସେମିଫାଇନାଲରେ ୬ ଉଇକେଟରେ ପରାସ୍ତ କରିଥିଲା ସୋଲାର। ପ୍ରଥମେ ବ୍ୟାଟିଂ କରିଥିବା ରାଇଜିଂ ଷ୍ଟୁଡେଣ୍ଟ ୩୩.୪ ଓଭରରେ ୧୯୯ ରନରେ ଅଲଆଉଟ ହୋଇଥିଲା। ଅମିନ୍ ଖାନ୍ ସର୍ବାଧିକ ୪୯ ରନ୍ କରିଥିଲେ। ସୋଲାର ପକ୍ଷରୁ ରାକେଶ ମହାନ୍ତି, ପ୍ରୟାସ ସିଂ, ତାପସ ଦାସ ଓ ପ୍ରଦୀପ୍ତ ଦାସ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ସମ୍ବିତ କୁମାର ସାହୁଙ୍କ ଅପରାଜିତ ୭୨ ଓ ପ୍ରଦୀପ୍ତ ଦାସଙ୍କ ୫୪ ରନ୍ ବଳରେ ୩୩.୩ ଓଭରରେ ୪ ଉଇକେଟରେ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା। ରାଇଜିଂ ଷ୍ଟୁଡେଣ୍ଟ ପକ୍ଷରୁ ଶୁଭମ ନାୟକ ଦୁଇ ଉଇକେଟ ନେଇଥିଲେ। ଓଡ଼ିଶା ରଣଜୀ ଦଳର ମୁଖ୍ୟ କୋଚ୍ ରଶ୍ମିରଞ୍ଜନ ପରିଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ୍ତ ଦାସଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଶରତ ଚନ୍ଦ୍ର ସାହୁ ଓ ଅଜୟ ନାୟକ ମ୍ୟାଚ ପରିଚାଳନା କରିଥିଲେ। ଶୁକ୍ରବାର ରାମେଶ୍ୱର ସ୍ପୋର୍ଟିଂ ଓ ଜୁଭେନାଇଲ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ।



ପ୍ରଦୀପ୍ତ ଦାସଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।


CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
For Booking Contact 0674-2580385

## ଫାଇନାନ୍ସ

ପର୍ସନାଲ, ବ୍ୟବସାୟ, କୃଷି, ଶିକ୍ଷା, ଗୃହ, ପ୍ରପର୍ଟି, ମାଛଚାଷ, କୁକୁଡ଼ା ପାଳନ, ଗାଈ ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ମିଳିବ, ସୁଧ=4% ଅନ୍‌ଲାଇନ୍ ସୁବିଧା

Mob:7653803952
WP-7656825035

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**ନବ ଦାସ ଓ ପ୍ରଶାନ୍ତ ମହାପାତ୍ର ସ୍ମାରକୀ କ୍ରିକେଟ**

# ଜ୍ୟୋତି ମୋଟର୍ସ, ରାମେଶ୍ୱର ସେମିରେ

**ଭୁବନେଶ୍ୱର, ୯।୨ (କ୍ରୀଡ଼ା ପ୍ରତିନିଧି)**

ସ୍ଥାନୀୟ ବିଜେବି କଲେଜ ଖେଳ ପଡ଼ିଆରେ ଗୁରୁବାରଠାରୁ ୬ଷ୍ଠ ନବ ଦାସ ଏବଂ ୨ୟ ପ୍ରଶାନ୍ତ ମହାପାତ୍ର ମେମୋରିଆଲ ଟି୨୦ କ୍ରିକେଟ୍ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ନବ ଦାସ ସ୍ମୃତି କମିଟି ଏବଂ ମୁନ ଲାଇଟ୍ ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ପ୍ରଥମ ଦିବସରେ ବିଜୟୀ ହୋଇ ଜ୍ୟୋତି ମୋଟର୍ସ ଓ ରାମେଶ୍ୱର ସ୍ପୋର୍ଟିଂ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମ ମ୍ୟାଚରେ ଜ୍ୟୋତି ମୋଟର୍ସ ୬ ଉଇକେଟରେ ମୁକ୍ତେଶ୍ୱର କ୍ରିକେଟ କ୍ଲବକୁ ପରାସ୍ତ କରିଥିଲା। ଟସ୍ ଜିତି ବ୍ୟାଟିଂ କରିଥିବା ମୁକ୍ତେଶ୍ୱର ୨୦ ଓଭରରେ ୭ ଉଇକେଟ ହରାଇ ୧୩୧ ରନ କରିଥିଲା। ଦଳ ପକ୍ଷରୁ ରୋନକ ବନ୍ଧୁଆ ସର୍ବାଧିକ ୩୯ ରନ କରିଥିଲେ। ବିପକ୍ଷ ଦଳର ଅବଦୁଲ ଏମ୍. ଖାଁ ଓ ରଶ୍ମି ରଞ୍ଜନ ସାହୁ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଜ୍ୟୋତି ମୋଟର୍ସ ୧୭ ଓଭରରେ ୪ ଉଇକେଟ ହରାଇ ୧୩୪ ରନ ସଂଗ୍ରହ କରି ନେଇଥିଲା। ଇଲୁ ଗୋଚ୍ଛାୟତ ୬୧ ଓ ଗୌରବ ରାଉତ ୫୧ ରନରେ ଅପରାଜିତ ରହି ଦଳକୁ ବିଜୟୀ କରାଇଥିଲେ। ଜିତୁ ମହାପାତ୍ର ଅତିଥିଭାବେ ଯୋଗଦେଇ ଇଲୁ ଗୋଚ୍ଛାୟତଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ରାମେଶ୍ୱର ୨ ଉଇକେଟରେ ପାରାମାଉଣ୍ଟ ସ୍ପୋର୍ଟିଂକୁ ହରାଇ ଦେଇଥିଲା। ଟସ୍ ଜିତି ବ୍ୟାଟିଂ କରିଥିବା ପାରାମାଉଣ୍ଟ ୨୦ ଓଭରରେ ୭ ଉଇକେଟ ହରାଇ ୧୧୫ ରନ କରିଥିଲା। ସୁଦର୍ଶନ ସ୍ୱାଇଁ ସର୍ବାଧିକ ୩୪ ରନ କରିଥିଲେ। ପ୍ରତିପକ୍ଷ ଦଳର ବିଶ୍ୱଜିତ ମଲିକ ୩ଟି ଓ ଓମ୍ ଟି. ମୁଣ୍ଡେ ୨ଟି ଉଇକେଟ ନେଇଥିଲେ। ରାମେଶ୍ୱର ୨୦ ଓଭରରେ ୮ ଉଇକେଟ ହରାଇ ୧୧୬ ରନ କରିଥିଲା। ସମ୍ବିତ ବରାଳ ୪୨ ରନକରି ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ପାରାମାଉଣ୍ଟର ଆଶୁତୋଷ ନାୟକ, ରିତେଶ ପ୍ରିୟରଞ୍ଜନ ଓ ସୟଦ ତୁଫେଲ ଅହମଦ ୨ଟି ଲେଖାଏ ଉଇକେଟ ନେଇଥିଲେ। ଅତିଥିଭାବେ ଯୋଗଦେଇ ପ୍ରଭଞ୍ଜନ ମଲିକ ରାମେଶ୍ୱରର ବିଶ୍ୱଜିତ ମଲିକଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।



ପ୍ରଭଞ୍ଜନ ମଲିକ ରାମେଶ୍ୱରର ବିଶ୍ୱଜିତ ମଲିକଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

# ମହିଳା ଚାମ୍ପିୟନଶିପ୍ ୧୫ରୁ, ପୁରୁଷ ଇଭେଣ୍ଟ ଏପ୍ରିଲ୍‌ରେ

**ନୂଆଦିଲ୍ଲୀ, ୯।୨ (ପି.ଟି.)**

**ଜାତୀୟ ସିନିୟର ହକି**

ହକି ଇଣ୍ଡିଆ ଜାତୀୟ ସିନିୟର ମହିଳା ହକି ଚାମ୍ପିୟନଶିପ୍ ଫେବୃୟାରୀ ୧୫ରୁ ଆରମ୍ଭ ହେବ। ଏହା କାକିନାଡା, ଆନ୍ଧ୍ରପ୍ରଦେଶରେ ହେବ। ଏଥିରେ ୨୯ଟି ଦଳ ଭାଗ ନେବେ। ଗତବର୍ଷ ଫାଇନାଲରେ କର୍ନାଟକକୁ ୨-୦ ଗୋଲରେ ପରାସ୍ତ କରି ଓଡ଼ିଶା ଟାଇଟଲ ଜିତିଥିଲା। ଅନ୍ୟପକ୍ଷରେ ହକି ଇଣ୍ଡିଆ ସିନିୟର ଇଣ୍ଟର-ଡିପାର୍ଟମେଣ୍ଟ ଜାତୀୟ ଚାମ୍ପିୟନଶିପ୍‌ର ତୃତୀୟ ସଂସ୍କରଣ ଫେବୃୟାରୀ ୨୬ରୁ ବେଙ୍ଗାଲୁରୁରେ ଆରମ୍ଭ ହେବ। ରେଲ୍‌ୱେ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ ହେଉଛି ଏହି ପ୍ରତିଯୋଗିତାର ଗତଥରର ଚାମ୍ପିୟନ। ଏହି ଇଭେଣ୍ଟରେ ଭଲ ପ୍ରଦର୍ଶନ କରି ଯୁଗରାଜ ସିଂ ଓ ସୁଖଜିତ୍ ସିଂ ୨୦୨୨ରେ ଜାତୀୟ ସିନିୟର କ୍ୟାମ୍ପ ପାଇଁ ଡାକରା ପାଇଥିଲେ। ଅନ୍ୟପକ୍ଷରେ ମାର୍ଚ୍ଚରେ ରାଉରକେଲାକୁ ହକି ଆକ୍ସନ ଫେରିବ। ପୁରୁଷ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ରେ ଭାରତୀୟ ଦଳ ଜର୍ମାନୀ ଓ ଅଷ୍ଟ୍ରେଲିଆ ବିପକ୍ଷ ହୋମ୍ ମ୍ୟାଚ୍ ଖେଳିବ। ପରେ ଏପ୍ରିଲ୍‌ରେ ୧୩ତମ ଜାତୀୟ ସିନିୟର ପୁରୁଷ ହକି ଚାମ୍ପିୟନଶିପ୍ ସହ ଘରୋଇ ସିଜନ ଆରମ୍ଭ ହେବ। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ କହିଛନ୍ତି, ସମ୍ମାନଜନକ ଜାତୀୟ ଚାମ୍ପିୟନଶିପ୍ ପାଇଁ ପ୍ରସ୍ତୁତ ହେଉଥିବା ଖେଳାଳିମାନଙ୍କର ଶୁଭ କାମନା କରୁଛି। ହକିକୁ କ୍ୟାରିୟର କରିବାକୁ ଚାହୁଁଥିବା ଉଦୀୟମାନ ଖେଳାଳିଙ୍କ ଲାଗି ଏହି ଟୁର୍ନାମେଣ୍ଟ ଏକ ଉତ୍ତମ ପ୍ଲାଟଫର୍ମ। ଏହି ବାର୍ଷିକ ଚାମ୍ପିୟନଶିପ୍ ପ୍ରତିଭାସମ୍ପନ୍ନ ଖେଳାଳି ଚିହ୍ନଟ କରିବାରେ ସହାୟକ ହୋଇଥାଏ।


# Classified Everyday 0674-2580101, 2549949

AUTOMOBILE

**SALE**

Bhubaneswar Carz (Preowned Car) for sale. Vehicle price- Honda Jazz V (2017) 5,30,000/-, Tata Tiagoxz (2021) 7, 15, 000/-, Alto 800 Lxi (2015) 2, 30, 000/- , Alto Lxi (2010) 1, 30, 000/-. Contact person- 7764076680, 9776080658. D-2652


REAL ESTATE

**SALE**

**Bhubaneswarର Phulnakhara East College ନିକଟରେ ଘରବାରି plot sqft. 990/-ରେ ବିକ୍ରିହେବ। 9937161494.** D-2693

ଭୁବନେଶ୍ୱର ନଖରା **2nd Sum Hospital** ନିକଟବର୍ତ୍ତୀ ଘରବାରି ପ୍ଲଟ୍ ଓ ହଂସପାଳ ପାଖରେ **3BHK Duplex** ମିଳୁଛି। **8327785834, 9658122456.** D-74197

Duplex project at Retang Medical Station near CV Raman University, Tamando, Bhubaneswar. 7008459987. D-74185

**Bhubaneswar Gita/ Gandhi College/ Cultural University ପାଖରେ ଥିବା BDA Housing project କୁ ଲାଗି sqft.-650/- plot କିଣନ୍ତୁ। 9348767829, 9040317195.** D-74814

150' ରୋଡ୍ କଡ଼ରେ Hanspal, Balianta Bazar ପାଖରେ 30' ପିଚୁରୋଡ୍, electrification ଥାଇ gharabari plot ମିଳୁଛି। 9861032349. D-73367

ନଖରା ତ୍ରିନାଥବଜାର ପାଖରେ ନଗଦ ଘର କରିବା ପାଇଁ ପାଖରେ ଇଲେକ୍ଟ୍ରି ସୁବିଧା ଥାଇ ଘରବାରି ପାଚେରି ପ୍ଲଟ୍ ବିକ୍ରିହେବ। 9439889903. D-74810

ଭୁବନେଶ୍ୱର-ନଖରା ଛକ ପାଖରେ ଘର କଲାଭଳି SC plot ବିକ୍ରିହେବ। 9439832956. D-2687

14-gunthas plot for sale at just 200mtrs away from AIIMS hospital, Patrapada, Bhubaneswar. Located at prime location on 100feet main road. Suitable for Residential or Commercial projects. Price- 50 lakhs per guntha. Non negotiable. Only genuine buyers. Contact: 9880193309. D-74512

**New Cancer Hospital ନାଇଜର, ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9437621753.** D-73683

BDA plot required LIG Kalinga Nagar brokers don't call. Contact No.- 6371669138, 7606072080. D-2699

**Bhubaneswar Puri Bypass Sai Mandir NH side ଏବଂ ମଞ୍ଚେଶ୍ୱର, ହଂସପାଳ, ଯାଆଁଳା, ତ୍ରିଶୁଳିଆ ନିକଟରେ ସଙ୍ଗେସଙ୍ଗେ ଘର କଲାଭଳି ଘରବାରି ପ୍ଲଟ୍ 30ft. ରାସ୍ତା, ଇଲେକ୍ଟ୍ରିସିଟି ସୁବିଧା ଥାଇ ବିକ୍ରିହେବ। 9438525948, 7064468390.** D-74812

Commercial cum residential plot at Brahmanjharilo, Cuttack (Niali road) 6k.m. to Phulnakhara, 11k.m. to Bhubaneswar. 7809525452. D-74636

**Immediate ଘରକରି ରହିବା ପାଇଁ ବାଳକାଟୀରେ sqft. 1100/- ରେ ଘରବାରି plot ମିଳୁଛି। 8114929186.** D-74638

ଜଟଣୀ NISER ସାମ୍ନାରେ ଘରବାରି yellowzone ଥାଇ possession plot କିଣି immediate ଘର କରନ୍ତୁ। 9938066403, 9438315973. D-74809

**Plot Sale at Nearby Sum Hospital Mendhasala, Bhubaneswar. 30ft Road, Plantation, Electricity, NH-16 Side Price Rs-1050/-, Rs-1250/- 7749892855, 8144855184, 9556392667.** D-2628

BDA plot required area- K-9/B, Kalinga Nagar, brokers don't call. Contact No. 7606072080, 6371669138. D-2700

**30'road, boundary ଥାଇ yellowzone proposed 100ft. ପିଚୁ ରାସ୍ତାକୁ ଲାଗି ତୁରନ୍ତ ଘର କଲା ଭଳି ପ୍ଲଟ୍ ପ୍ରତାପନଗରୀ ଧାକୁଲେଇ ମନ୍ଦିର ନିକଟ ବେଲଗଛିଆରେ 12,00,000/-ରେ ମିଳୁଛି। 9937391249, 6371915941.** D-74195

FOR RENT

3BHK Duplex beautiful corner Villa in gated community, Patia for Family. 9439920321. D-2595

For commercial purpose Minarva Complex, Sector-09, CDA, Cuttack. Contact: 9078814328, 9078814319, 9078814313. D-2615

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

**Happy Birthday**


**Satvik Dash**
Khodasingi, Berhampur
Dear Son, Happy 7th birthday. Wishing the happiest birthday celebration of all time to the most wonderful young kid in the world. May Lord Jagannath bless you with loads of happiness, health, success & prosperity in life. Keep smiling and exploring life as always. Best wishes: Papa, Mama, Snitik, Jeje Bapa, Jeje Maa, Aja, Aai & our loving family. D-2707




Newly open SPA positively health benefits with expert therapist. 7849011931. D-73680

Newly open health benefits SPA special offer @999 Nayapalli. 7846814019. D-73682

Asribada Panchakarma herbal SPA, Kesarimall, Bhubaneswar. Contact: 8926173473. D-74634

Full body massage in homely atmosphere all therapy. Mob: 8114881641. D-73423

Newly open full body massage ladies and gents. 9861883292, 8093860513. D-74637

**LOST**

I, Lalit Kumar Agrawal, R/o. Village/ PO- Ladugaon, Dist. Kalahandi have lost the original sale deed vide RSD No.10901000459 Dt.25.02.2010 during the traveling by motorcycle from Ladugaon to Koksara on dt.28.01.2023. Plot No.541/3045, Khata No.178/882. Inspite of my best efforts I am unable to trace it out. D-2716

ମୁଁ ଶ୍ରୀ ଛବିଳ କୁମାର ଧଳ, ସା/ପୋ/ଥାନା-ନାକଟିଦେଉଳ, ଜିଲ୍ଲା- ସମ୍ବଲପୁର। ତା ୦୮।୦୪।୨୦୦୮ରେ ରେଜିଷ୍ଟର ହୋଇଥିବା ନାକଟିଦେଉଳ ସ୍ଥିତ ଜମି ଯାହାର ଡକ୍ୟୁମେଣ୍ଟ ନଂ.-୪୮/୨୦୦୮ଟି ହଜିଯାଇଛି। ଯଦି ଏହାକୁ କେହି ପାଇବେ କିମ୍ବା ପାଇଥାନ୍ତି ତା'ହେଲେ ଦୟାକରି ୭ଦିନ ମଧ୍ୟରେ ୯୭୭୭୦୭୦୪୦୧ରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୭୭୧୪

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**


**୰ଶ୍ରୀ ଯୋଗେନ୍ଦ୍ର ମହାନ୍ତି**
ଯାଆଁଳା
ଆବିର୍ଭାବ: ୦୩।୦୧।୧୯୩୦
ତିରୋଧାନ: ୩୧।୦୧।୨୦୨୩
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ନିଷ୍ଠା, ଆଦର୍ଶ, କର୍ତ୍ତବ୍ୟପରାୟଣତା ଏବଂ ସେବା ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:** ଧର୍ମପତ୍ନୀ, ଝିଅ, ଜ୍ୱାଇଁ, ପୁଅ, ବୋହୂ ଓ ନାତି, ନାତୁଣୀମାନେ। ଧ-୭୭୧୫

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
ଶୁକ୍ରବାର, ୧୦ ଫେବୃୟାରୀ, ୨୦୨୩



## ଆଇପିଏଲ୍ – ୧୬

# ଚାହିଦାରେ ଯୁବ ଖେଳାଳି

**ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଆଗାମୀ ସଂସ୍କରଣ ଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି। ବିଶ୍ୱର ଏହି ବ୍ୟୟବହୁଳ ଲିଗ୍ ପାଇଁ ଅନୁଷ୍ଠିତ ମିନି ଅକ୍ସନରେ ଫ୍ରାଞ୍ଚାଇଜ୍ ଦଳଗୁଡ଼ିକ ଯୁବ ଏବଂ ଅନ୍ତର୍ଜାତୀୟ ଅଭିଜ୍ଞତା ନ ଥିବା କେତେଜଣ ଖେଳାଳିଙ୍କୁ ନେବାପାଇଁ ଆଗ୍ରହ ଦେଖାଇଛନ୍ତି। ଭବିଷ୍ୟତକୁ ଦୃଷ୍ଟିରେ ରଖି ଦଳ ସଜାଡ଼ିବା ଲକ୍ଷ୍ୟ ରହିଥିବାରୁ ଏହି ଖେଳାଳିଙ୍କ ଚାହିଦା ବଢ଼ିଛି...**



ନିର୍ମଳ କୁମାର ମିଶ୍ର

୨୦୦୮ରୁ ଆରମ୍ଭ ହୋଇଥିବା ବିଶ୍ୱର ସବୁଠାରୁ ଲୋକପ୍ରିୟ ଟି୨୦ ପ୍ରିମିୟର ଲିଗ୍‌ର ୧୬ତମ ସଂସ୍କରଣ ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇଛି। ୧୦ ଫ୍ରାଞ୍ଚାଇଜ୍ ସେମାନଙ୍କର ଦଳକୁ ସଜାଡ଼ିବା ସହିତ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଆଗାମୀ ଆଇପିଏଲ୍‌ରେ ଗ୍ରୁପ୍ ପର୍ଯ୍ୟାୟ ଏବଂ ପ୍ଲେ ଅଫ୍ ସହିତ ଫାଇନାଲକୁ ମିଶାଇ ମୋଟ ୭୪ଟି ମ୍ୟାଚ ଖେଳାଯିବ। ଗ୍ରୁପ୍ ପର୍ଯ୍ୟାୟରେ ପ୍ରତ୍ୟେକ ଦଳ ୧୪ଟି ଲେଖାଏ ମ୍ୟାଚ ଖେଳିବାକୁ ଥିବା ବେଳେ ହୋମ ଭେନ୍ୟୁରେ ୭ଟି ଏବଂ ବାହାର ଭେନ୍ୟୁରେ ୭ଟି ମ୍ୟାଚ ଖେଳିବେ। ସୂଚନାଯୋଗ୍ୟ ଯେ ଗତ ୧୫ ତମ ସଂସ୍କରଣରେ ବର୍ତ୍ତମାନର ଭାରତୀୟ ଟି୨୦ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ଗୁଜରାଟ ଟାଇଟନ୍ସ ଟାଇଟଲ ହାସଲ କରି ସମସ୍ତଙ୍କୁ ଚକିତ କରିଦେଇଥିଲା। ଗତ ସଂସ୍କରଣରେ ସବୁଠାରୁ ଖରାପ ପ୍ରଦର୍ଶନ କରିଥିବା ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଚେନ୍ନାଇ ସୁପର କିଙ୍ଗ୍ସ ଦଳ ଏଥର ମିନି ଅକ୍ସନରେ ନିଜ ନିଜର ଟିମ୍‌କୁ ସନ୍ତୁଳିତ କରିବା ପାଇଁ ଚେଷ୍ଟା କରିଛନ୍ତି।

କୋଚିଠାରେ ଅନୁଷ୍ଠିତ ମିନି ଅକ୍ସନ୍‌ରେ ମୋଟ ୮୦ ଖେଳାଳିଙ୍କୁ ୧୬୭ କୋଟି ଟଙ୍କାରେ କିଣାଯାଇଛି। ଏମାନଙ୍କ ମଧ୍ୟରେ ଯୁବ ଖେଳାଳିଙ୍କ ସଂଖ୍ୟା ଅଧିକ ରହିଛି। ୨୫ବର୍ଷରୁ କମ୍ ୨୭ ଖେଳାଳିଙ୍କ ପାଇଁ ଫ୍ରାଞ୍ଚାଇଜ୍‌ମାନେ ପାଖାପାଖି ୭୧ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଅର୍ଥାତ୍ ପ୍ରତି ଖେଳାଳିଙ୍କ ପାଇଁ ଆଭରେଜ୍ ୨.୬୩ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ୨୫ରୁ ୨୯ ବର୍ଷର ୨୮ ଖେଳାଳିଙ୍କ ପାଇଁ ୩୮.୯ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଫ୍ରାଞ୍ଚାଇଜମାନେ ୩୦ରୁ ୩୪ ବର୍ଷ ୨୦ ଜଣ ଖେଳାଳିଙ୍କ ପାଇଁ ୫୧.୫ କୋଟି ଖର୍ଚ୍ଚ କରିଛନ୍ତି। ଏ କ୍ଷେତ୍ରରେ ପ୍ରତି ଖେଳାଳିଙ୍କ ବେସ୍ ପ୍ରାଇସ ମୂଲ୍ୟ ହାରାହାରି ୨.୫୮ କୋଟି ରହିଛି। ଇଂଲଣ୍ଡ ଅଲରାଉଣ୍ଡର ସାମ୍ କରନ୍‌ଙ୍କୁ ପଞ୍ଜାବ କିଙ୍ଗ୍ସ ୧୮.୫ କୋଟି ଟଙ୍କାରେ କିଣିଛି। ଫଳରେ ଆଇପିଏଲ୍ ଇତିହାସରେ ଏକ ରେକର୍ଡ ସୃଷ୍ଟି ହୋଇଛି ଏବଂ ସେ ସବୁଠାରୁ ଦାମୀ ଖେଳାଳି ସାବ୍ୟସ୍ତ ହୋଇଛନ୍ତି। ସେହିପରି ନିଲାମ ପ୍ରକ୍ରିୟାରେ ଦ୍ୱିତୀୟ ମହଙ୍ଗା ଖେଳାଳି କାମେରନ୍ ଗ୍ରୀନ୍‌ଙ୍କ ବୟସ ମାତ୍ର ୨୩ବର୍ଷ ହୋଇଥିବା ବେଳେ ତାଙ୍କୁ ୧୭.୫ କୋଟିରେ ମୁମ୍ବାଇ ଇଣ୍ଡିଆନ୍ସ ଟିମ୍ କିଣିଛି। ଅନ୍ୟ ପକ୍ଷରେ ଇଂଲଣ୍ଡର ୨୩ ବର୍ଷୀୟ ଯୁବ ବ୍ୟାଟର ହ୍ୟାରି ବ୍ରୁକ୍‌ଙ୍କୁ ୧୩.୨୫ କୋଟିରେ ସନ୍‌ରାଇଜର୍ସ ହାଇଦ୍ରାବାଦ ନିଜ ଦଳରେ ସାମିଲ କରିଛି। ଏଥିରୁ ପ୍ରମାଣ ମିଳୁଛି ଯେ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏଥର ଫ୍ରାଞ୍ଚାଇଜମାନେ ଏହି ଖେଳାଳିଙ୍କ ଉପରେ ବିଡ୍ ଲଗାଇଛନ୍ତି।

ଆଇପିଏଲ୍ ୨୦୨୩ର ମିନି ନିଲାମ ପ୍ରକ୍ରିୟାରେ ଅନେକ ଅନ୍ତର୍ଜାତୀୟ ମ୍ୟାଚ ଖେଳି ନ ଥିବା ଭାରତୀୟ ଖେଳାଳିମାନଙ୍କ ଉପରେ ମଧ୍ୟ ଫ୍ରାଞ୍ଚାଇଜମାନେ ଭରସା କରିଥିଲେ। ଇତିମଧ୍ୟରେ ସେମାନଙ୍କ ମଧ୍ୟରୁ କେତେଜଣ ଏହା ମଧ୍ୟରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଛନ୍ତି। ଏମାନଙ୍କ ମଧ୍ୟରେ ଅଛନ୍ତି ଗୁଜରାଟ ଟାଇଟନ୍ସ ଦ୍ୱାରା କିଣାଯାଇଥିବା ଶିଭମ୍ ମାଭି। ନିକଟରେ ଅନ୍ତର୍ଜାତୀୟ ଟି୨୦ କ୍ୟାରିୟର ଆରମ୍ଭ କରିଥିବା ମାଭିଙ୍କ ପାଇଁ ଗୁଜରାଟ ଫ୍ରାଞ୍ଚାଇଜ୍ ୬ କୋଟି ଟଙ୍କା ବ୍ୟୟ କରିଛି।

ସେହିପରି ଘରୋଇ କ୍ରିକେଟର ଭେଟେରାନ ବାମହାତୀ ଦ୍ରୁତ ବୋଲର ମୁକେଶ କୁମାର ନିଲାମ ସମୟରେ ଦ୍ୱିତୀୟ ମହଙ୍ଗା ଅନ୍‌କ୍ୟାପେଡ ଭାରତୀୟ ଖେଳାଳି ହୋଇଛନ୍ତି। ଫ୍ରାଞ୍ଚାଇଜ ମଧ୍ୟ ତାଙ୍କ ଉପରେ ଟଙ୍କା ବର୍ଷା କରିଥିବାର ଦେଖାଯାଇଛି। ମୁକେଶଙ୍କୁ ନିଜ ଦଳକୁ ନେବାପାଇଁ ନିଲାମ ସମୟରେ ଚେନ୍ନାଇ ସୁପର କିଙ୍ଗ୍ସ, ଦିଲ୍ଲୀ କ୍ୟାପିଟାଲ୍ସ ଏବଂ କିଙ୍ଗ୍ସ ଇଲେଭେନ ପଞ୍ଜାବ ମଧ୍ୟରେ ସୁସ୍ଥ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଶେଷରେ ଦିଲ୍ଲୀ କ୍ୟାପିଟାଲ୍ସ ଏହି ଖେଳାଳିଙ୍କ ଉପରେ ସବୁଠାରୁ ବଡ ବିଡ୍ ରଖି ୫.୫ କୋଟିରେ କିଣିଥିଲା।

ଅନ୍ୟ ଖେଳାଳିଙ୍କ ମଧ୍ୟରେ ଜମ୍ମୁ ଓ କଶ୍ମୀରର ଯୁବ ଅଲ୍‌ରାଉଣ୍ଡର ବିବ୍ରାନ୍ତ ଶର୍ମାଙ୍କୁ ଦଳରେ ସାମିଲ କରିବା ପାଇଁ ସନରାଇଜର୍ସ ହାଇଦ୍ରାବାଦ ଏବଂ କୋଲକୋତା ନାଇଟ୍ ରାଇଡର୍ସ ମଧ୍ୟରେ ଲଢ଼େଇ ଦେଖାଦେଇଥିଲା। ୨୦ ଲକ୍ଷ ଟଙ୍କାର ବେସ୍ ପ୍ରାଇସ ଥିବା ଏହି ଯୁବ ଖେଳାଳିଙ୍କ ମୂଲ୍ୟ ଶେଷରେ ୨କୋଟି ୬୦ ଲକ୍ଷ ଟଙ୍କାରେ ପହଞ୍ଚିଥିଲା ଏବଂ ସନରାଇଜର୍ସ ହାଇଦ୍ରାବାଦ ତାଙ୍କୁ ଦଳରେ ନେଇଥିଲା। ବିବ୍ରାନ୍ତଙ୍କୁ ପ୍ରଥମଥରପାଇଁ ଦର୍ଶକମାନେ ଆଇପିଏଲ୍‌ରେ ଦେଖିବାକୁ ପାଇବେ। ଦଳ ନିଶ୍ଚିତ ରୂପେ ତାଙ୍କଠାରୁ ଭଲ ପ୍ରଦର୍ଶନ ଆଶା କରିବ। ଏହା ବ୍ୟତୀତ ସନରାଇଜର୍ସ ହାଇଦ୍ରାବାଦ ଟିମ୍ ଇଣ୍ଡିଆର ପୂର୍ବତନ ଧୂଆଁଧାର ଓପନର ବୀରେନ୍ଦ୍ର ସ୍ୱେହାଗଙ୍କ ଭଣଜା ମୟଙ୍କ ଡାଗରେଙ୍କୁ ୧.୬୦ କୋଟି ଟଙ୍କା ବିନିମୟରେ ଦଳରେ ସାମିଲ କରିଛି। ତାଙ୍କୁ ନେବାପାଇଁ ରାଜସ୍ଥାନ ରୟାଲ୍ସ ଏବଂ ହାଇଦ୍ରାବାଦ ମଧ୍ୟରେ ଭଲ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଶେଷରେ ହାଇଦ୍ରାବାଦ ବାଜି ମାରିଥିଲା। ସେହିପରି ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟ ଡେବ୍ୟୁ କରିଥିବା ଅଭିଜ୍ଞ ଉଇକେଟ କିପର ଏବଂ ବ୍ୟାଟର କେ.ଏସ୍. ଭରତ ଆଇପିଏଲ୍ ୨୦୨୩ର ମିନି ଅକ୍ସନରେ ଅନ୍‌କ୍ୟାପେଡ ଖେଳାଳିଙ୍କ ମଧ୍ୟରେ ରହିଥିଲେ। ଏହାସତ୍ତ୍ୱେ ଗୁଜରାଟ ଟାଇଟନ୍ସ ଦଳ ତାଙ୍କୁ ୧.୨୦ କୋଟିରେ କିଣିଥିଲା। ଭରତ ଯିଏକି ଆନ୍ଧ୍ରପ୍ରଦେଶ ପକ୍ଷରୁ ରଣଜୀ ମ୍ୟାଚ ଖେଳିବା ସହିତ ଘରୋଇ ପ୍ରତିଯୋଗିତାଗୁଡିକରେ ଚମକାଇଲା ପରି ପ୍ରଦର୍ଶନ କରିଛନ୍ତି।

ଆଗାମୀ ସଂସ୍କରଣ ପାଇଁ ବିସିସିଆଇ ନିର୍ଦ୍ଧାରିତ ତାରିଖ ଘୋଷଣା କରି ନ ଥିଲେ ମଧ୍ୟ ଏହା ମାର୍ଚ୍ଚ ୨୫ରୁ ଆରମ୍ଭ ହୋଇ ମେ ୨୮ ପର୍ଯ୍ୟନ୍ତ ଖେଳାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଚେନ୍ନାଇ ସୁପର କିଙ୍ଗ୍ସର କାଇଲ ଜେମିସନ, ବେନ୍ ଷ୍ଟୋକ୍ସ, ଡେଭନ କନୱେ, ମୋଇନ ଅଲ୍ଲୀ, ମିଚେଲ ସାଣ୍ଟନର, ଡୱିନ ପ୍ରୋଟୋରିୟସଙ୍କ ପରି ନାମୀ ବିଦେଶୀ ଖେଳାଳି ରହିଥିବା ବେଳେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଦଳରେ ଫାଫ୍ ଡୁପ୍ଲେସି, ଫିନ୍ ଆଲେନ, ଗ୍ଲେନ ମ୍ୟାକ୍ସୱେଲ, ୱାନିନ୍ଦୁ ହସରଙ୍ଗା, ଡେଭିଡ ୱିଲି ପ୍ରମୁଖ ରହିଛନ୍ତି। ସେହିପରି ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ଟିମ୍ ଡେଭିଡ୍, ଜୋଫ୍ରା ଆର୍ଚର, କାମେରନ ଗ୍ରୀନ୍, କୋଲକୋତା ନାଇଟ୍‌ରାଇଡର୍ସ ଦଳରେ ଆନ୍ଦ୍ରେ ରସେଲ, ସୁନୀଲ ନାରିନ, ଲୋକି ଫର୍ଗୁସନ, ଟିମ୍ ସୌଦୀ ରହିଥିବା ବେଳେ ସନରାଇଜର୍ସ ହାଇଦ୍ରାବାଦ ଦଳରେ ଆଦିଲ ରସିଦ, ହାରି ବ୍ରୁକ୍, ଗ୍ଲେନ ଫିଲିପ୍ସ, ହେନରିଚ କ୍ଲାସେନ ସ୍ଥାନ ପାଇଛନ୍ତି। ରାଜସ୍ଥାନ ରୟାଲ୍ସ ଜାସନ ହୋଲ୍ଡର, ସିମରନ ହେଟମେର, ଜୋସ୍ ବଟଲର, ଟ୍ରେଣ୍ଟ ବୋଲ୍ଟଙ୍କ ଭଳି ନାମୀଦାମୀ ଖେଳାଳିଙ୍କୁ ନିଜ ପାଖରେ ରଖିଥିବାବେଳେ ଦିଲ୍ଲୀ କ୍ୟାପିଟାଲ୍ସ ଦଳରେ ରିଲେ ରୋସୋ, ଡେଭିଡ ୱାର୍ନର, ଏନରିଚ ନର୍ଜେ, ଲୁନ୍‌ଗି ଏନ୍‌ଗିଡ, କିଙ୍ଗ୍ସ ଇଲେଭେନ ପଞ୍ଜାବ ଦଳରେ ସାମ କୁରନ, ଲିୟାମ ଲିଭିଂଷ୍ଟୋନ, କାଗିସୋ ରାବାଡା, ଗତଥର ପ୍ରଥମ ପଦାର୍ପଣରେ ଚାମ୍ପିୟନ ହୋଇଥିବା ଗୁଜରାଟ ଟାଇଟନ୍ସ ଦଳରେ ଓଡେନ ସ୍ମିଥ, ଡେଭିଡ ମିଲର, ମାଥ୍ୟୁ ୱେଡ ରହିଥିବା ବେଳେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଦଳରେ ଡାନିଏଲ ସାମ୍ସ, ନିକୋଲାସ ପୁରନ୍, କ୍ୱିଣ୍ଟନ ଡିକକ୍, ମାର୍କସ ଷ୍ଟୋଇନିସ୍, କାଇଲ ମେୟର୍ସଙ୍କ ପରି ଦକ୍ଷ ବିଦେଶୀ ଖେଳାଳି ରହିଛନ୍ତି। ଟିମ୍ ଚୟନ ଦୃଷ୍ଟିରୁ ସନରାଇଜର୍ସ ହାଇଦ୍ରାବାଦ, ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଦଳ ବେଶ୍ ଶକ୍ତିଶାଳୀ ଜଣାପଡୁଥିବା ବେଳେ ବିଭିନ୍ନ ଦଳର ପ୍ରଦର୍ଶନ ଉପରେ ନଜର ରହିବ।



ମୁକେଶ କୁମାର



ସାମ୍ କୁରାନ

---

## ଅତୀତ ସ୍ମୃତିରୁ

### ଓଡ଼ିଶାର କିମ୍ବଦନ୍ତୀ କ୍ରୀଡ଼ାବିତ୍

# ହେମନ୍ତ କୁମାର ପଟେଲ

**ଜଣେ ଉଚ୍ଚକୋଟୀର ସ୍ପ୍ରିଣ୍ଟର ସହିତ ସଫଳ ଲଙ୍ଗଜମ୍ପର ଭାବେ ପ୍ରସିଦ୍ଧିଲାଭ କରିଥିଲେ ହେମନ୍ତ କୁମାର ପଟେଲ। ଉଭୟ ୧୦୦ମି ଦୌଡ଼ ଏବଂ ଲଙ୍ଗଜମ୍ପ ଇଭେଣ୍ଟରେ ଏକାଧିକ ଥର ରାଜ୍ୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ହେମନ୍ତ ପରବର୍ତ୍ତୀ ସମୟରେ 'ଲଙ୍ଗଜମ୍ପ'କୁ ତାଙ୍କର ପସନ୍ଦ ଇଭେଣ୍ଟ ଭାବେ ଗ୍ରହଣ କରିଥିଲେ....**



ଅଶୋକ ମହାନ୍ତି

'ଦୌଡ଼, କୁଦ' ବିଭାଗରେ ଲମ୍ଫଡିଆଁ ବା ଲଙ୍ଗଜମ୍ପ ଏକ ଆକର୍ଷଣୀୟ ଇଭେଣ୍ଟ। ସାଧାରଣତଃ 'ସ୍ପ୍ରିଣ୍ଟିଙ୍ଗ'ର କ୍ଷିପ୍ର ବେଗ ଏବଂ ଜମ୍ପିଙ୍ଗର ଏକ୍ସପ୍ଲୋସିଭ ଶକ୍ତିର ସମନ୍ୱିତ ବିନିଯୋଗରେ ଜଣେ ଆଥ୍‌ଲେଟ୍ ଉଚ୍ଚକୋଟୀର ଲଙ୍ଗଜମ୍ପର ହେବାରେ ସକ୍ଷମ ହୋଇଥାଏ। ବିଶ୍ୱସ୍ତରରେ ଦୁଇ ସର୍ବକାଳୀନ ଶ୍ରେଷ୍ଠ କିମ୍ବଦନ୍ତୀ ସ୍ପ୍ରିଣ୍ଟର୍ସ ମଧ୍ୟ ସମକାଳୀନ ଶ୍ରେଷ୍ଠ ଲଙ୍ଗଜମ୍ପର୍ସ ଭାବେ ପରିଚିତ। ଜଣେ ହେଲେ ଆମେରିକାର ଜେସି ଓଏନ୍ସ (୧୯୩୬ ବର୍ଲିନ ଅଲିମ୍ପିକ୍ସରେ ୧୦୦ମି, ୨୦୦ମି, ୪x୧୦୦ମି ରିଲେ ଏବଂ ଲଙ୍ଗଜମ୍ପରେ ସ୍ୱର୍ଣ୍ଣପଦକ ବିଜେତା) ଏବଂ ଅନ୍ୟଜଣକ ହେଲେ କାର୍ଲ ଲୁଇସ୍ (୧୯୮୪ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସରେ ୧୦୦ମି, ୨୦୦ମି, ୪x୧୦୦ମି ରିଲେ ଏବଂ ଲଙ୍ଗଜମ୍ପ ସ୍ୱର୍ଣ୍ଣପଦକ ବିଜେତା)। ଟ୍ରାକ୍ ଆଣ୍ଡ ଫିଲ୍ଡ ଇତିହାସରେ ଏହି ଦୁଇଜଣ ବିରଳ ପ୍ରତିଭାଶାଳୀ ଆଥ୍‌ଲେଟ୍‌ଙ୍କ ଅବିଶ୍ୱସନୀୟ ପ୍ରଦର୍ଶନର ସମକକ୍ଷ ହେବା ଆଉ କୌଣସି ଆଥ୍‌ଲେଟ୍‌ଙ୍କ ପକ୍ଷେ ଆଜି ପର୍ଯ୍ୟନ୍ତ ସମ୍ଭବ ହୋଇନାହିଁ।

ବିଭିନ୍ନ ସମୟରେ ଭିନ୍ନଭିନ୍ନ ସ୍ଥାନରେ ଏହିପରି ପ୍ରତିଭାଧାରୀ କ୍ରୀଡ଼ାବିତ୍‌ମାନଙ୍କ ଆବିର୍ଭାବ ହୋଇଥାଏ। ଆମ ରାଜ୍ୟରେ ମଧ୍ୟ ଯେଉଁ କେତେଜଣ କ୍ରୀଡ଼ାବିତ୍ ଏହିପରି ବିରଳ ପ୍ରତିଭାର ଅଧିକାରୀ ଥିଲେ ସେମାନଙ୍କ ମଧ୍ୟରେ ୫୦ ଓ ୬୦ ଦଶକରେ ଗୋଲକ ସାମଲ (ବୁଲୁ), ୭୦ ଦଶକରେ ପଞ୍ଚାନନ ଗନ୍ତାୟତ ଏବଂ ଉଷାରାଣୀ ମିଶ୍ର ପ୍ରମୁଖ ଉଭୟ ଉଚ୍ଚକୋଟୀର ସ୍ପ୍ରିଣ୍ଟର ସହିତ ସଫଳ ଲଙ୍ଗଜମ୍ପର ଭାବେ ପ୍ରସିଦ୍ଧିଲାଭ କରିଥିଲେ। ୮୦ ଦଶକରେ ଏହି ଧାରାକୁ ଆଗକୁ ବଢ଼ାଇଥିଲେ ଆଉ ଜଣେ ଅତ୍ୟନ୍ତ ପ୍ରତିଭାଧାରୀ ଆଥ୍‌ଲେଟ୍ ହେମନ୍ତ କୁମାର ପଟେଲ।

ଉଭୟ ୧୦୦ମି ଦୌଡ଼ ଏବଂ ଲଙ୍ଗଜମ୍ପ ଇଭେଣ୍ଟରେ ଏକାଧିକ ଥର ରାଜ୍ୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ହେମନ୍ତ ପରବର୍ତ୍ତୀ ସମୟରେ 'ଲଙ୍ଗଜମ୍ପ'କୁ ତାଙ୍କର ପସନ୍ଦ ଇଭେଣ୍ଟ ଭାବେ ଗ୍ରହଣ କରି ସେଥିରେ ଧ୍ୟାନ କେନ୍ଦ୍ରୀଭୂତ କରଥିଲେ। ୧୯୭୪ ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣପଦକ ବିଜେତା, ଅଲିମ୍ପିଆନ ଏବଂ ବିଶ୍ୱସ୍ତରୀୟ ଲଙ୍ଗଜମ୍ପର ଟି.ସି. ୟୋହାନନ (୮ମିଟର ଦୂରତା ଅତିକ୍ରମ କରିବାରେ ପ୍ରଥମ ଭାରତୀୟ ଆଥଲେଟ୍)ଙ୍କ ପଦାଙ୍କ ଅନୁସରଣ କରି ଦେଶର ଅନ୍ୟତମ ଶ୍ରେଷ୍ଠ ଲଙ୍ଗଜମ୍ପର ଭାବେ ହେମନ୍ତ ପଟେଲ ୧୯୮୪ ପରଠାରୁ ଜାତୀୟ ସ୍ତରରେ ୮ ସ୍ୱର୍ଣ୍ଣ, ୧ ରୌପ୍ୟ ଏବଂ ୧ ବ୍ରୋଞ୍ଜ ପଦକ ହାସଲ କରି ନିଆରା ସଫଳତା ପାଇଥିଲେ। ଅନ୍ତର୍ଜାତୀୟ ସ୍ତରରେ ୧୯୮୪ ସିଓଲ୍‌ଠାରେ ଅନୁଷ୍ଠିତ ଜୁନିୟର ଟ୍ରାକ୍ ଆଣ୍ଡ ଫିଲ୍ଡ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ସହିତ ୧୯୮୪ ଏବଂ ୧୯୮୫ରେ ଲଗାତର ଭାବେ ଭାରତକୁ ପ୍ରତିନିଧିତ୍ୱ କରି 'ସାଫ୍' କ୍ରୀଡ଼ାରେ ଲଙ୍ଗଜମ୍ପରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହା ବ୍ୟତୀତ ସେ ୧୯୯୫ରେ ରାଜ୍ୟର ପ୍ରଥମ କ୍ରୀଡ଼ାବିତ୍ ଭାବେ ଜାପାନର କୋବେ ସହରରେ ଅନୁଷ୍ଠିତ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତକୁ ପ୍ରତିନିଧିତ୍ୱ କରି ରାଜ୍ୟ ତଥା ଦେଶ ପାଇଁ ଗୌରବ ଅର୍ଜନ କରିଥିଲେ। ଏହି ପ୍ରତିଭାବାନ୍ ଆଥ୍‌ଲେଟ୍‌ଙ୍କ ସଂଘର୍ଷ ଓ ସଫଳତାର କାହାଣୀ ଉପରେ ଏକ ଉପସ୍ଥାପନା...

ହକି ତାରକାଙ୍କ ଗଡ଼ ଭାବେ ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିବା ରାଜ୍ୟର ପଶ୍ଚିମାଞ୍ଚଳ ଜିଲା ସୁନ୍ଦରଗଡ଼ର ବଡ଼ଗାଁ ବ୍ଲକ ମୁଣ୍ଡା ଗାଁରେ ୧୫ ଫେବୃୟାରୀ ୧୯୬୩ ମସିହାରେ ଏକ ମଧ୍ୟବିତ୍ତ ଚାଷୀ ପରିବାରରେ ଜନ୍ମଗ୍ରହଣ କରିଥିଲେ ହେମନ୍ତ। ଗ୍ରାମାଞ୍ଚଳରେ ଅଧିକାଂଶ ଯୁବକଙ୍କ ପରି ହେମନ୍ତଙ୍କର ପ୍ରଥମ ପସନ୍ଦ ଥିଲା ଫୁଟବଲ। ଜଣେ ବିଚକ୍ଷଣ ଫରୱାର୍ଡ ଭାବେ ସେ ବେଶ୍ ସୁନାମ ଅର୍ଜନ କରିଥିଲେ। ମହାବିଦ୍ୟାଳୟରେ ପଢ଼ିବା ସମୟରେ ହେମନ୍ତ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ପ୍ରତିନିଧିତ୍ୱ କରି ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ୧୯୮୨ରେ ହେମନ୍ତଙ୍କର କ୍ରୀଡ଼ା ଜୀବନରେ ଏକ ନିର୍ଣ୍ଣାୟକ ମୋଡ଼ ଆସିଥିଲା।



ସୁନ୍ଦରଗଡ଼ ଜିଲା ବାର୍ଷିକ କ୍ରୀଡ଼ା ସମୟରେ ତାଙ୍କର ଫୁଟବଲ ଖେଳରେ ଥିବା ଦକ୍ଷତା, ସ୍ପିଡ୍ ଏବଂ କ୍ଷିପ୍ର ପଦଚାଳନା ସହିତ ପରିଚିତ କିଛି କର୍ମକର୍ତ୍ତା ତାଙ୍କୁ ୧୦୦ମି ଦୌଡ଼ରେ ଭାଗନେବା ପାଇଁ ପ୍ରବର୍ତ୍ତାଇଥିଲେ। ହେମନ୍ତ ୧୦୦ମି ଦୌଡ଼ରେ ଭାଗନେଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ ଏବଂ ପରେ ଲଙ୍ଗଜମ୍ପ ଇଭେଣ୍ଟରେ ଭାଗନେଇ ସଫଳ ହୋଇଥିଲେ। ପରବର୍ତ୍ତୀ ବର୍ଷ କର୍ନାଟକରେ ଅନୁଷ୍ଠିତ ସର୍ବଭାରତୀୟ ଗ୍ରାମୀଣ କ୍ରୀଡ଼ାର ଲଙ୍ଗଜମ୍ପ ଇଭେଣ୍ଟରେ ୬.୪୦ମି. ଦୂରତା ଅତିକ୍ରମ କରି ସ୍ୱର୍ଣ୍ଣପଦକ ଜିତିଥିଲେ।

ପ୍ରସିଦ୍ଧ କ୍ରୀଡ଼ା ପତ୍ରିକା 'ସ୍ପୋର୍ଟ୍ସ ୱାର୍ଲ୍ଡ'ର ପ୍ରତିଷ୍ଠିତ ସ୍ତମ୍ଭକାର ସୁଭାଷ ସରକାରଙ୍କୁ ଦେଇଥିବା ସାକ୍ଷାତ୍‌କାରରେ ହେମନ୍ତ କହିଥିଲେ, "ଅଧିକାଂଶ ଗ୍ରାମାଞ୍ଚଳ ଆଥ୍‌ଲେଟ୍‌ଙ୍କ ପରି ମୋ ପାଖରେ ସ୍ପାଇକ ନ ଥିଲେ ମଧ୍ୟ ସେ ସମୟରେ ମୋର ପ୍ରଦର୍ଶନ ଉଚ୍ଚକୋଟୀର ଥିଲା। ସଫଳତା ହାସଲ କଲା ପରେ ଏହି ଇଭେଣ୍ଟରେ ମନୋନିବେଶ କରିବା ପାଇଁ ସ୍ଥିର କରିଥିଲି। କିନ୍ତୁ ଘରକୁ ଫେରିଲା ପରେ ମୋତେ କୌଣସି ପ୍ରୋତ୍ସାହନ ମିଳି ନ ଥିଲା ଏବଂ ଲଙ୍ଗଜମ୍ପ ପିଟ୍‌ର ସୁବିଧା ମଧ୍ୟ ଉପଲବ୍ଧ ହୋଇ ନ ଥିଲା। ଫଳ ସ୍ୱରୂପ ପୁନଶ୍ଚ ମୁଁ ମୋର ପ୍ରଥମ ପସନ୍ଦ ଫୁଟବଲ ଖେଳକୁ ଫେରିଥିଲି"।

ଦ୍ୱିତୀୟଥର ପାଇଁ ଆଥ୍‌ଲେଟିକ୍ସ (ଲଙ୍ଗଜମ୍ପ)ରେ ଥିବା ଅନ୍ତର୍ନିହିତ ପ୍ରତିଭା ପ୍ରଦର୍ଶନ ପାଇଁ ହେମନ୍ତଙ୍କୁ ସୁଯୋଗ ମିଳିଲା ୧୯୮୩ରେ। ସେହିବର୍ଷ କଲିକତାଠାରେ ଅନୁଷ୍ଠିତ ଆନ୍ତଃରାଜ୍ୟ ଆଥଲେଟିକ୍ ମିଟ୍ ଭଳି ବଡ଼ ଇଭେଣ୍ଟରେ ଭାଗନେବା ପାଇଁ ରାଜ୍ୟରୁ ମନୋନୀତ ହେବା ହେମନ୍ତଙ୍କୁ ଆଉ ଥରେ ଟ୍ରାକ୍ ଆଣ୍ଡ ଫିଲ୍ଡକୁ ଫେରିବାକୁ ସୁଯୋଗ ଦେଇଥିଲା। ଏହି ଇଭେଣ୍ଟ ପୂର୍ବରୁ ପ୍ରଥମ ଥର ପାଇଁ କଟକଠାରେ ଆୟୋଜିତ ଏକ ୨୦ ଦିନିଆ ପ୍ରସ୍ତୁତି ଶିବିରରେ ଖ୍ୟାତନାମା କୋଚ୍ ସୁବାସ ଦାସ ମହାପାତ୍ରଙ୍କ ଅଧୀନରେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଅଭ୍ୟାସ ଶିବିରରେ ୬.୯୦ମି ଦୂରତା ଅତିକ୍ରମ କରିଥିଲେ ମଧ୍ୟ ଶରୀର ଅସୁସ୍ଥତା କାରଣରୁ ପ୍ରତିଯୋଗିତାର ଫାଇନାଲରେ ୬.୬୪ମି ଡେଇଁ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ପରବର୍ତ୍ତୀ ସମୟରେ ବମ୍ବେ ଆନ୍ତଃ ରାଜ୍ୟ ମିଟ୍‌ରେ ୭.୦୪ମି. ଲମ୍ଫ ପ୍ରଦାନ କରି ସିଓଲ ଅନ୍ତର୍ଜାତୀୟ ମିଟ୍ ପାଇଁ ମନୋନୀତ ହୋଇଥିଲେ ଏବଂ ସିଓଲ କନିଷ୍ଠ ଅନ୍ତର୍ଜାତୀୟ ଟ୍ରାକ୍ ଆଣ୍ଡ ଫିଲ୍ଡ ମିଟ୍‌ରେ ୭.୧୦ମି ଦୂରତା ଅତିକ୍ରମ କରି ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏହି ସଫଳତା ପାଇବାର ଅଳ୍ପଦିନ ପରେ କାଠମାଣ୍ଡୁରେ ଅନୁଷ୍ଠିତ 'ସାଫ୍' କ୍ରୀଡ଼ାରେ ୭.୩୩ ମିଟର ଦୂରତା ଡେଇଁ ଭାରତ ପାଇଁ ସ୍ୱର୍ଣ୍ଣପଦକ ଜିତିଥିଲେ।

୮୦ ଦଶକରେ ବର୍ତ୍ତମାନ ଭଳି ଉପଲବ୍ଧ ହେଉଥିବା ଭିତ୍ତିଭୂମି, ସୁବିଧା ସୁଯୋଗ ଏବଂ ଆର୍ଥିକ ପ୍ରୋତ୍ସାହନର କୌଣସି ବ୍ୟବସ୍ଥା ନ ଥିଲେ ମଧ୍ୟ ଗ୍ରାମାଞ୍ଚଳର ଅତ୍ୟନ୍ତ ପ୍ରତିକୂଳ ଅବସ୍ଥାରୁ ଆସି ନିଜର ପରିଶ୍ରମ, ପ୍ରତିବଦ୍ଧତା ଏବଂ ଦକ୍ଷତା ବଳରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଏହି ବିରଳ କ୍ରୀଡ଼ା ପ୍ରତିଭାଙ୍କର ସଫଳତା ପରବର୍ତ୍ତୀ ପିଢ଼ିର କ୍ରୀଡ଼ାବିତ୍‌ମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥିବ ଏଥିରେ ସନ୍ଦେହ ନାହିଁ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ହେମନ୍ତ ତାଙ୍କ କ୍ରୀଡ଼ା ଜୀବନର ସଫଳତା ପାଇଁ ସୁନ୍ଦରଗଡ଼ ଜିଲାର ବରିଷ୍ଠ କ୍ରୀଡ଼ା ସଂଗଠକ ଆନନ୍ଦ ଚନ୍ଦ୍ର ନାଏକ ଏବଂ ସ୍ୱର୍ଗତ ବ୍ରଜମୋହନ ଧରଙ୍କ ପ୍ରେରଣାଦାୟକ ପ୍ରୋତ୍ସାହନକୁ ଶ୍ରେୟ ଦେଇଥା'ନ୍ତି। କ୍ରୀଡ଼ା କ୍ଷେତ୍ରକୁ ଜୀବନବ୍ୟାପୀ ଅବଦାନ ପାଇଁ (୨୦୦୮ ବର୍ଷ ପାଇଁ) ୨୦୧୧ରେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ଦ୍ୱାରା ସମ୍ମାନିତ ଏହି କ୍ରୀଡ଼ା ବ୍ୟକ୍ତିତ୍ୱଙ୍କର ମାତ୍ର ୫୧ ବର୍ଷ ବୟସରେ ୨୭ ମାର୍ଚ୍ଚ ୨୦୧୪ରେ ପରଲୋକ ହୋଇଥିଲା।

---

## ଚାମ୍ପିୟନ



ଶେଫାଳି ବର୍ମା

ସଡନ୍ ଡେଥ୍‌ରେ ବେଲଜିୟମର
ମ୍ୟାଚ୍ସ ନେଇଗଲା ପ୍ରାଣ
ପୁଣି ୱାର୍ଲ୍ଡ କପ୍ ହକି ଚାମ୍ପିୟନ
ଜର୍ମାନୀ ଫୁଟାଏ ବାଣ
ସାକ୍ଷୀ ଏ କଳିଙ୍ଗ ରଣ
ତିନିଥର ବିଶ୍ୱ ଟାଇଟଲ ବିଜେତା
ମ୍ୟାଟ୍ସ ଏଣ୍ଡ କୋ ଟାଣ।

ଅଣ୍ଡର ନାଇଣ୍ଟିନ ଲେଡି ଟି ଟ୍ୱେଣ୍ଟି
କ୍ରିକେଟ ଲଢ଼େଇ ଶେଷ
ଇଂଲଣ୍ଡକୁ ଲଣ୍ଡା କରି କ୍ୟାପ୍ଟେନ
ଶେଫାଳି ରଚିଲା ଯଶ
ଟାଇଟଲ ଇତିହାସ
ଆଇସିସିର ଏ ନୂଆ ଫର୍ମାଟରେ
ନଂ ୱାନ ମୋର ଦେଶ।

ତୁର୍କୀ ଭୟାବହ ଭୂମିକମ୍ପରେ ନିଧନ
ଗୋଲକିପର ଅହମତ
ଯେନି ମାଲାଟାୟାରସ୍ପୋର ଟୁଇଟରେ
ଏ ଖବର ପ୍ରକାଶିତ
ତୁର୍କୀ ପାଇଁ ମର୍ମାହତ
ପ୍ରକୃତି ଖେଳରେ ପ୍ରକୃତି ହିଁ ସଦା
ଚାମ୍ପିୟନ ଜାଣ ମିତ
(ତା'ର) କ୍ୟାପ୍ଟେନ ଜଗନ୍ନାଥ।

–ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୧୦/୨୦୨୩ Bhubaneswar, Friday, February 10/ 2023

ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ ଅଭିଯାନ, ୧୦ ଫେବୃଆରୀ ୨୦୨୩

DSPL-440

ଚଳିତ ବର୍ଷ ଫେବୃଆରୀ ୧୦ ତାରିଖରେ ୧୦ଟି ଫାଇଲେରିଆ ପ୍ରବଣ ଜିଲ୍ଲା (ବାଲେଶ୍ୱର, ଭଦ୍ରକ, କଟକ, ଖୋର୍ଦ୍ଧା, ବଲାଙ୍ଗୀର, କନ୍ଧମାଳ, କଳାହାଣ୍ଡି, ନୂଆପଡା, ନୟାଗଡ ଏବଂ ରାୟଗଡା) ରେ ଫାଇଲେରିଆ ପ୍ରତିରୋଧକ ଡି.ଇ.ସି ବଟିକା ଓ ଆଲବେଣ୍ଡାଜଲ୍ ବଟିକା ସେବନର ବ୍ୟବସ୍ଥା କରାଯାଇଅଛି।



• ଆଶା କିମ୍ବା ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀମାନେ ଘରକୁ ଘର ଯାଇ ପରିବାର ସଦସ୍ୟଙ୍କ ବୟସ ଅନୁପାତରେ ବଟିକା ଖୁଆଇବେ।
• କେବଳ ଗର୍ଭବତୀ ମହିଳା, ୨ ବର୍ଷରୁ କମ୍ ବୟସର ଶିଶୁ, ଗୁରୁତର ଅସୁସ୍ଥ ବ୍ୟକ୍ତି ଏହି ବଟିକା ଖାଇବେ ନାହିଁ।
• ଯଦି କୌଣସି କାରଣବଶତଃ ଉକ୍ତ ଦିନ ଏହି ଔଷଧଟି ଖାଇପାରିନଥିବେ ତେବେ ପରବର୍ତ୍ତି ସମୟରେ (୧୯ ଫେବୃଆରୀ ମଧ୍ୟରେ) ଖାଇପାରିବେ।

କିଛି ଖାଦ୍ୟ ଖାଇସାରିଲା ପରେ ହିଁ ଏହି ବଟିକା ସେବନ କରିବା ଉଚିତ।

ମଶା କାମୁଡିବାରୁ ରକ୍ଷା ପାଇବା ପାଇଁ ମଶାରୀ ଟାଣି ଶୁଅନ୍ତୁ।

ଫାଇଲେରିଆ ପ୍ରତିରୋଧକ ବଟିକା ସେବନ କରି ଫାଇଲେରିଆ ନିରାକରଣ ଅଭିଯାନକୁ ସଫଳ କରାନ୍ତୁ।

OIPR-10003/13/0142/2223

facebook.com/HFWOdisha http://www.health.odisha.gov.in/ @HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

# ପ୍ରଥମ ଦିବସରେ ସ୍ପିନରଙ୍କ ଆଧିପତ୍ୟ

ନାଗପୁର, ୯।୨

ସ୍ଥାନୀୟ ବିଦର୍ଭ କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ଭାରତ-ଅଷ୍ଟ୍ରେଲିଆ ପ୍ରଥମ କ୍ରିକେଟ ଟେଷ୍ଟ ଗୁରୁବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ସ୍ପିନରଙ୍କ ଆଧିପତ୍ୟ ଦେଖିବାକୁ ମିଳିଛି। ଆହତ ସମସ୍ୟାରୁ ମୁକୁଳି ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ୫ ଉଇକେଟ ସଫଳତା ପାଇଥିବାବେଳେ ତାରକା ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ୩ ଉଇକେଟ ନେଇ ଅଷ୍ଟ୍ରେଲିଆର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଛନ୍ତି। ଦୁଇ ସ୍ପିନରଙ୍କୁ ଠିକ୍‌ଭାବେ ମୁକାବିଲା କରି ନ ପାରି ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ମାତ୍ର ୧୭୭ ରନରେ ଅଲ୍‌ଆଉଟ ହୋଇଛି। ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ଭାରତ ୧ ଉଇକେଟ ହରାଇ ୭୭ ରନ ସଂଗ୍ରହ କରିଛି। ଅଧିନାୟକ ରୋହିତ ଶର୍ମା ଅର୍ଦ୍ଧଶତକ ହାସଲକରି ଅପରାଜିତ ରହିଛନ୍ତି।



୫ ଉଇକେଟ ହାସଲକାରୀ ରବୀନ୍ଦ୍ର ଜାଡେଜା ଓ ସାଥୀ ଖେଳାଳି ମହମ୍ମଦ ସିରାଜ।

## ଚମକାଇଲେ ସିରାଜ, ଶାମି

ଟସ୍ ଜିତି ଅଷ୍ଟ୍ରେଲିଆ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ମାତ୍ର ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସିରାଜ ନିଜର ପ୍ରଥମ ଏବଂ ଶାମି ଦ୍ୱିତୀୟ ଓଭରରେ ଉଇକେଟ ନେଇ ଭ୍ରମଣକାରୀ ଦଳକୁ ଚମକାଇଥିଲେ। ଦ୍ୱିତୀୟ ଓଭରରେ ବୋଲିଂ କରିବାକୁ ଆସିଥିବା ସିରାଜ ନିଜ ପ୍ରଥମ ବଲ୍‌ରେ ଉସମାନ ଖ୍ୱାଜା (୧ ରନ)ଙ୍କୁ ଏଲ୍‌ବିଡବ୍ଲ୍ୟୁ କରିଥିବାବେଳେ ଶାମି ତୃତୀୟ ଓଭରର ପ୍ରଥମ ବଲ୍‌ରେ ଡେଭିଡ ୱାର୍ନରଙ୍କୁ କ୍ଲିନ୍ ବୋଲ୍ଡ କରିବାରୁ ଅଷ୍ଟ୍ରେଲିଆ ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ମିଡିଲ ଅର୍ଡର ଭାରତୀୟ ସ୍ପିନରଙ୍କ ଆଗରେ କଡ଼ା ପରୀକ୍ଷାର ସମ୍ମୁଖୀନ ହୋଇଥିଲା। ଏହାର ନେତୃତ୍ୱ ନେଇଥିଲେ କମ୍‌ବ୍ୟାକ୍ ମ୍ୟାନ ଜାଡେଜା। ସେ ମାର୍ନସ ଲାବୁସେନ, ମ୍ୟାଟ୍ ରେନ୍‌ଶ, ଷ୍ଟିଭେନ୍ ସ୍ମିଥ, ଟଡ୍ ମର୍ଫି ଓ ପିଟର ହ୍ୟାଣ୍ଡ୍ସକମ୍ବଙ୍କୁ ଆଉଟ କରି ଅଷ୍ଟ୍ରେଲିଆର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଲାବୁସେନ ସର୍ବାଧିକ ୪୯, ଷ୍ଟିଭେନ ସ୍ମିଥ ୩୭, ଆଲେକ୍ସ କାରେ ୩୬ ଓ ପିଟର ହ୍ୟାଣ୍ଡ୍ସକମ୍ବ ୩୧ ରନ କରିବାକୁ ସକ୍ଷମ ହୋଇଥିଲେ।

## ଅଶ୍ୱିନଙ୍କ ୪୫୦ ଉଇକେଟ ପୂରଣ

ଏହି ମ୍ୟାଚରେ ୪୫୦ ଉଇକେଟ ପୂରଣ କରିଛନ୍ତି ରବିଚନ୍ଦ୍ରନ ଅଶ୍ୱିନ। ସେ ଅଷ୍ଟ୍ରେଲିଆ ଇନିଂସର ୫୪ତମ ଓଭର ପ୍ରଥମ ବଲ୍‌ରେ ଆଲେକ୍ସ କାରେଙ୍କୁ କ୍ଲିନ୍ ବୋଲ୍ଡ କରି ଏହି ମାଇଲଖୁଣ୍ଟ ସ୍ପର୍ଶ କରିଥିଲେ। ଏହାପରେ ଅଧିନାୟକ ପ୍ୟାଟ୍ କମିନ୍ସ ଓ ସ୍କଟ ବୋଲାଣ୍ଡଙ୍କ ଉଇକେଟ ନେଇଥିଲେ। ଅନିଲ କୁମ୍ବଲେ (୬୧୯)ଙ୍କ ପରେ ଭାରତର ଦ୍ୱିତୀୟ ବୋଲର ଭାବେ ୪୫୦ ଉଇକେଟ ପୂରଣ କରିଥିଲେ ଅଶ୍ୱିନ। ମ୍ୟାଚ ଦୃଷ୍ଟିରୁ ୪୫୦ ଉଇକେଟ ପୂରଣ କରିବାରେ ସେ ଦ୍ୱିତୀୟ ଦ୍ରୁତତମ ସାବ୍ୟସ୍ତ ହୋଇଛନ୍ତି। ଶ୍ରୀଲଙ୍କାର କିମ୍ବଦନ୍ତୀ ସ୍ପିନର ମୁଥୟା ମୁରଲୀଧରନ ୮୦ ମ୍ୟାଚ ଏବଂ ଅଶ୍ୱିନ ୮୯ ମ୍ୟାଚରୁ ଏହି ସଫଳତା ପାଇଛନ୍ତି। ବଲ୍ ବୋଲିଂ ଦୃଷ୍ଟିରୁ ମଧ୍ୟ ତାଙ୍କ ସଫଳତା ଦ୍ୱିତୀୟ ଦ୍ରୁତତମ। ଅଷ୍ଟ୍ରେଲିଆର ପୂର୍ବତନ ଦ୍ରୁତ ବୋଲର ୨୩୪୭୪ ବଲ୍ ଏବଂ ଅଶ୍ୱିନ ୨୩୬୩୫ ବଲ୍ ବୋଲିଂ କରି ୪୫୦ ଉଇକେଟ ପୂରଣ କରିଛନ୍ତି।

**ନାଗପୁର ଟେଷ୍ଟ**
- ଜାଡେଜାଙ୍କୁ ୫, ଅଶ୍ୱିନଙ୍କୁ ୩ ଉଇକେଟ
- ଅଷ୍ଟ୍ରେଲିଆ ୧୭୭ରେ ଅଲ୍‌ଆଉଟ
- ରୋହିତ ୫୬*, ଭାରତ ୭୭/୧

## ଭାରତର ଭଲ ଆରମ୍ଭ

୬୩.୫ ଓଭରରେ ଅଷ୍ଟ୍ରେଲିଆ ଇନିଂସ ଶେଷ ହୋଇଯିବା ପରେ ଭାରତର ଆରମ୍ଭ ଭଲ ହୋଇଥିଲା। ଅଧିନାୟକ ରୋହିତ ଶର୍ମା ଓ ଲୋକେଶ ରାହୁଲ ପ୍ରତିପକ୍ଷ ବୋଲରଙ୍କୁ ସଫଳତାର ସହ ମୁକାବିଲା କରିଥିଲେ। ଆକ୍ରମଣାତ୍ମକ ଖେଳିଥିଲେ ରୋହିତ। ତେବେ ଷ୍ଟମ୍ପ ପ୍ରତ୍ୟାହୃତ ହେବାର ଗୋଟିଏ ଓଭର ପୂର୍ବରୁ ଅଷ୍ଟ୍ରେଲୀୟ ସ୍ପିନର ଟଡ୍ ମର୍ଫିଙ୍କ ବଲ୍‌ରେ କଟ୍ ଆଣ୍ଡ ବୋଲ୍ଡ ହୋଇ ଯାଇଥିଲେ ରାହୁଲ। ସେ ୨୦ ରନ କରିଥିଲେ। ଖେଳ ଶେଷ ବେଳକୁ ରୋହିତ ୬୯ ବଲ୍‌ରୁ ୫୬ (୯ ଚୌକା, ୧ ଛକା) ଓ ନାଇଟ ୱାଚ୍‌ମ୍ୟାନ ଅଶ୍ୱିନ କୌଣସି ରନ ନ କରି ଅପରାଜିତ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ:** ୧୭୭/ ଅଲଆଉଟ (ମାର୍ନସ ଲାବୁସେନ-୪୯, ଷ୍ଟିଭେନ ସ୍ମିଥ -୩୭, ଆଲେକ୍ସ କାରେ-୩୬, ପିଟର ହ୍ୟାଣ୍ଡ୍ସକମ୍ବ-୩୧, ରବୀନ୍ଦ୍ର ଜାଡେଜା-୫/୪୭, ରବିଚନ୍ଦ୍ରନ ଅଶ୍ୱିନ-୩/୪୨, ମହମ୍ମଦ ଶାମି-୧/୧୮, ମହମ୍ମଦ ସିରାଜ-୧/୩୦)।

**ଭାରତ ପ୍ରଥମ ଇନିଂସ:** ୭୭/୧ (ରୋହିତ ଶର୍ମା-୫୬*, ଲୋକେଶ ରାହୁଲ-୨୦, ଟଡ୍ ମର୍ଫି-୧/୧୩)।

# ସୂର୍ଯ୍ୟକୁମାର, ଭରତଙ୍କୁ ଟେଷ୍ଟ କ୍ୟାପ୍



ଟେଷ୍ଟ କ୍ୟାପ୍ ସହିତ କେ.ଏସ୍. ଭରତ ଓ ସୂର୍ଯ୍ୟକୁମାର ଯାଦବ।

ନାଗପୁର, ୯।୨ (ପି.ଟି.)

ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚରେ ଟେଷ୍ଟ କ୍ୟାରିୟର ଆରମ୍ଭ କରିଛନ୍ତି ଭାରତର ସୂର୍ଯ୍ୟକୁମାର ଯାଦବ ଓ କେ.ଏସ୍. ଭରତ। ମ୍ୟାଚ ଆରମ୍ଭ ପୂର୍ବରୁ ସୂର୍ଯ୍ୟକୁମାରଙ୍କୁ ଭାରତୀୟ ଦଳର ପୂର୍ବତନ କୋଚ୍ ରବି ଶାସ୍ତ୍ରୀ ଏବଂ ଭରତଙ୍କୁ ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ଇଣ୍ଡିଆ କ୍ୟାପ୍ ପ୍ରଦାନ କରିଥିଲେ। ପ୍ରଥମ ଟେଷ୍ଟ ମ୍ୟାଚ ଖେଳିଥିବା ସୂର୍ଯ୍ୟକୁମାର ଓ ଭରତଙ୍କ ପରିବାରବର୍ଗଙ୍କୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ନିମନ୍ତ୍ରଣ କରାଯାଇଥିଲା। ସେମାନେ ପଡ଼ିଆର ଗୋଟିଏ ପାର୍ଶ୍ୱରେ ରହି କ୍ୟାପ୍ ପ୍ରଦାନ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ ଉଭୟ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ପରିବାରବର୍ଗଙ୍କ ସହ ପରିଚିତ ହୋଇଥିଲେ। ୨୦୨୧ରେ କାନପୁରରେ ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଋଦ୍ଧିମାନ ଶାହା ଆହତ ହେବାରୁ ତାଙ୍କ ସ୍ଥାନରେ ଭରତ ଉଇକେଟ କିପିଂ କରିଥିଲେ। ତେବେ ସେ ଏପର୍ଯ୍ୟନ୍ତ ବିଧିବଦ୍ଧ ଭାବେ ଟେଷ୍ଟ ଦଳରେ ସାମିଲ ହୋଇପାରି ନ ଥିଲେ।

# ଫାଇନାଲରେ ରିୟଲ ମାଡ୍ରିଡ୍

ରାବାଟ, ୯।୨ (ଏପି)

ଇଜିପ୍ଟ କ୍ଲବ ଅଲ୍ ଅହଲି ବିପକ୍ଷରେ ୪-୧ ଗୋଲରେ ବିଜୟ ହାସଲ କରି ରିୟଲ ମାଡ୍ରିଡ୍ କ୍ଲବ ଫୁଟ୍‌ବଲ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛି। ସ୍ପାନିଶ ଦଳ ତରଫରୁ ଭିନ୍‌ସିଅସ୍ ଜୁନିୟର, ଫେଡ୍‌ରିକୋ ଭାଲ୍‌ଭର୍ଡେ, ରୋଡ୍ରିଗୋ ଓ ସର୍ଗିଓ ଆରିବାସ୍ ପ୍ରମୁଖ ଗୋଲ୍ ସ୍କୋର କରିଥିଲେ। ରିୟଲ ମାଡ୍ରିଡ ଶନିବାର ଫାଇନାଲରେ ଅଲ୍ ହିଲାଲ୍‌କୁ ଭେଟିବ।

# ଇଣ୍ଡିଆନ୍ ସୁପର୍ ଲିଗ୍: ବିଜୟ ଲକ୍ଷ୍ୟରେ ଓଏଫ୍‌ସି

ଭୁବନେଶ୍ୱର, ୯।୨ (ସ୍ପୋର୍ଟ୍ସ ବ୍ୟୁରୋ)

ଇଣ୍ଡିଆନ୍ ସୁପର ଲିଗ୍ ଏହାର ଅନ୍ତିମ ଚରଣରେ ପହଞ୍ଚିଥିବା ବେଳେ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ହାଇଦ୍ରାବାଦ ଏଫ୍‌ସିକୁ ଭେଟିବ ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ଏହି ମ୍ୟାଚ୍ ପୂର୍ବରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିଲେ ଓଏଫ୍‌ସି କୋଚ୍ ଯୋଶେପ୍ ଗୋମ୍ବାଉ ଓ ଫୁଲ ବ୍ୟାକ୍ ଦେନେଚନ୍ଦ୍ର ମେଇତେଇ। ଅନ୍ତିମ ଦୁଇ ମ୍ୟାଚ ଡ୍ରରେ ଶେଷ ହୋଇଥିବା ବେଳେ ଘରୋଇ ଦର୍ଶକଙ୍କ ସମ୍ମୁଖରେ ବିଜୟୀ ହେବାକୁ ପ୍ରୟାସ କରିବ ଓଡ଼ିଶା ଏଫ୍‌ସି। ହାତରେ ଆଉ ମାତ୍ର ୩ ମ୍ୟାଚ୍ ରହିଥିବା ବେଳେ ଦଳ ବର୍ତ୍ତମାନ ପଏଣ୍ଟ ଟେବଲର ସପ୍ତମ ସ୍ଥାନରେ ରହିଛି। ଦଳ ନିଜ ଖେଳିବା ଶୈଳୀରେ କୌଣସି ପରିବର୍ତ୍ତନ କରିବ ନାହିଁ ବୋଲି କହିଛନ୍ତି କୋଚ୍ ଗୋମ୍ବାଉ। ଉଭୟ ଦଳ ୭ ଥର ମୁହାଁମୁହିଁ ହୋଇଥିବା ବେଳେ ହାଇଦ୍ରାବାଦ ୪ଥର ବିଜୟୀ ହୋଇଛି।

# ମହାରାଷ୍ଟ୍ର ମହିଳା, ଆନ୍ଧ୍ର ପୁରୁଷ ଚାମ୍ପିୟନ

**ସର୍ବଭାରତୀୟ ସଫ୍ଟବଲ୍ ଚାମ୍ପିୟନଶିପ୍**

ପୁରୀ ଅଫିସ, ୯।୨

ତାଳବଣିଆସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଗତ ୫ତାରିଖଠାରୁ ଚାଲିଥିବା ୪୪ତମ ସର୍ବଭାରତୀୟ ସଫ୍ଟବଲ ଚାମ୍ପିୟନଶିପ୍ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ମହିଳା ବିଭାଗରେ ମହାରାଷ୍ଟ୍ର ଓ ପୁରୁଷ ବିଭାଗରେ ଆନ୍ଧ୍ରପ୍ରଦେଶ ଦଳ ଚାମ୍ପିୟନ ହୋଇଥିବାବେଳେ ପଞ୍ଜାବ ଉଭୟ ବିଭାଗରେ ରନର ଅପ୍ ହୋଇଛି। ଗୁରୁବାର ପଞ୍ଜାବ ବିପକ୍ଷ ପୁରୁଷ ବିଭାଗ ଗ୍ରାଣ୍ଡ ଫାଇନାଲ ଆନ୍ଧ୍ରପ୍ରଦେଶ ୧-୦ରେ ଜିତିଥିଲା। ମହିଳା ବିଭାଗରେ ମହାରାଷ୍ଟ୍ର ୫-୦ରେ ପଞ୍ଜାବକୁ ହରାଇଥିଲା। ପୁରୁଷ ବର୍ଗରେ ଛତିଶଗଡ଼ ଓ ମହିଳା ବର୍ଗରେ କେରଳ ଟିମ୍ ତୃତୀୟ ସ୍ଥାନ ହାସଲ କରି ବ୍ରୋଞ୍ଜ ପାଇଥିଲା। ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟରୁ ୨୬ଟି ପୁରୁଷ ଓ ୨୪ଟି ମହିଳା ଦଳ ଭାଗ ନେଇଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଲିଫ୍ଟ ଇରିଗେଶନ କର୍ପୋରେଶନର ଚେୟାରମ୍ୟାନ୍ ଅମରେଶ ପତ୍ରୀ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜୁ ଯୁବ ଜନତା ଦଳର ଉପସଭାପତି ଶୁଭାଶିଷ ଖୁଣ୍ଟିଆ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସଫ୍ଟବଲ ସଂଘ ସଭାପତି ଦୀପକ ଗୌଡ଼, ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ଯୁଗ୍ମ ସମ୍ପାଦକ ରାଜକିଶୋର ପଟ୍ଟନାୟକ, ସୌମିତ୍ର ହରିଚନ୍ଦନ ପ୍ରମୁଖ ସହଯୋଗ କରିଥିଲେ।




ଅତିଥି ଓ ଆୟୋଜକଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ମହାରାଷ୍ଟ୍ର ଏବଂ ଆନ୍ଧ୍ରପ୍ରଦେଶ ଦଳର ଖେଳାଳିମାନେ।

# ବିଦେଶରେ ହେବ ନକ୍‌ଆଉଟ ପର୍ଯ୍ୟାୟ

**ଆଜିଠୁ ସନ୍ତୋଷ ଟ୍ରଫି**

ଭୁବନେଶ୍ୱର, ୯।୨ (ସ୍ପୋର୍ଟ୍ସ ବ୍ୟୁରୋ)

ସନ୍ତୋଷ ଟ୍ରଫି ଫୁଟବଲର ୭୬ ତମ ସଂସ୍କରଣର ଅନ୍ତିମ ରାଉଣ୍ଡ ଭୁବନେଶ୍ୱରରେ ଶୁକ୍ରବାର ଠାରୁ ଆରମ୍ଭ ହେବ। ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ, କ୍ୟାପିଟାଲ ସ୍ପୋର୍ଟ୍ସ ଆରେନା ଏବଂ ୭ମ ବାଟାଲିୟନ ଷ୍ଟାଡିୟମରେ ସମସ୍ତ ମ୍ୟାଚ ଖେଳାଯିବ। ଏହି ଅବସରରେ ଗୁରୁବାର ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଆୟୋଜକ ଓଡ଼ିଶା ଦଳର ଜର୍ସି ଲଞ୍ଚ ସହିତ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଗୁରୁବାର ଅପରାହ୍ନରେ ଏହି ଜର୍ସି ଲଞ୍ଚ ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ସଚିବ ଓ କମିଶନର ଆର୍. ଭିନିଲ୍ କ୍ରିଷ୍ଣା, ସର୍ବଭାରତୀୟ ଫୁଟବଲ ଫେଡେରେଶନ(ଏଆଇଏଫ୍‌ଏଫ୍) ମହାସଚିବ ଡ. ଶାଜି ପ୍ରଭାକରନ୍ ଏବଂ ଫୁଟବଲ ମହାସଂଘ ଓଡ଼ିଶା(ଫାଓ)ର ଯୁଗ୍ମ ସଚିବ ଅଭିଜିତ୍ ପଲ୍‌ଙ୍କ ଉପସ୍ଥିତିରେ ଓଡ଼ିଶା ଦଳର ଜର୍ସି ଲଞ୍ଚ କରାଯାଇଥିଲା। ଓଡ଼ିଶା ଦଳର ଅଧିନାୟକ ରାକେଶ ଓରାମ, ଉପ ଅଧିନାୟକ ଏବଂ ଦୁଇ ଗୋଲ କିପରଙ୍କ ଉପସ୍ଥିତିରେ ୪ଟି ଭିନ୍ନ ରଙ୍ଗର ଜର୍ସି ଉନ୍ମୋଚନ କରାଯାଇଥିଲା।

ଜର୍ସି ଉନ୍ମୋଚନ ପରେ ଶାଜି ପ୍ରଭାକରନ୍ ଏବଂ ଅଭିଜିତ୍ ପଲ୍ ଏକ ଖବରଦାତା ସମ୍ମିଳନୀରେ ସନ୍ତୋଷ ଟ୍ରଫିର ଆୟୋଜନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସନ୍ତୋଷ ଟ୍ରଫି ଇତିହାସରେ ପ୍ରଥମ ଥର ପାଇଁ ଏହି ଟୁର୍ନାମେଣ୍ଟ ଦେଶ ବାହାରେ ଅନୁଷ୍ଠିତ ହେବ। ରିୟାଧର କିଙ୍ଗ ଫହାଦ ଷ୍ଟାଡିୟମରେ ସେମି ଫାଇନାଲ, ତୃତୀୟ ସ୍ଥାନ ଓ ଫାଇନାଲ ମ୍ୟାଚ ଖେଳାଯିବା ନେଇ ସୂଚନା ଦେଇଥିଲେ ଶାଜି ପ୍ରଭାକରନ୍। ୬୭ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ କ୍ଷମତା ବିଶିଷ୍ଟ ଏହି ଷ୍ଟାଡିୟମରେ ମାର୍ଚ୍ଚ ୧ରେ ସେମି ଫାଇନାଲ ଓ ମାର୍ଚ୍ଚ ୪ ତାରିଖରେ ତୃତୀୟ ସ୍ଥାନ ଓ ଫାଇନାଲ ମ୍ୟାଚ୍ ଖେଳାଯିବ। ଓଡ଼ିଶା ପଞ୍ଚମ ଥର ପାଇଁ ଏହି ଟୁର୍ନାମେଣ୍ଟ ଆୟୋଜନ କରୁଥିବା ବେଳେ କ୍ରୀଡା ପ୍ରତି ରାଜ୍ୟ ସରକାରଙ୍କ ପରାକାଷ୍ଠାକୁ ପ୍ରଶଂସା କରିଥିଲେ ପ୍ରଭାକରନ୍। ପ୍ରଥମ ଥର ପାଇଁ ଓଡ଼ିଶା ୧୯୬୭ରେ ସନ୍ତୋଷ ଟ୍ରଫି ଆୟୋଜନ କରିଥିବା ବେଳେ ଶେଷଥର ପାଇଁ ୨୦୧୧-୧୨ ମସିହାରେ କଟକ-ଭୁବନେଶ୍ୱରରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଦେଶର ଅନ୍ୟତମ କ୍ରୀଡା ମହାଶକ୍ତି ଭାବରେ ଓଡ଼ିଶା ଉଭା ହେଉଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କ୍ରୀଡା ସଚିବ ଆର. ଭିନିଲ କ୍ରିଷ୍ଣାଙ୍କ ଭୂୟସୀ ପ୍ରଶଂସା କରିଥିଲେ ପ୍ରଭାକରନ୍। ସମଗ୍ର ଭାରତର ୬ଟି ଭେନ୍ୟୁରେ ସନ୍ତୋଷ ଟ୍ରଫି ଆୟୋଜିତ ହୋଇଥିବା ବେଳେ ଏଥିରୁ ୧୦ଟି ଦଳ ଅନ୍ତିମ ରାଉଣ୍ଡ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେହିପରି ରେଳବାଇ ଓ ସର୍ଭିସେସ୍ ସିଧାସଳଖ ଭାବରେ ଟୁର୍ନାମେଣ୍ଟର ଅନ୍ତିମ ରାଉଣ୍ଡ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ୧୨ଟିମ୍‌କୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇ ରାଉଣ୍ଡ ରବିନ୍ ଲିଗ୍ ମାଧ୍ୟମରେ ଏହି ରାଉଣ୍ଡଟି ଖେଳାଯିବ। ୨୦ ବର୍ଷ ତଳେ ଦେଶରେ ଫୁଟବଲର ମାନ ବେଶ ଉଚ୍ଚକୋଟୀର ରହିଥିଲା, ସମାନ ସ୍ଥିତିକୁ ଫୁଟବଲକୁ ଫେରାଇ ଆଣିବା ପାଇଁ ଏଆଇଏଫ୍‌ଏଫ୍ ପକ୍ଷରୁ ଭିଜନ୍ ୨୦୪୭ ଲଞ୍ଚ କରଯାଇଛି। ଏହା ମଧ୍ୟରେ ଆଗାମୀ ୨୫ ବର୍ଷରେ ଭାରତୀୟ ଫୁଟବଲର ଉନ୍ନତି ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯାଇଛି। ୨୦୨୬ ସୁଦ୍ଧା ଭାରତୀୟ ପୁରୁଷ ଦଳକୁ ଏସିଆର ଟପ୍ ଟେନ୍ ଦଳ ମଧ୍ୟରେ ସାମିଲ କରାଯିବାର ଲକ୍ଷ୍ୟ ରହିଥିବା ବେଳେ ମହିଳା ଦଳକୁ ଟପ୍ ୮ରେ ସାମିଲ କରାଯିବାର ଲକ୍ଷ୍ୟ ରଖାଯାଇଛି। ଓଡ଼ିଶାରେ କ୍ରୀଡା ପ୍ରତିଭାର ଅଭାବ ନାହିଁ, ମାତ୍ର କିଛି ହାତଗଣତି ଖେଳାଳି ଶୀର୍ଷସ୍ତରରେ ଖେଳିବାର ସୁଯୋଗ ପାଉଛନ୍ତି। ଆଗାମୀ ଦିନରେ ଓଡ଼ିଶା ସରକାରଙ୍କ ସହିତ ମିଳିତ ଭାବରେ ତୃଣମୂଳ ସ୍ତରରୁ ଓଡ଼ିଶା ଫୁଟବଲକୁ ଶୀର୍ଷକୁ ନେବା ଏଆଇଏଫଏଫର ଲକ୍ଷ୍ୟ ରହିବ ବୋଲି କହିଥିଲେ ପ୍ରଭାକରନ।




ସନ୍ତୋଷ ଟ୍ରଫି ପାଇଁ ଓଡ଼ିଶା ଦଳର ଜର୍ସି ଉନ୍ମୋଚନ ଅବସରରେ ଆର୍. ଭିନିଲ୍ କ୍ରିଷ୍ଣା, ଡ. ଶାଜି ପ୍ରଭାକରନ୍ ଓ ଅଭିଜିତ୍ ପଲ୍।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ